R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୧୩
ତିଥି : ଚତୁର୍ଦ୍ଦଶୀ
୧୧ ମେ’ ୨୦୨୫, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
(ରଙ୍ଗିନ୍ ତରଙ୍ଗ ଟାବ୍‌ଲଏଡ୍ ସହ)

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 213
11 May 2025, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

## ଅସ୍ତ୍ର ବିରତି ନିଷ୍ପତ୍ତି ଉଲ୍ଲଙ୍ଘନ

# ପରିଣାମ ଭୋଗିବ ପାକ୍

ନୂଆଦିଲ୍ଲୀ, ୧୦।୫ : ନିୟନ୍ତ୍ରଣ ରେଖା (ଏଲ୍‌ଓସି) ଓ ଆନ୍ତର୍ଜାତୀୟ ସୀମାରେ ପୁଣି ପାକିସ୍ତାନ ଅସ୍ତ୍ର ବିରତି ଚୁକ୍ତିକୁ ଉଲ୍ଲଙ୍ଘନ କରିଛି । ଏଲ୍‌ଓସି ଓ ଆନ୍ତର୍ଜାତୀୟ ସୀମା ନିକଟରେ ବହୁ ସ୍ଥାନରେ ଗୁଳି ମାଡ କରିଥିବାର ସୂଚନା ମିଳିଛି । ସୀମା ସୁରକ୍ଷାବାହିନୀ (ବିଏସ୍‌ଏଫ୍) ଏହି ଉଲ୍ଲଙ୍ଘନର ଦୃଢ଼ ଜବାବ ଦେଇଥିବା ସୂତ୍ରରୁ ଜଣାପଡିଛି ।

ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ହ୍ରାସ କରିବା ପାଇଁ ଉଭୟ ଦେଶ ଅସ୍ତ୍ର ବିରତି କରିବା ଲାଗି ରାଜି ହୋଇଥିଲେ । ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ମଧ୍ୟସ୍ଥତାରେ ଏହା ହୋଇଥିଲା । ପାକିସ୍ତାନ ସରକାର ମଧ୍ୟ ଏହାକୁ ଘୋଷଣା କରିଥିଲେ । ତେବେ ପୁଣି ଆଜି ସନ୍ଧ୍ୟାରେ ପାକ୍ ସେନା ଏହାକୁ ଉଲ୍ଲଂଘନ କରିଛି । ଏଥିରୁ ସ୍ପଷ୍ଟ ବାର୍ତ୍ତା ମିଳୁଛି ଯେ ସରକାରଙ୍କ ନିୟନ୍ତ୍ରଣରେ ସେନା ନାହିଁ । ଶ୍ରୀନଗରରେ ଅନେକ ବିସ୍ଫୋରଣର ଶବ୍ଦ ଶୁଣିବାକୁ ମିଳିଛି । ବ୍ଲାକ୍‌ଆଉଟ୍ ହୋଇଥିବା ଅଞ୍ଚଳରେ ଏହା ଦେଖିବାକୁ ମିଳିଛି । ରାଜସ୍ଥାନର ପୋଖରାନ ଓ କାଶ୍ମୀରର ବାରମୁଲ୍ଲାରେ ଏକ ଡ୍ରୋନ୍‌କୁ ଗୁଳି କରି ଖସାଇ ଦିଆଯାଇଛି । ପାକିସ୍ତାନ ସେନା ପକ୍ଷରୁ ଆନ୍ତର୍ଜାତୀୟ ସୀମା ଅଖନୁର, ରାଜୋରୀ, ଆର୍‌ଏସ୍ ପୁରା କ୍ଷେତ୍ରରେ ଏହି ଉଲ୍ଲଂଘନ କରାଯାଇଛି । ସେହିଭଳି ଜମ୍ମୁର ପାଲନୱାଲା କ୍ଷେତ୍ରରେ ମଧ୍ୟ ଏହାର ଉଲ୍ଲଂଘନ ହୋଇଛି । ବାରମୁଲାରେ ଏକ ଡ୍ରୋନ୍‌କୁ ଖସାଇ ଦିଆଯାଇଛି । ସନ୍ଦେହଜନକ ଭାବେ ଏକ ୟୁଏଭିକୁ ମଧ୍ୟ ଠାବ କରାଯାଇଛି । ଉଭୟ ବାରମୁଲା ଓ ଶ୍ରୀନଗରରେ ବ୍ଲାକ୍ ଆଉଟ୍ ଲାଗୁ କରାଯାଇଛି । ରାଜୋରୀରେ ଏକ ଡ୍ରୋନ୍‌କୁ ମଧ୍ୟ ଖସାଇ ଦିଆଯାଇଥିବା ସୂଚନା ମିଳିଛି । ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଓମର ଅବଦୁଲ୍ଲା ଟ୍ୱିଟ୍‌ରେ ଉଲ୍ଲେଖ କରିଛନ୍ତି ଯେ ଅସ୍ତ୍ର ବିରତୀ ପରେ ଏହା କ’ଣ ପାଇଁ ଘଟିଲା । (୯ ପୃଷ୍ଠାରେ)



### ବିଏସ୍‌ଏଫ୍‌ର କଡା ମୁକାବିଲା, ୮ ଯବାନ ଆହତ
### କଡା ଜବାବ ଦେବାକୁ ସେନାକୁ ନିର୍ଦ୍ଦେଶ : ମିଶ୍ରି
### ଶ୍ରୀନଗର, ଜମ୍ମୁ, ପଞ୍ଜାବରେ ଡ୍ରୋନ୍ ଆଟାକ୍
### ଏଲ୍‌ଓସି ନିକଟରେ ବ୍ୟାପକ ଗୁଳି ବିନିମୟ

## ଭାରତ-ପାକ୍ ଉତ୍ତେଜନାର ହୋଇପାରେ ଅନ୍ତ!

# ଅସ୍ତ୍ର ବିରତି ଲାଗି ଉଭୟ ଦେଶ ରାଜି

ନୂଆଦିଲ୍ଲୀ, ୧୦।୫ : ଅପରେସନ୍ ସିନ୍ଦୂର ପରେ ଭାରତ ଓ ପାକ୍ ମଧ୍ୟରେ ଦେଖାଦେଇଥିବା ଉତ୍ତେଜନା କ୍ରମଶଃ ଯୁଦ୍ଧ ସ୍ଥିତି ଆଡକୁ ମୁହାଁଉଥିଲା । ମାତ୍ର ଏଥିରେ ଆଜି ବିରାମ ଲାଗିଛି । ଆଜି ସନ୍ଧ୍ୟା ୫ଟା ଠାରୁ ଉଭୟ ଦେଶ ଅସ୍ତ୍ର ବିରତି ପାଇଁ ରାଜି ହୋଇଛନ୍ତି । ଆମେରିକା ରାଷ୍ଟ୍ରପତି ଡ୍ରୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟସ୍ଥତା ପରେ ଭାରତ-ପାକିସ୍ତାନ ଅସ୍ତ୍ର ବିରତି ଲାଗି ରାଜି ହୋଇଥିବା ସ୍ପଷ୍ଟ ହୋଇଛି ।

ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି ଯେ ଆମେରିକା ମଧ୍ୟସ୍ଥତାରେ ରାତି ତମାମ ହୋଇଥିବା ଆଲୋଚନା ପରେ ବେଶ୍ ଉତ୍ସାହ (୯ ପୃଷ୍ଠାରେ)



### ଡ୍ରୋନାଲ୍ଡ ଟ୍ରମ୍ପ କଲେ ମଧ୍ୟସ୍ଥତା
### ଉଭୟ ଦେଶର ଡିଜିଏମ୍‌ଓ ସ୍ତରରେ ଆଲୋଚନା
### ସନ୍ଧ୍ୟା ୫ଟାରୁ ଲାଗୁ ହେଲା ଅସ୍ତ୍ର ବିରତି
### ୧୨ରେ ଡିଜିଏମ୍‌ଓ ସ୍ତରରେ ପୁଣି ଆଲୋଚନା
### ନିଷ୍ପତ୍ତିକୁ ଜାତିସଂଘର ସ୍ୱାଗତ

## କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି

# ଆତଙ୍କୀ ଆକ୍ରମଣ ଏକପ୍ରକାର ଯୁଦ୍ଧ


ନୂଆଦିଲ୍ଲୀ, ୧୦।୫ : ଆତଙ୍କବାଦ ଓ ଆତଙ୍କୀ କାର୍ଯ୍ୟକଳାପ ସମ୍ପର୍କରେ ଭାରତ ସରକାର ବଡ ନିଷ୍ପତ୍ତି ନେଇଛନ୍ତି । ଏଭଳି କାର୍ଯ୍ୟକଳାପକୁ ଦେଶ ବିରୋଧରେ ଯୁଦ୍ଧ ଭାବେ ବିବେଚନା କରାଯିବ । ଆତଙ୍କୀ କାର୍ଯ୍ୟକଳାପ ଭାରତ ବିରୋଧରେ ଏକ ପ୍ରକାର ଯୁଦ୍ଧ ହୋଇଥିବାରୁ ଏହାର ଜବାବ ମଧ୍ୟ ତଦନୁଯାୟୀ ଦିଆଯିବ । ଏହାର ଜବାବରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଭାରତ ସରକାର ନିଷ୍ପତ୍ତି ନେଇଛନ୍ତି । ନିଷ୍ପତ୍ତି ଅନୁଯାୟୀ ଆତଙ୍କବାଦ କାର୍ଯ୍ୟକଳାପକୁ ବରଦାସ୍ତ କରାଯିବନାହିଁ । ଏହାର ଜବାବ ସେହି ଅନୁଯାୟୀ ଦିଆଯିବ । ଭାରତରେ ବୋମା ବର୍ଷଣ, ଗୁଳିମାଡ, ବିମାନ ଅପହରଣ, ସାଇବର ଆଟାକ୍ ଓ କେମିକାଲ ଆକ୍ରମଣକୁ ଆତଙ୍କବାଦ ଯୁଦ୍ଧ ବୋଲି ଧରାଯିବ । ସରକାରୀ ପ୍ରତିଷ୍ଠାନ, ସାମରିକ ଶିବିର ଓ ଅନୁଷ୍ଠାନକୁ ଆକ୍ରମଣ ମଧ୍ୟ ଏହି ବର୍ଗରେ ଆସିବ । ଆତଙ୍କବାଦ କାର୍ଯ୍ୟକଳାପକୁ ଏଣିକି ଯୁଦ୍ଧ ଭାବେ ବିବେଚନା କରାଯିବ ବୋଲି ନିଷ୍ପତ୍ତି ହୋଇଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଦେଶର ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ସମୀକ୍ଷା କରିଛନ୍ତି । ଏଥିରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଜାତୀୟ ସୁରକ୍ଷା ଉପଦେଷ୍ଟା ଅଜିତ୍ ଡୋଭାଲ, (୯ ପୃଷ୍ଠାରେ)

# ୪ ଏୟାର ଷ୍ଟେସନକୁ ପାକ୍‌ର ଟାର୍ଗେଟ

ନୂଆଦିଲ୍ଲୀ, ୧୦।୫ : ପାକିସ୍ତାନ ପକ୍ଷରୁ ଗତକାଲି ରାତିରେ ଭାରତର ୨୬ ସ୍ଥାନକୁ ଟାର୍ଗେଟ କରାଯାଇ ଆକ୍ରମଣ କରାଯାଇଥିଲା । ଯାହା ମଧ୍ୟରେ ଏୟାର ବେସ୍ ଓ ପରିବହନ ହବ୍ ଥିଲା । ହାଇସ୍ପିଡ୍ ମିଶାଇଲଗୁଡ଼ିକ ମଧ୍ୟ ପଞ୍ଜାବର ଏକ ଏୟାର ବେସ୍‌ରେ ରାତି ୧.୪୦ରେ ପକାଯାଇଥିଲା । ସେହିଭଳି ଭାରତୀୟ ବାୟୁ ସେନାର ୪ ଷ୍ଟେସନ୍ ଉଦାମପୁର, ପଠାନକୋଟ୍, ଆଦାମପୁର ଓ ଭୁଜ୍‌କୁ ମଧ୍ୟ ଟାର୍ଗେଟ କରାଯାଇଥିଲା । ପାକିସ୍ତାନ ଆକ୍ରମଣରେ ଏଠାରେ ସାମାନ୍ୟ କ୍ଷତି ହୋଇଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

ସରକାରଙ୍କ ପକ୍ଷରୁ ବୈଦେଶିକ ମନ୍ତ୍ରଣାଳୟ ସଚିବ ବିକ୍ରମ ମିଶ୍ରି, କର୍ଣ୍ଣେଲ ସୋଫିଆ କ୍ୟୁରେସି ଓ ବ୍ୟୋମିକା ସିଂହ ମିଳିତ ଭାବେ ଗଣମାଧ୍ୟମକୁ ସୂଚନା ଦେଇଥିଲେ । ସେମାନେ ଉଲ୍ଲେଖ କରିଥିଲେ ଯେ ପାକିସ୍ତାନ ଆକ୍ରମଣ ଜବାବରେ ଭାରତୀୟ ସେନା ପକ୍ଷରୁ ପାକିସ୍ତାନର ୬ ଏୟାରବେସ୍‌କୁ ଟାର୍ଗେଟ କରାଯାଇଥିଲା । ରଫିକ୍, ମୁର୍ଦ୍ଦି, ଚକାଲା, ରହିମ୍ (୯ ପୃଷ୍ଠାରେ)



# ପାକିସ୍ତାନର ଭାରତକୁ ଫୋନ୍

ନୂଆଦିଲ୍ଲୀ, ୧୦।୫ : ପାକିସ୍ତାନ ପକ୍ଷରୁ ପ୍ରଥମେ ଅସ୍ତ୍ର ବିରତି ନେଇ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଉଭୟ ଦେଶର ସେନା ଅଧିକାରୀଙ୍କ ମଧ୍ୟରେ ସିଧାସଳଖ ଆଲୋଚନା ପରେ ଏହି ନିଷ୍ପତ୍ତି ହୋଇଛି । ଦୁଇ ଦେଶ ମଧ୍ୟରେ ବୁଝାମଣା ହେବାପରେ ଏହାକୁ ଘୋଷଣା କରାଯାଇଛି । ପାକିସ୍ତାନର ଡିଜିଏମ୍‌ଓ ଭାରତର ଡିଜିଏମ୍‌ଓଙ୍କୁ ଅପରାହ୍ନ ୩.୩୦ ମିନିଟ୍‌ରେ ଫୋନ୍ କରିଥିଲେ । ଉଭୟଙ୍କ ମଧ୍ୟରେ ଆଲୋଚନା ହେବାପରେ (୯ ପୃଷ୍ଠାରେ)

# ସର୍ତ୍ତମୂଳକ ଅସ୍ତ୍ର ବିରତି

ନୂଆଦିଲ୍ଲୀ, ୧୦।୫ : ପାକିସ୍ତାନ ସହ ଭାରତ କରିଥିବା ଅସ୍ତ୍ରଣ ବିରତୀ ସର୍ତ୍ତମୂଳକ ବୋଲି ସୂଚନା ମିଳିଛି । ଏହି ଅସ୍ତ୍ର ବିରତି ନିଷ୍ପତ୍ତି ପରେ ଭାରତର ପଡୋଶୀ ରାଷ୍ଟ୍ରସହ କୂଟନୈତିକ ପଦକ୍ଷେପ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ । ଏପରିକି ସିନ୍ଧୁ ଚୁକ୍ତି ସ୍ଥଗିତ ନିଷ୍ପତ୍ତି ଉପରେ ମଧ୍ୟ ଏହାର କୌଣସି ପ୍ରଭାବ ନାହିଁ ବୋଲି ଏକ ସୂତ୍ରରୁ ଜଣାପଡିଛି ।

ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ପାକିସ୍ତାନ ପକ୍ଷରୁ ଏହା ଆରମ୍ଭ କରାଯାଇଥିଲା ଓ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ଏହା ଉପରେ ମତ ରଖିଥିଲେ । ଭାରତ ଆତଙ୍କବାଦୀ କାର୍ଯ୍ୟକଳାପ ସହ କୌଣସି ବୁଝାମଣା କରିବ ନାହିଁ । ଏହି ନୀତିରେ କୌଣସି ପରିବର୍ତ୍ତନ କରାଯାଇନାହିଁ ବୋଲି ସୂଚନା ମିଳିଛି ।

# ମିଛ ପ୍ରଚାର କରୁଛି ପାକ୍

ନୂଆଦିଲ୍ଲୀ, ୧୦।୫ : ପାକିସ୍ତାନ ପକ୍ଷରୁ ଭାରତର ଏସ୍-୪୦୦ ଓ ବ୍ରହ୍ମୋସ୍ ମିସାଇଲ୍ ବେସ୍‌କୁ ଜେ-ଏଫ୍ ୧୭ ବିମାନ ଦ୍ୱାରା ଧ୍ୱଂସ କରିଦିଆଯାଇଥିବା ଯେଉଁ ଦାବି କରାଯାଉଥିଲା ତାହାକୁ ସମ୍ପୂର୍ଣ୍ଣ ଭୁଲ୍ ବୋଲି ଭାରତ ପକ୍ଷରୁ କୁହାଯାଇଛି । ପାକିସ୍ତାନ ସବୁବେଳେ ଭୁଲ୍ ସୂଚନା ଓ ପ୍ରଚାର ଚଲାଇଛି ଏବଂ ଦୁଇ ଦେଶ ମଧ୍ୟରେ ଅପରେସନ୍ ସିନ୍ଦୂର ପରେ ବଢ଼ିଥିବା ଉତ୍ତେଜନାକୁ ଅଧିକ ଉଚ୍ଚକୁ ନେବାକୁ ଚାହୁଁଛି ।

କର୍ଣ୍ଣେଲ ସୋଫାଆ କ୍ୟୁରେସି ପ୍ରତିରକ୍ଷା ମନ୍ତ୍ରଣାଳୟର ପ୍ରେସ୍ ବାର୍ତ୍ତାରେ ଏହା ଉଲ୍ଲେଖ କରିଛନ୍ତି । ସେ ଅସ୍ତ୍ର ବିରତୀ ସମ୍ପର୍କରେ କହିବା ସହ ପୁଣି କହିଛନ୍ତି ଯେ ପାକିସ୍ତାନ ସବୁବେଳେ (୯ ପୃଷ୍ଠାରେ)

# ରାଜ୍ୟରେ ଜିଲ୍ଲାପାଳ, ଆରଡିସିଙ୍କ ଛୁଟି ବାତିଲ

ଭୁବନେଶ୍ୱର, ୧୦।୫ (ସବ୍ୟୁ) : ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ୍ କରିଛନ୍ତି ରାଜ୍ୟ ସରକାର । ଭାରତ ଓ ପାକିସ୍ତାନ ଟେନସନ ମଧ୍ୟରେ ରାଜ୍ୟରେ ଆରଡିସି, ଡିଏମ ଓ ଜିଲ୍ଲାପାଳଙ୍କ ଛୁଟି ବାତିଲ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଛୁଟିରେ ଥିଲେ ତୁରନ୍ତ ମୁଖ୍ୟାଳୟକୁ ଫେରି କାର୍ଯ୍ୟରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।

ସୂଚନା ଯୋଗ୍ୟ, ପୂର୍ବରୁ ଭାରତ ସରକାର ଅର୍ଦ୍ଧସାମରିକ ବାହିନୀର ଛୁଟି ବାତିଲ ଘୋଷଣା କରିଥିଲେ । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସିଏପିଏଫ ମୁଖ୍ୟଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଭାରତ ଓ ପାକିସ୍ତାନ ଉତେଜନା ମଧ୍ୟରେ ଅର୍ଦ୍ଧସାମରିକ ବାହିନୀର ଛୁଟି ବାତିଲ କରିବା ସହ ଛୁଟିରେ ଥିଲେ ତୁରନ୍ତ କାର୍ଯ୍ୟରେ ଯୋଗ ଦେବାକୁ ନିର୍ଦ୍ଦେଶ ଦେଇଥିଲେ ।

# ଜୁନ୍ ପ୍ରଥମ ସପ୍ତାହରେ ଓଡ଼ିଶା ଛୁଇଁବ ମୌସୁମୀ

ଭୁବନେଶ୍ୱର, ୧୦।୫ (ସବ୍ୟୁ) : ଦକ୍ଷିଣ-ପଶ୍ଚିମ ମୌସୁମୀ ଅଗ୍ରସର ପାଇଁ ପାଗ ସମ୍ପୂର୍ଣ୍ଣ ଅନୁକୂଳ । ସାମୁଦ୍ରିକ ବାୟୁମଣ୍ଡଳ ଅଧିକ ଉଷ୍ମ ରହୁଥିବାରୁ ମୌସୁମୀ ସଅଳ ଆସିବ । ଆସନ୍ତା ୧୩ରେ ଆରବସାଗର, ୨୭ରେ କେରଳ ଛୁଇଁବ । ତେବେ ଏହାର ୧୦ରୁ ୧୨ ଦିନ ଅର୍ଥାତ ଜୁନ ପ୍ରଥମ ସପ୍ତାହରେ ଓଡ଼ିଶା ପହଞ୍ଚିପାରେ ମୌସୁମୀ ।

ଏଭଳି ଆକଳନ କରିଛି ଭାରତୀୟ ପାଣିପାଗ ବିଭାଗ । ପାଣିପାଗ ବିଜ୍ଞାନୀ ଉମା ଶଙ୍କର ଦାଶ ‘ଏକ୍ସ’ରେ କହିଛନ୍ତି, ଚଳିତବର୍ଷ ମୌସୁମୀ ଋତୁରେ ଜୁନରୁ ସେପ୍ଟେମ୍ବର ମଧ୍ୟରେ ଦେଶରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ସହ ରାଜ୍ୟରେ ମଧ୍ୟ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବ । ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଦେଶର ମୁଖ୍ୟ ଭୂଖଣ୍ଡ କେରଳ ନିକଟରେ ୨୭ ତାରିଖ (ଅର୍ଥାତ ୪ ଦିନ ଆଗ-ପଛ)ରେ ପହଞ୍ଚିବ । ଦକ୍ଷିଣ-ପଶ୍ଚିମ ମୌସୁମୀ ସାଧାରଣତଃ ୧ ଜୁନ ସୁଦ୍ଧା କେରଳ ଛୁଇଁଥାଏ । ତେବେ ୭ ଦିନ ଆଗ-ପଛ ହୋଇଥାଏ । ମୌସୁମୀ ଆକଳନର ୬ଟି ଦିଗ ହେଉଛି, ଭାରତର ଉତ୍ତର-ପଶ୍ଚିମରେ ଅଧିକ ତାପମାତ୍ରା, ଦକ୍ଷିଣ-ପେନିସୁଲାରେ ପ୍ରାକ୍ ମୌସୁମୀ ବର୍ଷା, ଉତ୍ତର-ପଶ୍ଚିମ ପ୍ରଶାନ୍ତ ମହାସାଗରରେ ସବ୍‌ଟ୍ରପିକାଲ ଚାପ, ଦକ୍ଷିଣ ଚୀନ୍ ସମୁଦ୍ର ବାହାରେ ଲମ୍ବା ତରଙ୍ଗ, ଭାରତ ମହାସାଗରର ଦକ୍ଷିଣ ଉତ୍ତରପୂର୍ବ ସ୍ଥଳଭାଗରେ ପବନ ବୋହିବା, ଇଣ୍ଡୋନେସିଆ ଉଚ୍ଚ ବାୟୁମଣ୍ଡଳରେ ପବନ ବୋହିବା ।

୨୦୦୫ରୁ ୨୦୨୪ ମଧ୍ୟରେ ଭାରତୀୟ ପାଣିପାଗ ବିଭାଗ ଆକଳନ ୨୦୧୫ ବ୍ୟତୀତ ଠିକ୍ ସମୟରେ କେରଳ ଛୁଇଁଛି । ୨୦୨୦ରେ ୫ ଜୁନ୍ ଆକଳନ କରାଯାଇଥିବା ବେଳେ ଜୁନ୍ ୧ରେ ଛୁଇଁଥିଲା । ସେହିପରି ୨୦୨୧ରେ ୩୧ ମେ ଆକଳନ ହୋଇଥିବାବେଳେ ଜୁନ୍ ୩ରେ ୨୦୨୨ରେ ୨୭ ମେ ଆକଳନ ଓ ୨୦୨୯ ମେ’ରେ ଛୁଇଁଲା । ୨୦୨୩ରେ ଜୁନ୍ ୪ ପରିବର୍ତ୍ତେ ୮ ଓ ୨୦୨୪ରେ ୩୧ ମେ ପରିବର୍ତ୍ତେ ମେ ୩୦ ତାରିଖରେ କେରଳ ଛୁଇଁଥିଲା ମୌସୁମୀ ।

ଦକ୍ଷିଣ ଆଣ୍ଡାମାନସାଗର ଓ ଦକ୍ଷିଣ ବଙ୍ଗୋପସାଗରର କିଛି ଅଞ୍ଚଳ ଏବଂ ନିକୋବର ଦ୍ୱୀପପୁଞ୍ଜ ଅଞ୍ଚଳକୁ ଆଗାମୀ ୧୩ ତାରିଖ ବେଳକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ଅଗ୍ରସର ହେବା ପାଇଁ ପାଗ ଅନୁକୂଳ ହେଉଛି । ସାଧାରଣତଃ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ମେ’୧୮ରୁ ୧୯ ତାରିଖ ମଧ୍ୟରେ ଆଣ୍ଡାମାନସାଗର ଛୁଇଁଥାଏ । ଏହା ପରେ ଭାରତର ମୁଖ୍ୟ ଭୂଖଣ୍ଡକୁ ଅର୍ଥାତ କେରଳ ନିକଟରେ ଜୁନ ୧ ତାରିଖ ପାଖାପାଖି ଛୁଇଁଥାଏ । କେରଳ ଛୁଇଁବାର ୧୦ରୁ ୧୨ ଦିନ ମଧ୍ୟରେ ଓଡିଶାକୁ ଅଗ୍ରସର ହୋଇଥାଏ ।

### ୨୭ରେ କେରଳ ଛୁଇଁବ ମୌସୁମୀ

# ଆଜି ୪୫° ଛୁଇଁବ ପାରଦ!




ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ଆଗାମୀ ୧୪ ତାରିଖ ପର୍ଯ୍ୟନ୍ତ ଭୀଷଣ ତାତି ହେବା ତାପମାତ୍ରା ୪୫° ଛୁଇଁବାର ସମ୍ଭାବନା ରହିଛି । ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇପାରେ । ଏହା ଅଧିକ ଘନୀଭୂତ ହୋଇ ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି । ଯଦି ମୌସୁମୀ ଅଗ୍ରସର ସମୟରେ ଲଘୁଚାପ ହୁଏ, ତାହେଲେ ମୌସୁମୀକୁ ଦୁର୍ବଳ କରିପାରେ । ଆସନ୍ତା ୧୪ (୯ ପୃଷ୍ଠାରେ)

ଭୁବନେଶ୍ୱର, ୧୦।୫ (ସବ୍ୟୁ) : ରାଜ୍ୟରେ ପାରଦ ଉପରମୁହାଁ ହୋଇଥିବାବେଳେ ୪ ସ୍ଥାନରେ ତାପମାତ୍ରା ୪୦° ଡେଇଁଛି । ତେବେ ଚଳିତବର୍ଷ ଭୁବନେଶ୍ୱରରେ ପ୍ରଥମ ଥର ପାଇଁ ଦିନର ତାପମାତ୍ରା ୪୦° ଛୁଇଁଛି । ଆଜି ସମ୍ବଲପୁର ସବୁଠୁ ଉତ୍ତପ୍ତ ସହର ପାଲଟିବା ସହ ଏଠାରେ ସର୍ବୋଚ୍ଚ ତାପମାତ୍ରା ୪୨.୭° ସେଲ୍‌ସିୟସ ।

### ରାଜଧାନୀରେ ପାରଦ ୪୦°
### ୪୦° ଉପରେ ୪ ସହର ପାରଦ
### ୧୬ରେ ବଙ୍ଗୋପସାଗରରେ ଲଘୁଚାପ

# ମା’





ମା’ ଦୁନିଆର ସବୁଠୁ ମଧୁର ଶବ୍ଦ,ପୁଣି ସବୁଠାରୁ ସୁନ୍ଦର । ସ୍ନେହ, ମମତାରେ ଭରପୂର ମା’ର ପଣତ ପିଲାର ସବୁଠୁ ସୁରକ୍ଷିତ ଆଶ୍ରୟ । ମା’ କୋଳ ଠାରୁ ଆରାମଦାୟକ, ନିରାପଦ ସ୍ଥାନ କେଉଁଠାରେ ମିଳିପାରିନାହିଁ । ମାଟିରୁ ଆକାଶ ଯାଏଁ ପରିବ୍ୟାପ୍ତ ଯାହାର ତ୍ୟାଗ,ସହିଷ୍ଣୁତା,ଭଲପାଇବା,ସେହି ହିଁ ମା’, ଜନନୀ, ଜନ୍ମଦାତ୍ରୀ । ମା’ ପିଲାଟିର ପ୍ରଥମ ଗୁରୁ, ଅନ୍ତରଙ୍ଗ ବନ୍ଧୁ, ଦାର୍ଶନିକ ତଥା ଅଭିଭାବକ । ପିଲା ପାଇଁ ମା’ ହେଉଛି ସର୍ବଶ୍ରେଷ୍ଠ । ମା’ ଶିଶୁକୁ ଶକ୍ତିଶାଳୀ ବନାଇ ଥାଏ । ମା’ ନିଜ ଶିଶୁକୁ ସବୁ ବିପଦରୁ ରକ୍ଷା କରିଥାଏ । ମା’ ଏଭଳି ଏକ ଶବ୍ଦ ଯାହାର ବିକଳ୍ପ ନାହିଁ । ମା’ର ମମତା ନିକଟରେ ସବୁକିଛି ମୂଲ୍ୟହୀନ ବୋଲି କହିଲେ ଆଦୌ ଭୁଲ ହେବ ନାହିଁ । ଏହି ମହିୟସୀ ମହିଳା ପିଲାଟିକୁ ଗର୍ଭରେ ଧାରଣ କରେ, ଜନ୍ମ ଦିଏ । ଆଉ ତାହାର ଲାଳନପାଳନ କରେ । ତେଣୁ ତା’ର ଅବଦାନକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ମେ’ ଦ୍ୱିତୀୟ ରବିବାରକୁ ବିଶ୍ୱ ମାତୃ ଦିବସ ଭାବରେ ପାଳନ କରାଯାଇ ଆସୁଛି । ଆଧୁନିକ ମାତୃ ଦିବସର ଜନ୍ମଦାତ୍ରୀ ଭାବରେ ଆମେରିକାର ଆନ୍ନା ଜାର୍ଭିସଙ୍କୁ ଗ୍ରହଣ କରାଯାଏ । ଆମେରିକାର ପଶ୍ଚିମ ଭର୍ଜିନିୟାସ୍ଥିତ ସେଣ୍ଟ ଆଣ୍ଡ୍ର୍ୟୁସ ମେଥୋଡିଷ୍ଟ ଚର୍ଚ୍ଚରେ ସେ ୧୯୦୮ରେ ନିଜ ମା’ଙ୍କ ସ୍ମରଣରେ ଏକ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ । ଏଥିରେ ଜଣକ ଜୀବନରେ ମା’ର ଭୂମିକା’ ସମ୍ପର୍କରେ ସ୍ତୁତିଚାରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସମଗ୍ର ବିଶ୍ୱରେ ବିସ୍ତାର କରିବା ପାଇଁ ଜାର୍ଭିସଙ୍କ ଉଦ୍ୟମକୁ ଯେତେ ପ୍ରଶଂସା କରାଯିବ ତାହା ସେତେ କମ୍ ହେବ । ୧୯୦୮ରୁ ପ୍ରତିବର୍ଷ ମେ’ ଦ୍ୱିତୀୟ ରବିବାରକୁ ବିଶ୍ୱମାତୃ ଦିବସ ଭାବରେ ପାଳନ କରାଯାଇଆସୁଛି ।

**ଲେଖକ– ବିଶ୍ୱବିଜୟୀ ଦାଶ**
**ମୋ:– ୬୩୭୦୨୦୮୪୨୮**

# ହଲିଉଡରେ କଙ୍ଗନା



ଶୀଘ୍ର କଙ୍ଗନା ରାଣାଓ୍ୱତ ହଲିଉଡ ଡେବ୍ୟୁ କରିବାକୁ ଯାଉଛନ୍ତି । ଯାହାର ଖବର ଜଣା ପଡିବା ପରେ କଙ୍ଗନାଙ୍କ ଫ୍ୟାନ୍‌ଙ୍କ ଭିତରେ ଖୁସିର ଲହରି ଖେଳି ଯାଇଛି । କଙ୍ଗନାଙ୍କୁ ଆଗକୁ ହରର ଡ୍ରାମା ବ୍ଲେସ୍ଡ ବି ଦ ଏବିଲରେ ଦେଖିବାକୁ ମିଳିବ । ଏହି ଫିଲ୍ମରେ ତାଙ୍କ ସହିତ ସିଲ୍‌ବେଷ୍ଟର ଷ୍ଟେଲୋନଙ୍କ ଝିଅ ସ୍କାରଲେଟ୍ ରୋଜ ଷ୍ଟେଲୋନ ଓ ଟାୟଲର ପେସି ମଧ୍ୟ ନଜର ଆସିବେ । ସୂଚନା ଅନୁସାରେ ଏହି ଫିଲ୍ମ ପାଇଁ କଙ୍ଗନା ଲାୟଂସ ମୁଭି ସହିତ ହାତ ମିଶାଇଛନ୍ତି । ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱ ଅନୁରାଗ ରୁଦ୍ର ନେଇଛନ୍ତି । ସୂଚନା ଅନୁସାରେ ଖୁବଶୀଘ୍ର ଏହି ଫିଲ୍ମର ସୁଟିଂ ଆରମ୍ଭ ହେବ । ଫିଲ୍ମର ସୁଟିଂ ଖୁବ ଜଲଦି ନ୍ୟୁୟର୍କରେ ଆରମ୍ଭ ହେବ ବୋଲି ସୂଚନା ମିଳିଛି । ଏହି ଫିଲ୍ମକୁ ସମ୍ପୂର୍ଣ୍ଣଭାବେ ଆମେରିକାରେ ସୁଟିଂ ହେବ ବୋଲି ଜଣାପଡିଛି । ବର୍ତ୍ତମାନ ଅନେକ ବିଟାଉନ୍ ହିରୋଇନ୍‌ଙ୍କୁ ହଲିଉଡରେ ଦେଖିବାକୁ ମିଳୁଛି, ଯାହା ପୂରା ବିଶ୍ୱରେ ବର୍ତ୍ତମାନ ବଲିଉଡର ମାନ ବଢାଉଛି । ଏହା ପୂର୍ବରୁ କଙ୍ଗନାଙ୍କୁ ନିଜ ଫିଲ୍ମ ଏମର୍‌ଜେନ୍ସିରେ ଦେଖିବାକୁ ମିଳିଥିଲା । ଯାହା ଅନେକ ବାଦ ବିବାଦ ପରେ ରିଲିଜ୍ ହୋଇଥିଲା ।

## ଐତିହ୍ୟ

- ୧୯୧୨– ସାହିତ୍ୟିକ ସଆଦତ ହସନ ମଣ୍ଟୋଙ୍କ ଜନ୍ମ ।
- ୧୯୨୨– ରେଡ଼ିଓ ଷ୍ଟେସନ କେଜିୟୁର ପ୍ରସାରଣ ଆରମ୍ଭ ।
- ୧୯୨୫– ଭୟଙ୍କର ଘୂର୍ଣ୍ଣିବାତ୍ୟା ଯୋଗୁଁ ବାଂଲାଦେଶରେ ୧୭୦୦୦ ଲୋକଙ୍କ ମୃତ୍ୟୁ ।
- ୧୯୫୦– ବଲିଉଡ଼ ଅଭିନେତା ସଦାଶିବ ଓମରାପୁରକରଙ୍କ ଜନ୍ମ ।
- ୧୯୫୧– ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦଙ୍କ ଦ୍ୱାରା ନବନିର୍ମିତ ସୋମନାଥ ମନ୍ଦିରର ଉଦ୍‌ଘାଟନ ।
- ୧୯୫୫– ଇଜରାଏଲର ଗାଜା ଆକ୍ରମଣ ।
- ୧୯୬୦– ବଜାରକୁ ଆସିଲା ପ୍ରଥମ ଗର୍ଭନିରୋଧକ ବଟିକା ।
- ୧୯୯୮– ରାଜସ୍ଥାନର ପୋଖରାନରେ ୩ ପରମାଣୁ ପରୀକ୍ଷଣ ।
- ୧୯୯୮– ୟୁରୋପରେ ୟୁରୋ (ମୁଦ୍ରା)ର ପ୍ରଥମ ପ୍ରଚଳନ ।
- ୨୦୦୦– ଜନସଂଖ୍ୟା ଘଡ଼ି ଅନୁସାରେ ଭାରତ ଜନସଂଖ୍ୟା ୧ ଆରବ ପାର୍ ।

# ମହଙ୍ଗା ପଡିଲା ପରିହାସ

ଗୋଟିଏ ଛୋଟ ପିଲାକୁ ବଡ କରିବା ସବୁଠାରୁ କଷ୍ଟକାର୍ଯ୍ୟ । ଏହି ସମୟରେ ଅଭିଭାବକଙ୍କୁ ଖୁବ ସତର୍କତାର ସହିତ କାର୍ଯ୍ୟ କରିବାକୁ ପଡିଥାଏ । ଯେତେବେଳେ ଘରେ ଛୋଟ ପିଲା ଥାଆନ୍ତି ସେମାନଙ୍କ ଲାଳନ ପାଳନ କରିବାପାଇଁ ଆମକୁ ଖୁବ ଭାବିଚିନ୍ତି ନିଷ୍ପତ୍ତି ନେବାକୁ ପଡିଥାଏ । ତେବେ ବର୍ତ୍ତମାନ କିନ୍ତୁ ଅଭିଭାବକଙ୍କ ଉପରେ ସୋସିଆଲ ମିଡିଆର ପ୍ରଭାବ ଦେଖିବାକୁ ମିଳୁଛି । ସେମାନେ ସୋସିଆଲ ମିଡିଆରେ ପ୍ରଭାବିତ ହୋଇ ଛୋଟ ପିଲାଙ୍କର ଲାଳନପାଳନରେ ଅବହେଳା କରୁଥିବା ସୂଚନା ରହିଛି । ସେହିଭଳି ଏକ ଘଟଣା ଘଟିଛି ସ୍ୱେଡନ୍‌ରେ । ନିକଟରେ ସୋସିଆଲ ମିଡିଆରେ ଏକ ଟ୍ରେଣ୍ଡ ଭାଇରାଲ ହୋଇଥିଲା ଯେଉଁଥିରେ ଛୋଟ ପିଲାଙ୍କ ମୁଣ୍ଡରେ ଅଭିଭାବକ ମାନେ ଅଣ୍ଡା ଫଟାଉଛନ୍ତି, ତାହା ପୁଣି ପିଲାର ଅଜାଣତରେ । ସେହି ଟ୍ରେଣ୍ଡରେ ସ୍ୱିଡେନ୍‌ର ଜଣେ ମାଆ ସାମିଲ ହୋଇଥିଲେ । ସେ ନିଜ ଝିଅର ମୁଣ୍ଡରେ ଅଣ୍ଡା ଫଟାଇଥିଲେ । ହେଲେ ତାଙ୍କ ଝିଅ ଏଥିରେ ଖୁସି ନଥିଲା, ତାକୁ କାଟିଥିବା ଏବଂ ଭଲ ନଲାଗିଥିବା ସେ ପ୍ରକାଶ କରିଥିଲେ । ତେବେ ଏହାର ଭିଡିଓ ସମ୍ପୃକ୍ତ ମା’ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ । ଏହି ଭିଡିଓ ଦେଖିବାପରେ ସ୍ୱିଡେନ୍‌ର ଅଧିକାରୀମାନେ କାର୍ଯ୍ୟାନୁଷ୍ଠାନ ନେଇଥିବା ଜଣା ପଡିଛି । ସେମାନେ ସମ୍ପୃକ୍ତ ମହିଳାଙ୍କୁ ଗିରଫ କରିବା ସହିତ କୋର୍ଟରେ ହାଜର କରାଯାଇଥିଲା । କୋର୍ଟ ସମ୍ପୃକ୍ତ ମହିଳାଙ୍କୁ ୧.୭୭ ଲକ୍ଷ ଟଙ୍କାର ଜରିମାନା କରିବା ସହିତ ଘଟଣାର ନିନ୍ଦା କରିଥିବା ଜଣା ପଡିଛି । ଏଭଳି ମଜାକରୁ ନିବୃତ୍ତ ରହିବାକ କୋର୍ଟ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି ।



# ଗୋଟାମୁଗ ହେଙ୍ଗୁ ଖେଚୁଡି

**ସାମଗ୍ରୀ–** ଗୋଟା ମୁଗ, ଅରୁଆ ଚାଉଳ, ହେଙ୍ଗୁ, ଜିରା, ଶୁଖିଲା ଲଙ୍କା, ଗୁଡ, ଘିଅ, ନଡିଆ କୋରା, ଲୁଣ ।

**ପ୍ରଣାଳୀ–** ପ୍ରଥମେ ମୁଗକୁ ୩ ରୁ ୪ଘଣ୍ଟା ବତୁରାଇ ନିଅନ୍ତୁ । ପରେ ହାଣ୍ଡି ବସାଇ ଏଥିରେ ଘିଅ ପକାନ୍ତୁ । ଏହାପରେ ଏଥିରେ ଜିରା, ହେଙ୍ଗୁର ଫୁଟଣ ଦିଅନ୍ତୁ । ପରେ ସେଥିରେ ବତୁରା ଗୋଟା ମୁଗ ଓ ଅରୁଆ ଚାଉଳ ପକାଇ ଅଳ୍ପ ସମୟ ଭାଜନ୍ତୁ । ଚାଉଳ ଓ ମୁଗରୁ ପାଣି ଶୁଖିବାପରେ ଆଉ ଅଳ୍ପ ଭାଜି ଏଥିରେ ଆବଶ୍ୟକ ମୁତାବକ ପାଣି ଦିଅନ୍ତୁ । ଏହି ଭାତ ଗଳା ହୋଇ ନଥାଏ ତେଣୁ ଏଥିରେ ମାପିକରି ପାଣି ଦିଅନ୍ତୁ । ପାଣି ଦେବାପରେ ଏଥିରେ ଲୁଣ, ନଡିଆ କୋରା ଓ ଗୁଡ ପକାନ୍ତୁ । ଭାତ ହୋଇଯିବା ପରେ ଏଥିରେ ପୁଣିଥରେ ହେଙ୍ଗୁ ଫୁଟଣ କରି ପରଷନ୍ତୁ ହେଙ୍ଗୁ ଖେଚୁଡି ।

## ସୋସିଆଲ କୋଟ୍ସ



“ ମୁଁ ସୁକୁମାରନ୍‌ଙ୍କ ସାର୍‌ଙ୍କର ବଡ ଫ୍ୟାନ୍ । ତାଙ୍କ କାମ ସବୁଠାରୁ ବେଷ୍ଟ । ସେ ତେଲୁଗୁ ଇଣ୍ଡଷ୍ଟ୍ରୀକୁ ଗୋଟିଏ ଭିନ୍ନ ଲେବଲ୍‌କୁ ନେଇଛନ୍ତି ।

**ଅଲ୍ଲୁ ଅର୍ଜୁନ୍, ଅଭିନେତା**



“ ଲୋକ ମୋତେ କହୁଥିଲେ ମୁଁ ବିଦେଶୀଙ୍କ ଭଳି ଦେଖାଯାଉଛି । ପ୍ରଥମ ଫିଲ୍ମ ମୁଁ ଭଙ୍ଗା ନାକ ସହିତ କରିଥିଲି । ଏହାପରେ ସର୍ଜରୀ କରିଛି, ତେବେ ଏଥିରେ ଭୁଲ କଣ ଅଛି ।

**ଶ୍ରୁତି ହସନ, ଅଭିନେତ୍ରୀ**



“ ଯଦି ପ୍ରେମରେ ଧୋକା ମିଳୁଛି, ତେବେ ନିଜ ମନକୁ ଶାନ୍ତ କରିବା ପାଇଁ କାନ୍ଦି ପାର । ହେଲେ ପ୍ରେମିକାକୁ ଯିବାକୁ ଦିଅ, ତାକୁ ରୋକ ନାହିଁ ।

**ସଲମାନ ଖାନ୍, ଅଭିନେତା**

# ସେନାରେ କାର୍ଯ୍ୟ କରିଥିବା ଅଭିନେତା





**ପହଲଗାମ୍ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ଭିତରେ ସ୍ଥିତି ଗମ୍ଭୀର ହୋଇଛି । ଭାରତର ଅପରେଶନ ସିନ୍ଦୂର ପରେ ଉଭୟଦେଶ ଭିତରେ ଆକ୍ରମଣ ଓ ପ୍ରତିଆକ୍ରମଣ ବଢି ଚାଲିଛି । ଦେଶବାସୀଙ୍କ ସହିତ ବଲିଉଡର ଅଭିନେତାମାନେ ମଧ୍ୟ ଘଟଣାରେ ନିଜ ମତ ରଖୁଥିବାର ଦେଖିବାକୁ ମିଳୁଛି । ସମସ୍ତେ ସେନାର ମନୋବଳ ବଢାଇବା ସହିତ ପାକିସ୍ତାନ ବିରୋଧରେ ନିଜର ମତ ଦେଉଛନ୍ତି । ତେବେ ଦେଶକୁ ଏଭଳି ପରୋକ୍ଷ ସମର୍ଥନ ନୁହେଁ ବରଂ ଏଭଳି କିଛି ଅଭିନେତା ଅଛନ୍ତି ଯେଉଁମାନେ ଯୁଦ୍ଧ ଲଢି ଦେଶକୁ ପ୍ରତ୍ୟକ୍ଷ ସମର୍ଥନ ମଧ୍ୟ ଦେଇଛନ୍ତି ।**



**ନାନା ପାଟେକର–** ବଲିଉଡ ଅଭିନେତା ନାନା ପାଟେକର ନିଜର ବଳିଷ୍ଠ ଅଭିନୟ ପାଇଁ ସବୁବେଳେ ଦର୍ଶକଙ୍କର ପସନ୍ଦ ହୋଇ ରହିଥାଆନ୍ତି । ତାଙ୍କୁ ଅନେକ ସମୟରେ ପରଦାରେ ଯବାନ ଭୂମିକାରେ ଦେଖିବାକୁ ମିଳିଥାଏ । ତେବେ କେବଳ ପରଦାରେ ନୁହେଁ ସେ ସତରେ ମଧ୍ୟ ଯୁଦ୍ଧ ଲଢିଛନ୍ତି । ସୂଚନା ଅନୁସାରେ ୧୯୯୯ରେ ହୋଇଥିବା କାର୍ଗିଲ ଯୁଦ୍ଧରେ ନାନା ଅଭିନୟ ଛାଡି ସେନାରେ ଭର୍ତ୍ତି ହୋଇଥିଲେ। ସେ ପାଖାପାଖି ଦୁଇମାସ ଧରି ସେନା ସହିତ ଯଡିତ ଥିଲେ । ସେ ଏହି ସମୟରେ କୁଇକ୍ ରିଆକ୍ସନ ଟିମ୍‌ରେ ସାମିଲ ହୋଇଥିଲେ । ତେବେ ଏହାପଛରେ ଖୁବ ରୋଚକ କାହାଣୀ ରହିଛି । ୧୯୯୧ରେ ଫିଲ୍ମ ପ୍ରହାର ସେନାଙ୍କ ଉପରେ ନିର୍ମାଣ କରାଯାଇଥିଲା, ଯେଉଁଥିପାଇଁ ନାନାଙ୍କୁ ତିନି ବର୍ଷ ଧରି ଆର୍ମି ଟ୍ରେନିଂ ନେବାକୁ ପଡିଥିଲା । ଏହାପରେ ପିଲାଦିନୁ ଆର୍ମିରେ ଭର୍ତ୍ତି ହେବାକୁ ଚାହୁଁଥିବା ନାନା ନିଜର ଇଚ୍ଛା ସେନାର ଜଣେ ବଡ ଅଧିକାରୀଙ୍କ ନିକଟରେ ପ୍ରକାଶ କରିଥିଲେ । ହେଲେ ସେ ଜଣେ ସାଧାରଣ ନାଗରିକ ହୋଇଥିବାରୁ ତାଙ୍କୁ ଉକ୍ତ ଅଧିକାରୀ ମନା କରିଦେଇଥିଲେ । ଏହାପରେ ନାନା ତତ୍କାଳୀନ ପ୍ରତିରକ୍ଷା ମନ୍ତ୍ରୀ ଜର୍ଜ ଫର୍ଣ୍ଣାଡିସ୍‌ଙ୍କ ସହିତ ଏନେଇ କଥା ହୋଇଥିଲେ । ତେବେ ପ୍ରଥମେ ସେ ରାଜି ନଥିଲେ ହେଲେ ପରେ ନାନାଙ୍କୁ ୨ମାସ ପାଇଁ ଏହି ସୁଯୋଗ ମିଳିଥିଲା ।



**ଗୁଫି ପଟେଲ–** ମହାଭାତର ଶକୁନି ଚରିତ୍ରରେ ଅଭିନୟ କରିଥିବା ଗୁଫି ପଟେଲ୍ ଅଭିନେତା ହେବା ଆଗରୁ ସେନାରେ କାର୍ଯ୍ୟରତ ଥିଲେ । ୧୯୬୨ରେ ହୋଇଥିବା ଭାରତ ଚୀନ ଯୁଦ୍ଧରେ ସେ ଭାଗ ନେଇଥିଲେ । ଏହି ସମୟରେ କଲେଜରୁ ସିଧା ଆର୍ମିରେ ଭର୍ତ୍ତି କରାଯାଉଥିଲା,ଯେଉଁଥିରେ ସେ ସାମିଲ ହୋଇଥିଲେ । ସବୁବେଳେ ଆର୍ମିରେ ଯିବାକୁ ଚାହୁଁଥିବା ଗୁଫି ଏହି ସମୟରେ ସେନାରେ ସାମିଲ ହୋଇ ଯୁଦ୍ଧର ଅଂଶ ହୋଇଥିଲେ । ତାଙ୍କର ପୋଷ୍ଟିଂ ଚୀନ ବର୍ଡରରେ ହୋଇଥିଲା ।

**ପ୍ରବୀଣ କୁମାର–** ମହାଭାରତର ଭୀମ ଚରିତ୍ରରେ ଅଭିନୟ କରିଥିବା ପ୍ରବୀଣ କୁମାର ମଧ୍ୟ ସେନାରେ କାର୍ଯ୍ୟରତ ଥିଲେ । ସେ ମାତ୍ର ୨୦ ବର୍ଷରେ ବିଏସ୍‌ଏଫ୍‌ରେ ଯୋଗ ଦେଇଥିଲେ । ସେ ସେଠାରେ ଡେପୁଟି କମାଣ୍ଡାଣ୍ଟ୍ ଭାବେ କାର୍ଯ୍ୟ କରିସାରିଛନ୍ତି । ସେ ସେହି ସମୟରେ ଏସିଆନ ଗେମ୍ ଓ ଅଲମ୍ପିକ୍ସରେ ଦେଶକୁ ରିପ୍ରେଜେଣ୍ଟ ମଧ୍ୟ କରି ସାରିଛନ୍ତି । ତେବେ ୨୦୨୨ରେ ତାଙ୍କର ଦେହାନ୍ତ ହୋଇଥିଲା ।

# ସେନାବାହିନୀକୁ ଦୃଢ଼ ସମର୍ଥନ କରିବାପାଇଁ ରାଜ୍ୟପାଳଙ୍କ ଆହ୍ୱାନ

ଭୁବନେଶ୍ୱର (ସବ୍ୟୁ): ଆତଙ୍କବାଦ ର କୌଣସି ଧର୍ମ ନାହିଁ, ହିଂସା ର କୌଣସି ଶାସ୍ତ୍ର ନାହିଁ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି । ଚଳିତ ମଇ ୧୦ ତାରିଖ ଅପରାହ୍ନରେ ରାଜ ଭବନର ନ୍ୟୁ ଅଭିଷେକ ହଲ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ବୈଠକ ରେ ରାଜ୍ୟପାଳ ଏପରି କହିଛନ୍ତି । ପହଲଗାମ ରେ ସମ୍ପ୍ରତି ଘଟିଯାଇଥିବା ଜଘନ୍ୟ ଆତଙ୍କବାଦୀ ଆକ୍ରମଣ ଘଟଣା ଏବଂ ତତ୍ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉପୁଜିଥିବା ଘଟଣା କ୍ରମ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକ ରେ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ର କର୍ମକର୍ତ୍ତା ଏବଂ ବିଭିନ୍ନ ଗୋଷ୍ଠୀ ର ପ୍ରତିନିଧି ମାନେ ଏହି ବୈଠକ ରେ ଅଂଶଗ୍ରହଣ କରିଥିଲେ । ୨୬ ନିରୀହ ଲୋକଙ୍କ ଜୀବନ ନେଇଥିବା ପହଲଗାମ ଆତଙ୍କବାଦୀ ଆକ୍ରମଣ ଉପରେ ଗଭୀର ଦୁଃଖ ପ୍ରକାଶ କରି ଡ. କମ୍ଭମପାଟି କହିଛନ୍ତି ଯେ, ଏହା କେବଳ ନିରୀହ ନାଗରିକଙ୍କ ଉପରେ ଆକ୍ରମଣ ନୁହେଁ ବରଂ ଭାରତର



ଧାରଣା, ଆମର ଏକତା, ଗଣତନ୍ତ୍ର ଏବଂ ଶାନ୍ତି ଉପରେ ଆକ୍ରମଣ । ରାଜ୍ୟପାଳ କହିଥିଲେ ଯେ ସଶସ୍ତ୍ର ବାହିନୀ ଅପରେସନ ସିନ୍ଦୂର ଆରମ୍ଭ କରିଛି, ଯେଉଁଥିରେ ସୀମାପାର ଆତଙ୍କବାଦୀ ଶିବିର ଗୁଡ଼ିକୁ ଟାର୍ଗେଟ କରି ସଠିକ୍ ଆକ୍ରମଣ କରାଯାଇଛି । ଆମର ସାହସୀ ସୈନିକମାନେ ଆମର ସାର୍ବଭୌମତ୍ୱକୁ ରକ୍ଷା କରିବା ଆଗଧାଡିରେ ଛିଡ଼ା ହୋଇଛନ୍ତି । ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ଆମକୁ ସେମାନଙ୍କ ପଛରେ ଦୃଢ଼ ଭାବରେ ଛିଡ଼ା ହେବାକୁ ପଡ଼ିବ ବୋଲି ରାଜ୍ୟପାଳ କହିବା ସହିତ ସମସ୍ତେ ପରଲୋକଗତ ଏବଂ ଆହତଙ୍କ ପାଇଁ ପାର୍ଥନା କରିବାକୁ କହିଥିଲେ ଏବଂ ଶିକ୍ଷାନୁଷ୍ଠାନ ଗୁଡିକ ଏକତା ପ୍ରଦର୍ଶନ କରିବା ନିମନ୍ତେ ଜାତୀୟ ପତାକା ଉଡ଼ାଇବାକୁ କହିଥିଲେ । ବିଶ୍ୱାସ, ଭାଷା ଏବଂ ରୀତିରେ ବିବିଧତା ଥିଲେ ମଧ୍ୟ ଆମର ରାଷ୍ଟ୍ର ଏବଂ ଏହାର ମୂଲ୍ୟବୋଧକୁ ରକ୍ଷା କରିବା ପାଇଁ ଆମେ ଏକତାବଦ୍ଧ ବୋଲି ବାର୍ତ୍ତା ଦେବାକୁ ଆହ୍ୱାନ ଜଣାଇଥିଲେ । ସାଧାରଣ ନାଗରିକ ଏବଂ ସୈନିକ ସମେତ ପୀଡ଼ିତ ପରିବାରଙ୍କୁ ଗଭୀର ସମବେଦନା ଜଣାଇବା ସହିତ ଆହତମାନଙ୍କ ଆଶୁ ଆରୋଗ୍ୟ ପାଇଁ ପ୍ରାର୍ଥନା କରିଥିଲେଛ ଭାରତ କେବେ ଆତଙ୍କବାଦ ଆଗରେ ନତ ହେବନାହିଁ । ଆମର ଶକ୍ତି, ଆମର ଏକତା ଏବଂ ଆମକୁ ସୁରକ୍ଷା ଦେଉଥିବା ଲୋକଙ୍କ ପ୍ରତି ଆମର ଅଟଳ ସମର୍ଥନ ରହିଛି ବୋଲି ସମଗ୍ର ବିଶ୍ୱକୁ ବାର୍ତ୍ତା ଦେବାକୁ ରାଜ୍ୟପାଳ ଆହ୍ୱାନ ଦେଇଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବୈଠକରେ ଯୋଗଦେଇ ଉଦବୋଦନ ଦେଇ କହିଥିଲେ ଯେ ଆତଙ୍କବାଦ ମାନବତା ବିରୁଦ୍ଧରେ ଏକ ଯୁଦ୍ଧ । ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଯେତେବେଳେ ଦେଶକୁ ଆବଶ୍ୟକତା ପଡ଼ିଥାଏ, ସେତେବେଳେ ସମସ୍ତ ଗୋଷ୍ଠୀ କିପରି ଏକାଠି ହୁଅନ୍ତି ବୋଲି ଅବତାରଣା କରିବା ସହିତ ଅବଦୁଲ ହମିଦଙ୍କ ସାହସିକତା ଏବଂ ବଳିଦାନର ଉଦାହରଣ ଦେଇଥିଲେ । ଭାରତୀୟ ଭାବେ ଆମର ସର୍ବୋତ୍ତମ ପରିଚୟ ରହିଛିଛ ଜାତି, ଧର୍ମ, ବର୍ଣ୍ଣନିର୍ବିଶେଷରେ ଆମେ ସମସ୍ତେ ଭାରତୀୟ ବୋଲି କହିବା ସହିତ ସମସ୍ତେ ଏକଜୁଟ ହୋଇ ଦେଶ ପାଇଁ ନିଜର କର୍ତ୍ତବ୍ୟ ନିଭାଇବାକୁ ଆହ୍ୱାନ ଜଣାଇଥିଲେ । ଏହି ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଏବଂ ପଛୁଆବର୍ଗ କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର, ପ୍ରତିରକ୍ଷା ବିଭାଗରେ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ମହିଳାମାନଙ୍କ ପାଇଁ ସମ୍ମାନ, ସୁଯୋଗ ଏବଂ ସମାନତା ସୁନିଶ୍ଚିତ କରିବା ହେଉଛି ସମୟର ଆହ୍ୱାନ : ରାଜ୍ୟପାଳ

ଭୁବନେଶ୍ୱର,(ସବ୍ୟୁ): ଯେ କୌଣସି ସମାଜର ଶକ୍ତି ଏହାର ମହିଳାମାନଙ୍କ ପ୍ରତି ପ୍ରଦର୍ଶନ କରାଯାଉଥିବା ବ୍ୟବହାର ଉପରେ ନିର୍ଭର କରେ। ଏଣୁ ଏକ ସୁସ୍ଥ ସମାଜ, ଶକ୍ତିଶାଳୀ ଓ ସମୃଦ୍ଧ ଦେଶ ଗଠନ ନିମନ୍ତେ ପୃଷ୍ଠଭୂମି ଓ ଭୌଗଳିକ ପରିବେଶ ନିର୍ବିଶେଷରେ ମହିଳାମାନଙ୍କ ପାଇଁ ସମ୍ମାନ, ସୁଯୋଗ ଏବଂ ସମାନତା ସୁନିଶ୍ଚିତ କରିବା ହେଉଛି ସମୟର ଆହ୍ୱାନ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି । ଆଜି 'ମା' ଘର ଫାଉଣ୍ଡେସନ ଟ୍ରଷ୍ଟ, ଭୁବନେଶ୍ୱର' ଏବଂ 'ଏସ୍.ଏସ୍. ହସ୍ପିଟାଲ, ତାଳଚେର'ର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରଠାରେ ଆୟୋଜିତ 'ବିଶ୍ୱ ମାତୃ ଦିବସ' ପାଳନ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ଏହି ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ମାତୃ ଦିବସ କେବଳ ମାତୃତ୍ୱର ଏକ ଉତ୍ସବ ନୁହେଁ, ଏହା ବିଶ୍ୱରେ ପ୍ରତିଦିନ ମା'ମାନଙ୍କର ପାଳନକାରୀ ଆତ୍ମା, ଅସୀମ ସ୍ନେହ ଏବଂ ତ୍ୟାଗର ସ୍ୱୀକୃତି। ଏହା ଏକ ଦିନ ଯାହା ଆମ ପ୍ରତ୍ୟେକଙ୍କ ପାଇଁ ଗଭୀର ଭାବଉଦ୍ରେକକାରୀ ମହତ୍ୱ ବହନ କରେ ବୋଲି ରାଜ୍ୟପାଳ କହିଥିଲେ ।

ମା'ଘର ଫାଉଣ୍ଡେସନ୍ ଟ୍ରଷ୍ଟ, ଭୁବନେଶ୍ୱର ଏବଂ ଏସ୍.ଏସ୍. ହସ୍ପିଟାଲ, ତାଳଚେରର ମିଳିତ ପ୍ରୟାସରେ 'ବିଶ୍ୱ ମାତୃ ଦିବସ' ଅବସରରେ 'ସମୟର ଆବଶ୍ୟକତା' ଶୀର୍ଷକ ସେମିନାର ଆୟୋଜନ କରିଥିବାରୁ ରାଜ୍ୟପାଳ ସାଧୁବାଦ ଜଣାଇଥିଲେ । ଏହି ସମାରୋହରେ ସମ୍ମାନନୀୟ ଅତିଥିଭାବେ ଆଇନ୍, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଆଡଭୋକେଟ୍ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ଏତଦ୍‌ବ୍ୟତୀତ ସମାରୋହର କୋ-ଅର୍ଗାନାଇଜର ଆଡ୍‌ଭୋକେଟ୍



ଋତୁପର୍ଣ୍ଣା ମହାନ୍ତି ଏବଂ ଡ. ସୁସ୍ମିତା ସାହୁ ମଧ୍ୟ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ପ୍ରୋଗ୍ରାମ କୋ-ଅର୍ଡିନେଟର ଆଡଭୋକେଟ୍ ଜ୍ଞାନଦୀପ ବିଶ୍ୱପ୍ରସାଦ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଶେଷରେ ଟ୍ରଷ୍ଟି ଶ୍ରୀମତୀ ସୁନିତା ଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ।

# ନ୍ୟାୟିକ ରେକର୍ଡ଼ ନିର୍ବାକ ହେଲେବି ସର୍ବଦା ସତ କହନ୍ତି : ମୁଖ୍ୟ ବିଚାରପତି

## ନ୍ୟାୟିକ ଅଭିଲେଖାଗାରରେ ୫,୧୭୩ଟି ରେକର୍ଡର ସଂରକ୍ଷଣ

କଟକ,(ସବ୍ୟୁ): ଯଦିଓ ଏହି ନ୍ୟାୟିକ ରେକର୍ଡ଼ ଗୁଡ଼ିକ ନିର୍ବାକ ବା ମୂକ ହୋଇପାରନ୍ତି କିନ୍ତୁ ସେମାନେ ସବୁବେଳେ ସତ ହିଁ କହିଥାନ୍ତି । ଯାହା ରିସର୍ଚ୍ଚରେ ସାହାଯ୍ୟ କରିବା ସହ ଇତିହାସକୁ ଏକ ନୂଆ ରୂପ ଦେଇଥାଏ ବୋଲି ନ୍ୟାୟିକ ଅଭିଲେଖାଗାରର ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା – ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ କହିଛନ୍ତି । ଏଭଳି ରିସର୍ଚ୍ଚ ଆଇନଜୀବୀ, ବିଚାର ବିଭାଗୀୟ ଅଧିକାରୀ, ଶିକ୍ଷାବିତ୍ରଙ୍କ ପାଇଁ ଆର୍ଶିବାଦ ଭଳି କାର୍ଯ୍ୟ କରେ । ହାଇକୋର୍ଟଙ୍କ ଦ୍ୱାରା ନିଆଯାଇଥିବା ଏଭଳି ଏକ ପଦକ୍ଷେପ ଓଡ଼ିଶା ରାଜ୍ୟବାସୀଙ୍କ ପାଇଁ ଏକ ନୂତନ ପଦକ୍ଷେପ । ଏହି ଅବସରରେ ମୁଖ୍ୟ ବିଚାରପତି ଜଷ୍ଟିସ୍ ଟଣ୍ଡନ ନ୍ୟାୟିକ ରେକର୍ଡ ସଂରକ୍ଷଣରେ ଆରଆରଡିସି କମିଟିର ପଦକ୍ଷେପକୁ ପ୍ରଶଂସା କରିଥିଲେ ।

ଏଥିରେ ମୁଖ୍ୟବକ୍ତା ଭାବେ କୋଲକତା ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଅରୁଣ ବନ୍ଦୋପାଧ୍ୟାୟ ଉପନିବେଶ ସମୟରେ ଓଡ଼ିଶାର ଇତିହାସ ସଂକ୍ରାନ୍ତରେ ବକ୍ତବ୍ୟ ରଖିଥିଲେ । ଏହି ରେକର୍ଡ଼ କିପରି ରିସର୍ଚ୍ଚରେ ମାନବୃଦ୍ଧି କରିବ ତା' ଉପରେ ମଧ୍ୟ ଶ୍ରୀ ବନ୍ଦୋପାଧ୍ୟାୟ ବକ୍ତବ୍ୟ ରଖିଥିଲେ । ହାଇକୋର୍ଟର ବିଚାରପତି ତଥା ଆରଆରଡିସି, ନ୍ୟାୟିକ ଅଭିଲେଖାଗାର, ନ୍ୟାୟିକ ସଂଗ୍ରହାଳୟ ସଭ୍ୟ ଜଷ୍ଟିସ ଶଶିକାନ୍ତ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିବା ଅବସରରେ ଏହି ସଂଗ୍ରାହଳୟରେ ବର୍ତ୍ତମାନ ସୁଦ୍ଧା ଏହି କେମ୍ବର ୭୧ହଜାର କ ୫୦୩ଟି ପୁରୁଣା ରେକର୍ଡ଼ ଆସିଛି । ଏଥିରୁ ୫ ହଜାର ୧୭୩ଟି ରେକର୍ଡ଼ର ବୈଜ୍ଞାନିକ ପଦ୍ଧତିରେ ସଂରକ୍ଷଣ କରାଯାଇ ପାରିଛି । ବର୍ତ୍ତମାନ ସୁଦ୍ଧା ୧ ହଜାର ୧୫୧ଟି ଫାଇଲର ଡିଜିଟାଇଜେସନ୍ କରାଯାଇଛି ବୋଲି ସେ ସୂଚନା ଦେଇଥିଲେ । ଏହି ଅବସରରେ 'ଜୁଡିସିଆଲ ଇତିହାସ'- ଭଲ୍ୟୁମ୍ -୨ ପୁସ୍ତକର ଉନ୍ମୋଚନ କରାଯାଇଥିଲାବେଳେ ନ୍ୟାୟିକ ଅଭିଲେଖାଗାରର ଏକ ହଲ୍ 'ଉତ୍କଳ ଗୌରବ ମଧୁସୂଦନ ଦାସ'ଙ୍କ ନାମରେ ଉତ୍ସର୍ଗୀକୃତ କରାଯାଇଥିଲା । ଆଇଆଇଡିସିର ଅନ୍ୟତମ ସଦସ୍ୟ ତଥା ହାଇକୋର୍ଟର ବିଚାରପତି ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀ, ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ, ଆଇଆରଡିସି ଅଧକ୍ଷ ଜଷ୍ଟିସ୍ ଏସ୍.କେ. ପାଣିଗ୍ରାହୀ, ଆଉଆଡିସିର ସଦସ୍ୟ ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁ, ଜଷ୍ଟିସ୍ ଶଶିକାନ୍ତ ମିଶ୍ର, ଜଷ୍ଟିସ୍ ଶିବ ଶଙ୍କର ମିଶ୍ରଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିସହ ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲ ଅଶାନ୍ତ କୁମାର ଦାସ, ରେଜିଷ୍ଟ୍ରାର ରେକର୍ଡ ହର ପ୍ରସାଦ ପାଢ଼ୀଙ୍କୁ ମଧ୍ୟ ଧନ୍ୟବାଦ ଦେଇଥିଲେ ।

## ସୁନାଚେନ ଟାଣି ନେଲେ ଲୁଟେରା

ବାଲିପାଟଣା ,(ସବ୍ୟୁ) :ବାଲିପାଟଣା ଥାନା ଅଂଚଳ ଏବେ ଅପରାଧୀଙ୍କ ଚରା ଭୂଇଁ ପଲଟିଛି। ଏଠି ଦିନ ରାତି ପିସିଆର୍ ପଇଁତରା ମାରୁଛି, କିନ୍ତୁ ଚୋରୀ , ରାହାଜାନୀ ତା ବାଟରେ ଚଳୁଛି। ଏପର୍ଯ୍ୟନ୍ତ ପୋଲିସ କାହାରିକୁ ବି ଧରିବାରେ ସକ୍ଷମ ହୋଇନାହିଁ ଏହାର ସୁଯୋଗ ନେଇ ଆଜି ସକାଳୁ ପୁଣି ବାଲିପାଟଣା ଥାନା ଅନ୍ତର୍ଗତ ବାରିଲୋ ଗ୍ରାମର ଜଣେ ମହିଳାଙ୍କ ବେକରୁ ଦୁଇଜଣ ଲୁଟେରା ସୁନା ଚେନ ଛିଣ୍ଡାଇ ନେଇ ଚମ୍ପଟ ମାରିଥିଲେ । ସେ ହେଲେ ଜଳ ସମ୍ପଦ ବିଭାଗ ଅବସରପ୍ରାପ୍ତ ଅଧିକାରୀ ପ୍ରଫୁଲ୍ଲ ମିଶ୍ରଙ୍କ ପତ୍ନୀ ତିଳୋତ୍ତମା ମିଶ୍ରା ଖବର ପାଇ ବାଲିପାଟଣା ପୋଲିସ ତଦନ୍ତ ଜାରୀ ରଖିଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ,ଶ୍ରୀମତୀ ମିଶ୍ର ଆଜି ସକାଳୁ ଉଠି ଶିଶୁ ଅନନ୍ତ ପୀଠ ଅଭିମୁଖେ ଚାଲି ଚାଲି ଯାଇ ଫୁଲ ସଂଗ୍ରହ କରୁଥିବା ବେଳେ ଦୁଇଜଣ ଯୁବକ ଏକ ମଟର ସାଇକେଲ ଯୋଗେ ଆସି ତାଙ୍କ ବେକରୁ ସୁନା ଚେନ ଟାଣି ନେଇଥିଲେ । ଯାହାର ଓଜନ ୧୫ ଗ୍ରାମ ଓ ଯାହାର ଆନୁମାନିକ ମୂଲ୍ୟ ୧,୪୫,୦୦୦ହେବ ବୋଲି ଶ୍ରୀମତୀ ମିଶ୍ର ପ୍ରକାଶ କରିଛନ୍ତି। ଅପରାହ୍ନରେ ପରିବାର ପକ୍ଷରୁ ଅଭିଯୋଗ କରିବା ପରେ ପୋଲିସ କେସ ନମ୍ବର ୨୦୧/୨୫ ରେ ଏକ ମାମଲା ରୁଜୁ କରିବା ସହିତ ଘଟଣାସ୍ଥଳରେ ପହଂଚି ତଦନ୍ତ ଜାରୀ ରଖିଛି ।

# ବାର ଉପରକୁ ବୋମାମାଡ, ବାଉନ୍ସରଙ୍କୁ ଗୁଳି

ଭୁବନେଶ୍ୱର, (ସବ୍ୟୁ) : ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ରାତି ତମାମ୍ ଚାଲୁଥିବା ଏକ ବାର ଉପରକୁ ଦୁର୍ବୃତ୍ତ ବୋମାମାଡ କରିବା ସହ ବାଉନ୍ସରଙ୍କୁ ଗୁଳି କରିଛନ୍ତି। କେବଳ ଏତିକି ନୁହେଁ ଢେଲା ପଥର ମାଡ କରି ବାରର କାଚ ଓ ଅନ୍ୟାନ୍ୟ ଜିନିଷକୁ ଭାଙ୍ଗି ଚୁରମାର କରିଦେଇଛନ୍ତି। ପୋଲିସ ପହଞ୍ଚି ଘଟଣା ସ୍ଥଳରୁ ଖୋକା ଓ ବୋମାର ନମୁନା ପ୍ରଭୃତି ସଂଗ୍ରହ କରିଛି। ବାଉନ୍ସର ସୁରିଆ ମେଡିକାଲ୍ ଚିକିତ୍ସା ହେବା ସହ ପୋଲିସ ତାଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା କରିଛି।

ଡମଣା ଛକ ନିକଟରେ କସ୍‌ମୋସ୍ ବାର । ଏହି ବାର ସକାଳ ପର୍ଯ୍ୟନ୍ତ ଖୋଲା ରୁହେ। ଶୁକ୍ରବାର ବିଳମ୍ବିତ ରାତିରେ ସତ୍ୟନାରାୟଣ ପାତ୍ର ଓ ବାଦଲ ସ୍ୱାଇଁ ଏକ ବାଇକ୍‌ରେ ଆସି ସୁରିଆଙ୍କୁ ଗୁଳି ମାଡ କରିବା ସହ ବୋମା ମାଡ କରି ଘଟଣା ସ୍ଥଳରୁ କିଛି ସମୟ ପାଇଁ ଖସି ଗଲେ। ପୁଣି ସେଠାକୁ ଆସି ବାର ଉପରକୁ ଠେଲା ପଥର ମାଡ କଲେ। କଣ ପାଇଁ ସେମାନେ ଏପରି କଲେ, ବାର କର୍ମଚାରୀ କିମ୍ବା ସିକ୍ୟୁରିଟି ଗାର୍ଡ କହି ପାରୁନାହାଁନ୍ତି। ବାର ଭାଙ୍ଗିରୁଜି ଛାରଖାର ହୋଇଯାଇଛି। ୨ ଅଭିଯୁକ୍ତଙ୍କ ନାରେ ଭୁବନେଶ୍ୱର ବଡ ବଡ ଥାନା ସମେତ ମାମଲା ଅଛି। ୨ ଅଭିଯୁକ୍ତ ଏପରି କରୁଥିବା ବେଳେ ସେଠାରେ ଥିବା କର୍ମଚାରୀ, ସିକ୍ୟୁରିଟି ତାଙ୍କୁ ମୁକାବିଲା କରିପାରିନଥିଲେ। ସେ ଦୁହେଁ ଘଟଣା ସ୍ଥଳରୁ ଖସିଯିବା ପରେ କର୍ମଚାରୀମାନେ ମାଲିକଙ୍କୁ ଖବର କରିବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚିଥିଲେ। ପୋଲିସ ଘଟଣା ସ୍ଥଳରୁ ନମୁନା ସଂଗ୍ରହ କରିଛି। ଆହତ ବାଉନ୍ସରଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ୍ ନିଆଯିବା ସହ ଘଟଣାର ତଦନ୍ତ ଜାରି ରହିଛି।

ବାର ଖୋଲିବା ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଧାରିତ ସମୟ ଧାର୍ଯ୍ୟ ହୋଇଥିବା ବେଳେ ତାହାକୁ କେହି ମାନୁନାହାଁନ୍ତି। ଏହି କସ୍‌ମୋସ୍ ବାର ରାତି ତମାମ୍ ଖୋଲା ରୁହେ। କର୍ମଚାରୀମାନେ ଏହାକୁ ନାଇଟ୍ କ୍ଲବ୍ କହୁଛନ୍ତି। ସେଥିପାଇଁ ସରକାରଙ୍କ ପକ୍ଷରୁ ଅନୁମତି ଅଛି ନା ମନକୁ ମନ ସେମାନେ ଯାହା କହୁଛନ୍ତି ଓ କରୁଛନ୍ତି ତାହା ସହରବାସୀ ମାନି ନେବେ ? ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଲା ରହୁଥିବା ବାରଗୁଡିକରେ ପୋଲିସ ଓ ଅବକାରୀ ବାରମ୍ବାର ଚଢାଉ କରୁଥିଲେ ମଧ୍ୟ କିଛି ଲାଭ ହେଉନାହିଁ, ଯେଉଁ କଥାକୁ ସେହି କଥା। କସ୍‌ମୋସ୍ ବାର ସକାଳ ପର୍ଯ୍ୟନ୍ତ ଖୋଲା ରହିବା ସମ୍ପର୍କରେ କର୍ମଚାରୀଙ୍କୁ ପଚାରିବାରୁ ମାଲିକ ଚାହୁଁଥିବାରୁ ସମ୍ଭବ ହେଉଛି। ପୋଲିସ କୌଣସି ପଦକ୍ଷେପ ନେଉନାହିଁ, କଣ ପାଇଁ ତାହା ମାଲିକ ଓ ପୋଲିସ ଜାଣିଥିବେ। ପାଖ ଦୋକାନୀଙ୍କ କହିବା ଅନୁଯାୟୀ ପୋଲିସ ଚଢାଉ କଲେ ସକାଳ ପର୍ଯ୍ୟନ୍ତ ବାର କଦାପି ଖୋଲା ରହିବ ନାହିଁ। ମାଲିକଙ୍କ ସହ ପୋଲିସର କି ପ୍ରକାର ବୁଝାବଣା ରହୁଛି ତାହା ସେମାନେ ଜାଣିଥିବେ। ବିଳମ୍ବିତ ରାତିରେ ଗୁଳି ମାଡ ଓ ବୋମାମାଡକୁ ନେଇ ପାଖ ଲୋକମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଦୁଇ ଅଭିଯୁକ୍ତ ଗିରଫ ହେବା ପରେ ଏହି ଘଟଣାର ରହସ୍ୟ ଉନ୍ମୋଚନ ହେବ ବୋଲି ପୋଲିସ କହିଛି।

# ନିମାପଡା–ବଳଙ୍ଗା ପୂର୍ତ୍ତ ରାସ୍ତା ଶୋଚନୀୟ

## ପ୍ରତିବର୍ଷ ଖାଲଖମା ମରାମତି ଆଳରେ ଖର୍ଚ୍ଚ ହେଉଛି ଲକ୍ଷ ଲକ୍ଷ ଟଙ୍କା

ନିମାପଡା, (ସବ୍ୟୁ) : ନିମାପଡା–ବଳଙ୍ଗା ୧୪ କିମି.ପୂର୍ତ୍ତ ପିଚୁ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡିଥିବାରୁ ବିଭିନ୍ନ ଯାନବାହାନ ଚଳାଚଳ କରିବାରେ ବାଧା ସୃଷ୍ଟି ହେଉଛି। ରାସ୍ତା ସାରା ଛୋଟବଡ ଖାଲ ସୃଷ୍ଟି ହୋଇଥିବାରୁ ଉକ୍ତ ରାସ୍ତାଟି ମରଣଯନ୍ତା ପାଲଟିଛି। ଏହି ରାସ୍ତା ଉପରେ ଦୈନିକ ଶହ ଶହ ସଂଖ୍ୟାରେ ଭାରିଯାନ ଠାରୁ ଛୋଟ ବଡ ଯାନ ଚଳାଚଳ କରିଥାନ୍ତି । ତେବେ ନିମାପଡା ଠାରୁ ବଳଙ୍ଗା ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ଉକ୍ତ ପିଚୁ ରାସ୍ତାଟି ଗତ ୫ବର୍ଷରୁ ଉର୍ଦ୍ଧ୍ୱ ହେବ ସଂପୂର୍ଣ୍ଣ ଖାଲଖମାରେ ପରିପୂର୍ଣ୍ଣ ହୋଇ ପଡିଛି। ଯାନବାହାନରେ ଗଲେ ୧୪ କି.ମି ରାସ୍ତାକୁ ୨ଘଣ୍ଟା ସମୟ ଲାଗୁଛି। ବର୍ଷା ଜଳ ବଡ ବଡ ଖାଲରେ ଜମି ରହିବା ଯୋଗୁଁ ବାଇକ ଓ ଅଟୋଚାଳକ ଖାଲରେ ପଡି ଆହତ ହେଉଛନ୍ତି। ରାସ୍ତା ଖରାପ ଯୋଗୁଁ ଅକାରଣରେ ଦୁର୍ଘଟଣା ଘଟି ଧନ ଜୀବନ କ୍ଷତି ଘଟୁଛି। ନିମାପଡା– ବଳଙ୍ଗା ରାସ୍ତାଟି ପୂର୍ତ୍ତ ବିଭାଗର ଲେଉଟିଆ ଶାଗ କିଆରୀ ପାଲଟିଥିବା ନେଇ ଆଲୋଚନା ହେଉଛି । ପ୍ରତି ବର୍ଷେ,ଦୁଇ ବର୍ଷକ ଥରେ ଖାଲଖମା ମରାମତି ପାଇଁ ବିଭାଗ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି । ଠିକାଦାର ଓ ଯନ୍ତ୍ରୀଙ୍କ ସଲାସୁତରାରେ ନାମକୁ ମାତ୍ର ଖାଲରେ ପିଚୁ ଗୋଡି ପକାଇ ନିଜ ପକେଟ ଗରମ କରୁଥିବା ଏବଂ ମରାମତି ହେବାର ଦିନ କେଇଟା ପରେ ରାସ୍ତା ପୂର୍ବାବସ୍ଥା ହୋଇପଡୁଛି ବୋଲି ଅଭିଯୋଗ ହେଉଛି । ବର୍ତ୍ତମାନ ଉକ୍ତ ରାସ୍ତାରେ ଯାନବାହାନ ଚଳାଚଳ କରିବା ଅନୁପଯୋଗୀ ହୋଇପଡିଛି। ତୁରନ୍ତ ଉକ୍ତ ରାସ୍ତାକୁ ଉଚ୍ଚତା କରି କ୍ରଂକ୍ରିଟ ରାସ୍ତାରେ ପରିଣତ କରିବାକୁ ଦାବୀ ହେଉଛି । ଏସଂପର୍କରେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଶକ୍ତିବ୍ରତ ଜେନାଙ୍କୁ ପଚାରିବାରେ ଟେଣ୍ଡର ପ୍ରକ୍ରିୟା କାମ ଚାଲିଛି, ଖୁବଶୀଘ୍ର ଉକ୍ତ ରାସ୍ତା କାମ ଆରମ୍ଭ ହେବ ବୋଲି ସେ କହିଛନ୍ତି।

## ଦୁଇ ପେଷାଦାର ଲୁଟେରା ଗିରଫ, ୫୦ ଗ୍ରାମ୍ ଗହଣା ଜବତ


ଭୁବନେଶ୍ୱର, (ସବ୍ୟୁ) : ଦୁଇ ପେଷାଦାର ଲୁଟେରାଙ୍କୁ ପୋଲିସ ଗିରଫ କରିବା ସହ ତାଙ୍କ ନିକଟରୁ ପ୍ରାୟ ୫୦ ଗ୍ରାମ୍ ଗହଣା ଜବତ କରିଥିବା କହିଛି। ଦୁଇ ଲୁଟେରା ହେଲେ ଲିଙ୍ଗରାଜ ଦଲାଇ ଓରଫ ଚିଙ୍ଗିଡି (୩୦) ଓ ରାକେଶ କୁମାର ପଣ୍ଡା (୩୩) । ଦୁଇଜଣଙ୍କ ନାରେ ଭୁବନେଶ୍ୱରର ବିଭିନ୍ନ ଥାନାରେ ପ୍ରାୟ ୨୬ରୁ ଉର୍ଦ୍ଧ୍ୱ ମାମଲା ଥିବା ପୋଲିସ କହିଛି।

ମମତା ପଣ୍ଡା ଏରୋଡ୍ରମ୍ ଏରିଆ ଲେନ୍ -୨ ରେ ରୁହନ୍ତି। ଏପ୍ରିଲ୍ ୨୨ ତାରିଖ ଦିନ ମଧ୍ୟାହ୍ନ ୧୨.୩୦ ବେଳେ ସେ ଏତଲା କରିଥିଲେ ଯେ, ସେହି ଦିନ ସକାଳେ ସେ ଫୁଲ ତୋଳି ଘରକୁ ଫେରୁଥିବା ବେଳେ ଲେନ୍ -୨ ନିକଟରେ ଦୁଇଜଣ ପଲସର୍‌ରେ ଆସି ତାଙ୍କ ବେକରୁ ସୁନାହାର ଲୁଟି ନେଇଥିଲେ। ଏତଲା ଆଧାରରେ ତଦନ୍ତ କରାଯିବା ସହ ତାଙ୍କ ବେକରୁ ଲୁଟ ହୋଇଥିବା ସୁନାହାର, ଅନ୍ୟ ୫ଟି ସୁନାଚେନ୍ ଓ ଲୁଟ୍‌ରେ ବ୍ୟବହାର ହୋଇଥିବା ବାଇକ୍ ଗିରଫ ଦୁଇ ଲୁଟେରାଙ୍କ ପାଖରୁ ପୋଲିସ ଜବତ କରିଥିବା କହିଛି। ଦୁଇ ଲୁଟେରାଙ୍କୁ ଶନିବାର କୋର୍ଟ ଚାଲାଣ କରାଯିବା ପରେ ଜାମିନ୍ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇଦିଆଯାଇଛି।

## ସଞ୍ଜୟ ସିଂହ ପୂର୍ତ୍ତ ବିଭାଗ ସଚିବ

# ଯାମିନୀ ଷଡ଼ଙ୍ଗୀଙ୍କୁ ଗ୍ରାମ୍ୟ ଉନ୍ନୟନ ବିଭାଗର ଅତିରିକ୍ତ ଦାୟିତ୍ୱ

ଭୁବନେଶ୍ୱର(ସବ୍ୟୁ): ରାଜ୍ୟ ସରକାରଙ୍କ ପକ୍ଷରୁ ଶୁକ୍ରବାର ବରିଷ୍ଠ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍)ସ୍ତରରେ ଅଦଳବଦଳ କରାଯାଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରମୁଖ ସଚିବ ତଥା ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂହଙ୍କୁ ବଦଳି କରାଯାଇଛି । ଶୁକ୍ରବାର ସଞ୍ଜୟଙ୍କୁ ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ଦାୟିତ୍ୱ ସହିତ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି । ଏହା ସହିତ ପୂର୍ତ୍ତ ବିଭାଗ ପ୍ରମୁଖ ସଚିବ ବୀରବିକ୍ରମକୁ ରିଲିଭ



କରାଯାଇଛି । ସାଧାରଣ ପ୍ରଶାସନ ବିଭାଗର ବିଜ୍ଞପ୍ତି ଅନୁଯାୟୀ, ସେହିପରି ୨୦୦୮ ବ୍ୟାଚର ବରିଷ୍ଠ ଆଇଏଏସ୍ ତଥା ବାଣିଜ୍ୟ କର କମିଶନର ଓ ଅର୍ଥବିଭାଗ ସ୍ୱତନ୍ତ୍ର ସଚିବ ଯାମିନୀ ଷଡ଼ଙ୍ଗୀଙ୍କୁ ଗ୍ରାମ୍ୟ ଉନ୍ନୟନ ବିଭାଗ କମିଶନର ତଥା ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି । ସେହିଭଳି ନିର୍ମାଣ ବିଭାଗର ବର୍ତ୍ତମାନର ପ୍ରମୁଖ ସଚିବ ବୀରବିକ୍ରମ ଯାଦବକୁ ଭାରତ ସରକାରଙ୍କ କାର୍ମିକ ମନ୍ତ୍ରାଳୟର ପୂର୍ବ ନିର୍ଦ୍ଦେଶ ଅନୁଯାୟୀ ଶୁକ୍ରବାର ରିଲିଭ କରାଯାଇଛି । ବୀରବିକ୍ରମ ଆଜିଠାରୁ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ପାଣିପାଗ ବିଭାଗର ଅତିରିକ୍ତ ସଚିବ ଭାବେ କାର୍ଯ୍ୟ ନିର୍ବାହ କରିବେ ।

## ରାଷ୍ଟ୍ରୀୟ ଲୋକ ଅଦାଲତ

# ୧ଲକ୍ଷ ୯୨ ହଜାର ମାମଲାର ସମାଧାନ ୧୩୦ କୋଟି ୮୦ ଲକ୍ଷ ଆଦାୟ ନିର୍ଦ୍ଦେଶ



କଟକ,(ସବ୍ୟୁ): ରାଜ୍ୟର ଆଜି ବିଭିନ୍ନ ଅଦାଲତରେ ଅନୁଷ୍ଠିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ମୋଟ୍ ୧ଲକ୍ଷ ୯୨ ହଜାର ୩ଟି ମାମଲାର ସମାଧାନ ହୋଇଛି । ଏ ବାବଦରେ ବିଭିନ୍ନ ପକ୍ଷଙ୍କୁ ୧୩୦ କୋଟି ୮୦ ଲକ୍ଷ ୨୮ ହଜାର ୧୨୬ ଟଙ୍କା କ୍ଷତିପୂରଣ ପ୍ରଦାନ ଲାଗି ନିର୍ଦ୍ଦେଶ ଦିଆଯାଇଛିଛ ଏଥିରେ ୬ ହଜାର ୬୩୪ଟି ପ୍ରାକ୍ ବିବାଦୀୟ ଏବଂ ୧ଲକ୍ଷ ୮୫ ହଜାର ୩୬୯ଟି ଅନ୍ୟାନ୍ୟ ମାମଲାର ସମାଧାନ ହୋଇପାରିଛି ।

ରାଜ୍ୟ ଆଇନସେବା ପ୍ରାଧିକରଣର ପାର୍ଟନ-ଇନ୍-ଚିଫ୍ ତଥା ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ରାଜ୍ୟ ଆଇନସେବା ପ୍ରାଧିକରଣର କାର୍ଯ୍ୟକାରୀ ଅଧକ୍ଷ ଜଷ୍ଟିସ୍ ସଙ୍ଗମ କୁମାର ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ରାଜ୍ୟର ୩୦ଟି ଜିଲ୍ଲା ଅଦାଲତ ସମେତ ଡେବିଟ୍ ରିକଭରି ଟ୍ରିବ୍ୟୁନାଲ, ରାଜ୍ୟ ଉପଭୋକ୍ତା ବିବାଦ ସମାଧାନ କମିସନ, ଶିଳ୍ପ ଟ୍ରିବ୍ୟୁନାଲ ଆଦିରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା । ଏଥିରେ ୨୬୬ଟି କ୍ରିମିନାଲ କମ୍ପାଉଁଡେବୁଲ ମାମଲା ଥିଲାବେଳେ ୯୮୧ଟି ଏନ.ଆଇ ମାମଲା, ୪୫୨ଟି ଅର୍ଥ ଆଦାୟ ମାମଲା, ୫୯୭ଟି ମୋଟର ଦୁର୍ଘଟଣା ମାମଲା, ୨୦ଟି ଶ୍ରମ ବିବାଦ ମାମଲା, ପାଣି ଏବଂ ବିଦ୍ୟୁତ୍ ବିଲ୍ ସଂକ୍ରାନ୍ତ ୧୧ଟି ମାମଲା, ୪୭୫ଟି ପାରିବାରିକ ବିବାଦ ମାମଲା, ୮ଟି ଜମି ଅଧିଗ୍ରହଣ ମାମଲା, ୧ଲକ୍ଷ ୬୯ ହଜାର ୩୮୨ଟି ରାଜସ୍ୱ ସଂକ୍ରାନ୍ତ ମାମଲା, ୧୬ଟି ଉପଭୋକ୍ତା ସମସ୍ୟା ସମାଧାନ ମାମଲା, ୧୫୧୮ଟି ଦେୱାନୀ ମାମଲା, ୧୧ ହଜାର ୬୩୨ଟି ଫୌଜଦାରୀ ମାମଲା, ୬ଟି ଡେବ୍ଟ ରିକଭରି ଟ୍ରିବ୍ୟୁନାଲ ମାମଲା, ୫ଟି ଉପଭୋକ୍ତ ମାମଲାର ସମାଧାନ ହୋଇପାରିଛି ।

## ମହାବୀର ହନୁମାନ ଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଧର୍ମଶାଳା,(ସବ୍ୟୁ) :ଧର୍ମଶାଳା ବ୍ଲକ ଅରାବଳ ପଂଚାୟତ ନିକଟସ୍ଥ ଜନକ ଗ୍ରାମରେ ଶୁକ୍ରବାର ପୂର୍ବାହ୍ନରେ ମହାବୀର ହନୁମାନ ଦେବଙ୍କ ମନ୍ଦିର ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ବିଜେପି ଯୁବନେତା ଅରବିନ୍ଦ ଜେନା ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସରେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାବୀର ହନୁମାନ ମନ୍ଦିରରେ ପୁଷ୍ପାଞ୍ଜଳି ଅର୍ପଣ କରି ବିଭୁକୃପା ଲାଭ କରିଥିଲେ। ଆଜି ସକାଳେ କଳସ ଶୋଭାଯାତ୍ରା ସହ ସୂର୍ଯ୍ୟପୂଜା କରାଯାଇଥିଲା। ରିତିନୀତି ଅନୁଯାୟୀ ମହାବୀର ହନୁମାନ ଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ସହ ବିଗ୍ରହ ସ୍ଥାପନ କରାଯାଇଥିଲା।ଏହି ଉତ୍ସବରେ ବହୁ ସାଧୁସନ୍ଥ ଯୋଗଦେଇଥିଲେ। ସମାଜସେବୀସତ୍ୟବ୍ରତ ଜେନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଉତ୍ସବର ବିଭିନ୍ନ ବିଭିନ୍ନ ପଂଚାୟତରୁ ହଜାର ହଜାର ଶ୍ରଦ୍ଧାଳୁ ମାନେ ଆସି ହନୁମାନ ଦେବଙ୍କ ଦର୍ଶନ କରିବା ସହ କୃପାଲାଭ କରିଥିଲେ। ସଂଧ୍ୟାରେ ମନ୍ଦିର ପରିଶରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସଂଧ୍ୟା ଅନୁଷ୍ଠିତ ହୋଇଥିଲା।

केंद्रीय पेट्रोरसायन इंजीनियरिंग और प्रौद्योगिकी संस्थान
CENTRAL INSTITUTE OF PETROCHEMICALS ENGINEERING & TECHNOLOGY (CIPET)-IPT
Department of Chemicals & Petrochemicals, Ministry of Chemicals & Fertilizers, Govt of India
B/25, CNIC, Patia, Bhubaneswar, Odisha 751024, E-mail: bhubaneswar@cipet.gov.in, www.cipet.gov.in

ADMISSIONS - 2025

CIPET: IPT Bhubaneswar, Govt. of India a premier national institution invites online applications for admission in following Under Graduate and Post Graduate programs in Engineering and Science for the Academic Year 2025-26.

| PROGRAMME | QUALIFICATION | DURATION |
| --- | --- | --- |
| B.Tech. (Plastics Engineering)<br>B.Tech. (Manufacturing Engineering & Technology) (Equivalent to Production Engg.) | 12th Science pass with minimum 45% mark (40% mark for SC/ST category) in aggregate with Mathematics, Physics and one more subject. | 4 Years |
| Int. M.Sc. (B.Sc. + M.Sc.) (Material Science and Engineering) | 12th Science pass with minimum 45% mark (40% mark for SC/ST category) in aggregate with Mathematics, Physics and one more subject. | 5 Years |
| Lateral Entry for B. Tech (Plastics Engineering)<br>Lateral Entry for B. Tech. (Manufacturing Engineering & Technology) | Passed Diploma with minimum 45% mark (40% mark for SC/ST category) from any branch. or Passed B.Sc. degree with minimum 45% mark (40% mark for SC/ST category) and passed 10+2 examination with Mathematics as a subject. | 3 Years |
| M.Sc. (Polymer Science) | Any B.Sc. degree with Chemistry as one of the subject. | 2 Years |
| M.Tech. (Plastics Engineering)<br>M.Tech. (Polymer Nanotechnology) | Passed B. Tech in Plastics Engineering or Tech. / Mechanical Engg. / Production Engg./ Polymer Engg. / Chemical Engg. / Manufacturing Engg. / Metallurgical Engg. / Materials Sc. & Engg. / Rubber & Plastcs Tech. / Textile Engg./M.Sc. in Polymer Science / Polymer Chemistry / Polymer Physics / Biopolymer Science / Chemistry / Applied Chemistry. with minimum 50% mark (45% mark for SC/ST category) | 2 Years |

Excellent Placement Track Record

Candidates may apply through the link : https://forms.gle/nUbAXmQFSfpeqe9e8
Last date for filling online application : 26.05.2025
Date of CIPET-Joint Entrance Examination : 30.05.2025
Please visit our website : www.cipet.gov.in for detailed information for Admission
Contact: 8144919800/ 8170044113/ 9348795434
Scan Me

# ଚୌଦ୍ୱାର କଟକ ବିଜେପି ପକ୍ଷରୁ ସକ୍ରିୟ ସଦସ୍ୟ ସମ୍ମିଳନୀ

କଟକ, (ସ୍ୱପ୍ର): ସ୍ଥାନୀୟ ଶିଖରପୁର ପୂଜା ମଣ୍ଡପରେ ଚୌଦ୍ୱାର କଟକ ବିଜେପି ପକ୍ଷରୁ ସକ୍ରିୟ ସଦସ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପ୍ରଥମେ



ବାଲାକୋଟରେ ମୃତାହତଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଚୌଦ୍ୱାର କଟକର ପର୍ଯ୍ୟବେକ୍ଷକ କଟକ ଜିଲ୍ଲା ସାଧାରଣ ସମ୍ପାଦକ ବିଶ୍ୱରଂଜନ ମିଶ୍ର ସକ୍ରିୟ ସଦସ୍ୟତା ଉପରେ ତାଙ୍କ ବକ୍ତବ୍ୟ ରଖିଥିଲେ। ପରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନୟନ କିଶୋର ମହାନ୍ତି ଦଳର ସାଙ୍ଗଠନିକ ସ୍ଥିତି ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ଦଳକୁ ମଜବୁତ କରିବା ପାଇଁ ସାତଟା ମଣ୍ଡଳ ସଭାପତିଙ୍କୁ ନିବେଦନ କରିଥିଲେ। ସକ୍ରିୟ ସଦସ୍ୟ ମାନଙ୍କୁ ମଧ୍ୟ ସକ୍ରିୟ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ଭାଗିରଥି ଦଳାଇ ମଞ୍ଚ ପରିଚାଳନା କରିଥିଲେ । ମୁନୀନ୍ଦ୍ର ଭୋଳ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କର୍ପୋରେଟର ଗୋପାଳ ବେହେରା, ଦୀପକ ଦାସ, ସୁଜାତା ସାହୁ, ବରିଷ୍ଠ ବିଜେପି ନେତା ବୈରାଗୀ ପ୍ରଧାନ, ମହେନ୍ଦ୍ର ମହାନ୍ତି, ବୈଦେଶ୍ୱର ପଣ୍ଡା, ମଣ୍ଡଳ ସଭାପତି ସୁରଥ ରାଉତ, ଅନୀଲ ଦଳାଇ, ଧିର ପ୍ରସାଦ ମହାନ୍ତି, ଜ୍ୟୋତି ରଞ୍ଜନ ରାୟ, ନିକୁଞ୍ଜ ବିହାରୀ କାନୁନଗୋ, ମିତାଲି ଦାସ, ହରିପ୍ରିୟା ଧଳ, ଗୌରାଙ୍ଗ ଭୂୟାଁ, ବିଶ୍ୱରାଜ ବିଶ୍ୱାଳ, ବିଶ୍ୱଜିତ ଦାସ, ତନୁଶ୍ରୀ ମହାନ୍ତି, ପୃଥ୍ୱୀରାଜ ସ୍ବାଇଁ, ସ୍ୱର୍ଣ୍ଣଲତା ବେହେରା, ଅଜୟ ବେହେରା ପ୍ରମୁଖ ଶତାଧିକ ସକ୍ରିୟ ସଦସ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ରାଜ୍ୟରେ ଖୁବଶୀଘ୍ର ଆରମ୍ଭ ହେବ ମହିଳା ଫାଷ୍ଟଟ୍ରାକ୍ କୋର୍ଟ : ଆଇନମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ମହିଳାଙ୍କ ଉପରେ ନିର୍ଯାତନା, ଅପରାଧ ଏବଂ ଘରୋଇ ହିଂସା ଜନିତ ମାମଲାଗୁଡ଼ିକର ତଦନ୍ତ କରି ତ୍ୱରିତ ନ୍ୟାୟ ପ୍ରଦାନ କରିବା ଲକ୍ଷ୍ୟରେ ରାଜ୍ୟରେ ଖୁବ୍ ଶୀଘ୍ର ୫ଟି ମହିଳା ଫାଷ୍ଟଟ୍ରାକ୍ କୋର୍ଟ ଆରମ୍ଭ କରାଯିବ ବୋଲି ରାଜ୍ୟ ଆଇନ୍, ପୂର୍ତ୍ତ ଏବଂ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଏହି ଫାଷ୍ଟଟ୍ରାକ୍ କୋର୍ଟଗୁଡ଼ିକ ଏକ ମାସ ମଧ୍ୟରେ ମାମଲାର ଶୁଣାଣି କରି ମହିଳାଙ୍କୁ ନ୍ୟାୟ ପ୍ରଦାନ କରିବେ ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି । ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଫରେନ୍‌ସିକ୍ ମେଡିସିନ୍ ଆଣ୍ଡ ଟକ୍ସିକୋଲଜି ବିଭାଗ ଏବଂ ଇଣ୍ଡିଆନ୍ ଏକାଡେମି ଅଫ୍ ଫରେନ୍‌ସିକ୍ ମେଡିସିନ୍ (ଆଇଏଏଫଏମ୍)ର ରାଜ୍ୟ ଶାଖା ପକ୍ଷରୁ ମିଳିତ ଭାବେ ଆୟୋଜିତ ମେଡିକୋ-ଲିଗାଲ ସୋସାଇଟି ଅଫ୍ ଓଡ଼ିଶା (ଏମ୍‌ଏଲଏସ୍‌ଓ)ର ୪୩ତମ ବାର୍ଷିକ ସମ୍ମିଳନୀ 'ଏମ୍‌ଇଏଲ୍‌ଇଏସ ଓସିଓଏନ୍ ୨୦୨୫' କାର୍ଯ୍ୟକ୍ରମରେ ମୁଖ୍ୟ



ଅତିଥି ଭାବେ ଯୋଗ ଦେଇ ଶ୍ରୀ ହରିଚନ୍ଦନ ଏହି ସୂଚନା ଦେଇଛନ୍ତି । ଶ୍ରୀ ହରିଚନ୍ଦନ କହିଥିଲେ ଯେ ଅପରାଧର ତଦନ୍ତ, ଅପରାଧୀଙ୍କୁ ଦଣ୍ଡ ଏବଂ ନ୍ୟାୟ ପ୍ରଦାନ କରିବାରେ ଫରେନ୍‌ସିକ୍ ସାଇନ୍ସର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ବିଭିନ୍ନ ଥାନାଗୁଡ଼ିକରେ କର୍ତ୍ତବ୍ୟରତ ତଦନ୍ତକାରୀ ଅଫିସରମାନେ ମେଡିକୋ-ଲିଗାଲ ପାଠ୍ୟ ସମ୍ପର୍କିତ ଜ୍ଞାନ ଆହରଣ କରିବା ଉଚିତ୍ । ସେମାନେ ତଦନ୍ତ ନିମନ୍ତେ ଫରେନ୍‌ସିକ୍ ସାଇନ୍ସ ସମ୍ପର୍କିତ ଅତ୍ୟାଧୁନିକ ବୈଷୟିକ ଜ୍ଞାନ କୌଶଳ ଶିକ୍ଷା ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ । ଏହି ପରିପ୍ରେକ୍ଷୀରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ ଭଳି ଏକ ଅଗ୍ରଣୀ ଡାକ୍ତରୀ ଶିକ୍ଷାନୁଷ୍ଠାନ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିବା ପ୍ରଶଂସନୀୟ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ସୋଆର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ପଦ୍ମଶ୍ରୀ ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ହସ୍ପିଟାଲ୍‌ରେ ଫରେନ୍‌ସିକ୍ ସାଇନ୍ସର ଗୁରୁତ୍ୱ ସମ୍ପର୍କରେ ତଥ୍ୟ ଉପସ୍ଥାପନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍କରାଜ ସାମନ୍ତସିଂହାର ଏହି ସମ୍ମିଳନୀର ଥିମ୍ 'ଫରେନ୍‌ସିକ୍ ଫ୍ରନ୍‌ଟିୟର୍ସ: ଏନସିୟୁଅରିଂ ମ୍ୟାଟରନାଲ, ଚାଇଲ୍ଡ ଆଣ୍ଡ ଟ୍ରାନ୍ସଜେଣ୍ଡର ହେଲ୍‌ଥ ଫର ସୋସିଆଲ୍ ଜଷ୍ଟିସ୍' ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ଓଡ଼ିଶାର ଆଡିସ୍‌ନାଲ୍ ଡିଏମ୍‌ଇଟି ତଥା ଏମ୍‌ଏଲଏସ୍‌ଓର ସଭାପତି ପ୍ରଫେସର ବ୍ରଜ କିଶୋର ଦାସ ବକ୍ତବ୍ୟ ରଖିଥିବା ବେଳେ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ ଭୁବନେଶ୍ୱରର ଫରେନ୍‌ସିକ୍ ମେଡିସିନ୍ ଆଣ୍ଡ ଟକ୍ସିକୋଲଜି ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) କୁନାଲ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ, ଫୁଲନଖରାର ଫରେନ୍‌ସିକ୍ ମେଡିସିନ୍ ଆଣ୍ଡ ଟକ୍ସିକୋଲଜି ବିଭାଗର ମୁଖ୍ୟ ଡାକ୍ତର ଅଙ୍କିତା ମିତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଶ୍ରୀମନ୍ଦିର ସମେତ ପୁରୀରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି : ଏସ୍‌ପି

ପୁରୀ (ସବ୍ୟୁ): ଭାରତ ପାକିସ୍ଥାନ ମଧ୍ୟରେ ଦେଖା ଦେଇ ଥିବା ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିକୁ ନେଇ ପୁରୀରେ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରା ଯାଇଛି । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଶ୍ରୀମନ୍ଦିର ଭିତର ଓ ବାହାର ସୁରକ୍ଷା ବ୍ୟବସ୍ଥାକୁ ଅଧିକ ପ୍ରାଧାନ୍ୟତା ଓ କଡ଼ା କଡ଼ି କରା ଯାଇଛି । ଶ୍ରୀମନ୍ଦିର ଚାରି ଦ୍ୱାର ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ା କଡ଼ି କରା ଯାଇଛି । ଚାରି ଦ୍ୱାରରେ ସୁରକ୍ଷା ପାଇଁ ଅଧିକ ପୋଲିସ ମୃତୟନ୍ କରା ଯାଇଛିଛ କ୍ୟୁଆରଟି ଟିମ୍‌କୁ ସଜାଗ ରଖା ଯାଇଛି । ସହର ର ବିଭିନ୍ନ ସମ୍ବେଦଶୀଳ ସ୍ଥାନ ଆଦି ମାନଙ୍କରେ ଚେକିଙ୍ଗକୁ କଡ଼ା କଡ଼ି କରା ଯାଇଛି । ପୁରୀ ବସଷ୍ଟାଣ୍ଡ, ରେଳଷ୍ଟେସନ ଆଦି ସ୍ଥାନ ମାନଙ୍କରେ ସୁରକ୍ଷା ବ୍ୟବସ୍ଥା ଓ ଚେକିଙ୍ଗକୁ କଡ଼ା କଡ଼ି କରା ଯାଇଛି । ସେହିପରି ପୁରୀର ପ୍ରବେଶ ପଥ, ହରେକୃଷ୍ଣପୁର, ମଙ୍ଗଳାଘାଟ ବ୍ରିଜ ଛକ, ପୁରୀ କୋଣାର୍କ ଭୂଦାନ ଛକ ଆଦି ସ୍ଥାନ ମାନଙ୍କରେ ନାକା, ରାତ୍ରୀ ବ୍ଲକିଂ ଓ ବାହାରୁ ଆସୁଥିବା ଯାନ ବାହନ ଗୁଡିକ ପୋଲିସ ପକ୍ଷରୁ ଚେକିଂ କରା ଯାଉଛି । ସେହିପରି ପୋଲିସ ପକ୍ଷରୁ ସହରର ବିଭିନ୍ନ ହୋଟେଲ, ଲଜିଂ ଆଦି ଗୁଡିକରେ ଥିବା ପର୍ଯ୍ୟଟକ ମାନଙ୍କ ପରିଚୟ ପତ୍ର ଆଦି କଡ଼ା କଡ଼ି ଯାଞ୍ଚ କରାଯାଇଛି ।

## ଶାରୀରିକ ସମ୍ପର୍କ ରଖି ବିବାହ ନକରିବାରୁ ବଏଫ୍ରେଣ୍ଡ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଶାରୀରିକ ସମ୍ପର୍କ ରଖି ବିବାହ କରିବାକୁ ମନା କରିଦେବାରୁ ଅଭିଯୋଗକାରିଣୀଙ୍କ ବଏଫ୍ରେଣ୍ଡକୁ ମହିଳା ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

୨୦୧୮ ମହିହାରେ ଅଭିଯୋଗକାରିଣୀ ଭୁବନେଶ୍ୱର ଏକ ସଂସ୍ଥାରେ ଚାକିରି କରୁଥିବା ବେଳେ ସେହି ସଂସ୍ଥାରେ ଚାକିରି କରୁଥିବା ଦେବବ୍ରତ ମିଶ୍ର(୩୬) ଙ୍କ ସହ ଚିହ୍ନା ହୋଇଥିଲା। ସେହି ବର୍ଷ ନଭେମ୍ବର ୧୪ ତାରିଖ ଦିନ ଉଭୟେ ପୁରୀ ବୁଲିବାକୁ ଯାଇଥିଲେ। ପୁରୀରେ ଅଭିଯୁକ୍ତ ଅଭିଯୋଗକାରିଣୀଙ୍କୁ ବିବାହ କରିବାକୁ ପ୍ରସ୍ତାବ ଦେଇଥିଲା। ଯାହାକୁ ଅଭିଯୋଗକାରିଣୀ ପ୍ରତ୍ୟାଖାନ କରିଦେଇଥିବା ପୋଲିସ କହିଛି। ଏହାପରେ ଅଭିଯୋଗକାରିଣୀ ଅଭିଯୁକ୍ତଠାରୁ ଦୁରେଇ ଯାଇଥିଲା। ଏହା ଦେଖି ଅଭିଯୁକ୍ତ ଅଭିଯୋଗକାରିଣୀଙ୍କୁ କ୍ଷମା ମାଗିବା ସହ ଦୁହିଁଙ୍କ ମଧ୍ୟରେ ବୁଝାବଣା ହୋଇଥିଲା। ଏହି ସୁଯୋଗରେ ୨୦୧୯ ମସିହା ମାର୍ଚ୍ଚ ୧୯ ତାରିଖରେ ରାତ୍ରି ଭୋଜନ ପାଇଁ ଅଭିଯୋଗକାରିଣୀଙ୍କୁ ପଟିଆଠାରେ ଥିବା ଏକ ହୋଟେଲକୁ ଡାକି ଥିଲା। ଅଭିଯୁକ୍ତ। ସେଠାରେ ଉଭୟେ ବିବାହ ପାଇଁ କଥାବାର୍ତ୍ତା ହେବା ପରେ ଶାରିରୀକ ସମ୍ପର୍କ ପାଇଁ ଅଭିଯୋଗକାରିଣୀ ରାଜି ହୋଇଥିଲେ। ଏହାପରେ ଅଭିଯୁକ୍ତଙ୍କୁ ଅଭିଯୋଗକାରିଣୀ ବିବାହ କରିବା ପାଇଁ ପଚାରିବାରୁ ସେ ରୋକ୍‌ଠୋକ୍ ମନା କରିଥିଲା। କେବଳ ମନା କରିନଥିଲା ଗାଳି ଗୁଲଜ କରି ବିଭିନ୍ନ ପ୍ରକାର ଧମକ ଚମକ ଦେଇଥିବା ଅଭିଯୋଗକାରିଣୀ ତାଙ୍କ ଅଭିଯୋଗରେ ଲେଖିଥିବା ମହିଳା ଥାନା କହିଛି। ଏତଲାକୁ ଭିତ୍ତି କରି ମହିଳା ଥାନା ପୋଲିସ ଦେବବ୍ରତକୁ ଗିରଫ କରି ଘଟଣା ସମ୍ପର୍କରେ ପଚରାଉଚରା କରିବାପରେ ତାକୁ ଶନିବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ୍ ନାମଞ୍ଜୁର ହୋଇଯିବାରୁ ଜେଲ୍ ହାଜତ ପଠାଇଦିଆଯାଇଛି। ଦେବବ୍ରତ ଘର କେନ୍ଦ୍ରାପଡା ଜିଲ୍ଲା ଆମ୍ବୁରା ଗ୍ରାମରେ ହୋଇଥିବାବେଳେ ସେ ନିଆଳି ପୁବ୍‌ଖଣ୍ଡାରେ ରୁହେ ବୋଲି ପୋଲିସ କହିଛି।

## ୭୨ ଗ୍ରାମ୍ ବ୍ରାଉନସୁଗର୍ ଜବତ : ଜଣେ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ସ୍ଥାନୀୟ ଗୁରୁଜଙ୍ଗ ଅଞ୍ଚଳରୁ ଅବକାରୀ ଟିମ୍ ୭୨ଗ୍ରାମ୍ ବ୍ରାଉନସୁଗର ଜବତ କରିଛି । ଏହି ଘଟଣାରେ ଅବକାରୀ ଟିମ୍ ଜଣଙ୍କୁ ଗିରଫ କରିବା ସହ ତାଙ୍କ ର ଏକ ପଲସର୍ ଗାଡି କୁ ଜବତ କରିଛି । ଗିରଫଜଣକ ହେଲେ ଗୁରୁଜଙ୍ଗ ର ସୁମନ୍ତ କୁମାର ବାରିକ ଓରଫ୍ ଗୋଧି (୩୩) । ଜବତ ବ୍ରାଉନସୁଗାର ମୂଲ୍ୟ ୭ଲକ୍ଷ ରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି କୁହାଯାଉଛି । ସୁମନ୍ତ ଉକ୍ତ ଅଂଚଳରେ ବ୍ରାଉନସୁଗର କାରବାର କରୁଥିବା ଖବର ପାଇ



ଅବକାରୀ ସୁପରିଟେଣ୍ଡ ସୁମତୀ ତ୍ରୀପାଠୀଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ସେଠାରେ ଚଢାଉ କରିଥିଲେ । ଚଢାଉ ବେଳେ ସୁମନ୍ତ ଖସିବାକୁ ଉଦ୍ୟମ କଲାବେଳେ ତାକୁ କାବୁ କରିନେଇଥିଲେ ଟିମ୍ ।

# ଜମି ଦେବାକୁ କହି ୧୨ ଲକ୍ଷ ଠକେଇ

## ଶାରଳା ରିଅଲ୍‌କନ୍ ମାଲିକ ଗିରଫ



ଭୁବନେଶ୍ୱର, (ସବ୍ୟୁ) : ଜମି ଦେବାକୁ କହି ୧୨ ଲକ୍ଷ ଟଙ୍କା ନେବା ପରେ ଜମି ନଦେବାରୁ ଗୌରାଙ୍ଗ ସେନାପତିଙ୍କ ଏତଲା ଆଧାରରେ ସହୀଦନଗର ଥାନା ପୋଲିସ ଶାରଳା ରିଅଲ୍‌କନ୍ ମାଲିକ ଗୟାଧର ଜେନା (୫୪)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏତଲାକାରୀଙ୍କୁ ଏକ ଜମି ଦେଖାଇବା ପରେ ମୂଲ୍ୟ ୧୨ ଲକ୍ଷ ଟଙ୍କା ହେବ ବୋଲି ରିଅଲ୍‌କନ୍ ମାଲିକ କହିଥିଲା। ୩୦ ହଜାର ନଗଦ ଟଙ୍କା ଦେବା ପରେ ଅବଶିଷ୍ଟ ୧୧ ଲକ୍ଷ ୭୦ ହଜାର ଟଙ୍କା ପର୍ଯ୍ୟାୟକ୍ରମେ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ଟ୍ରାନ୍ସପର୍ କରିଥିବା ଏତଲାରେ ଲେଖିବା ସହ ପ୍ରମାଣ ମଧ୍ୟ ଦେଇଥିଲେ। ସମସ୍ତ ଟଙ୍କା ନେଇ ସାରିବା ପରେ ଅଭିଯୁକ୍ତ ଗୟାଧର ଅଭିଯୋଗକାରୀଙ୍କ ସହ ଏକ ଚୁକ୍ତି କରିଥିଲା।

ଟଙ୍କା ନେବାର ଅନେକ ଦିନ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତ ଅଭିଯୋଗକାରୀଙ୍କ ନାମରେ କୌଣସି ଜମି ପଞ୍ଜିକରଣ କରାଇନଥିଲେ। ଉଭୟଙ୍କ ମଧ୍ୟରେ କଳିଝଗଡା ହେବାରୁ ଗୟାଧର ଏତଲାକାରୀ ଗୌରାଙ୍ଗଙ୍କୁ ଧମକଚମକ ଦେଇଥିବା ସେ କହିଛନ୍ତି। ଉପାୟଶୂନ୍ୟ ହୋଇ ଗୌରାଙ୍ଗ ସହୀଦନଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତ ଗୟାଧରକୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିବା ପରେ ଜାମିନ୍ ନାମଞ୍ଜର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି।

## ୱଣ୍ଡରଲା ପକ୍ଷରୁ ମାତୃତ୍ୱ ଦିବସ , ମା'ମାନଙ୍କୁ ମାଗଣା ପ୍ରବେଶ ସୁବିଧା

ଭୁବନେଶ୍ୱର, (ସବ୍ୟୁ) : ୱଣ୍ଡରଲା ହଲିଡେଜ୍ ଲିମିଟେଡ୍ ଚଳିତ ମାତୃତ୍ୱ ଦିବସରେ ଏହାର ସମସ୍ତ ଆମ୍ୟୁଜମେଣ୍ଟ ପାର୍କରେ ମା'ମାନଙ୍କ ପାଇଁ ମାଗଣା ପ୍ରବେଶ ପ୍ରଦାନ କରୁଛି ଏବଂ ମିଳିତ ଅନୁଭୂତି ପାଇଁ ପାରମ୍ପରିକ ଉପହାର ବାଣ୍ଟିବାକୁ ପରିବାରଗୁଡ଼ିକୁ ଆମନ୍ତ୍ରଣ କରୁଛି । ୨୦୨୫ ମଇ ୧୦ ଓ ୧୧ ତାରିଖରେ ମା'ମାନେ ସେମାନଙ୍କ ପିଲାମାନଙ୍କ ସହ କୋଚି, ବେଙ୍ଗାଲୁରୁ, ହାଇଦ୍ରାବାଦ ଏବଂ ଭୁବନେଶ୍ୱରର ୱଣ୍ଡରଲା ପାର୍କରେ ଏକ ସୀମିତ ଅଫର ଅଧୀନରେ ମାଗଣା ସୁବିଧା ପାଇବେ । ଏକ ସଂସ୍କୃତି, ଯେଉଁଠାରେ ଉତ୍ସବର ଅର୍ଥ ପ୍ରାୟତଃ କାହାକୁ କିଛି ଦେବା କୁ ହୋଇଥାଏ । ଏହି ପଦକ୍ଷେପ ଲୋକମାନଙ୍କୁ ସେମାନଙ୍କ ସହିତ କିଛି ଉପହାର ଦେବାକୁ ଅନୁରୋଧ କରୁଛି । ତାହା ହେଉଛି ସମୟ । ଏହି ଅଫର ଅନଲାଇନରେ ଅତି କମରେ ଗୋଟିଏ ପିଲା ସମେତ ସର୍ବନିମ୍ନ ତିନୋଟି ଟିକେଟ ବୁକିଂ କରୁଥିବା ପରିବାର ପାଇଁ ଲାଗୁ ହେବ, ଯେଉଁଥିରେ ମା'ଙ୍କୁ ମାଗଣା ପ୍ରବେଶ ସୁବିଧା ପ୍ରଦାନ କରାଯିବ । ଏହା ଟିକେଟ ଏବଂ ଭୋଜନ କମ୍ବୋରେ ମଧ୍ୟ ବୈଧ ଅଟେ ଯାହା ଏହାକୁ ପୂରା ଦିନର ଭ୍ରମଣ ପାଇଁ ଏକ ସୁବିଧାଜନକ ବିକଳ୍ପରେ ପରିଣତ କରିଛି । ଏହି ଅଫର କେବଳ ଅନଲାଇନ୍ ବୁକିଂ ଉପରେ ଉପଲବ୍ଧ ।

ମାଗଣା ପ୍ରବେଶ ଅଭିଯାନକୁ ସମର୍ଥନ କରିବା ପାଇଁ, ୱଣ୍ଡରଲା ଏହାର ସମସ୍ତ ପାର୍କରେ ସମ୍ପର୍କ, ଉଲ୍ଲାସ ଏବଂ ଆନନ୍ଦର ସ୍ପର୍ଶରେ ପରିପୂର୍ଣ୍ଣ ମାତତ୍ୱ ଦିବସକୁ ଏକ ଆନନ୍ଦଦାୟକ ଉତ୍ସବରେ ପରିଣତ କରୁଛି । ଉତ୍ସାହଜନକ 'ମମ୍ ଆଣ୍ଡ ମିଓ ଗେମ୍ ଏବଂ ଜୁମ୍ବା ଅଧିବେଶନଠାରୁ ଆରମ୍ଭ କରି କେକ୍ ସଜ୍ଜା କାର୍ଯ୍ୟକଳାପ ଏବଂ ଲାଇଭ ମନୋରଂଜନ କାର୍ଯ୍ୟକ୍ରମ ପର୍ଯ୍ୟନ୍ତ, ପ୍ରତ୍ୟେକ ପାର୍କ ପରିବାରକୁ ଏକାଠି ଉତ୍ସବ ପାଳନ କରିବାର ଅନନ୍ୟ ଉପାୟ ପ୍ରଦାନ କରୁଛି । ବଛାବଛା ପାର୍କରେ ଅଂଶଗ୍ରହଣକାରୀ ମା'ମାନଙ୍କ ପାଇଁ ମସାଜ୍ ଚେୟାର ଏବଂ ମାଛ ସ୍ପା ଅନୁଭୂତି ସହିତ ଲାଡର ଜୋନ୍ ମଧ୍ୟ ରହିବ ଏବଂ ଥିମ୍ ପ୍ରତିଯୋଗିତାର ବିଜେତାମାନେ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ବୁଫେ ଉପଭୋଗ କରିବାର ସୁଯୋଗ ପାଇବେ । ପିଲାମାନେ ନିଜ ମା'ଙ୍କ ପାଇଁ କେକ୍ ତିଆରି ହେଉ କିମ୍ବା ବନ୍ଧୁତ୍ୱପୂର୍ଣ୍ଣ ଆହ୍ୱାନ ସମୟରେ ହସ ବାଣ୍ଟିବା ସହ, ଏହି ମୁହୂର୍ତ୍ତଗୁଡ଼ିକ ମାତୃତ୍ୱର ମମତାକୁ ଦୈନନ୍ଦିନ ଯାହାକି ସମ୍ମାନ ଦେବା ପାଇଁ ପ୍ରସ୍ତୁତ କରାଯାଇଛି ଯାହା ପରିବାରକୁ ମନେ ପକାଇଦିଏ ଯେ ଶ୍ରେଷ୍ଠ ସ୍ମୃତି ତିଆରି ହୋଇଥାଏ, ଉପହାରରେ ମିଳି ନଥାଏ ।

# ଜମ୍ମୁରୁ ଓଡ଼ିଶା ଫେରିଲେ ଓଡ଼ିଆ ଛାତ୍ରଛାତ୍ରୀ




ଭୁବନେଶ୍ୱର(ସବ୍ୟୁ): ଓଡ଼ିଆ ଛାତ୍ରଛାତ୍ରୀମାନେ ଜମ୍ମୁରୁ ଆସି ଆଜି(ଶନିବାର) ଭୁବନେଶ୍ୱର ରେଳଷ୍ଟେସନ୍‌ରେ ପହଞ୍ଚିଛନ୍ତି । ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧିନସ୍ଥ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ଏବଂ ବାଣିଜ୍ୟ ଓ ପରିବହନ ବିଭାଗରେ କାର୍ଯ୍ୟରତ ଅଧିକାରୀମାନେ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିଥିଲେ । ଛାତ୍ରଛାତ୍ରୀଙ୍କୁ ଖାଦ୍ୟ, ପାନୀୟ ଜଳ ଆଦି ଯୋଗାଇ ଦିଆଯିବା ସହିତ ସେମାନେ ଯେପରି ନିଜନିଜ ଘରେ ସୁରକ୍ଷିତ ଭାବରେ ପହଞ୍ଚିପାରିବେ ତାହାର ବନ୍ଦୋବସ୍ତ ମଧ୍ୟ କରାଯାଇଛି ।

ସୂଚନାଯୋଗ୍ୟ ଯେ, ଜମ୍ମୁରୁ ଫେରି ଆସୁଥିବା ଛାତ୍ରଛାତ୍ରୀମାନଙ୍କର ସୁରକ୍ଷିତ ପ୍ରତ୍ୟାବର୍ତ୍ତନକୁ ସୁନିଶ୍ଚିତ କରିବା ସହିତ ସେମାନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯାଇଛି । ଓଡ଼ିଶା ସରକାରଙ୍କ ଦିଲ୍ଲୀସ୍ଥିତ ମୁଖ୍ୟ ଆବାସିକ ଆୟୁକ୍ତଙ୍କ କାର୍ଯ୍ୟାଳୟ ଏବଂ ଭୁବନେଶ୍ୱରସ୍ଥିତ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅନ୍ତର୍ଗତ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି । ଏଥିସହିତ ସ୍ୱତନ୍ତ୍ର ହେଲ୍ପଲାଇନ୍ ନମ୍ବର ମଧ୍ୟ ଜାରି କରାଯାଇଛି । ଛାତ୍ରଛାତ୍ରୀ ଏବଂ ତାଙ୍କ ପରିବାରବର୍ଗ ଦିଲ୍ଲୀସ୍ଥିତ କଣ୍ଟ୍ରୋଲ ରୁମ୍ (ଯୋଗାଯୋଗ- ୭୪୨୮୧୩୫୦୪୪, ୦୧୧-୨୪୬୭୯୨୦୧) ଓ ଭୁବନେଶ୍ୱରର ସଂସ୍କୃତି ଭବନ ଠାରେ କାର୍ଯ୍ୟକାରୀ କରାଯାଇଥିବା କଣ୍ଟ୍ରୋଲ ରୁମ୍ (ଯୋଗାଯୋଗ-୦୬୭୪-୨୪୩୧୯୪୫, ୯୫୮୩୩୨୧୯୬୪) ସହ ଯୋଗାଯୋଗ କରିପାରିବେ ।

## କ୍ରୀଡ଼ାର ବିକାଶ ନେଇ ବୁଝାମଣା

# କିଟ୍-କିସ୍ ରେ ଖୋଲିବ ଲିଆଣ୍ଡର ପେସ୍-ସାମନ୍ତ କ୍ରୀଡ଼ା ଏକାଡେମୀ

ଭୁବନେଶ୍ୱର, (ସବ୍ୟୁ): କିଟ୍ ଓ କିସ୍‌ରେ ଖୋଲିବ ଲିଆଣ୍ଡର ପେସ୍-ସାମନ୍ତ କ୍ରୀଡ଼ା ଆକାଡେମୀ । ଏନେଇ ଶୁକ୍ରବାର କିଟ୍-କିସ୍ ଓ ଲିଆଣ୍ଡର ପେସ୍‌ଙ୍କ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏଥିରେ କିଟ୍ ଓ କିସ୍ ପକ୍ଷରୁ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାକ୍ଷର କରିଥିବା ବେଳେ ଅନ୍ୟ ପକ୍ଷରେ ଲିଆଣ୍ଡର୍ ପେସ୍ ଏହି ବୁଝାମଣାରେ ସ୍ୱାକ୍ଷର କରିଛନ୍ତି । ବୁଝାମଣାପତ୍ର ଅନୁଯାୟୀ ଲିଆଣ୍ଡର ପେସ୍-ସାମନ୍ତ ଆକାଡେମୀ ଟେନିସ୍ ସମେତ ୧୬ଟି କ୍ରୀଡ଼ାର ବିକାଶ ଦିଗରେ କାର୍ଯ୍ୟ କରିବେ । କ୍ରୀଡ଼ା କ୍ଷେତ୍ରରେ ଏକ ସୁନାମଧନ୍ୟ ଶିକ୍ଷାନୁଷ୍ଠାନ ଭାବେ କିଟ୍ ଓ କିସ୍ ଭାରତରେ ମାଇଲଖୁଣ୍ଟ ସ୍ଥାପନ କରିଥିବାରୁ ଲିଆଣ୍ଡର କିଟ୍ ଓ କିସ୍ ସହ ସହବନ୍ଧିତ ହୋଇ ଏହାକୁ ଆହୁରି ଆଗକୁ ନେବା ପାଇଁ ଆଗେଇ ଆସିଛନ୍ତି । ଏଥି ନିମନ୍ତେ କିଟ୍-କିସ୍ ସମସ୍ତ ପ୍ରକାର ଭିତ୍ତିଭୂମି ଯୋଗାଇ ଦେବ ଏବଂ ଲିଆଣ୍ଡର ବୈଷୟିକ ଜ୍ଞାନ ସହ କ୍ରୀଡ଼ା କ୍ଷେତ୍ରରେ ଥିବା ତାଙ୍କର ବିଶେଷ ଜ୍ଞାନ ଯୋଗାଇ ଦେବେ। ଅଲମ୍ପିଆନ୍, ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ବିଜେତା ପଦ୍ମଭୂଷଣ ଲିଆଣ୍ଡର ପେସ୍ ହେଉଛନ୍ତି ଭାରତୀୟ ପୂର୍ବତନ ଟେନିସ୍ ଖେଳାଳି, ପ୍ରଥମ



ଏସୀୟ ପୁରୁଷ ଯିଏକି ଅନ୍ତର୍ଜାତୀୟ ଟେନିସ୍ ହଲ୍ ଅଫ୍ ଫେମରେ ସ୍ଥାନ ପାଇଛନ୍ତି । ସେ ଆଠଟି ପୁରୁଷ ଡବଲ୍ସ ଏବଂ ଦଶଟି ମିଶ୍ରିତ ଡବଲ୍ସ ଗ୍ରାଣ୍ଡସ୍ଲାମ୍ ଟାଇଟଲ୍ ଜିତି ରେକର୍ଡ କରିଛନ୍ତି ।

ଏହି ବୁଝାମଣାପତ୍ର ସ୍ୱାକ୍ଷର କରିବା ପରେ ଲିଆଣ୍ଡର ଖୁସି ବ୍ୟକ୍ତ କରିବା ସହ କ୍ରୀଡ଼ା କ୍ଷେତ୍ରରେ କିଟ୍ ଓ କିସ୍‌କୁ ବିଶ୍ୱରେ ପ୍ରତିଷ୍ଠିତ କରାଇବା ପାଇଁ ପ୍ରୟାସ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । କିଟ୍ ଓ କିସ୍ରେ ସର୍ବୋତ୍କୃଷ୍ଟ କ୍ରୀଡ଼ା ଭିତ୍ତିଭୂମି ରହିଛି ବୋଲି ସେ କହିଛନ୍ତି । ଆଗାମୀ ୧୫ବର୍ଷ ମଧ୍ୟରେ ୨ଲକ୍ଷ ୫୦ ହଜାର କ୍ରୀଡ଼ା ପ୍ରତିଭା ସୃଷ୍ଟି କରିବା ନେଇ ଲିଆଣ୍ଡର ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି । କ୍ରୀଡ଼ା କ୍ଷେତ୍ରରେ ବିପୁଳ ଅଭିଜ୍ଞତା ଥିବା ବିଶ୍ୱର ପ୍ରତିଭାମାନଙ୍କୁ ଆଣି ଏହି ଆକାଡେମୀ ମାଧ୍ୟମରେ ନୂତନ କ୍ରୀଡ଼ା ପ୍ରତିଭାଙ୍କ ଭାବାତ୍ମକ, ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟର ବିକାଶ ସହ ସେମାନଙ୍କୁ ବିଭିନ୍ନ କ୍ରୀଡ଼ାରେ ବିଶେଷ ତାଲିମ ଓ ସୁଯୋଗ ଦିଆଯିବ । କିଟ୍ ଓ କିସ୍‌ରେ ମୁଁ ପ୍ରଥମ ଆକାଡେମୀ କରିବାକୁ ଯାଉଥିଵାରୁ ବହୁତ ଆନନ୍ଦିତ ବୋଲି ଲିଆଣ୍ଡର କହିଛନ୍ତି । ଅନ୍ୟ ପକ୍ଷରେ ଶ୍ରୀ ସାମନ୍ତ କହିଛନ୍ତି, କିଟ୍ ଓ କିସ୍ ଶିକ୍ଷାନୁଷ୍ଠାନ ହୋଇଥିଲେ ମଧ୍ୟ ଗତ ୨୦ ବର୍ଷ ଧରି କ୍ରୀଡ଼ା ଓ କ୍ରୀଡ଼ାବିଙ୍କ ବିକାଶ ନିମନ୍ତେ ନିରନ୍ତର କାର୍ଯ୍ୟ କରିଆସୁଛି । ପଦ୍ମଭୂଷଣ ଲିଆଣ୍ଡର ପେସ୍‌ଙ୍କ ଭଳି ଜଣେ ବ୍ୟକ୍ତିତ୍ୱ କ୍ରୀଡ଼ାର ପ୍ରସାର ନେଇ ଆମ ସହ ଯୋଡ଼ି ହୋଇଥିବାରୁ କିଟ୍ ଓ କିସ୍ ତାଙ୍କୁ କୃତଜ୍ଞତା ଜଣାଉଛି । ଏହା ନିଶ୍ଚିତ ଭାବେ ଆମ ପାଇଁ ଗୌରବର ବିଷୟ ବୋଲି ସେ କହିଛନ୍ତି । ଏହି କ୍ରୀଡ଼ା ଆକାଡେମୀ ପ୍ରତିଷ୍ଠା ହେବା ଦ୍ୱାରା କ୍ରୀଡ଼ାବିତ ବିଶେଷକରି ଓଡ଼ିଶାର କ୍ରୀଡ଼ାବିତମାନେ ଉପକୃତ ହେବେ ବୋଲି ଶ୍ରୀ ସାମନ୍ତ କହିଛନ୍ତି ।

# ସହରରେ କଂଗ୍ରେସ ପକ୍ଷରୁ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା

କଟକ (ସବ୍ୟୁ): ଶନିବାର ଅପରାହ୍ଣରେ ବରିଷ୍ଠ କଂଗ୍ରେସ ନେତା ମହମ୍ମଦ ମୋକିମଙ୍କ ଆହ୍ୱାନ କ୍ରମେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦୋଷଙ୍କ ନେତୃତ୍ୱରେ ଆମ ବୀର ଯବାନ ମାନଙ୍କ ଉଦ୍ଦେଶ୍ୟରେ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ବକ୍ସି ବଜାର ସ୍ଥିତ ଗୋପବନ୍ଧୁ ବାଗ ଛକ ଠାରୁ ଆରମ୍ଭ କରି ଗୌରୀ ଶଙ୍କର ପାର୍କ ଠାରେ ସମାପ୍ତ କରାଯାଇଥିଲା । ଏଥିରେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଓ ଓଡିଶା ପ୍ରଭାରି ଅଜୟ କୁମାର ଲଲୁ ଯୋଗଦେଇ ଏହି ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରାକୁ ସମ୍ବୋଧିନ କରିଥିଲେ । ଏଥିରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପ୍ରସାଦ ହରିଚନ୍ଦନ ଓ ଜୟଦେବ ଜେନା, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ଜେନା, ରାମଚନ୍ଦ୍ର ଖୁଣ୍ଟିଆ, ଜଗନ୍ନାଥ ପଟ୍ଟନାୟକ, ବିଜୟଲକ୍ଷ୍ମୀ ସାହୁ, ଶରତ ରାଉତ ଯୋଗ ଦେଇଥିଲେ । ଏହି ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରାରେ କଟକ ସହର ମୁରବି, ଶାନ୍ତି କମିଟି, ଏନସିସି, ଟାଇକୋଣ୍ଡ, କଟକ ସହରର ବିଭିନ୍ନ ଅନୁଷ୍ଠାନ ସମେତ ବିଭିନ୍ନ ବର୍ଗର ଲୋକେ ସାମିଲ ହୋଇଥିଲେ । ଶେଷରେ କଂଗ୍ରେସ ବିରୋଧୀ ଦଳ ନେତା ରାମଚନ୍ଦ୍ର କାଡାମ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ବରିଷ୍ଠ କଂଗ୍ରେସ ନେତା ଅନନ୍ତ ପ୍ରସାଦ ଶେଠୀ, ଡ ଦେବାଶିଷ ପଟ୍ଟନାୟକ, ଚିନ୍ମୟ ବେଉରା, ଡ ବିଶ୍ୱ ମହାନ୍ତି, ଗିରିବାଳା ବେହେରା, ଶୈଳବାଳା ଜେନା, ଛାତ୍ର କଂଗ୍ରେସ ସଭାପତି ଉଦିତ ସୂର୍ଯ୍ୟକାନ୍ତ ରାଉତ, ଶରତ ଚନ୍ଦ୍ର ଶେଠୀ, ସତ୍ୟାନନ୍ଦ ରାଉତ, ଅମ୍ରିତା ଦାସ, ଆର୍ଯ୍ୟବୀର ଲେଙ୍କା, ସ୍ମୁରତି ରଞ୍ଜନ ଲେଙ୍କା, ସ୍ମୁରତି ରାଉତ, କୃଷ୍ଣ ମହାନ୍ତି, କିଶୋର ଜେନା, ଇର୍ସାଦ ଖାନ, ସେକ



ପ୍ରଧାନ, ନିକୁଞ୍ଜ ପସାୟତ, ବିଶ୍ୱଜିତ ଦାସ, କର୍ପୋରେଟର ସନ୍ତୋଷ ଭୋଳ, ଶୁବାଶିଷ ପଟ୍ଟନାୟକ, ଜେ କାମେଶ୍ୱର ରାଓ, ଲିଜା ରାଉତ, ସ୍ୱର୍ଣ୍ଣପ୍ରଭା ପସାୟତ, ବଟକୃଷ୍ଣ ସାହୁ, ଜନାର୍ଦ୍ଦନ ପରିଡା ଓ ଭାନୁ ସେନାପତି, ସେକ ଲିଆକତ ଉଦ୍ଦିନ, ଗୁଲାମମୋଇଦ୍ଦିନ, ଶୟଦ ରମଜାନ ଅଲ୍ଲୀ, ସୁରଜିତ ସାହୁ, ଅଜୟ ଗୋଛାୟାତ, ପ୍ରତାପ ପରିଡା, ଦିଲ୍ଲୀପ ମହାନ୍ତି, ଅନିଲ ବେଉରା, ସନ୍ତାୟନ ମିଶ୍ର, ନରେଶ ମହାନ୍ତି, ମୁଜୀବୀର ଖାନ, ସେକ ଜାକିର ପ୍ରମୁଖ ଯୋଗ ଦେଇଥିଲେ ।

# ଜଳଛତ୍ର ନାଁରେ ଦୁର୍ନୀତି, କେବେ ସୁଧୁରିବ ମହାନଗର ନିଗମ

ବ୍ରହ୍ମପୁର, (ସବ୍ୟୁ) : ଗୋଟିଏ ପରେ ଗୋଟିଏ ଦୁର୍ନୀତି ଅନିୟମିୟତା ଓ କେଲେଙ୍କାରୀରେ ଛନ୍ଦି ହୋଇ ପଡ଼ିଥିବା ମହାନଗର ନିଗମ ସୁଧୁରିବାରେ ନାଁ ଧରୁନାହିଁ । ଯେକୌଣସି ବିଭାଗର ଯେ କୌଣସି କାମକୁ ଲକ୍ଷ୍ୟକଲେ କୋଟି କୋଟି ଟଙ୍କାର ଅନିୟମିୟତା ଓ ଦୁର୍ନୀତି ସ୍ପଷ୍ଟ ବାରି ହୋଇପଡୁଛି । ରୋଡ, ଡ୍ରେନ ଠାରୁ ଆରମ୍ଭ କରି ମଶା ମରା, ବନ୍ଧ ଖୋଳା, ଗଛ ଲଗା,କାନ୍ଥରେ ଚିତ୍ର ଆଙ୍କିବା, ପାର୍କ ନବୀକରଣ, ବାଉଁଶ ବ୍ୟାରିକେଟ, ସ୍ୱାୟତ୍ତ ଶାସନ ଦିବସ ପାଳନରେ କୋଟି କୋଟି ଟଙ୍କାର ଦୁର୍ନୀତି ଓ ଅନିୟମିୟତା ନଜରକୁ ଆସୁଛି । ନିକଟରେ ବ୍ରହ୍ମପୁରର ଜଣାଶୁଣା ଆଇନଜୀବୀ ତଥା ବିଜେପି ନେତା, ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ପୀତବାସ ପଣ୍ଡା ଖରାଦିନେ ଲୋକଙ୍କୁ ପିଇବା ପାଇଁ ମହାନଗର ନିଗମ ତରଫରୁ ଯେଉଁ ଜଳଛତ୍ର ଖୋଲାଯାଉଛି ସେଥିପାଇଁ ମହାନଗର ନିଗମ କେତେ ଟଙ୍କା ଖର୍ଚ୍ଚ କରିଛି ବୋଲି ସୂଚନା ଅଧିକାର ଆଇନ ବଳରେ ଜାଣିବାକୁ ଚାହିଁଥିଲେ ।

ମହାନଗର ନିଗମ ଗତ ପାଞ୍ଚ ବର୍ଷର ଦେଇଥିବା ତଥ୍ୟ ଅନୁଯାୟୀ ୨୦୨୧ ଓ ୨୦୨୨ ମସିହାରେ ସହରରେ କୌଣସି ଜଳଛତ୍ର ଖୋଲାଯାଇ ନଥିବା ପ୍ରକାଶ କରିଛି । ୨୦୨୩ ମସିହାରେ ସହରରେ ମାତ୍ର ଚାରୋଟି ଜଳଛତ୍ର ଖୋଲା ଯାଇଥିଲା । ତେବେ ୨୦୨୪ ମସିହାରେ ହଠାତ୍ ମହାନଗର ନିଗମ ସହରରେ ୫୩ ଗୋଟି ଜଳଛତ୍ର ଖୋଲିଥିଲା ଓ ସେଥିପାଇଁ ୨୩ ଲକ୍ଷ ୮୭ ହଜାର ୫୦୫ ଟଙ୍କା ଖର୍ଚ୍ଚ କରିଥିବା ସୂଚନା ଅଧିକାର ଆଇନ ବଳରେ ଜଣାପଡ଼ିଛି । ଏହି ଘଟଣାକୁ ନେଇ ଆଇନଜୀବୀ ଶ୍ରୀ ପଣ୍ଡା ପ୍ରଶ୍ନ କରିଛନ୍ତି ଯେ ୨୦୨୩ ମସିହାରେ ମାତ୍ର ଚାରୋଟି ଜଳଛତ୍ର ଖୋଲିଥିବା ବେଳେ ୨୦୨୪ ମସିହାରେ ୫୩ ଗୋଟି ଜଳ ଛତ୍ର ଖୋଲିବାର ଲୁକ୍କାୟିତ ଉଦ୍ଦେଶ୍ୟ କଣ ଥିଲା ? ଖୋଲା ବଜାରରେ ପାଣିକୁ ଶୁଦ୍ଧ କରୁଥିବା ୪୦ ଲିଟର୍ ମେସିନ୍ ର ଦାମ୍ ୪୦ ହଜାର ଟଙ୍କା ମାତ୍ର। ଏହାକୁ ଯଦି ସହରର ବିଭିନ୍ନ ଛକ ମାନଙ୍କରେ ସ୍ଥାୟୀ ଭାବରେ ପ୍ରତିଷ୍ଠା କରାଯାଇ ପାରିଥାନ୍ତା ତେବେ ଏହି ବିପୁଳ ଧନ ରାଶିରେ ପ୍ରାୟ ୪୭ ଗୋଟି ପାଣି ଶୁଦ୍ଧ କରୁଥିବା ମେସିନ୍ ସ୍ଥାୟୀ ଭାବରେ ସହରରେ ବସା ଯାଇପାରିଥାନ୍ତା। ଜନ ସାଧାରଣ ବର୍ଷ ତମାମ ଶୁଦ୍ଧ ପିଇବା ପାଣି ଏଥିରୁ ପାଇ ପାରିଥାନ୍ତେ । ବ୍ରହ୍ମପୁର ମହାନଗର ନିଗମ ଝିଣ୍ଟିକା ମାରି ବଣି ପୋଷିବା ନାଁରେ ଏହି ବିପୁଳ ଧନ ରାଶି ସ୍ୱୟଂ ସହାୟକ ଗୋଷ୍ଠୀ ର ମହିଳା ମାନଙ୍କ ଦ୍ୱାରା ଖର୍ଚ୍ଚ କରିଥିବା ପ୍ରକାଶ କରିଛନ୍ତି । ଲୋକଙ୍କ ଟଙ୍କାକୁ ହରି ଲୁଟ କରିବା ବନ୍ଦ କରିବା ସହ ଏହି ଘଟଣାର ତଦନ୍ତ କରାଯାଉ ବୋଲି ଆଇନଜୀବୀ ପୀତବାସ ପଣ୍ଡା ଏକ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି।

# ବାରିପଦାରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ




ବାରିପଦା, (ସବ୍ୟୁ) : ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମୟୂରଭଞ୍ଜ ପକ୍ଷରୁ ବାରିପଦା ଠାରେ ଜିଲ୍ଲା ଓ ଦୌରାଜଜଙ୍କ କାର୍ଯ୍ୟାଳୟ ପରିସରରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଲୋକ ଅଦାଲତରେ ମୋଟ ୯୩୫୪ଟି ମାମଲା ମଧ୍ୟରୁ ୨୪୯୧ଟି ମାମଲାର ଅପୋଷ ବିଚାର ହୋଇ ମୋଟ ୨କୋଟି ୧୩ଲକ୍ଷ ୮୭ହଜାର ୨୦ଟଙ୍କା ଅଦାୟ ପାଇଁ ସମାଧାନ ହୋଇଥିବା ଜଣାପଡିଛି। ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଅରବିନ୍ଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ପ୍ରାକ୍ ମକଦ୍ଦମା ସମ୍ପର୍କିତ ୪୭୨୪ଗୋଟି ମାମଲା ମଧ୍ୟରୁ ୨୩୬ଟି ଅଦାଲତରେ ଅପୋଷ ବିଚାର ହୋଇ ୯୯ଲକ୍ଷ ୨୪ହଜାର ୭୨ଟଙ୍କା ଆଦାୟ ପାଇଁ ସମାଧାନ ହୋଇଥିବା ଜଣାପଡ଼ିଛି । ସେହିପରି ବକେୟା ଥିବା ବିଭିନ୍ନ ଶ୍ରେଣୀଭୁକ୍ତ ୪୬୩୦ଗୋଟି ମାମଲା ମଧ୍ୟରୁ ଏନ.ଆଇ.ଆକ୍ଟ ଧାରା ୧୩୮ଅନ୍ତର୍ଗତ ୧୪୭ଟି ମାମଲା ମଧ୍ୟରୁ ୧୮ଟି, ବ୍ୟାଙ୍କ ଋଣ ଅଦାୟ ସମ୍ବନ୍ଧିତ ୮୪ଟି ରୁ ୧୩ଟି, ମୋଟର ଯାନ ଦୁର୍ଘଟଣା ମାମଲା ୨୨୪ଟି ରୁ ୫ଟି, ବୈବାହିକ (ଛାଡପତ୍ର ବ୍ୟତୀତ) ସମ୍ବନ୍ଧୀୟ ୪୩ଟି ମାମଲା ମଧ୍ୟରୁ ୨୧ଟି, ରାଜସ୍ୱ ମାମଲା ୨୯୮୨ଟି ମଧ୍ୟରୁ ୧୭୩୯ଟି, ଅନ୍ୟାନ୍ୟ ଦେୱାନୀ ମାମଲା ୨୧୪ଟି ମଧ୍ୟରୁ ୫୬ଟି, ଓ ଅନ୍ୟାନ୍ୟ ଫୌଜଦାରୀ ମାମଲା ୪୦୩ଟି ମିଶାଇ ମୋଟ ୨୨୫୫ଟି ମାମଲାର ଫଇସଲା କରାଯାଇ ମୋଟ ୧କୋଟି ୧୪ଲକ୍ଷ ୬୨ହଜାର ୯ଶହ ୪୮ଟଙ୍କା ଆଦାୟ ପାଇଁ ସମାଧାନ ହୋଇଥିବା ଜଣାଯାଇଛି । ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ରାଜଶ୍ରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ପରିବାର ଅଦାଲତ ଜଜ ପ୍ରଜ୍ୟୋତି ରାଉତ, ପ୍ରଥମ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ସତ୍ୟନାରାୟଣ ପାତ୍ର, ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ସୁମନ କୁମାର ମିଶ୍ର, ସିନିୟର ସିଭିଲ ଜଜ୍ (ଏଲ୍ଆର ଓ ଏଲ୍ଡିଭି ) ସୁଦାମ ଚରଣ ଦାଶ, ସିନିୟର ସିଭିଲ୍ ଜଜ ଡାଃ ନିଶାକର ସାହୁ, ଅତିରିକ୍ତ ସିନିୟର ସିଭିଲ ଜଜ ସୂର୍ଯ୍ୟ ଦାସ, ଦ୍ୱିତୀୟ ଅତିରିକ୍ତ ସିନିୟର ସିଭିଲ ଜଜ୍ କୈଳାଶ ସାହୁ, ରେଜିଷ୍ଟ୍ରାର ନୀହାର ରଞ୍ଜନ ସାହୁ, ଏସ.ଡି.ଯେ.ଏମ. କୁଣ୍ଢେଲ ପଟ୍ଟନାୟକ, ଜେଏମଏଫସି-୧ ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଜେଏମଏଫସି ଦୀପାଲୀ ଦାସ ଜେଏମଏସସି କୁମାରୀ ମଧୁଶ୍ରବା ମହାନ୍ତି, କୁମାରୀ ସୀମା ଅଗରୱାଲା, ଶୁଭ୍ରାଂଶୁ ଠାକୁର ସମେତ ଅନ୍ୟାନ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଓ ମାମଲା ସମାଧାନ ନିମନ୍ତେ ଗଠନ ହୋଇଥିବା ବିଭିନ୍ନ ବେଞ୍ଚରେ ନିଯୁକ୍ତ ଥିବା ସଦସ୍ୟ ତଥା ସରକାରୀ ଓକିଲ ହିମାଂଶୁ କୁମାର ପାଣିଗ୍ରାହୀ, ଆଇନଜୀବୀ ତାପସ କୁମାର ଦତ୍ତ, ପ୍ରଦୀପ କୁମାର ଜେନା, ପ୍ରଣତୀ ମୁର୍ମୁ ଓ ଜୟଶ୍ରୀ ଦାସ ତଥା ବାରିପଦା ଓକିଲ ସଂଘର ଅନ୍ୟ ଆଇନଜୀବୀ ତଥା ବିଭିନ୍ନ ରାଷ୍ଟ୍ରୀୟତ/ ଘରୋଇ ବ୍ୟାଙ୍କ ଅଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ।

# ଖଣ୍ଡା ଦେଖାଇ ଦାଦାବଟି ଆଦାୟ ଅଭିଯୋଗ: ଜଣେ ଗିରଫ



ଭଞ୍ଜନଗର, (ସବ୍ୟୁ): ଖଣ୍ଡା ଦେଖାଇ ଦାଦାବଟି ମାଗିବା ଅଭିଯୋଗରେ ଜଣେ ଅଭିଯୁକ୍ତକୁ ଗିରଫ କରିଛି ପୋଲିସ। ଗାଙ୍ଗପୁର ଥାନା ଅନ୍ତର୍ଗତ ଗୋଳି - ବିଞ୍ଜଗିରି ରାସ୍ତା ନିର୍ମାଣ ଚାଲିଥିବା ବେଳେ, ରାସ୍ତା କାର୍ଯ୍ୟ ବୁଝାସୁଝା କରୁଥିବା ସଂପୃକ୍ତ ବ୍ୟକ୍ତି ଶୁଶାନ୍ତ କୁମାର ସାହୁ, ଏନେଇ ଥାନାରେ ଅଭିଯୋଗ କରିଥିଲେ । ତାଙ୍କ ଠାରୁ ନଗଦ ୫ ହଜାର ଟଙ୍କା ଝାମ୍ପି ନେଇଥିଲେ ବାଇକରେ ଆସିଥିବା ଦୁଇ ଜଣ ଦୁର୍ବୃତ୍ତ । ସେମାନେ ହେଲେ ଗାଙ୍ଗପୁର ଥାନା ଅନ୍ତର୍ଗତ ବାରଟା ଗ୍ରାମର କାହ୍ନା ସ୍ୱାଇଁ ଓରଫ୍ ଆତଙ୍କ ଏବଂ ପାଲକଷଣ୍ଢା ଗ୍ରାମର ରାଜା ଜେନା। ଅଭିଯୋଗ ଆଧାରରେ ଗାଙ୍ଗପୁର ଥାନା ପୋଲିସ ୩୦୭/୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ ତଦନ୍ତକାରୀ ଅଧିକାରୀ ତଥା ଥାନାଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ । ଏହି ଘଟଣାରେ ଅଭିଯୁକ୍ତ କାହ୍ନାଙ୍କୁ ଗିରଫ କରିବା ସହ ତାଠାରୁ ନଗଦ ୪୨୦୦ ଟଙ୍କା ଏବଂ ଗୋଟିଏ ଖଣ୍ଡା ଜବତ କରାଯାଇଥିବା ନେଇ ଥାନାଧିକାରୀ ସୂଚନା ଦେଇଛନ୍ତି।

# ଯୁବକକୁ ଆକ୍ରମଣ ଅଭିଯୋଗ: ଜଣେ ଅଟକ

ବ୍ରହ୍ମପୁର, (ସବ୍ୟୁ): ଜଣକୁ ମାରିବାକୁ ଯାଇ ଅନ୍ୟଜଣେ ଯୁବକଙ୍କୁ ହାଣିଦେଲେ। ଏନେଇ ଅଟକ ଅଭିଯୁକ୍ତଙ୍କୁ ଜେରା ବେଳେ ପୋଲିସ ଜାଣିବାକୁ ପାଇଛି। ନିମଖଣ୍ଡି ପୋଲିସ ଏଥିରେ ସମ୍ପୃକ୍ତ ଥିବା ଜଣେ ଅଭିଯୁକ୍ତଙ୍କୁ କାବୁ କରିଛି। ସେହେଲେ ସଲମାନ ଓରଫ ଫେରାଦ ଅଲି ବେଗ। ଅନ୍ୟତମ ଅଭିଯୁକ୍ତ ଫେରାର ରହିଥିବା ପୋଲିସ କହିଛି। ସ୍ଥାନୀୟ ବାପୁଜି ନଗର ପଞ୍ଚମ ଲାଇନରେ ରହୁଥିବା ଶମ୍ଭୁ ଗୌଡ଼ ଗୁରୁତର ହୋଇ ଏମକେସିଜିରେ ଚିକିତ୍ସାଧୀନ ଅଛନ୍ତି। ବାପୁଜି ନଗର ପଞ୍ଚମ ଲାଇନରେ ଶମ୍ଭୁ ଗୌଡ଼ ରୁହନ୍ତି। ଶୁକ୍ରବାର ବିଳମ୍ବିତ ରାତ୍ରରେ ଦୁର୍ବୃତ୍ତମାନେ ଉକ୍ତ ଘରେ ରହିଥିବା ଯୁବକଙ୍କୁ ମାରିବାକୁ ଯାଇଥିଲେ। ଉକ୍ତ ଘର କବାଟ ବାଡେଇବାରୁ ଶମ୍ଭୁ ଖୋଲିଥିଲେ। ହେଲେ ଅପରାଧୀ ମାନେ ତାଙ୍କୁ ସେଠାରେ ଖଣ୍ଡାରେ ଆକ୍ରମଣ କରିଥିଲେ। ଏଥିରେ ଶମ୍ଭୁ ଆହତ ହୋଇଥିବା ବେଳେ ତାଙ୍କୁ ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ । ଘଟଣାକୁ ନେଇ ଶମ୍ଭୁଙ୍କ ମାଆ ସୁଶମା ଗୌଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ୧୪୪/୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ସଲେମାନଙ୍କୁ କାବୁ କରି ଜେରା କରୁଛି ।

# ଅଭିନବ ମାନବ ସମ୍ବଳ ପଦକ୍ଷେପ ପାଇଁ ଟିପିଏସ୍ଓଡିଏଲକୁ ଓଡ଼ିଶା ଲିଡରସିପ୍ ଆୱାର୍ଡ଼




ବ୍ରହ୍ମପୁର, (ସବ୍ୟୁ): ମାନବ ସମ୍ବଳ ପରିଚାଳନା କ୍ଷେତ୍ରରେ ଅଭିନବ ପଦକ୍ଷେପ ଓ ପରିଚାଳନା ପାଇଁ ଓଡ଼ିଶା ଲିଡରସିପ୍ ଆୱାର୍ଡ଼ ୨୦୨୫ରେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍ଓଡିଏଲ୍) ପୁରସ୍କୃତ ହୋଇଛି । ଏହି ପୁରସ୍କାର ନୂତନ ମାନବ ସମ୍ବଳ ପଦକ୍ଷେପ ମାଧ୍ୟମରେ ଏକ ପ୍ରଗତିଶୀଳ ଏବଂ ଲୋକ କୈନ୍ଦ୍ରିକ କର୍ମକ୍ଷେତ୍ର ନିର୍ମାଣ ଦିଗରେ ଟିପିଏସ୍ଓଡିଏଲର ପ୍ରୟାସକୁ ଦର୍ଶାଉଛି। କମ୍ପାନୀର ବିଭିନ୍ନ ପଦକ୍ଷେପ, ସଫଳତା, ଗଣମାଧ୍ୟମରେ କଭରେଜ୍ ଏବଂ ସହାୟକ ଡକ୍ୟୁମେଣ୍ଟ ଇତ୍ୟାଦିର ବିଶଦ ମୂଲ୍ୟାୟନକୁ ଆଧାର କରି ପୁରସ୍କାର ପାଇଁ ଚୟନ କରାଯାଇଥିଲା । କର୍ମଚାରୀ ନିୟୋଜନ ଓ ସେମାନଙ୍କ କଲ୍ୟାଣ, ବିବିଧତା, ନିରନ୍ତର ଶିକ୍ଷଣ, ଡିଜିଟାଲ ଜ୍ଞାନକୌଶଳର ପ୍ରୟୋଗ ତଥା ଏକ ସମାବେଶୀ କର୍ମ ସଂସ୍କୃତି ଗଠନ ଉପରେ ଟିପିଏସ୍ଓଡିଏଲ୍ ଗୁରୁତ୍ୱ ଦେଇଆସିଛି। ଏସବୁ ପଦକ୍ଷେପ କର୍ମଚାରୀମାନଙ୍କୁ ସଶକ୍ତ କରିବା ସହ ସେମାନଙ୍କୁ ବ୍ୟାବସାୟିକ ଲକ୍ଷ୍ୟ ସହ ଯୋଡ଼ିଥାଏ। ବିଭିନ୍ନ କମ୍ପାନୀର ମାନବ ସମ୍ବଳ ଅଧିକାରୀ ଏବଂ ଶିଳ୍ପ ବିଶେଷଜ୍ଞଙ୍କ ଉପସ୍ଥିତିରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଟିପିଏସ୍ଓଡିଏଲ୍ ପକ୍ଷରୁ ମାନବ ସମ୍ବଳ ବିଭାଗ ମୁଖ୍ୟ ସଞ୍ଜୀବ କୌଶିକ ଏବଂ ମାନବ ସମ୍ବଳର ଡେପୁଟି ଜେନେରାଲ ମ୍ୟାନେଜର ସୁନିଲ କୁମାର ରଥ ପୁରସ୍କାର ଗ୍ରହଣ କରିଥିଲେ ।

ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ଏହି ସମ୍ମାନଜନକ ପୁରସ୍କାର ପାଇଥିବାରୁ ଆମେ ସମସ୍ତେ ଗର୍ବିତ, ଯାହା ଏକ ପ୍ରେରଣାଦାୟୀ ଓ ସମାବେଶୀ କର୍ମକ୍ଷେତ୍ର ନିର୍ମାଣ ଦିଗରେ ଆମର ପ୍ରତିବଦ୍ଧତାକୁ ଦର୍ଶାଏ। ଆମେ କାର୍ଯ୍ୟକ୍ଷେତ୍ରରେ ଏଭଳି ପରିବେଶ ତିଆରି କରିଛୁ, ଯେଉଁଠାରେ କର୍ମଚାରୀମାନେ ଉତ୍କର୍ଷ ହାସଲ କରିବା ଦିଗରେ ଅଗ୍ରସର ହୁଅନ୍ତି। ଏଥିପାଇଁ ମୁଁ ଆମର ମାନବ ସମ୍ବଳ ବିଭାଗ ଏବଂ ଟିପିଏସ୍ଓଡିଏଲର ପ୍ରତ୍ୟେକ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଉଛି । ଏହି ସମ୍ମାନଜନକ ସ୍ୱୀକୃତି ସହ ଟିପିଏସ୍ଓଡିଏଲ୍ ମାନବ ସମ୍ବଳ ପରିଚାଳନା କ୍ଷେତ୍ରରେ ଏକ ଅଗ୍ରଣୀ ସଂସ୍ଥା ହୋଇପାରିଛି। ଯାହା ଫଳରେ ଉଭୟ କର୍ମଚାରୀ ଓ ଅନୁଷ୍ଠାନର ଅଭିବୃଦ୍ଧି ହେଉଅଛି।

# ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୧୪୫ ମାମଲାର ଫଇସଲା

ଭଞ୍ଜନଗର, (ସବ୍ୟୁ): ଭଞ୍ଜନଗର ସିଭିଲ କୋର୍ଟ ପରିସରରେ ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଭଞ୍ଜନଗର ତାଲୁକ ଆଇନ ସେବା କମିଟି ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଭଞ୍ଜନଗର ଅତିରିକ୍ତ ଜିଲା ଦୌରା ଜଜ ତଥା ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ଶେଖ ମହମ୍ମଦ କଏସ, ବରିଷ୍ଠ ଦେୱାନୀ ବିଚାରପତି ଦେବାଶିଷ ବିଷୋୟୀ, ଉପଖଣ୍ଡୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୌମ୍ୟ ରଞ୍ଜନ ପୃଷ୍ଟି, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଭିଏନା ନାୟକ ଏହି ଲୋକ ଅଦାଲତରେ ଯୋଗଦେଇ ମାମଲା ଗୁଡିକର ଫଇସଲା କରିଥିଲେ। ସର୍ବମୋଟ ୨୧୪୫ ମାମଲା ଲୋକ ଅଦାଲତରେ ଫଇସଲା କରାଯାଇଛି । ସେଥିମଧ୍ୟରୁ ମୋଟର ଦୁର୍ଘଟଣା ଜନିତ ୭ ଟି ମାମଲା ଫଇସଲା କରାଯାଇ ୧୬ ଲକ୍ଷ ୫୦ ହଜାର ଟଙ୍କା କ୍ଷତିପୂରଣ ବାବଦକୁ ହିତାଧିକାରୀଙ୍କୁ ଦେବାକୁ ବିଚାରପତି ନିର୍ଦ୍ଦେଶ ଦେଇଥିଲେ। ଦୁଇଟି ଚେକ ବାଉନ୍ସ ମାମଲା ଫଇସଲା କରାଯାଇ ୯ ଲକ୍ଷ ୨୦ ହଜାର ଟଙ୍କା ହିତାଧିକାରୀଙ୍କୁ ଫେରାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ୨୦୯୦ ଟି ରାଜସ୍ୱ ମାମଲାର ଫଇସଲା କରାଯାଇଛି । ବ୍ୟାଙ୍କ ସଂପର୍କିତ ୨ ଟି ମାମଲା ଫଇସଲା କରାଯାଇ ୪ ଲକ୍ଷ ୯୧ ହଜାର ୮୬୬ ଟଙ୍କା ଆଦାୟ କରାଯାଇଛି । ଏଥିସହ ବୈବାହିକ ମାମଲା ୩ ଟି ମଧ ଫଇସଲା କରାଯାଇଛି । ଏହିଭଳି ସର୍ବମୋଟ ୨୧୪୫ ଟି ମାମଲା ଫଇସଲା କରାଯାଇଛି। ଏହି ଲୋକ ଅଦାଲତ ବେଞ୍ଚ ସଦସ୍ୟ କୃତିବାସ ବିଶାଳ, ଓକିଲ ରମେଶ ଚନ୍ଦ୍ର ପଣ୍ଡା, ତାଲୁକ ଆଇନ ସେବା କମିଟି ସଦସ୍ୟା ଅଲକା ମଞ୍ଜରୀ ପଟ୍ଟନାୟକ, ବାର୍ ଆସୋସିଏସନ ସଭାପତି ଲକ୍ଷ୍ମୀକାନ୍ତ ମହାପାତ୍ର, ଆଇନଜୀବୀ ବଂଶୀଧର ପ୍ରଧାନ, ସନ୍ତୋଷ କୁମାର ତିଆଡି, ପୁଷ୍ପର ରଞ୍ଜନ ମହାପାତ୍ର, ଡଃ. ସୁଶାନ୍ତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ମାମଲା ଗୁଡିକର ଫଇସଲା କରିବାରେ ସହଯୋଗ କରିଥିଲେ। କୋର୍ଟ କର୍ମଚାରୀ ଆଦିତ୍ୟ ନାରାୟଣ ରଥ, ସୁନୀଲ ମୁଦୁଲି, ପବିତ୍ର ପ୍ରଧାନ, ପ୍ରଦୀପ କୁମାର ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ବିଶ୍ୱ ମାତୃ ଦିବସ ଅବସରରେ ବାଲୁକା ଶିଳ୍ପୀ ସତ୍ୟଙ୍କ କଳା କୃତି

ବ୍ରହ୍ମପୁର, (ସବ୍ୟୁ): ବିଶ୍ୱ ମାତୃ ଦିବସ ପାଳନ ଅବସରରେ ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା ୫ଟି କ୍ଷୁଦ୍ର କଳା କୃତି କାଠ ଓ ଆଇସକ୍ରିମ କାଠିରେ ମା ଓ ଶିଶୁଙ୍କ ପ୍ରତିକୃତି କରିଛନ୍ତି। ମା' ଶବ୍ଦ ଟି ଅତି ମଧୁର ଓ ନିଆରା। ମା' ର ପଣତକାନିରେ ପିଲାବେଳେ ଆମେ ଲୁଚି ଦୁନିଆ ଦେଖୁଥିଲେ । ତା କୋଳରେ ଶୋଇଯାଉଥିଲେ ତା ର ସ୍ନେହ ଆଦର ଆମକୁ ଶାନ୍ତି ଦେଉଥିଲା । ଆଜି କିନ୍ତୁ ଅଲଗା । ଏହି କଳାକୃତି କରିବାର ଉଦ୍ଦେଶ୍ୟ ହେଉଛି ଆଜି କାଲିର ଯୁବପିଢୀ ପଇସାରେ ମା ଓ ବାପାଙ୍କୁ ତୁଳନା କରି ନିଜ ପିତା ମାତାଙ୍କୁ ବୃଦ୍ଧ ଆଶ୍ରମକୁ ଛାଡ଼ି ଦିଅନ୍ତି। ଏହା ଦୁଃଖଦାୟକ । ଥରେ ଭାବନ୍ତୁ ଯେତେବେଳେ ଆମେମାନେ ଛୋଟ ଥିଲେ ଆମ କଥା କିଏ ବି ବୁଝିପାରୁ ନଥିଲେ, କେବଳ ମା ହିଁ ବୁଝି ପାରୁଥିଲା । ସେ ନିଜେ ନଖାଇ ଆମକୁ ଖୁଆଇ ଦେଉଥିଲା। କିନ୍ତୁ ଆଜି ଆମେ କିଛି ବୁଝିପାରୁ ନାହିଁ। ଖାଇବାକୁ ବି ମୁଠିଏ ଦେଇ ପାରୁନେ । ବାହାରକୁ ଛାଡ଼ିଦେଉଛେ । ଆସନ୍ତୁ ଆଜି ଶପଥ ନେବା ପିତାମାତାଙ୍କୁ ସେବା କରିବା ଓ ଭଲ ପାଇବା । ଆଜି ମୁଁ ଯାହା ବି ହୋଇଛି ଆଜି ମୋ ମା ଙ୍କ ପାଇଁ ବୋଲି ସେ କହିଛନ୍ତି।

# ଶେଷ ହେଲା ଶନିଦେବଙ୍କ ବାର୍ଷିକ ଉତ୍ସବ

ବାରିପଦା, (ସବ୍ୟୁ) : ଶନି ଦେବଙ୍କ ବଡ଼ ଉଷାର ଉଦ୍‌ଯାପନି ଉତ୍ସବ । ମୟୂରଭଞ୍ଜର ଏକମାତ୍ର ଶନିଦେବ ପୀଠ ରହିଅଛି । ଗ୍ରହରାଜ ଶନିଦେବ ୧୯୮୨ ମସିହାରେ ଠାରୁ ବାରିପଦାର ୱାଲିଗଞ୍ଜ, ୱାର୍ଡ ନଂ.-୩ ଠାରେ ପୂଜା ପାଇଆସୁଛନ୍ତି । ଏହି ପୀଠକୁ ପ୍ରତ୍ୟେକ ଶନିବାର ମୟୂରଭଞ୍ଜ ଏବଂ ତାର ଆଖପାଖ ଜିଲ୍ଲା ଓ ରାଜ୍ୟରୁ ହଜାର ହଜାର ଭକ୍ତ ଶନିଦେବଙ୍କ ଦର୍ଶନ କରିବାକୁ ଆସିଥାନ୍ତି । ବର୍ଷକୁ ଗୋଟିଏ ମାସ ଏହି ମହାଗ୍ରହ ପୀଠରେ ଶନିଦେବଙ୍କ ବାର୍ଷିକ ଉତ୍ସବ ପାଳିତ ହୋଇଥାଏ । ଏହି ବର୍ଷ ଶନିଦେବଙ୍କ ବଡ଼ ଉଷା ଏପ୍ରିଲ୍ ୧୯ତାରିଖରୁ ଆରମ୍ଭ ହୋଇ ମଇ ୧୦ତାରିଖ ଉଦ୍‌ଯାପନି ଉତ୍ସବ ପାଳିତ ହୋଇଯାଇଛି । ଆଜି ହେଉଛି ବୈଶାଖ ମାସ ଶେଷ ଶନିବାର, ଏହି ଦିନ ଶନି ଦେବଙ୍କ ବାର୍ଷିକ ଉତ୍ସବର ଚତୁର୍ଥ ପାଳି ଅନୁଷ୍ଠିତ ହଇଯାଇଅଛି । ଏହି ମହାଗ୍ରହ ପୀଠରେ ଶନିଦେବଙ୍କ ଦର୍ଶନ ପାଇଁ ଆଜି ଲକ୍ଷ ଲକ୍ଷ ଭକ୍ତ ଆସି ଏହି ପୀଠରେ ପହଞ୍ଚି ଥିଲେ । ଆଜି ସକାଳୁ ଶନି ଦେବଙ୍କୁ ପବିତ୍ର ସ୍ନାନ କରାଗଲା, ତାପରେ ଶନି ଦେବଙ୍କ ନୂତନ ବସ୍ତ୍ର ପରିଧାନ କରିବା ପରେ ବାବାଙ୍କ ବାଲ୍ୟ ପ୍ରସାଦ ଲାଗିଲା ପରେ ଭକ୍ତଙ୍କୁ ତାହା ବଣ୍ଟନ କରାଯାଇଥିଲା । ମନ୍ଦିରରେ ଭକ୍ତ ମାନେ ମାସ ସାରା ଉପାସ ରହି ଶନିଦେବଙ୍କର ପୂଜା ଅର୍ଚ୍ଚନା କରିଥାନ୍ତି । ଏହି ପୀଠରେ ଏକ ନିଆରା ପରମ୍ପର ଅନୁଯାୟୀ ଉଦ୍‌ଯାପାନୀ ଉତ୍ସବ ଦିନ ନୂତନ ବସ୍ତ୍ର ପରିଧାନ କରି, ପବିତ୍ର ଯୋଡ଼ା ଆମ୍ବ ଗଛ ମୂଳରେ ପାଣି ଢାଳି ଭକ୍ତ ମାନେ ନିଜ ବ୍ରତକୁ ଭଙ୍ଗ କରି ପୀଠ ପରିସରରେ ପ୍ରସାଦ ବଣ୍ଟନ କରାଯାଇଥିଲା । ଏହି ଉତ୍ସବକୁ ସୁଚାରୁ ରୂପରେ ପରିଚାଳନା କରିବାପାଇଁ ଶନି ପୀଠର ପରିଚାଳନା କମିଟି ବୃନ୍ଦ ସହ ୩ ନମ୍ବର ୱାର୍ଡ କାଉନ୍‌ସିଲର ରାଜ୍ ଗୁପ୍ତା ଏବଂ ଭକ୍ତ ମାନେ ସହଯୋଗ କରିଥିଲେ ।

# ପାକିସ୍ତାନ ଆତଙ୍କବାଦ ବିରୁଦ୍ଧରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ 'ଜୟ ହିନ୍ଦ ତ୍ରିରଙ୍ଗା ଯାତ୍ରା'



ବାରିପଦା, (ସବ୍ୟୁ) : ପାକିସ୍ତାନର ଆତଙ୍କବାଦ ବିରୁଦ୍ଧରେ ଜିଲ୍ଲା କଂଗ୍ରେସ କମିଟି ତରଫରୁ ବାରିପଦାରେ 'ଜୟ ହିନ୍ଦ ତ୍ରିରଙ୍ଗା ଯାତ୍ରାର ଆୟୋଜନ କରାଯାଇଥିଲା। କୃଷ୍ଣଚନ୍ଦ୍ର ଗୋଲେଇ ଠାରୁ ଏହି ଶୋଭାଯାତ୍ରା ଆରମ୍ଭ ହୋଇ ବିଜୁ ପଟ୍ଟନାୟକ ଗୋଲେଇ ପର୍ଯ୍ୟନ୍ତ ଯାଇଥିଲା। ଆତଙ୍କବାଦ ବିରୁଦ୍ଧରେ ଆମେ ସମସ୍ତେ ଭାରତୀୟ ଆମର ବୀର ଜବାନ ମାନଙ୍କ ସହ ରହିଛୁ ଏବଂ ରହିବୁ, ଆମର ସେନା ଆମର ଗର୍ବ। ଆତଙ୍କବାଦ ବିରୁଦ୍ଧରେ ଭାରତୀୟ ବୀର ଜବାନ ମାନଙ୍କ ସମ୍ମାନାର୍ଥେ ଏହି ଲଢେଇରେ ଆମେ ସମସ୍ତେ ଦଳମତ ନିର୍ବିଶେଷରେ ଏକ ହୋଇ ଲଢ଼ିବୁ ଏହି ବାର୍ତ୍ତା। ଏ ଶୋଭାଯାତ୍ରାର ମୂଳମନ୍ତ୍ର। ଆଜିର ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ସଭାପତି ହେମନ୍ତ ଦାସ, ଅଶୋକ ଅଧିକାରୀ, ପ୍ରଦୀପ ମିଶ୍ର, ସ୍ୱରୁପ ମିଶ୍ର, ଶାନ୍ତନୁ ପାଲ, ଅରବିନ୍ଦ ଦାସ, ଶିବାନନ୍ଦ ଦାସ, ସୁଦୀପ ମନ୍ତ୍ରୀ, ସୁସ୍ମିତା ଘୋଷାଲ, ସୁଭସ୍ମିତା ଦାସ, ରଶ୍ମିତା ମିଶ୍ର, ୱାହିଦା ଅହମ୍ମଦ, ପିଙ୍କି ମହାପାତ୍ର, ସୁମିତା ନାୟକ, ନାରାୟଣ ପଟ୍ଟନାୟକ, ପୂର୍ଣ୍ଣ ବିଶ୍ୱାଳ, ନିର୍ମଳ ପ୍ରଧାନ, ଦିଲ୍ଲୀପ ନାୟକ, ଦୀପକ ଦାଶ, ନିହାର ମନ୍ତ୍ରୀ, ସୁଭମ ମହାନ୍ତି, କାର୍ତ୍ତିକ ମହାନ୍ତ ଓ ତାରାକାନ୍ତ ବେହେରା ପ୍ରମୁଖ ଶତାଧିକ କର୍ମୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ଖଣ୍ଡାରେ ଆକ୍ରମଣ ମାମଲା, ଜଣେ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଜ୍ୟୋତିନଗର ଅଞ୍ଚଳରେ ବିଚ୍ ରାସ୍ତାରେ ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ କରିବା ଘଟଣାରେ ନିମଖଣ୍ଡି ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ କରାପଲ୍ଲୀର ସାଗର କୁମାର ସାହୁ ଓରଫ ପିଣ୍ଟୁ(୩୫)। ସୂଚନାପ୍ରକାରେ, ଗତ ୭ ତାରିଖରେ ଜ୍ୟୋତିନଗର ଛକ ଠାରେ ବ୍ୟାଙ୍କ କଲୋନୀର ରାକେଶ କୁମାର ପାଢୀଙ୍କୁ ଏକାଧିକ ଯୁବକ ଖଣ୍ଡାରେ ଆକ୍ରମଣ କରିଥିଲେ। ପୂର୍ବ ଶତ୍ରୁତାକୁ ନେଇ ଏହି ଆକ୍ରମଣ ହୋଇଥିଲା। ଏପରିକି ଅଭିଯୁକ୍ତମାନେ ଦିନ ଦ୍ୱିପ୍ରହରରେ ଛକ ଉପରେ ଖଣ୍ଡାରେ ଆକ୍ରମଣ କରିଥିବାରୁ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଥିଲା। ଆକ୍ରମଣ ବେଳର ଭିଡିଓ ଭାଇରାଲ ହୋଇଥିଲା । ଏହି ଭିଡିଓ ପୁଲିସ ନିକଟରେ ପହଞ୍ଚିବା ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା । ତେବେ ଘଟଣାକୁ ନେଇ ରାକେଶ ଥାନାରେ ଅଭିଯୋଗ କରିନଥିଲେ। ଫଳର ଆକ୍ରମଣ ଓ ଭାଇରାଲ ଭିଡିକୁ ଆଧାର କରି ପୁଲିସ ନିଜ ତରଫରୁ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତ ବେଳେ ଅଭିଯୁକ୍ତ ପିଣ୍ଟୁ ଖଣ୍ଡାରେ ଆକ୍ରମଣ କରୁଥିବା ସ୍ପଷ୍ଟ ହେବା ପରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ କୃଷ୍ଣ ସାହା ସୂଚନା ଦେଇଛନ୍ତି।

# ବ୍ୟବସାୟୀଙ୍କୁ ଆକ୍ରମଣ କରି ଟଙ୍କା ଲୁଟ୍

ବ୍ରହ୍ମପୁର, (ସବ୍ୟୁ): ବଡବଜାର ଥାନା ଅନ୍ତର୍ଗତ ଶାର୍ଗୁଣା ସାହିରେ ରହୁଥିବା ଜଣେ ବ୍ୟବସାୟୀଙ୍କୁ ଆକ୍ରମଣ କରି ତାଙ୍କ ଠାରୁ ଟଙ୍କା ଲୁଟ୍ ହୋଇଛି । ଏନେଇ ଥାନାରେ ଅଭିଯୋଗ ହୋଇଛି । ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି । ଘଟଣାରୁ ପ୍ରକାଶ ଯେ, ବଡ଼ବଜାର ନାରାୟଣ ନଗର ଦ୍ୱିତୀୟ ଲାଇନ ନିବାସୀ ସୁନିତ କୁମାର ପାଢୀ(୪୫) ଉପରୋକ୍ତ ସାହିରେ ଏକ ଦୋକାନ କରିଛନ୍ତି । ଗତ ୮ ତାରିଖରେ ସୁନିତ ଦୋକାନ ବନ୍ଦ କରିବା ସମୟରେ ଜଣେ ବ୍ୟକ୍ତି ତାଙ୍କ ଦୋକାନ ନିକଟକୁ ଯାଇ ଗାଳି ଗୁଲଜ କରିବା ସହ ମୋ ଶତ୍ରୁମାନଙ୍କୁ ଦୋକାନରେ କାହିଁକି ବସାଉଛୁ ବୋଲି ପଚାରିଥିଲେ । ଏପରି କି ଏକ ଠେଙ୍ଗା ସାହାଯ୍ୟରେ ଦୋକାନୀ ସୁନିତଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ । ସେ ଘୁଞ୍ଚିଯିବା ଫଳରେ ଠେଙ୍ଗା ସୁନିତଙ୍କ ନାକ ଓ ମୁହଁ ରେ ବାଜି ରକ୍ତ ବାହାରିଥିଲା । ଅଭିଯୁକ୍ତ ପ୍ରଶାନ୍ତ ପାଢ଼ୀ ଉକ୍ତ ଦୋକାନକୁ ଭଙ୍ଗା ରୁଜା କରିବା ସହ ଦୋକାନରେ ରହିଥିବା ୬ହଜାର ଟଙ୍କା ଲୁଟ୍ କରିନେଇ ଯାଇଥିଲେ । ସୁନିତାଙ୍କ ପୁଅ ଓ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସିଟି ହସ୍ପିଟାଲରେ ଭର୍ତ୍ତି କରିଥିଲେ ।

# ଗଞ୍ଜାମରେ ଦ୍ୱିତ୍ୱୀୟ ରାଷ୍ଟ୍ରୀୟ ଲୋକ ଅଦାଲତ



ବ୍ରହ୍ମପୁର, (ସବ୍ୟୁ): ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଚଳିତବର୍ଷର ଦ୍ୱିତ୍ୱୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧକ୍ଷା ଡ. ଭାଗ୍ୟଲକ୍ଷ୍ମୀ ରଥଙ୍କ ଅଧ୍ୟକ୍ଷତାରେ ମୋଟ ୧୦,୬୩୩ ଗୋଟି ବିଭିନ୍ନପ୍ରକାର ମାମଲା ସମାଧାନ କରାଯାଇ ୭ କୋଟି ୭୨ ଲକ୍ଷ ୬୨ ହଜାର ୪୧୪ ଟଙ୍କା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବ୍ରହ୍ମପୁର ସ୍ଥିତ ଜିଲା ଅଦାଲତ ପରିସରରେ ଅନୁଷ୍ଠିତ ଲୋକ ଅଦାଲତରେ ୩୩ ଗୋଟି ମୋଟରଯାନ ଦୁର୍ଘଟଣା ଜନିତ ମାମଲାର ବୁଝବଣା ମାଧ୍ୟମରେ ସମାଧାନ କରାଯାଇ କ୍ଷତିପୂରଣ ବବାଦକୁ ୨ କୋଟି ୧ ଲକ୍ଷ ୯୪ ହାଜର ଟଙ୍କା ପ୍ରଦାନ ପାଇଁ ବିଭିନ୍ନ ବୀମା କମ୍ପାନୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ସେହିପରି ୬୩ଟି ବିବାହ ସମ୍ପର୍କିତ ମାମଲାର ଆପୋସ ବୁଝାବଣା କରାଯାଇଥିଲା । ଏହି ଦମ୍ପତିମାନେ ପୁଣି ଥରେ ନିଜର ବୈବାହିକ ଜୀବନ ସୁଚାରରୂପେ ନିର୍ବାହ ପାଇଁ ରାଜି ହୋଇଥିଲେ। ୨୬୦ଗୋଟି ବ୍ୟାଙ୍କ ଲିଟିଗେସନ କେସର ସମାଧାନ ହୋଇ ୨ କୋଟି ୧୩ ଲକ୍ଷ ୮ହଜାର ୧୯୮ଟଙ୍କା ଆଦାୟ କରାଯାଇଛି। ସେହିପରି ଅନ୍ୟାନ୍ୟ ୬୯ ଗୋଟି ଦେୱାନୀ ମାମଲାର ସମାଧାନ ହୋଇ ୧କୋଟି ୪୮ଲକ୍ଷ ୯୮ ହଜାର ଟଙ୍କା ଆଦାୟ କରାଯାଇଛି। ସେହିପରି ୩୯ ଗୋଟି କ୍ରିମିନାଲ କମ୍ପାଉଣ୍ଡବେଲ କେସର ସମାଧାନ କରାଯାଇଛି। ସେହିପରି ୯୪୮୩ ରେଭିନ୍ୟୁ କେସର ସମାଧାନ କରାଯାଇ ୪ ଲକ୍ଷ ୯୩ ହଜାର ୨୬୮ ଟଙ୍କା ଆଦାୟ କରାଯାଇଛି। ଲୋକ ଅଦାଲତରେ ଜିଲା ଜଜ ଡ. ଭାଗ୍ୟଲକ୍ଷ୍ମୀ ରଥ, ଦ୍ୱିତୀୟ ଏମଏସିଟି ରାମଶଙ୍କର ହୋତା, ଅତିରିକ୍ତ ଜିଲା ଦୌରା ଜଜ(ଏଡିଜେ)- ୧ ଡ. ଇନ୍ଦୁ ଶର୍ମା, ଏଡିଜେ-୨ ଅୟୁସ୍ମାନ ମହନ୍ତ, ଏଡିଜେ- ୩ ବିବସ୍ୱତ ଗୌତମ, ସିଭିଲ ରେଜିଷ୍ଟ୍ରର ସୌଦାମିନୀ ସିଂ ବିଭିନ୍ନ ବେଞ୍ଚ ଦାୟିତ୍ୱରେ ରହିଥିଲେ। ଡ଼ିଏଲଏସଏ ସଚିବ ଦେବେନ୍ଦ୍ର ସାହୁ ଏହାକୁ ପରିଚାଳନା କରିଥିଲେ।

# ଲିଡ୍ସ ସ୍ପୋଟିଂ କ୍ଲବ୍ ପକ୍ଷରୁ ଗ୍ରୀଷ୍ମକାଳୀନ କ୍ରିକେଟ ପ୍ରଶିକ୍ଷଣ ଶିବିର

ବ୍ରହ୍ମପୁର, (ସବ୍ୟୁ): ମହାତ୍ମା ଗାନ୍ଧୀ ଷ୍ଟାଡିୟମ୍ ପରିସରରେ ଲିଡ୍ସ ସ୍ପୋଟିଂ କ୍ଲବ୍ ତରଫରୁ ଗ୍ରୀଷ୍ମ କାଳୀନ କ୍ରିକେଟ ତାଲିମ ଶିବିର ଅନୁଷ୍ଠିତ ହେଉଅଛି। ଏହି ଅବସରରେ ଶନିବାର ତାଲିମ୍ ନେଉଥିବା ଛାତ୍ରଛାତ୍ରୀମାନଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା। କ୍ଲବ୍ ସାଧାରଣ ସମ୍ପାଦକ ଇ. ମନୋଜ ଦଣ୍ଡପାଟ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଅର୍ବାନ ବ୍ୟାଙ୍କ ସଭାପତି ଆର୍ .ମୁରଲୀ ମୋହନ ଯୋଗଦେଇ ସଭିଙ୍କୁ ଉତ୍ସାହିତ କରିବା ସହ କ୍ରିକେଟ ଖେଳର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ସୁଦିପ କୁମାର୍ ସାହୁଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ। ୮ବର୍ଷ ରୁ ୧୯ବର୍ଷ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନେ ତାଲିମ ନେଉଛନ୍ତି । ୧୪୮ ବାଳକ ଓ ବାଳିକାଙ୍କୁ ନେଇ ଆୟୋଜିତ ଦ୍ୱାଦଶ ଗ୍ରୀଷ୍ମକାଳୀନ କ୍ରିକେଟ ଶିବିର ମେ ୪ ତାରିଖରୁ ଆରମ୍ଭ ହୋଇଥିବାବେଳେ ୧୪ ତାରିଖରେ ଶେଷ ହେବ । ଛତ୍ରପୁର କ୍ରିକେଟ କ୍ଲବ୍‌ର ସମ୍ପାଦକ ସଂଜିତ୍ ରାଉଳ ଓ ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂଘର ସାଧାରଣ ସଂପାଦକ ତଥା ଲିଡ୍ସ ସ୍ପର୍ଟିଂ କ୍ଲବ୍‌ର ଉପସଭାପତି ଜେ.କାମେଶ୍ୱର୍ ରାଓ ପ୍ରଥମ ଦିବସରେ ଅତିଥିରୂପେ ଯୋଗଦାନ୍ କରିଥିଲେ । ଏହି ପ୍ରଶିକ୍ଷଣ ଶିବିରରେ କୋଲକତାର କୋଚ୍ ସାହିଲ ସର୍ଦ୍ଦାର, କୋଚ୍ ସୁବାସ ପାତ୍ର, ଓଡିଶା କୋଚ୍ ଲଳିତ ମହାନ୍ତି ଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ୍ ପ୍ରଦାନ କରାଯାଉଛି । ଏହି ଶିବିରକୁ ଭିଭିନେଶ୍ ପାତ୍ର, ସତ୍ୟବ୍ରତ ସାହୁ, ଭବାନୀ ମହାନ୍ତି, ସୂର୍ଯ୍ୟ ନାରାୟଣ ଗୌଡ଼, ତପନ ପଟ୍ଟନାୟକ, ସିଦ୍ଧାନ୍ତ ଗଙ୍ଗଦେବ, ସୁଲଭ ପଣ୍ଡା ଏବଂ ଲିଡ୍ କ୍ଲବ୍‌ର କୋଚ୍ ବିଶ୍ୱବନ୍ଧୁ ପାଢ଼ୀ ସହାୟତା କରୁଛନ୍ତି ।

# ୧୨ରୁ ୧୮ ମହେଶ ଦାଶ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ

ବାରିପଦା, (ସବ୍ୟୁ) : ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ପଡିଆରେ ମହେଶ ଦାଶ ଫୁଟବଲ ଏକାଡେମୀ ଆନୁକୂଲ୍ୟରେ ମହେଶ ଦାଶ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଚଳିତ ମାସ ୧୨ ରୁ ୧୮ତାରିଖ ମଧ୍ୟରେ ଅନୁଷ୍ଠିତ ହେବାକୁ ଯାଉଅଛି । ଏହି ଟୁର୍ଣ୍ଣାମେଣ୍ଟରେ ଯୁବ ଟିମର ୮ଟି ଓ ଭେଟେରାନ ଟିମର ୮ଟି ଦଳ ଅଂଶଗ୍ରହଣ କରୁଛନ୍ତି ବୋଲି ମୁଖ୍ୟ ଆୟୋଜକ ଲୋହିତ ଦାଶ ଜଣାଇଛନ୍ତି । ପ୍ରତ୍ୟେକ ଦିନ ଅପରାହ୍ନ ୩ଟା ରୁ ୬ଟା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ । ଯୁବ ଖେଳାଳି ଟୁର୍ଣ୍ଣାମେଣ୍ଟର ଚାମ୍ପିୟାନ ଦଳକୁ ୩୦ହଜାର, ରନର୍ସ ଆପ ଦଳକୁ ୨୫ହଜାର ଏବଂ ଭେଟେରାନ ଟୁର୍ଣ୍ଣାମେଣ୍ଟର ଚାମ୍ପିୟାନ ଦଳକୁ ୧୦ହଜାର ଓ ୮ହଜାର ପୁରସ୍କାର ରାଶି ରହିଛି ଓ ଟୁର୍ଣ୍ଣାମେଣ୍ଟର ଶେଷ ପ୍ରସ୍ତୁତି ବୈଠକରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଫାଓର ଉପସଭାପତି ଅସିତ ପତି, ଜୀବନ ସାହୁ, ପ୍ରଦୀପ କିଶୋର ମହାନ୍ତି, କଳିଙ୍ଗ କେଶରୀ ଜେନା, ଅମର କୁମାର ସେଠି, ପ୍ରଦୀପ କୁମାର ବେହେରା, ଯଦୁନାଥ ମାଝୀ, ସୁଦିପ ଦାସ, ଦିଲ୍ଲୀପ ଦାସ, କୈଳାଶ ବେହେରା, ଅଶୋକ ମିସ୍ତ୍ରୀ, ଲଲାଟେନ୍ଦୁ ବେହେରା, ବିନୋଦ ରାମ, ବିଜୟ କୁମାର ଦାସ (ମଣ୍ଟୁ ଦା), ସୁଶାନ୍ତ କରଣ, ଜୀତେନ୍ଦ୍ର ବେହେରା, ତପନ କୁମାର ସିହ୍ନା, ଉମେଶ ସାହୁ ଓ ରବୀନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେଇ ଟୁର୍ଣ୍ଣାମେଣ୍ଟର ସଫଳତା କାମନା କରିଥିଲେ ।

# ଜିଲ୍ଲା କୋଷାଗାର ଅବସରପ୍ରାପ୍ତ ମୁଖ୍ୟ ହିସାବ ରକ୍ଷକଙ୍କ ପରଲୋକ

ବାରିପଦା, (ସବ୍ୟୁ) : ବାରିପଦା ଜିଲ୍ଲା କୋଷାଗାର ଅବସରପ୍ରାପ୍ତ ମୁଖ୍ୟ ହିସାବ ରକ୍ଷକ ପୂର୍ଣ୍ଣଚନ୍ଦ୍ର ନାୟକଙ୍କର ଶନିବାର ଜିଲ୍ଲାମୁଖ୍ୟ ଚିକିତ୍ସାଳୟରେ ଦେହାନ୍ତ ହୋଇଯାଇଛି । ୮୦ବର୍ଷରେ ପରଲୋକ ଗମନ କରିଥିବା ସ୍ୱର୍ଗତ ନାୟକ ୨୦୦୪ ମସିହାରେ ବାରିପଦା ଜିଲ୍ଲା କୋଷାଗାରରୁ ଅବସର ଗ୍ରହଣ କରିଥିଲେ । ୧୯୪୬ ମସିହାରେ ପଟିସାରୀପରି ଏକ ପଲ୍ଲୀରେ ଜନ୍ମଗ୍ରହଣ କରି ବେସରକାରୀ ଉଦ୍ୟମରେ ଉଚ୍ଚ ଶିକ୍ଷିତ ହୋଇ ମୟୂରଭଞ୍ଜର ଜଣେ ଜଣାଶୁଣା ଲୋକ ଭାବରେ ପରିଚୟଲାଭ କରିଥିଲେ । ଅନେକ କବିତାର ସ୍ରଷ୍ଟା ଭାବରେ ସେ ମଧ୍ୟ ପରିଚିତ ଥିଲେ । ତାଙ୍କର ବାରିପଦାସ୍ଥ ତୁଳସୀଚଉରା ବାସଭବନରେ ବାରିପଦା ମ୍ୟୁନିସିପାଲଟି ଚେୟାରମ୍ୟାନ କୃଷ୍ଣାନନ୍ଦ ମହାନ୍ତି ସମେତ ବହୁ ରାଜନୀତିକ ନେତା ତଥା ବରଷ୍ଠନାଗରିକ ତାଙ୍କର ମର ଶରୀରରେ ଶେଷ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ । ଅନ୍ତିମ ଶଯ୍ୟାରେ ନିଜର ଚାରିକନ୍ୟା ପ୍ରଭାତୀ, ସୁପ୍ରିତୀ, ମାନସୀ, ରୀତା ଓ ଚାରି ଯୋଇଁ ବିଚିତ୍ର, ପୁରୁଷୋତ୍ତମ, ଗଙ୍ଗାଧର ଓ ରାଜୁ ସହିତ ପତ୍ନୀ ଶାନ୍ତିଲତା ଓ ପୁତ୍ର ବିବେକାନ୍ଦ, ପୁତ୍ରବଧୁ ଭାଗ୍ୟଲକ୍ଷ୍ମୀ, ନାତିନାତୁଣୀ ତଥା ଭାଇ ବନ୍ଧୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ବାରୁଣୀଘାଟର ଶେଷ କୃତ୍ୟରେ ସ୍ୱର୍ଗତ ନାୟକଙ୍କର ପୁତ୍ର ୧୪ନମ୍ବର ୱାର୍ଡ କାଉନ୍ସିଲର ବିବେକାନନ୍ଦ ନାୟକ ମୁଖାଗ୍ନୀ ପ୍ରଦାନ କରିଥିଲେ । ସ୍ୱର୍ଗତ ନାୟକଙ୍କର ବିୟୋଗରେ ବହୁ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଓ ସାଧାରଣ ଜନତା ଦୁଃଖ ପ୍ରକାଶ କରିଛନ୍ତି ।

## ବିଦ୍ୟାଳୟ ନିକଟରୁ କୁକୁଡ଼ା ଫାର୍ମ ସ୍ଥାନାନ୍ତର ପାଇଁ ଜିଲ୍ଲାପାଳଙ୍କୁ ଫେରାଦ

ଠାକୁରଗଡ଼, (ସବ୍ୟୁ): ଆଠମଲ୍ଲିକ ବ୍ଲକ ସାନହୁଲା ପଂଚାୟତ ସିହୁରଖୋଳ ଗ୍ରାମର ବିଦ୍ୟାଳୟ ନିକଟରେ ଏକ ସରକାରୀ ଜମିରେ ବେଆଇନ ଭାବରେ ଏକ କୁକୁଡ଼ା ଫାର୍ମ ଦୀର୍ଘ ଦିନ ହେବ ନିର୍ମାଣ ହୋଇଛି । ଏହି କୁକୁଡ଼ା ଫାର୍ମର ଦୁର୍ଗନ୍ଧ ଯୋଗୁଁ ଛାତ୍ରୀଛାତ୍ର ବିଦ୍ୟାଳୟରେ ପାଠ ପଢ଼ି ପାରୁନଥିବା ବେଳେ ଅଞ୍ଚଳବାସୀ ମଧ୍ୟ ସଠିକ ଭାବରେ ରହିପାରୁ ନାହାନ୍ତି। ଫଳରେ ଅଞ୍ଚଳବାସୀ ଅଶାନ୍ତିରେ ହୋଇପଡ଼ିଥିବା ବେଳେ ଉକ୍ତ କୁକୁଡ଼ା ଫାର୍ମକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଗ୍ରାମବାସୀ ମାନେ ଶନିବାର ଦିନ ଅନୁଗୋଳ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି । ଗ୍ରାମବାସୀ ତାଙ୍କ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ କିଛି ବର୍ଷ ହେବ ଏକ ସରକାରୀ ଜମିରେ ବିଦ୍ୟାଳୟ ପାଖରେ ଏହି ଫାର୍ମ ନିର୍ମାଣ ହୋଇଛି । ପ୍ରତ୍ୟେକ ଦିନ କୁକୁଡ଼ା ମାନେ ମୃତ ବରଣ କରୁଥିବା ବେଳେ ଫାର୍ମରୁ ଦୁର୍ଗନ୍ଧ ଯୋଗୁଁ ଅଞ୍ଚଳରେ ରହିବା କଷ୍ଟକର ହୋଇପଡୁଛି । ବିଶେଷ କରି ଛାତ୍ରୀଛାତ୍ର ମାନେ ମଧ୍ୟ ଏହି ଦୁର୍ଗନ୍ଧ ଯୋଗୁଁ ପାଠପଢି ପାରୁନାହାନ୍ତି । ଏହି ଫାର୍ମକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ବହୁବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଏଥିପ୍ରତି ପଦକ୍ଷେପ ନେବାକୁ ଗ୍ରାମର ଅଜିତ କୁମାର ସାହୁ, ଜୟ କୁମାର ସାହୁ, ଅଭିମନ୍ୟୁ ସାହୁ, ପବି ପ୍ରଧାନ, ପ୍ରଫୁଲ୍ଲ ପ୍ରଧାନଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି ।

### ଅନୁଗୋଳ ଜିଲ୍ଲାରେ କଂଗ୍ରେସ ପକ୍ଷରୁ ସମ୍ବିଧାନ ବଞ୍ଚାଅ ସମାବେଶ

# ସମ୍ବିଧାନ ବଞ୍ଚାଇବାକୁ ପ୍ରତ୍ୟେକ ଭାରତୀୟ ଆଗେଇ ଆସିବା ଉଚିତ : ଭକ୍ତ

ଅନୁଗୋଳ, (ସବ୍ୟୁ): ଅନୁଗୋଳ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ ସମ୍ବିଧାନ ବଞ୍ଚାଅ ସମାବେଶରେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ ଭାରତବର୍ଷର ସମ୍ବିଧାନ ବର୍ତ୍ତମାନ ବହୁ ଦୁର୍ଦ୍ଦିନ ଦେଇ ଗତି କରୁଛି ଏବଂ ଏହାର ସୁରକ୍ଷା ଅତି ଆବଶ୍ୟକ ହୋଇ ପଡ଼ିଛି । ଆଜି ଭାରତୀୟ ସମ୍ବିଧାନକୁ ବଞ୍ଚାଇବାକୁ ପ୍ରତ୍ୟେକ ଭାରତୀୟ ଆଗକୁ ଆସିବା ଉଚିତ। ବହୁ ଘାତ ପ୍ରତିଘାତ ଦେଇ ଭାରତବର୍ଷ ତାର ସ୍ୱାଧୀନତା ଲାଭ କରିଥିଲା ଓ ଡଃ ଆମ୍ବେଦକରଙ୍କ ଅକ୍ଳାନ୍ତ ପରିଶ୍ରମରେ ଯେଉଁ ବିଶ୍ୱ ବନ୍ଦିତ ଭାରତ ସମ୍ବିଧାନ ପ୍ରଣୟନ କରାଯାଇଛି ତାର ସୁରକ୍ଷା ପାଇଁ ପ୍ରତ୍ୟେକ ଭାରତୀୟ ସଙ୍କଳ୍ପବଦ୍ଧ ବୋଲି ପ୍ରକାଶ କରିଥିଲେ। ଜିଲ୍ଲା କଂଗ୍ରେସ ସଭାପତି ଅଖିଳ ପ୍ରସାଦ ଭଞ୍ଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ବିଧାନ ବଞ୍ଚାଅ ସମାବେଶରେ ପ୍ରବଳ ଗୌରତାପ ସତ୍ତ୍ୱେ ହଜାର ହଜାର କଂଗ୍ରେସ କର୍ମୀ ସ୍ଥାନୀୟ କଂଗ୍ରେସ ଭବନଠାରୁ ଏକ ଶୋଭାଯାତ୍ରାରେ ଅନୁଗୋଳ ମୁଖ୍ୟ ବଜାର ଦେଇ ସଭାସ୍ଥଳ ଠାରେ ପହଞ୍ଚିଥିଲେ ପରେ ସମାବେଶ ଆରମ୍ଭ ହୋଇଥିଲା। ଶୋଭାଯାତ୍ରାରେ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ମନ୍ତ୍ରୀ ସାଂସଦ ନଗେନ୍ଦ୍ର ପ୍ରଧାନ, ପୂର୍ବତନ ମନ୍ତ୍ରୀ ତଥା ସାଂସଦ ଅମରନାଥ ପ୍ରଧାନ ଓ ବହୁ କଂଗ୍ରେସ ନେତା ଓ କର୍ମୀ ବହୁ ଉତ୍ସାହର ସହ ଶୋଭାଯାତ୍ରାରେ ସମ୍ବିଧାନର ସୁରକ୍ଷାପାଇଁ ଓ ସାମ୍ପ୍ରତିକ ସରକାରଙ୍କ ଜନବିରୋଧୀ କାର୍ଯ୍ୟ ଓ ବିଶେଷକରି ରାଜ୍ୟ ସରକାରଙ୍କ ନାରୀ ସୁରକ୍ଷାରେ ବିଫଳତାକୁ ନେଇ ବିଭିନ୍ନ ପ୍ରକାର ସ୍ଲୋଗାନ ମାନ ଦେଉଥିଲେ। ଜିଲ୍ଲା ସଭାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶକୁ ଉଦବୋଧନ ଦେଇ ପ୍ରଦେଶ କଂଗ୍ରେସ ସଭାପତି କେନ୍ଦ୍ର ସରକାରଙ୍କ ବିଫଳତାକୁ ଜଣାଇବାକୁ ଯାଇ ଆଜି ଦେଶ ଏକ ଯୁଦ୍ଧର ଆହ୍ୱାନକୁ ସାମ୍ନା କରିବାକୁ ଯାଉଛି। ଦେଶର ଭିତର ଓ ବାହାର ଆଜି ସୁରକ୍ଷିତ ନୁହେଁ। ଏହାଛଡା ରାଜ୍ୟର ସରକାରଙ୍କ ବିଭିନ୍ନ ଶୋଷଣର ଶିକାର ହୋଉଥିବା ପ୍ରକାଶ କରିଥିଲେ। ରାଜ୍ୟରେ ନାରୀମାନଙ୍କ ସୁରକ୍ଷା ସମ୍ପୂର୍ଣ୍ଣ ଭୁଷୁଡି ଯାଇଥିବା ବେଳେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ। ସରକାର ଦଶମାସ ମଧ୍ୟରେ ଜନତାଙ୍କୁ ଦେଇଥିବା ପ୍ରତିଶୃତି ଆଜି ସମ୍ପୂର୍ଣ୍ଣ ରୂପେ ପ୍ରତାରଣାରେ ପରିଣତ ହୋଇଛି ବୋଲି କ୍ଷୋଭର ସହ ବର୍ଣ୍ଣନା କରିଥିଲେ। ରାଜ୍ୟ କଂଗ୍ରେସ ବର୍ତ୍ତମାନ ଏକ ମନ ଓ ଏକ ପ୍ରାଣରେ ଏକାଠି ହୋଇ ଐକ୍ୟବଦ୍ଧ ଭାବରେ କାର୍ଯ୍ୟ କରୁଛି। ରାଜ୍ୟବାସୀ ଡବଲ ଇଞ୍ଜିନ ସରକାରର କାର୍ଯ୍ୟକୁ ଜାଣି ସାରିଲେଣି। ଆଗାମୀ ଦିନରେ ତାର ଉଚିତ ଜବାବ ଦେବେ ବୋଲି କହିଥିଲେ। ଉକ୍ତ ସମାବେଶରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେଶରେ ପ୍ରଚଳିତ ହେଉଥିବା ଜେନେରିକ ଔଷଧ ଠାରୁ ଆରମ୍ଭ କରି କଟକ ସମ୍ବଲପୁର ରାଜରାସ୍ତା ପ୍ରଶସ୍ତୀକରଣ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଉପା ସରକାର ହିଁ କରିଥିଲେ। ସାରକାରଖାନା ପୁନଃ ପ୍ରଚଳନ ହେଉ କିମ୍ବା ୧୦୮ ଆମ୍ବୁଲାନ୍ସ ମନମୋହନ ସରକାରଙ୍କ ପରିକଳ୍ପନା। ଆଜି ସେସବୁକୁ ନେଇ ନିଜ ଫଟୋ ମାରି ଖାଲି ପ୍ରଚାର ସିନା କରୁଛନ୍ତି କିନ୍ତୁ କାର୍ଯ୍ୟ ସମାପ୍ତ କରିପାରୁ ନାହାନ୍ତି। ଜାତିଭିତ୍ତିକ ଜନଗଣନା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଚିନ୍ତାଧାରାକୁ କେନ୍ଦ୍ର ବିଳମ୍ବରେ ହେଲେ ମଧ୍ୟ ଗ୍ରହଣ କରିବାକୁ ବାଧ୍ୟ ହେଉଛନ୍ତି। ଜାତିଭିତ୍ତିକ ସଂରକ୍ଷଣ ଜନସଂଖ୍ୟା ଆଧାରରେ କରାଯିବା ଆବଶ୍ୟକ ଥିବା ବେଳେ ତାକୁ କେନ୍ଦ୍ର ସରକାର ପ୍ରତ୍ୟାଖାନ କରି ଆସୁଥିଲେ ବୋଲି ପ୍ରକାଶ କରିଥିଲେ। ପୂର୍ବତନ ସାଂସଦ ନଗେନ୍ଦ୍ର ପ୍ରଧାନ ନାରୀମାନେ ଅସୁରକ୍ଷିତ ଓ ବର୍ତ୍ତମାନର ସରକାର ସେମାନଙ୍କୁ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ଅସମର୍ଥ ବୋଲି ପ୍ରକାଶ କରି ନାରୀମାନଙ୍କ ଏକତା ନିଶ୍ଚିତ ଆଗାମୀ ଦିନରେ ସରକାରଙ୍କ ମୁଣ୍ଡ ବ୍ୟଥାର କାରଣ ହେବ ବୋଲି ତାଙ୍କ ବକ୍ତବ୍ୟରେ ଚେତେଇ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସାଂସଦ ଅମରନାଥ ପ୍ରଧାନ, ପୂର୍ବତନ ଜିଲ୍ଲା ସଭାପତି ସଂଗ୍ରାମ ମିଶ୍ର, ଅଖିଳ ମହିଳା କଂଗ୍ରେସ ସମ୍ପାଦିକା ସସ୍ମିତା ବେହେରା, ଲକ୍ଷ୍ମୀଧର ଦାସ, ବିଜୟାନନ୍ଦ ଚାଉଳିଆ, ଅନିମା ମିଞ୍ଜ, ଦେବଗଡ ଜିଲ୍ଲା ସଭାପତି ପ୍ରମୁଖ ବହୁ ବକ୍ତା ଉକ୍ତ ସମାବେଶରେ ଉଦବୋଧନ ଦେଇଥିଲେ। ଲୁଲୁ ପାଣିଗ୍ରାହୀ, ପ୍ରଦ୍ୟୁମ୍ନ ସାହୁ, ସବିତା ଧଳ, କେଶବ ଭୂତିଆ, ରାଜକିଶୋର ସାହୁ, ନରୋତ୍ତମ ନାୟକ, ହିମାଂଶୁ ଚାଉଳିଆ, ଶୁଶ୍ରୀ ଶାନ୍ତୀ ବେହେରା ପ୍ରମୁଖ ସମାବେଶକୁ ପରିଚାଳନା କରିଥିଲେ। ତାଳଚେର ପୂର୍ବତନ ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।



## ସ୍ୱାମୀ ମାଡ଼ରେ ସ୍ତ୍ରୀ ଗୁରୁତର

ଠାକୁରଗଡ, (ସବ୍ୟୁ) ହଣ୍ଡପା ଥାନା ଆନନ୍ଦମୁଣ୍ଡା ଗ୍ରାମର ରିଙ୍କି ବେହେରାଙ୍କୁ ତାଙ୍କ ସ୍ୱାମୀ ଗଗନ ବେହେରା ମରଣାନ୍ତକ ଆକ୍ରମଣ କରିଥିବା ରିଙ୍କିଙ୍କ ବାପା ବିଡିସିଙ୍ଗ ଗ୍ରାମର ଦାମଦର ସାହୁ ହଣ୍ଡପା ଥାନାରେ ଶୁକ୍ରବାର ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତି କରି ପୋଲିସ କେଶ୍ ନମ୍ବର ୧୬୧/୨୫ରେ ଏକ ମାମଲା ରୁଜୁ କରିଛି । ପୋଲିସ କହିଛି ଯେ ରିଙ୍କିଙ୍କୁ କିଛି ମାସ ହେବ ତାଙ୍କ ଶାଶୁଘର ଲୋକେ ନିର୍ଯାତନା ଦେଇ ଆସୁଛନ୍ତି। ଶୁକ୍ରବାର ଦିନ ରିଙ୍କି ଘରେ ଥିବା ବେଳେ କୌଣସି କାରଣ ନଥାଇ ଗଗନ ଗଣ୍ଡଗୋଳ କରିଥିଲେ । ପରେ ଉତକ୍ଷିପ୍ତ ହୋଇ ତାଙ୍କୁ ସେ ମରଣାନ୍ତକ ଭାବରେ ଆକ୍ରମଣ କରିଥିଲେ। ସେ ଗୁରୁତର ହୋଇପଡ଼ିଥିବା ବେଳେ ତାଙ୍କ ପରିବାର ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସ ମାଧ୍ୟମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି । ତାଙ୍କ ଅବସ୍ଥା ଗୁରୁତର ଥିବା ପୋଲିସ କହିଛି ।

## ଭ୍ୟାନ ଧକ୍କାରେ ଜଣେ ଗୁରୁତର

ଠାକୁରଗଡ, (ସବ୍ୟୁ): ଠାକୁରଗଡ ଥାନା ପକୋଣ୍ଡା ଗ୍ରାମରେ ଶୁକ୍ରବାର ଦିନ ଏକ ଭ୍ୟାନ ଧକ୍କାରେ ସେହି ଗ୍ରାମର ସୁଇଟି ନାୟକ ଜଣେ ନାବାଳିକା ଗୁରୁତର ଆହାତ ହୋଇଛନ୍ତି। ଏନେଇ ସୁଇଟି ଙ୍କ ମାମୁଁ ମାନସ ନାୟକ ଠାକୁରଗଡ ଥାନାରେ ଶୁକ୍ରବାର ଦିନ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତି କରି ପୋଲିସ ନମ୍ବର ୧୩୬/୨୫ ରେ ଏକ ମାମଲା ରୁଜୁ କରିଛି । ପୋଲିସ କହିଛି ଯେ, ପକୋଣ୍ଡା ଗ୍ରାମକୁ ଏକ ଫେରିବାଲା ବିକ୍ରି କରିବାକୁ ଆସିଥିଲା । ଏହି ଫେରିବାଲା ଠାରୁ ଜିନିଷ କିଣିବା ପାଇଁ ସୁଇଟି ଯାଉଥିବା ବେଳେ ଏକ ଦ୍ରୁତଗତିରେ ଆସୁଥିବା ପିକଅପ୍ ଭ୍ୟାନ ନମ୍ବର (ଓଡି ୦୨ ସିଡି ୬୦୬୫ )ତାଙ୍କୁ ଧକ୍କା ଦେଇଥିଲା । ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି ।

## ବୋହୂଙ୍କୁ ଠେଙ୍ଗାରେ ଆକ୍ରମଣ

ଠାକୁରଗଡ, (ସବ୍ୟୁ): ହଣ୍ଡପା ଥାନା ସାନ ଗୋବିନ୍ଦପୁର ଗ୍ରାମର ଆରତି ନାୟକଙ୍କୁ ତାଙ୍କ ଶଶୁର ଗୌରାଙ୍ଗ ନାୟକ ଓ ଶାଶୁ ଅନିତା ନାୟକ ଏକ ଠେଙ୍ଗାରେ ଆକ୍ରମଣ କରିଥିବା ଆରତି ଶୁକ୍ରବାର ଦିନ ହଣ୍ଡପା ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତି କରି ପୋଲିସ ନମ୍ବର ୧୫୯/୨୫ ରେ ଏକ ମାମଲା ରୁଜୁ କରିଛି । ଏନେଇ ପୋଲିସ କହିଛି ଯେ, ଆରତି ତାଙ୍କ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ତାଙ୍କୁ ତାଙ୍କ ଶଶୁର ଓ ଶାଶୁ କିଛି ମାସ ହେବ ନିର୍ଯାତନା ଦେଉଛନ୍ତି । ଏପରିକି ଅନେକ ସମୟରେ ଅସଭ୍ୟ ଭାଷାରେ ଗାଳି ଗୁଲଜ କରୁଛନ୍ତି । ଶୁକ୍ରବାର ଦିନ ସେ ଘରେ ଥିବାବେଳେ ଉଭୟ ଶାଶୁ ଶଶୁର ଆସି ତାଙ୍କୁ ଏକ ଠେଙ୍ଗାରେ ଆକ୍ରମଣ କରିଛନ୍ତି । ଏନେଇ ଗୌରାଙ୍ଗ ନାୟକ ଏକ ପାଲଟା ଅଭିଯୋଗ କରିଛନ୍ତ। ତାଙ୍କ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ସେ ଅସୁସ୍ଥ ଥିଲେ ମଧ୍ୟ ତାଙ୍କ ପୁଅ ଶୁଭେନ କୁମାର ନାୟକ ଓ ବୋହୁ ଆରତି ନାୟକ ତାଙ୍କୁ ଖାଇବାକୁ ଦେଉ ନାହାନ୍ତି । ଏପରିକି ତାଙ୍କୁ ନିର୍ଯାତନା ଦେଉଛନ୍ତି । ଏନେଇ ୧୬୦/୨୫ରେ ଅନ୍ୟ ଏକ ପାଲଟା ମାମଲା ରୁଜୁ କରାଯାଇଛି ।

## ଦୁର୍ଘଟଣାରେ ଶ୍ରମିକଙ୍କ ମୃତ୍ୟୁ

ଗୋଡ଼ିବନ୍ଧ,(ସବ୍ୟୁ): ଶୁକ୍ରବାର ଦିନ ରାତ୍ରରେ ତାଳଚେର ଏମସିଏଲର ଭରତପୁର ମୁକ୍ତାକାଶ କୋଇଲା ଖଣିରେ ଦୁର୍ଘଟଣାରେ ଜଣେ ଶ୍ରମିକଙ୍କ ଜୀବନ ଦୀପ ଲିଭିଯାଇଛି। ନିତିଦିନ ପରି ଗତକାଲି କୁମୁଣ୍ଡା ଗ୍ରାମର ଦେବାନନ୍ଦ ବିଶ୍ୱାଳ(୩୫) ରାତ୍ରି ଡ୍ୟୁଟିରେ ଭରତପୁର ଖଦାନ ଯାଇଥିଲେ। ସେ ତାଳଚେର ବିଧାୟକଙ୍କ ପରିଚାଳିତ କେଟିଏଲଜେଭି ଠିକା ସଂସ୍ଥାରେ କାର୍ଯ୍ୟରତ ଥିଲେ । ସାଥୀ କର୍ମଚାରୀଙ୍କ କହିବା କଥା ଏକ ୬ନମ୍ବର୍ ଲୋଡର୍ ତାଙ୍କ ପଛପଟୁ ରାତ୍ର ୩ଟା ସମୟରେ ଧକ୍କା ଦେଇଥିଲା । ଫଳରେ ଶ୍ରୀ ବିଶ୍ୱାଳ ପଡ଼ିଯାଇ ଏକ କୋଇଲା ଖଣ୍ଡରେ ବାଡେଇ ହେଇ ଘଟଣା ସ୍ଥଳରେ ମୃତ୍ୟୁ ବରଣ କରିଥିଲେ। ଏ ଘଟଣା ପ୍ରସାରିତ ହେବାପରେ ସମସ୍ତ ଶ୍ରମିକ କ୍ଷତି ପୂରଣ ଦାବିରେ ଆନ୍ଦୋଳନ କରିଥିଲେ। ପରିବାର ବର୍ଗଙ୍କ ଉପସ୍ଥିତିରେ ମୃତକ ପରିବାର ବର୍ଗଙ୍କୁ ୨୬ଲକ୍ଷ ୯୮ହଜାର ୫୦୦ ଟଙ୍କା କ୍ଷତିପୂରଣ ରାଶିର ଚେକ୍ ପ୍ରଦାନ କରାଯିବା ସହିତ ଶୁଦ୍ଧିକ୍ରିୟା ନିମନ୍ତେ ୩ ଲକ୍ଷ ଟଙ୍କା ନଗଦ ଅର୍ଥରାଶି ପ୍ରଦାନ କରାଯାଇଥିଲା । ଦେବାନନ୍ଦ ବିଶ୍ୱାଳଙ୍କ ଧର୍ମପତ୍ନୀଙ୍କୁ ଜୀବିକା ଉପାର୍ଜନ କରିବା ନିମନ୍ତେ ବ୍ୟବସ୍ଥା କରିବା ପାଇଁ ଏମସିଏଲ କର୍ତ୍ତୃପକ୍ଷ ଠିକା ସଂସ୍ଥାରେ ଚାକିରି ପ୍ରତିଶ୍ରୁତି ଦେଇଥିଲେ।

## ଫୁଲଝରିରେ ବାଘ ଆକ୍ରମଣରେ ବାଛୁରୀ ମୃତ

ବଇଣ୍ଡା, (ସବ୍ୟୁ): କିଶୋର ନଗର ବ୍ଲକ ଅନ୍ତର୍ଗତ ଫୁଲଝରୀ ଅଙ୍ଗପଡା ଗ୍ରାମର ନିଲମ କୁମାର ପ୍ରଧାନଙ୍କ ବାଛୁରୀ ଚରିବାକୁ ଯାଇଥିବା ବେଳେ ନିକଟ ଜଙ୍ଗଲରେ ଥିବା କଲରା ପତରିଆ ବାଘ ଆସି ବାଛୁରୀଟିକୁ ଖାଇ ଦେଇଥିଲା । ଫଳରେ ସେଠାରେ ବାଛୁରୀଟିର ମୃତ୍ୟୁ ହୋଇଯାଇଥିଲା । ଯାହା ଦ୍ୱାରା ଗ୍ରାମବାସି ମାନେ ଭୟଭିତ ହୋଇଯାଇଛନ୍ତି । ଜଙ୍ଗଲକୁ ଯିବାକୁ କିମ୍ବା ଗାଇ, ଛେଳି, ମେଣ୍ଢା ଜଙ୍ଗଲକୁ ଚରାଇବା ପାଇଁ ଡରୁଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଯଥାଶୀଘ୍ର କଲରା ପତ୍ରିଆ ବାଘକୁ ସରକାର ଅନ୍ୟତ୍ର ରଖିଲେ ଗ୍ରାମବାସୀ ଭୟ ମୁକ୍ତ ହେବେ । ତା ନହେଲେ ଆଗକୁ ଆହୁରି ବହୁ ଜୀବନ ଯିବାର ଆଶଙ୍କା ରହିଛି ।

## ଆମ୍ବ ଗୋଟାଇବା ହେଲା କାଳ
## ଗଛ ଡାଳ ପଡି ଯୁବକ ମୃତ

କାମାକ୍ଷାନଗର, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଆଳତୁମା ଗ୍ରାମ ଦେହୁରୀ ସାହିରେଆମ୍ବ ଗୋଟାଇବାକୁ ଯାଇଥିବା ବେଳେ ଆମ୍ବଡାଳ ଖସି ପଡିବାରୁ ଯୁବକଙ୍କ ମୃତ୍ୟୁ ଘଟିଥିବାର ଜଣାପଡିଛି। ସୂଚନା ଅନୁସାରେ ଦେହୁରୀସାହିର ମୁନା ଦେହୁରୀ (୩୫)ଆଜି ସକାଳୁ ଗାଁ ନିକଟରେ ଥିବା ଆମ୍ବତୋଟାକୁ ଆମ୍ବ ଗୋଟାଇବାକୁ ଯାଇଥିଲେ । ଆମ୍ବ ଗୋଟାଉଥିବା ସମୟରେ ଦୁର୍ଭାଗ୍ୟବଶତଃ ଏକ ଆମ୍ବଗଛର ଡାଳ ଭାଙ୍ଗିଯାଇ ମୁନାଙ୍କ ଉପରେ ପଡି ଯାଇଥିଲା । ଫଳରେ ମୁନାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ସେ ସେଠାରେ ଚେତାଶୂନ୍ୟ ହୋଇ ଯାଇଥିଲେ । ନିକଟରେ ଥିବା କିଛି ଲୋକ ଏହା ଦେଖି ତୁରନ୍ତ ମୁନାଙ୍କୁ କାମାକ୍ଷାନଗର ମେଡ଼ିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୁନାଙ୍କ ଏପରି ଅଭାବନୀୟ ମୃତ୍ୟୁରେ ମେଡିକାଲ ଓ ଗାଁରେ ଶୋକର ଛାୟା ଖେଳି ଯାଇଥିବା ବେଳେ ମୁନାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

## ଉତ୍କଳ ସର୍ବୋଦୟ ମଣ୍ଡଳ ରାଜ୍ୟସ୍ତରୀୟ ସମ୍ମିଳନୀ




କାମାକ୍ଷାନଗର, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ ବାଲିଗୋରଡ଼ ଠାରେ ଥିବା କଲ୍ୟାଣମଣ୍ଡପରେ ଉତ୍କଳ ସର୍ବୋଦୟ ମଣ୍ଡଳ ତରଫରୁ ଦୁଇଦିନିଆ ରାଜ୍ୟ ସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଏହି ସମ୍ମିଳନୀରେ ସାମ୍ପ୍ରତିକ ପରିସ୍ଥିତିରେ ଦେଶ ତଥା ରାଜ୍ୟର ସ୍ଥିତି, ନିଶା ନିବାରଣ, ଅସ୍ପୃଶ୍ୟତା ନିବାରଣ, ସାମ୍ପ୍ରଦାୟିକ ସଦଭାବ, ଚାଷୀ ଆନ୍ଦୋଳନ ଓ ପରିବେଶର ସୁରକ୍ଷା ଉପରେ ଆଲୋଚନା କରାଯାଇଥିଲା। ଏହି ସମ୍ମିଳନୀ ଦୁଇଦିନ ଧରି ଚାଲିବାକୁ ଥିବା ବେଳେ ସାରା ରାଜ୍ୟର ବିଭିନ୍ନ ଅଞ୍ଚଳରୁ ସର୍ବୋଦୟ ମଣ୍ଡଳର କାର୍ଯ୍ୟକର୍ତ୍ତା ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବା ବେଳେ ବିଭିନ୍ନ ମୁଖ୍ୟ ପ୍ରସଙ୍ଗକୁ ନେଇ ଆଲୋଚନା କରାଯିବାର ପ୍ରସ୍ତୁତି ରହିଛି । ଏତଦବ୍ୟତୀତ ଏହି ସମ୍ମିଳନୀ ଅବସରରେ ଆୟୋଜିତ ସାଧାରଣ ବୈଠକରେ ସର୍ବୋଦୟ ମଣ୍ଡଳର ନୂତନ ସଭାପତି ଚୟନ କରାଯିବା ନେଇ ମଣ୍ଡଳର କାର୍ଯ୍ୟକର୍ତ୍ତା ରମାକାନ୍ତ ମଣ୍ଡଳ ସୂଚନ ପ୍ରଦାନ କରିଛନ୍ତି।

## ଜିଲ୍ଲାରେ ଅପରାଧ ରୋକିବା ନିମନ୍ତେ ୧୭ ରେ ବାର ଘଣ୍ଟିଆ ତାଳଚେର ବନ୍ଦ ଡାକରା

ତାଳଚେର, (ସବ୍ୟୁ): ଅନୁଗୋଳ ଜିଲ୍ଲାରେ ଅପରାଧ ରୋକିବା ନିମନ୍ତେ ଆଇନ୍ ଶୃଙ୍ଖଳା ସୁଦୃଢ଼ କରିବା ନେଇ ଦଳିତ ମହାସଂଘ ପକ୍ଷରୁ ଆସନ୍ତା ମଇ ୧୭ ରିଖରେ ୧୨ ଘଣ୍ଟିଆ ତାଳଚେର ବନ୍ଦ ଡାକରା ଦିଆଯାଇଛି । ଏନେଇ ସଂଘ ପକ୍ଷରୁ ଶୁକ୍ରବାର ଅନୁଗୋଳ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଏବଂ ଉପଖଣ୍ଡ ପ୍ରଶାସନକୁ ୯ ଦଫା ଦାବୀ ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସଂଘ ପକ୍ଷରୁ କୁହାଯାଇଛି ଯେ, ଗତ କିଛି ଦିନ ପୂର୍ବରୁ ସୁଭଦ୍ରା ପାଦିଲ୍ଙ୍କୁ ଅପହରଣ କରି ଗଣ ଦୁଷ୍କର୍ମ କରାଯିବା ସହ ହତ୍ୟା କରାଯିବା ଏବଂ ଦେଉଳବେଡା ଅଂଚଳର ବିଶ୍ୱଜିତ୍ ନାଏକଙ୍କୁ ହତ୍ୟା କରାଯାଇ ନିକଟସ୍ଥ ଶିବରାମପୁର ରାସ୍ତା କଡରୁ ଗଳିତ ଶବ ଉଦ୍ଧାର କରାଯିବା ଭଳି ଘଟଣା ଆଜକୁ ୧୫ ଦିନ ବିତି ଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଅପରାଧିମାନଙ୍କୁ ପୋଲିସ୍ ପ୍ରଶାସନ ଗିରଫ କରିବାରେ ବିଫଳ ହୋଇଛି । ହତ୍ୟାକାରୀ ମାନଙ୍କୁ ଆସନ୍ତା ୭ ଦିନ ମଧ୍ୟରେ ଗିରଫ କରି ସଂପୃକ୍ତ ଅପରାଧିମାନଙ୍କୁ କଠୋରରୁ କଠୋର ଦଣ୍ଡ ବିଧାନ କରାନଗଲେ ୧୭ ତାରିଖ ସକାଳ ୬ ଘଟିକା ଠାରୁ ସଂଧ୍ୟା ୬ ଘଟିକା ପର୍ଯ୍ୟନ୍ତ ଜନ ଆନ୍ଦୋଳନ ମାଧ୍ୟମରେ ମାନବ ଅଧିକାର ଏବଂ ଭାରତ ସମ୍ବିଧାନର ଗାରିମା ବଜାୟ ରଖିବା ନିମନ୍ତେ ତାଳଚେର ଅଂଚଳର ରାସ୍ତାଘାଟ ଓ ଅଖଚକ ବନ୍ଦ କରାଯିବ । ଏହା ସହିତ ୭ ଦଫା ଦାବୀ ଗୁଡିକ ହେଲା– ଘଟଣା ଗୁଡିକରେ ସଂପୃକ୍ତ ସମସ୍ତ ଅପରାଧି ମାନଙ୍କୁ ତୁରନ୍ତ ଗିରଫ କରି ଭାରତୀୟ ସମ୍ବିଧାନ ଆଇନ୍ ଅନୁଯାୟୀ କଠୋରରୁ କଠୋର ଦଣ୍ଡ ବିଧାନ କରାଯିବା, ଉପଯୁକ୍ତ ସମୟରେ ତଦାରଖ ନକରି ଅବହେଳା କରିଥିବା ସଂପୃକ୍ତ ଥାନା ଅଧିକାରୀମାନଙ୍କୁ ଚାକିରୀରୁ ବହିଷ୍କାର କରାଯିବା, ମୃତ ସୁଭଦ୍ରା ପାଦିଲ୍ ଓ ମୃତ ବିଶ୍ୱଜିତ୍ ନାଏକଙ୍କ ପରିବାର ବର୍ଗଙ୍କୁ କ୍ଷତିପୂରଣ ବାବଦରେ ସରକାରଙ୍କ ତରଫରୁ ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯିବା, ସୁଭଦ୍ରା ପାଦିଲ୍ଙ୍କ ପରିବାରର ସଦସ୍ୟଙ୍କୁ ସରକାରୀ ନିଯୁକ୍ତି ସହ ବାସଗୃହ ପ୍ରଦାନ କରାଯିବା, ତାଳଚେର ରେଳ ଷ୍ଟେସନ୍ ଠାରୁ ତାଳଚେର ରୋଡ୍ ରେଳ ଷ୍ଟେସନ୍ ରାସ୍ତାକୁ ସ୍ୱତନ୍ତ୍ର ନିର୍ମାଣ କରି ଅତ୍ୟାଧୁନିକ କ୍ୟାମେରା ଲଗାଇବାର ବ୍ୟବସ୍ଥା କରାଯିବା ଏବଂ ଯାତ୍ରୀ ମାନଙ୍କ ସୁରକ୍ଷା ନିମନ୍ତେ ଓ ଗମନାଗମନ ସୁବିଧା ପାଇଁ ସରକାରୀ ବସ୍ ଯୋଗାଇବା। ରେଳ ଷ୍ଟେସନ୍‌ରେ ସମସ୍ତ ଅଟୋ (ଟେମ୍ପୁ) ଓ ଅନ୍ୟାନ୍ୟ ଭଡା ଗାଡିକୁ ରେଳ ଷ୍ଟେସନ୍‌ରେ ଭଡାରେ ଲଗାଇବା ନିମନ୍ତେ ସରକାରୀ ପଂଜିକୃତ କରାଯାଉ ଏବଂ ଯେଉଁ ଚାଳକ ମାନଙ୍କର ନାମରେ ଅପରାଧ କେସ୍ ଅଛି ସେମାନଙ୍କୁ ଗାଡି ଚଳାଇବା ପାଇଁ ଅନୁମତି ଦିଆନଯାଉ । ରେଳ ଷ୍ଟେସନ୍‌ରେ ଯାତ୍ରୀମାନେ ଯେଉଁ ସ୍ଥାନକୁ ଗମନାଗମନ କରିବେ ଏବଂ ଯେଉଁ ଚାଳକ ଭଡାରେ ଯିବେ ଉଭୟ ସଂପୂର୍ଣ୍ଣ ଠିକଣା, ସରକାରୀ ପଂଜିକୃତ କାର୍ଯ୍ୟାଳୟ/ ଗାଡିଚାଳକ ସଂଘରେ ପଂଜିକୃତ କରାଯାଉ । ରେଳ ଷ୍ଟେସନ୍ ରେ ଟ୍ରେନ୍ ଫେଲ୍ ଯାତ୍ରୀ କିମ୍ବା ଟ୍ରେନ୍ ବିଳମ୍ବ ପହଂଚିବା ଯାତ୍ରୀ ମାନଙ୍କ ପାଇଁ ସ୍ୱତନ୍ତ୍ର ବିଶ୍ରାମ ଗୃହର ବ୍ୟବସ୍ଥା କରାଯିବା ପାଇଁ ତାଳଚେର ଦଳିତ ମହାସଂଘର ସାଧାରଣ ସଂପାଦକ ତଥା ମହାସଚିବ ଧିମାନ୍ କୁଞ୍ଜ ବିହାରୀ ବେହେରା ଲିଖିତ ଭାବେ ଜଣାଇଛନ୍ତି ।

## ଅସହ୍ୟ ହେଲା ସ୍ୱାମୀଙ୍କ ନିର୍ଯାତନା, ଥାନାର ଦ୍ୱାରସ୍ଥ ହେଲେ ମମତା

ହିନ୍ଦୋଳ, (ସବ୍ୟୁ): ସହି ହେଲାନି ସ୍ୱାମୀର ନିର୍ଯାତନା । ଥାନାର ଦ୍ୱାରସ୍ଥ ହୋଇ ନ୍ୟାୟ ମାଗିଲେ ମହିଳା । ଏମିତି ଘଟଣା ଘଟିଛି ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଥାନା ନୂଆବଗ ପଞ୍ଚାୟତ ଅନ୍ତର୍ଗତ ଓସ୍ତପାଳ ଗ୍ରାମରେ ।




ଗ୍ରାମର ଦୁର୍ଯ୍ୟୋଧନ ମହାପାତ୍ରଙ୍କ ସ୍ତ୍ରୀ ମମତା ମହାପାତ୍ର (୧୯) ସ୍ୱାମୀ ନିର୍ଯାତନା ସହି ନପାରି ନ୍ୟାୟ ଭିକ୍ଷା ଆଶାରେ ହିନ୍ଦୋଳ ଥାନା ଦ୍ୱାରସ୍ଥ ହୋଇଛନ୍ତି। ମମତାଙ୍କ ଅଭିଯୋଗ ଅନୁସାରେ ସ୍ୱାମୀ ଦୁର୍ଯ୍ୟୋଧନ ତାଙ୍କୁ ଦୁଇ ବର୍ଷ ତଳେ ବୈଦିକ ରୀତିରେ ବିବାହ କରିଥିଲେ। ମମତାଙ୍କ ପିତା ସ୍ୱର୍ଗତ ମହରଗା ମହାପାତ୍ରଙ୍କ ଘର ମୋଟଙ୍ଗା ଥାନା ଅନ୍ତର୍ଗତ ଛେଳିଆପଡ଼ା ଗ୍ରାମରେ । ତାଙ୍କ ସ୍ୱର୍ଗ ବାସପରେ ମମତାଙ୍କ ବିଧବା ମା' ବହୁ କଷ୍ଟରେ ତାଙ୍କୁ ବିବାହ ଦେଇଥିଲେ । ବିବାହର କିଛି ଦିନ ପରେ ସ୍ୱାମୀ ଶାରିରିକ ଓ ମାନସିକ ନିର୍ଯାତନା ଦେବାରୁ ସେ ହିନ୍ଦୋଳ ଥାନାରେ ଅଭିଯୋଗ କରିଥିଲେ। ସେ ସମୟରେ ଆପୋଷ ସମାଧାନ ହୋଇଥିଲା। ଉଭୟ କିଛି ଦିନ ଭଲରେ ଦିନ କାଟିବା ପରେ ମଦ୍ୟପ ସ୍ୱାମୀ ଦୁର୍ଯ୍ୟୋଧନ ପୁଣି ଅତ୍ୟାଚାର ଆରମ୍ଭ କରି ଯଦି ତୋ ବାପ ଘରୁ ୧୫ ଲକ୍ଷ ଟଙ୍କା ଓ ସୁନା ଚେନ ନଆଣୁ ତତେ ଓ ଛୁଆକୁ ଜୀବନରେ ପୋଡ଼ି ମାରିଦେବାକୁ ଧମକ ଦେଇ ଆସୁଥଲେ । ନିର୍ଯାତନା ଅସହ୍ୟ ହେବାରୁ ଏବେ ଜନ୍ମିତ ଝିଅକୁ ଧରି ବାପ ଘରେ ରହୁଛନ୍ତି ମମତା । ତେବେ ସ୍ୱାମୀ ଏବେ ଶ୍ୱଶୁର ଘରେ ଯାଇ ମୋ ପ୍ରତି ଅତ୍ୟାଚାର କରୁଛନ୍ତି । ଫଳରେ ନିର୍ଯାତନା ଅସହ୍ୟ ହେବାରୁ ମମତା ବାଧ ହୋଇ ନ୍ୟାୟ ପାଇଁ ହିନ୍ଦୋଳ ଥାନା ଦ୍ୱାରସ୍ଥ ହୋଇଥିବା ପ୍ରକାଶ କରିଛନ୍ତି । ଥାନାର ଦ୍ୱାରସ୍ଥ ହୋଇ ମମତା କେତେକ ଗଣମାଧ୍ୟମ ସାମ୍ନାରେ ନିଜ ସ୍ୱାମୀ କୁଆଡେ ତାର ଭାଉଜ ସହିତ ଶାରୀରିକ ସମ୍ପର୍କ ରଖିଥିବା ପ୍ରକାଶ କରିଛନ୍ତି । ପୋଲିସ ଘଟଣାର ତଦନ୍ତ କରି ଥାନାରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଦୁର୍ଯ୍ୟୋଧନକୁ ଗିରଫ କରିବା ପାଇଁ ଚେଷ୍ଟା କରିଥିଲେ ହେଁ ସେ ଫେରାର ଥିବା ଜଣାପଡିଛି ।

## ଗଦାଶିଳା ପଞ୍ଚାୟତରେ ୪ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ ଗଦାଶିଳା ଗ୍ରାମ ପଞ୍ଚାୟତରେ ଚାରୋଟି ଥଣ୍ଡା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଛି। ପଞ୍ଚାୟତ ତରଫରୁ ଚାଇଁପୁର, ଗଦାଶିଳା ବସଷ୍ଟାଣ୍ଡ, ସାଇଁବିରି ଶିବ ମନ୍ଦିର ଏବଂ ମହେନ୍ଦ୍ରପୁର ଦୁର୍ଗପୂଜା ପଡିଆଠାରେ ଏହି ପାନୀୟ ଜଳ ପ୍ରକଳ୍ପ କରାଯାଇଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ସାଧାରଣ ଲୋକ, ବାଟୋଇ ଏବଂ ସ୍ଥାନୀୟ ଲୋକମାନେ ଏହି ଥଣ୍ଡା ପାନୀୟ ଜଳକୁ ବ୍ୟବହାର କରୁଥିବାର ଦେଖିବାକୁ ମିଳଛି। ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଫିଲଟର ସହିତ ଏହି ପାନୀୟ ଜଳ ଯୋଗାଣ ହେଉଛି । ଏହି ପ୍ରକଳ୍ପକୁ ଓଡାପଡା ବ୍ଲକ୍ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ଉପାଧ୍ୟକ୍ଷ ଅମିତାଭ ସ୍ୱାଇଁ, ବିଡିଓ ଦିଲ୍ଲିପ କୁମାର ଷଡଙ୍ଗୀ, ଗଦାଶିଳା ସରପଞ୍ଚ ପ୍ରତାପ କୁମାର ସାହୁଙ୍କ ଦ୍ୱାରା ଉଦଘାଟିତ ହୋଇଛି। ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି।



## ଯୁବ ବ୍ୟବସାୟୀଙ୍କ ଅକାଳ ବିୟୋଗ

ଅନୁଗୋଳ, (ସବ୍ୟୁ): ଅନୁଗୋଳର ସଫଳ ଯୁବ ବ୍ୟବସାୟୀ ବ୍ରିଜ ମୋହନ ଆଗ୍ରୱାଲା (ମୁନା)ଙ୍କ ଅକାଳ ବିୟୋଗ ହୋଇଯାଇଛି। ଅନୁଗୋଳ ସହରର ବିଶିଷ୍ଟ ବ୍ୟବସାୟୀ ମହାବୀର ପ୍ରସାଦ ଆଗ୍ରୱାଲାଙ୍କ ସେ ବଡ଼ ପୁଅ ଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ବାପା, ଧର୍ମପତ୍ନୀ, ପୁତ୍ର, ଭାଇ, ବନ୍ଧୁ ବାନ୍ଧବ, ଆତ୍ମୀୟ ସ୍ୱଜନ, ସାଙ୍ଗ ସାଥିମାନେ ଉପସ୍ଥିତ ଥିଲେ। ସ୍ୱର୍ଗତ ବ୍ରିଜ ମୋହନ କିଛି ଦିନ ହେଲା କର୍କଟ ରୋଗରେ ଆକ୍ରାନ୍ତ ଥିଲେ। ତାଙ୍କର ମୃତ୍ୟୁ ଖବର ପାଇ ବରିଷ୍ଠ ଆଇନଜୀବୀ ଦ୍ୱାରିକା ପ୍ରସାଦ ନନ୍ଦ, କାଉନସିଲର ରଞ୍ଜିତ ମାଣ୍ଡୋଠିଆ, ଅନୁଗୋଳ ବଣିକ ସଂଘର ସଭାପତି ଦୀପକ ବର୍ମା, ସମ୍ପାଦକ ନୀଳାଞ୍ଚଳ ପ୍ରଧାନ, ଉପ ନଗରପାଳ ଅନୁପମା ସାହୁ, ଆଇନଜୀବୀ ଗୋପାଳ ଅଗ୍ରୱାଲା, ଗୋପାଳ ଗୋଶାଳା ସଭାପତି ଲଡୁକେଶ୍ୱର ଆଗ୍ରୱାଲା, ଗୋପାଳ ମୁନ୍ଦ୍ରାଙ୍କ ସମେତ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଓ ଶତାଧିକ ବ୍ୟବସାୟୀ ମାନେ ତାଙ୍କ ଶେଷ ଦର୍ଶନ କରିଥିଲେ। ସେ ଜଣେ ଅମାୟିକ, ଭଦ୍ର, ପରୋପକାରୀ ତଥା ସମାଜସେବୀ ଥିଲେ। କରଡାଗାଡ଼ିଆ ସ୍ଥିତ ଶ୍ମଶାନ ଠାରେ ତାଙ୍କର ମର ଶରିରକୁ ଦାହ କରାଯାଇଥିଲା। ବ୍ରିଜ ମୋହନଙ୍କ ଅକାଳ ବିୟୋଗରେ ଅନୁଗୋଳ ସହରରେ ଗଭୀର ଶୋକ ପ୍ରକାଶ ପାଇଛି ।

## ଆଠମଲ୍ଲିକରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଆଠମଲ୍ଲିକ, (ସବ୍ୟୁ): ତାଲୁକ ଆଇନ ସେବା କମିଟି ଆନୁକୂଲ୍ୟରେ କୋର୍ଟ ପରିସରରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏହି ଲୋକ ଅଦାଲତରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ରଞ୍ଜନ କୁମାର ସୁତାର, ସବଜଜ ଲିଙ୍କିପ୍ରିୟା ସାହୁ, ଏସଡିଜେ ଏମ ସିଙ୍କୁନ ରଏ ଯୋଗଦେଇ କେଶ ବିଚାର କରିଥିଲେ। ମିଳିଥିବା ସୂଚନା ଅନୁଯାଇ ବ୍ୟାଙ୍କ ମନି ରିକଭରି କେଶର ୧୩ ଟି କେଶ ଫଇସଲା କରାଯାଇ ୯୪ ହଜାର ୧ ଶହ ଟଙ୍କା ଅସୁଲ ହୋଇଥିଲା । ସେହିପରି ୨୫୫ କ୍ରିମିନାଲ କେଶ ଫଇସଲା ହେବା ସହିତ ରାଜସ୍ୱ ୯ ହଜାର ୩ ଶହ ଟଙ୍କା ଆଦାୟ ହୋଇଥିଲା । ଏହି ଲୋକ ଅଦାଲତରେ ଷ୍ଟେଟବ୍ୟାଙ୍କ ଆଠମଲ୍ଲିକ ଶାଖା, ୟୁକ ବ୍ୟାଙ୍କ, ବ୍ୟାଙ୍କ ଅଫ ବରୋଦା ଓ ଇଣ୍ଡିଆନ ବ୍ୟାଙ୍କ ଯୋଗ ଦେଇଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମରେ ତାଲୁକ ଆଇନସେବା କାର୍ଯ୍ୟାଳୟର ଅତିରିକ୍ତ ଦାୟିତ୍ୱରେ ଥିବା କ୍ଲର୍କ ଅମିତ କୁମାର ନାୟକଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଲୋକ ଅଦାଲତ

ଅନୁଗୋଳ, (ସବ୍ୟୁ): ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ୭୯ଟି ପ୍ରାକ ମୋକଦ୍ଦମା ଜନିତ ମାମଲାର ଫଇସଲା କରାଯାଇ ୩୧ଲକ୍ଷ ୩୯ ହଜାର ୧୬ ଟଙ୍କାର ସମାଧାନ କରାଯାଇଥିଲା। ସେହିପରି ୨୮୯୪ ଟି ବିଚାରାଧିନ ମାମଲାର ଫଇସଲା କରାଯାଇଥିଲା। ସେଥିମଧ୍ୟରୁ ୨୦ଟି ମୋଟରଯାନ ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ ୬କୋଟି ୨୯ ଲକ୍ଷ ୨୫ ହଜାର ଟଙ୍କାର କ୍ଷତି ପୂରଣ ପ୍ରଦାନ କରାଯାଇଥିଲା। ସେହିଭଳି ୩୨ ଟି ଚେକ ବାଉନ୍ସ ମାମଲାର ବିଚାର କରାଯାଇ ୬ କୋଟି ୭୯ ଲକ୍ଷ ୭୧ହଜାର ୬୯୨ ଟଙ୍କାରେ ସମାଧାନ କରାଯାଇଥିଲା। ୭ ଟି ଶ୍ରମ ବିବାଦ ଜନିତ ମାମଲାର ବିଚାର କରାଯାଇ ୧୩ ଲକ୍ଷ ୮୧ ହଜାର ୫୯୧ ଟଙ୍କାରେ ସମାଧାନ କରାଯାଇଥିଲା । ୫୬ ଟି ଦେୱାନୀ ମାମଲାର ସମାଧାନ କରାଯାଇ ଥିଲା। ୦୫ଟି ବିଚାରନ ବ୍ୟାଙ୍କ ସମ୍ପର୍କିତ ମାମଲା, ୦୫ଟି ପାରିବାରିକ ମାମଲା (ଛାଡପତ୍ର ବ୍ୟତୀତ), ୦୪ ଟି ଖାଉଟି ବିବାଦ, ୫୨୨ ଟି ଫୌଜଦାରୀ ସମ୍ପର୍କିତ ମାମଲା, ୨୨୪୦ ଟି ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲା ଫଇସଲା କରାଯାଇଥିଲା, ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ତାଳଚେର, ଆଠମଲିକ, ପାଲଲହଡା, ଛେଣ୍ଡିପଦା ଓ ବଆଁରପାଳରେ ଥିବା ଅଦାଲତ, ଖାଉଟି ଅଦାଲତ, ବିଭିନ୍ନ ତହସିଲ, ବ୍ୟାଙ୍କ ଓ ବିଏସଏନଏଲ, ଶ୍ରମ କାର୍ଯ୍ୟାଳୟ ଇତ୍ୟାଦି ଅଂଶ ଗ୍ରହଣ କରିଥିଲେ। ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ଦାମୋଦର ରଥଙ୍କ ତତ୍ତ୍ୱାବଧାନରେ ଏହି ରାଷ୍ଟ୍ରୀୟ ଲୋକ ଅଦାଲତଟି ଅନୁଷ୍ଠିତ ହୋଇଥିଲା। ଏହି ଲୋକ ଅଦାଲତଟିରେ ଅନୁଗୋଳ ଅଦାଲତର ବିଚାରପତିଗଣ, ସରକାରୀ ଓକିଲ, ଅନୁଗୋଳ କୋର୍ଟର ଆଇନଜୀବୀ, କୋର୍ଟ, ଜିଲ୍ଲା ଆଇନସେବା ପ୍ରାଧିକରଣ ଓ ବିଭିନ୍ନ ବ୍ୟାଙ୍କର କର୍ମଚାରୀମାନେ ଉପସ୍ଥିତ ରହିଥିଲେ। ଏହି ଲୋକ ଅଦାଲତଟିକୁ ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ କମଳାକାନ୍ତ ନାୟକ ପରିଚାଳନା କରିଥିଲେ ।

### ଲୋଧାଝରୀ ଗ୍ରାମର ସୁଭଦ୍ରାଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଦାବି

# ଅଖିଳ ଭାରତୀୟ ପରିସଂଘ ଡ଼ୋମା ପକ୍ଷରୁ ଏସ୍‌ଡିପିଓଙ୍କୁ ସ୍ମାରକପତ୍ର



ତାଳଚେର, (ସବ୍ୟୁ): ସୁଭଦ୍ରା ପାଦିଲର ଗଣଦୁଷ୍କର୍ମ ଓ ହତ୍ୟାକାରୀ ମାନଙ୍କୁ ସାତଦିନ ମଧ୍ୟରେ ଗିରଫ କରାଯାଇ ସମ୍ପୃକ୍ତ ଅପରାଧିମାନଙ୍କୁ କଠୋର ଦଣ୍ଡବିଧାନ କରିବା ଏବଂ ଅନୁଗୋଳ ଜିଲ୍ଲାରେ ଅପରାଧିକ କାର୍ଯ୍ୟ ରୋକିବା, ଆଇନ ବ୍ୟବସ୍ଥା ସୁଦୃଢ଼ ଆଦି ଦାବିରେ ଅଖିଳ ଭାରତୀୟ ପରିସଂଘ ଡ଼ୋମା ପକ୍ଷରୁ ତାଳଚେର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। କଣିହାଁ ବ୍ଲକ ଓ ତାଳଚେର ଅଂଚଳର ଜନସାଧାରଣ, ଜନତା, ଦଳିତ, ଓବିସି, ମାଇନଟରିସ୍ ଆଦିବାସୀ ସଂଗଠନ ଡ଼ୋମା ପରିସଂଘ ଓ ଡ଼ଃ. ବିଆର ଆମ୍ବେଦକର ସ୍ମୃତି ପରିଷଦ, କଣିହାଁ କାର୍ଯ୍ୟନିର୍ବାହୀ ପ୍ରକାଶ କରିଛନ୍ତି କି, କଣିହାଁ ଥାନା ଅନ୍ତର୍ଗତ ଲୋଧାଝରୀ ଗ୍ରାମର ସୁଭଦ୍ରା ନାମକ ଯୁବତୀ ଭୁବନେଶ୍ୱରରେ ଚାକିରୀ କରିଥିବା ଝିଅ ଗତ ୨୬/୦୪/ ୨୦୨୫ ରିଖଦିନ ଘରୁ ଆସି ତାଳଚେର ରୋଡ଼ ଷ୍ଟେସନରୁ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ଦୀର୍ଘ ଦଶଦିନ ପରେ ଉକ୍ତ ଯୁବତୀଙ୍କ ଅର୍ଦ୍ଧଦଗ୍ଧ ମରଶରୀର ବଆଁରପାଳ ବ୍ଲକ ଭୋଗବେରଣୀ ପଂଚାୟତ କେନ୍ଦୁପଲ୍ଲୀ ଗ୍ରାମର ଏକ ପରିତ୍ୟକ୍ତ ବିଲରୁ ତାଙ୍କର ମୃତଦେହ ମିଳିଥିଲା। ଏହାର ଠିକ ଏକ ଦିନପରେ ଆଉ ଏକ ଲୋମ ଟାଙ୍କୁରା ଘଟଣା ଦେଉଳବେଡ଼ା କୋଲିୟରୀର ଦଳିତ ବିମଳ ନାଏକଙ୍କ ପୁଅ ବିଶ୍ୱଜିତ୍ ନାଏକ ନିଖୋଜ ହୋଇଯାଇଥିଲେ ଏବଂ ତାଙ୍କର ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ତେବେ ଏସବୁ ଘଟଣାର ୧୩/୧୪ ଦିନ ଘଟିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସେମାନଙ୍କୁ ଗିରଫ କରିବା ପୋଲିସ୍ ବିଫଳ ହୋଇଛି ବୋଲି ସଂଘ ପକ୍ଷରୁ କୁହାଯାଇଛି। ତେଣୁ ଉକ୍ତ ଘଟଣା ଗୁଡ଼ିକୁ କେନ୍ଦ୍ରକରି ଅଖିଳ ଭାରତୀୟ ପରିସଂଘ ଡ଼ୋମା ପକ୍ଷରୁ ତାଳଚେର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବା ସହ ସେମାନଙ୍କ ଦାବି ଗୁଡ଼ିକ ହେଲା– ଉକ୍ତ ଘଟଣା ଗୁଡ଼ିକରେ ସମ୍ପୃକ୍ତ ଅପରାଧି ମାନଙ୍କୁ ତୁରନ୍ତ ଗିରଫ କରି ଭାରତୀୟ ସମ୍ବିଧାନ ଆଇନ୍ ଅନୁଯାୟୀ କଠୋରୁ କଠୋର ଦଣ୍ଡ ବିଧାନ କରିବା, ଉପଯୁକ୍ତ ସମୟରେ ଘଟଣା ଗୁଡ଼ିକୁ ତଦାରଖ ନକରି ଅବହେଳା କରିଥିବାରୁ ଥାନା ଅଧିକାରୀମାନଙ୍କୁ ଚିକିରୀରୁ ବହିଷ୍କାର କରିବା, ମୃତକ ଭଉଣୀ ସୁଭଦ୍ରା ପାଦିଲ ଓ ମୃତ ଯୁବକ ବିଶ୍ୱଜିତ୍ ନାଏକଙ୍କ ପରିବାରକୁ କ୍ଷତିପୂରଣ ବାବଦକୁ ସରକାରଙ୍କ ପକ୍ଷରୁ ୫୦ଲକ୍ଷ ଟଙ୍କା ପ୍ରଦାନ କରିବା, ସୁଭଦ୍ରା ପାଦିଲ ଘରର ଏକମାତ୍ର ରୋଜାଗରିଆ ଝିଅ ହୋଇଥିବାରୁ ତାଙ୍କର ପରିବାର ଜଣକୁ ଚାକିରୀ ଓ ବାସଗୃହ ଯୋଗାଇ ଦେବା, କଣିହାଁ ଠାରେ ଏକ ରେଳଷ୍ଟେସନ ନିର୍ମାଣ ଏବଂ ରେଳଷ୍ଟସନ ନିର୍ମାଣ ନହେବା ଯାଏଁ ତାଳଚେର ପର୍ଯ୍ୟନ୍ତ ଗମନାଗମନ ପାଇଁ ଏକ ସରକାରୀ ବସ୍ ଯୋଗାଇ ଦିଆଯାଉ, ତାଳଚେର ରେଳଷ୍ଟସନ ଠାରୁ ତାଳଚେର ରୋଡ଼ ରେଳଷ୍ଟସନ ପର୍ଯ୍ୟନ୍ତ ରାସ୍ତାକୁ ସ୍ୱତନ୍ତ୍ର ନିର୍ମାଣ କରି ଅତ୍ୟାଧୁନିକ କ୍ୟାମେରା ଏବଂ ଗମନାଗମନ ପାଇଁ ସରକାରୀ ବସ୍ ଯୋଗାଇ ଦିଆଯାଉ, ରେଳଷ୍ଟସନରେ ସମସ୍ତ ଅଟୋରିକ୍ସା ଓ ଅନ୍ୟାନ୍ୟ ଭଡ଼ା ଗାଡ଼ିକୁ ରେଳଷ୍ଟସନରେ ଭଡ଼ାରେ ସୂତ୍ରରେ ଲଗାଇବା ନିମନ୍ତେ ସରକାରୀ ପଞ୍ଜିକୃତ କରାଯାଇ ଯେଉଁ ଚାଳକମାନଙ୍କର ଅପରାଧିକ ମାମଲା ଅଛି ସେମାନଙ୍କୁ ଗାଡ଼ି ଚଳାଇବାକୁ ଅନୁମତି ଦିଆନଯାଉ, ରେଳଷ୍ଟସନ ଯାତ୍ରୀମାନେ ଯେଉଁ ଗନ୍ତବ୍ୟ ପଥକୁ ଯାତ୍ରା କରିବେ ତାହାର ସୁବ୍ୟବସ୍ଥା କରିବା ଓ ଯେଉଁ ଚାଳକ ଭଡ଼ା ସୂତ୍ରରେ ଯିବେ ସେମାନଙ୍କର ସମ୍ପୂର୍ଣ୍ଣ ଠିକଣା ସହିତ ସରକାରୀ ପଞ୍ଜିକୃତ କାର୍ଯ୍ୟାଳୟ/ଗାଡ଼ିଚାଳକ ସଂଘରେ ପଞ୍ଜିକୃତ କରାଯାଉ, ରେଳଷ୍ଟସନରେ ଟ୍ରେନ୍ ଫେଲ ଯାତ୍ରୀ କିମ୍ବା ଟ୍ରେନ ବିଳମ୍ବରେ ପଂହଚିବା ଯାତ୍ରୀମାନଙ୍କ ପାଇଁ ସ୍ୱତନ୍ତ୍ର ବିଶ୍ରାମଗୃହ ବ୍ୟବସ୍ଥା କରାଯାଉ ଆଦି ଦାବିରେ ଅଖିଳ ଭାରତୀୟ ପରିସଂଘ ଡ଼ୋମା ପକ୍ଷରୁ ତାଳଚେର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ବେଳେ ଡ଼ୋମା ପରିସଂଘ ରାଜ୍ୟ ସଭାପତି ଏଲ. ମାଣିକ ପ୍ରଭା,ଡ଼ୋମା ସାଧାରଣ ସମ୍ପାଦକ ନନ୍ଦିନୀ ନାଏକ, ରାଜକିଶୋର ସାହୁ, ଭାରତୀ ବେହେରା, ସୂର୍ଯ୍ୟକାନ୍ତି ନାଏକ ଉପସ୍ଥିତ ଥିଲେ।

## ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ଭାଷାପକ୍ଷ ପାଳନ

# କବିଗୁରୁ ରବୀନ୍ଦ୍ରନାଥ ଟାଗୋରଙ୍କ ଜୟନ୍ତୀ ଓ ସାହିତ୍ୟ ଚର୍ଚ୍ଚା



ବାଲେଶ୍ୱର,(ସବ୍ୟୁ) :ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ପାଳନ କରାଯାଉଥିବା ଭାଷାପକ୍ଷର ତ୍ରୟୋଦଶ ଦିବସରେ ରବୀନ୍ଦ୍ରନାଥ ଟାଗୋରଙ୍କ ଜୟନ୍ତୀ ଉପଲକ୍ଷେ ରବୀନ୍ଦ୍ର ସାହିତ୍ୟ ଚର୍ଚ୍ଚା। ଗାଳ୍ପିକ ନିବାରଣ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ରବୀନ୍ଦ୍ରନାଥ ରଚନା କରିଥିବା କବିତା, ଗଳ୍ପ, ଉପନ୍ୟାସ ଓ ଗୀତିନାଟ୍ୟ ଆଦି ଭାରତର ସାହିତ୍ୟ ଉପରେ ଗଭୀର ପ୍ରଭାବ ପକାଇଥିବା କଥା ସେ ତାଙ୍କର ବକ୍ତବ୍ୟରେ ସୂଚିତ କରାଇଥିଲେ । ବରିଷ୍ଠ ଗବେଷିକା ଡ. ସାନ୍ତ୍ୱନା ହାଲଦାର ଓଡ଼ିଆ ଭାଷା ଆନ୍ଦୋଳନ ସହ ରବୀନ୍ଦ୍ରନାଥଙ୍କ ସଂପର୍କ ତଥା ତାଙ୍କ ସାହିତ୍ୟରେ ଓଡ଼ିଶାର ପ୍ରଭାବ ଉପରେ ବିସ୍ତୃତ ଭାବରେ ଆଲୋଚନା କରି ରବୀନ୍ଦ୍ରନାଥଙ୍କ ଚିତ୍ରାଙ୍ଗନା ଗୀତିନାଟ୍ୟର ଚିତ୍ରାଙ୍ଗନା ଚରିତ୍ରଟିକୁ ରବୀନ୍ଦ୍ରନାଥ ଓଡ଼ିଶୀ କନ୍ୟାଭାବରେ ଚିତ୍ରଣ କରିଥିବାର ସୂଚନା ଦେଇଥିଲେ ।

ରବିନ୍ଦ୍ର ସାହିତ୍ୟର ଅନୁବାଦକ ଡ. ହରିଶ୍ଚନ୍ଦ୍ର ବେହେରା ତାଙ୍କର ଏକାବନ ଗୋଟି ଗଳ୍ପ ବିଚିତ୍ର ବିଷୟ ବସ୍ତୁରେ ଯେପରି ସମୁଜ୍ଜ୍ୱଳ, କାହାଣୀ ପ୍ରୟୋଗରେ ତତୋଧିକ ହୃଦୟଗ୍ରାହୀ ବୋଲି ପ୍ରକାଶ କରିଥିଲେ । ଗାଳ୍ପିକ ପ୍ରଦୀପ ଚାଟାର୍ଜୀ ରବୀନ୍ଦ୍ରନାଥଙ୍କ ଜୀବନୀ ପ୍ରକାଶ କରିବା ସଙ୍ଗେ ସଙ୍ଗେ ତାଙ୍କର ଏକ କ୍ଷୁଦ୍ରଗଳ୍ପ ପାଠ କରିଥିଲେ । କଲ୍ୟାଣୀ ନନ୍ଦ ରବୀନ୍ଦ୍ରନାଥଙ୍କ ଗୀତାଞ୍ଜଳୀ ଗ୍ରନ୍ଥରୁ ଏକ ଗୀତ ଗାନ କରିଥିଲେ । ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରାରମ୍ଭିକ ବକ୍ତବ୍ୟରେ ତାଙ୍କର କେତେଗୋଟି ଗୀତ ସଂପର୍କରେ ସୂଚନା ଦେଇଥିବା ବେଳେ ଝୁମରନାଥ ପାତ୍ର ଶେଷ ବକ୍ତବ୍ୟ ରଖି ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିରଂଜନ ରାଉତ, କମଳାକାନ୍ତ ଦାଶ, ପ୍ରଫୁଲ୍ଲ କୁମାର ଦାସ, ରାଜେନ୍ଦ୍ରନାଥ ରାଉତ, ଶାନ୍ତି ବିଶି, କୃଷ୍ଣା ପ୍ରଧାନ, ଅରୁଣା ରାୟ, ଡ. କ୍ଷିତୀଶ୍ୱର ଦାଶ, ପଣ୍ଡିତ ସଂଜୟ କୁମାର ପଣ୍ଡା, ଡ. ରତ୍ନାକର ସିଂହ, ଶରତ କୁମାର ମହାପାତ୍ର, ଦୀପକ ଦାସ, ଡ. ସାରଙ୍ଗଧର ତ୍ରିପାଠୀ, ପ୍ରଭାକର ସାହୁ, ପ୍ରଣିତା ମିଶ୍ର, ଲକ୍ଷ୍ମୀକାନ୍ତ ବେହେରା, ମନ୍ମଥ କୁମାର ସାହୁ, ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ, ସୁନାମଣି ଜେନା, ତୃପ୍ତିରାଣୀ ପାତ୍ର, ଦେବାଶିଷ ସିଂହ, କରୁଣାକର ସ, ମଧୁସୂଦନ ମାଝୀ, ନରେନ୍ଦ୍ରନାଥ ପାଣିଗ୍ରାହୀ, ଅବନ୍ତୀ ପ୍ରଧାନ, ନିତ୍ୟାନନ୍ଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

# ନିଆଁରେ ପାଉଁଶ ହୋଇଗଲା ନଗଦ ଅର୍ଥ ଓ ସୁନା ଅଳଙ୍କାର

ବାସୁଦେବପୁର, (ସବ୍ୟୁ): ବାସୁଦେବପୁର ବ୍ଲକ ବିନାୟକପୁର ପଂଚାୟତର କୋଠାସାହିର ଭାଗିରଥି ବାରିକଙ୍କ ଘରେ ଅଗ୍ନିକାଣ୍ଡରେ ଜଳି ପାଂଚ ବଖରା ଘର । ନିଆଁରେ ପାଉଁଶ ହୋଇଗଲା ନଗଦ ଅର୍ଥ ଓ ସୁନା ଅଳଙ୍କାର । ଚାହୁଁ ଚାହୁଁ ଜଳି ପାଉଁଶ ହୋଇ ଗଲା ଘରର ସମସ୍ତ ଆସବାବପତ୍ର । ଗ୍ୟାସ ଟାଙ୍କି ବଷ୍ଟ କରିବାରେ ଭୟରେ କେହି ଆଖପାଖକୁ ପସିନଥିଲେ । ଗତକାଲି ବିଳମ୍ବିତ ରାତ୍ରିର ବିନାୟକପୁର କୋଠାସାହିର ଭାଗିରଥି ବାରିକ,ବୁଦ୍ଧିରାମ ବାରିକ,ସୁଶାନ୍ତ କୁମାର ବାରିକ,ଉମେଶ ବାରିକ,ଶଙ୍କର୍ଷଣ ବାରିକ ଓ ଭକ୍ତହରି ବାରିକଙ୍କ ଘର ନିଆଁ ଲାଗିଯାଇଥିଲା । ନିଆଁ ଦେଖି ପାଖ ପଡୋଶୀ ନିଆଁ ଲିଭାଇବାକୁ ଉଦ୍ୟମ କରୁଥିଲେ । ଏହି ସମୟରେ ଗ୍ୟାସ ଟାଙ୍କି ବଷ୍ଟ କରିଥିଲେ । ଶବ୍ଦ ଏତେ ଭୟଙ୍କର ଥିଲା ଯେ ଶହ ଶହ ଲୋକ ରୁଣ୍ଡ ହୋଇ ଯାଇଥିଲେ । ହେଲେ ଭୟରେ କେହି ପାଖକୁ ଯିବାକୁ ସାହସ କରିନଥିଲେ । ଆଖି ଆଗରେ ହୁ ହୁ ହୋଇ ଜଳିଗଲା ଘରର ସମସ୍ତ ଆସବାବପତ୍ର ଓ ନଗଦ ପଚାଶ ହଜାର ଟଙ୍କା ସହିତ ସୁନା ଅଳଙ୍କାର । ଲକ୍ଷ ଲକ୍ଷ ଟଙ୍କାର ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି । ଖବର ପାଇ ଦମକଳ ଗାଡି ପହଂଚିବା ବେଳକୁ ଘର ଜଳି ଯାଇଥିଲା । ପୋଡା ପାଉଁଶ ମଧ୍ୟରୁ ପରିବାର ଖୋଜୁଛନ୍ତି ଜିନିଷ ପତ୍ର ଓ ସୁନା ଅଳଙ୍କାର । ଡହ ଡହ ଖରାରେ ପାଂଚ ପରିବାର ମୁଣ୍ଡ ଗୁଞ୍ଜିବାକୁ ଗଛ ମୂଳ ଭରସା । ସରକାରଙ୍କ ପକ୍ଷରୁ ପଲିଥିନ ଯୋଗାଇ ଦେଇଥିବାବେଳେ ଗ୍ରାମବାସୀଙ୍କ ପକ୍ଷରୁ ଖାଦ୍ୟ ଯୋଗାଇ ଦିଆଯାଇଛି । ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ଅଗ୍ନିବିପନ୍ନ ପରିବାରଙ୍କ ପାଖରେ ପହଂଚି ସହଯୋଗର ହାତ ବଢାଇଛନ୍ତି ।

# ଜାଲ୍ ନୋଟ ଜବତ, ଯୁବକ ଅଟକ



ଅସୁରାଳି, (ସବ୍ୟୁ): ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଆନନ୍ଦ ବଜାରରେ ଜାଲ ନୋଟ ଧରା ହୋଇଛି । ଏଥିରେ ସମ୍ପୃକ୍ତ ଜଣେ ଯୁବକଙ୍କୁ ପୋଲିସ ଅଟକ ରଖିଛି । ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଅଟକ ଅଭିଯୁକ୍ତ ନାମ ପୁଲିସ ପ୍ରକାଶ କରିନାହିଁ । ଆଜି ସକାଳେ ଭଦ୍ରକ-ଆଖଣ୍ଡଳମଣି ରାଜ୍ୟ ରାଜପଥର ନିକଟସ୍ଥ ଆନନ୍ଦ ବଜାର ଠାରେ ଦୁଇଜଣ ଯୁବକ ପହଞ୍ଚିଥିଲେ । ଏମାନଙ୍କ ମଧ୍ୟରୁ ଜଣେ ଯୁବକ ମାନସ ସାହୁଙ୍କ ଲେଡିଜ କର୍ଣ୍ଣରକୁ ଯାଇ ଏକ ଭିକୋ କ୍ରିମ କିଣି ଏକ ୨ ଶହ ଟଙ୍କା ନୋଟ ଦେଇଥିଲେ ।

ଦୋକାନି ମାନସ ସମ୍ପୃକ୍ତ ଯୁବକଙ୍କୁ ୧୨୫ ଟଙ୍କା ଫେରାଇ ଦେଇଥିଲେ । ଏହା ପରେ ସେହି ଯୁବକ ପୁଣି ଏକ ୨ ଶହ ଟଙ୍କା ନୋଟ ଦେଇ ଖୁଚୁରା କରିବା ପାଇଁ କହିଥିଲେ ।ଟଙ୍କା ହାତକୁ ଭିନ୍ନ ଲାଗିବାରୁ ମାନସ ଏହାକୁ ନେଇ ପାଖରେ ଥିବା ଅନ୍ୟ ଦୋକାନୀଙ୍କୁ ଦେଖାଇବାରୁ ଏହା ସନ୍ଦେହ ସୃଷ୍ଟି କରିଥିଲି । ଦୋକାନି ଏବଂ ସ୍ଥାନୀୟ ବଜାରରେ ଥିବା ଲୋକମାନେ ସମ୍ପୃକ୍ତ ଯୁବକକୁ ଅଟକ ରଖି ବାନ୍ଧି ପକାଇଥିଲେ । ଏହାରି ମଧ୍ୟରେ ଆସିଥିବା ଅନ୍ୟ ଯୁବକ ଜଣକ କୌଶଳରେ ସେଠାରୁ ଖସି ପଳାଇ ଥିଲା । ଖବରପାଇ ଗୁଜିଦରଡ଼ା ଫାଣ୍ଡି ପୁଲିସ ଘଟଣା ସ୍ଥାନରେ ପହଁଚି ସମ୍ପୃକ୍ତ ଯୁବକକୁ ଉଦ୍ଧାର କରିବା ସହ ନେଇ ଅଟକ ରଖିଥିବା ଜଣାପଡିଛି । ତାଙ୍କ ନିକଟରୁ ମୋଟ ୭୧୦୦ ଟଙ୍କା ଜବତ କରାଯାଇଛି । ଏଥିରେ ୨୫ ଟି ୨ଶହ, ୪ଟି ୫ଶହ ଏବଂ ଗୋଟିଏ ଶହେ ଟଙ୍କା ନୋଟ ରହିଛି । ତେବେ ଅଟକ ଥିବା ଯୁବକ ଜଣକ ଏକ ଭିଡିଓରେ ତାଙ୍କ ଶଳା ତାଙ୍କୁ ଏହି ଟଙ୍କା ଦେଇ ଫସାଇ ଦେଇଥିବା କହୁଥିବା ଶୁଣିବା ପାଇଁ ମିଳିଛି ।

# ଭଦ୍ରକରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

# ୧୧୦୬ ମୋକଦ୍ଦମାର ଆପୋଷ ସମାଧାନ

ଭଦ୍ରକ, (ସବ୍ୟୁ): ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଜାତୀୟ ଆଇନ ସେବା ପ୍ରାଧିକାରଣ ଏବଂ ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ଭଦ୍ରକ ଜିଲ୍ଲାକୋର୍ଟ, ନଳାଙ୍ଗ ପରିସର ରେ ଅନୁଷ୍ଠିତ ହୋଇ ଯାଇଛି । ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲା ଆଇନ ସେବା ପ୍ରାଧିକାରଣର ଭାରପ୍ରାପ୍ତ ସଚିବ ଶ୍ରୀମତୀ ଅରୋଲିପି ପରିଜା ଏହି ଲୋକ ଅଦାଲତକୁ ପରିଚାଳନା କରିଥିଲେ । ମୋଟ ୨୧୫୪୭୪୩୩ ଟଙ୍କାରେ ୧୧୦୬ ଟି ମୋକଦ୍ଦମାର ଆପୋଷ ସମଧାନ ହୋଇ ଥିଲା । ସେଗୁଡିକ ମଧ୍ୟରେ ବିଭିନ୍ନ ମୋଟର ଯାନ ଦୁର୍ଘଟଣା ଦାବି, ଟ୍ରିବୁନାଲର ବିଚରାଧୀନ ଥିବା ୧୭ ଟି ମାମଲାର ୧୨୮୨୫୦୦୦ ଟଙ୍କାରେ, ୨୩ଟି ଚେକ ବାଉନ୍ସ, ପୁନଃରୁଦ୍ଧାର ମାମଲା ୩୫୫୬୮୬୪ ଟଙ୍କାରେ, ୧୮ଟି ବୈବାହିକ ବିବାଦ, ୭୦୫ଟି ରାଜସ୍ୱ ମୋକଦ୍ଦମା ୧୩୪୫୬୮ ଟଙ୍କାରେ, ୪୮ଟି ଅନ୍ୟାନ୍ୟ ଦେୱାନୀ ମାମଲା, ପ୍ରାକ ମୋକଦ୍ଦମା ମଧ୍ୟରେ ବିଭିନ୍ନ ବ୍ୟାଙ୍କ ର ୩୪୬୭ଟି ବ୍ୟାଙ୍କ ଋଣ ମାମଲା, ୧୫୩୭୧୯୦ ଟଙ୍କାରେ ଭାରତ ସଂଚାର ନିଗମ ଲିମିଟେଡ୍‌ର ଟେଲିଫୋନ ବିଲ ସମ୍ବନ୍ଧୟ ୧୪ ଟି ମାମଲା ୩୨୯୭୮ ଏବଂ ଟି ପି ଏନ ଓ ଡି ଏଲ (ବିଦ୍ୟୁତ) ୩୦ ଟି ମାମଲାରେ ୩୬୪୮୧୩ ଟଙ୍କାରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇଅଛି।

# ଜଳୁଛି ଦେବଗିରି ପାହାଡ଼



ସୋର, (ସବ୍ୟୁ) : ସୋର ବ୍ଲକ ମଙ୍ଗଳପୁର ନିକଟ ଦେବଗିରି ପାହାଡରେ ନିଆଁ ଲାଗି ପାଞ୍ଚ ଏକରରୁ ଉର୍ଦ୍ଧ୍ୱ ଜଙ୍ଗଲ ପୋଡି ପାଉଁଶ ହୋଇଯାଇଥିବା ବେଳେ ଏବେ ବି ଜଙ୍ଗଲ ଜଳୁଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଜଙ୍ଗଲ ନିଆଁରେ ସ୍ଥାନୀୟ ଲୋକେ ଅତିଷ୍ଠ ହେଉଥିବା ବେଳେ ଜଙ୍ଗଲ ଜନ୍ତୁଙ୍କ ଜୀବନ ଏବେ ବିପଦରେ ପଡିଛି । ଶନିବାର ମଧ୍ୟାହ୍ନରେ ଦେବଗିରି ପାହାଡ଼ ଅଧିନ ବାଘଆମ୍ଭୁଡା ବିଟ ଅନ୍ତର୍ଗତ ପାହାଡର ମଧ୍ୟଭାଗରେ ନିଆଁ ଲାଗିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ପରେ ନିଆଁ କୁ ଆୟତ୍ତ କରିବାକୁ ଚେଷ୍ଟା କରିବା ସହିତ ବନ ବିଭାଗକୁ ଖବର ଦେଇଥିଲେ। କିନ୍ତୁ ଖବର ପାଇ ବନ କର୍ମଚାରି ମାନେ ଦୀର୍ଘ ୩ ଘଣ୍ଟା ପରେ ପହଂଚି ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରିଥିଲେ।ସନ୍ଧ୍ୟା ହୋଇଯିବାରୁ ବନ କର୍ମଚାରୀମାନେ ନିଆଁ ଲିଭା କାର୍ଯ୍ୟ ବନ୍ଦ ରଖିଥିବା ବେଳେ ଏବେବି ଜଙ୍ଗଲ ଜଳୁଛି। ତେବେ କେଉଁ କାରଣରୁ ନିଆଁ ଲାଗିଛି ତାହା ଜଣାପଡିନଥିବା ବେଳେ ଜଙ୍ଗଲକୁ ଯାଉଥିବା ଶିକାରୀମାନେ ନିଆଁ ଲଗାଇଥିବା ସନ୍ଦେହ କରାଯାଉଛି।

# ମସ୍ତିଷ୍କ ଆଘାତରେ ସିଆରପିଙ୍କ ମୃତ୍ୟୁ

ଅସୁରାଳି, (ସବ୍ୟୁ): ଧାମନଗର ବ୍ଲକ ଗଡ଼ିଆଳି ପଂଚାୟତସ୍ଥିତ ସୁବାନପୁର ଗ୍ରାମର ସିଆରପି ସନ୍ଧ୍ୟାରାଣୀ ପ୍ରଧାନ(୩୬)ଙ୍କର ମସ୍ତିଷ୍କ ଆଘାତରେ ମୃତ୍ୟୁ ଘଟିଛି। ସାମ୍ବାଦିକ ସନ୍ତୋଷ କୁମାର ପ୍ରଧାନ ସ୍ତ୍ରୀ ସନ୍ଧ୍ୟାରାଣୀ ଗତକାଲି ଜଣେ ସମ୍ପର୍କୀୟଙ୍କ ଚତୁର୍ଥୀ ଭୋଜିରେ ଯୋଗ ଦେବାକୁ ଭଣ୍ଡାରିପୋଖରୀ ବ୍ଲକର ଚନ୍ଦ୍ରପୁର ଯାଇଥିଲାବେଳେ ସେଠାରେ ହଠାତ ମୁଣ୍ଡରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ସେଠାରୁ କଟକ ଏସସିବି ମେଡ଼ିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସନ୍ଧ୍ୟାରାଣୀ ମିଶନ ଶକ୍ତି ଯୋଜନାରେ ସିଆରପି ଭାବେ କାର୍ଯ୍ୟ କରୁଥିଲେ। ଜଣେ ସ୍ନେହୀ,ପରୋପକାରୀ ମହିଳା ଭାବେ ସେ ସ୍ଥାନୀୟ ଲୋକଙ୍କ ପ୍ରିୟ ଥିଲେ। ତାଙ୍କ ମୃତଦେହକୁ ସ୍ଥାନୀୟ ସୁବାନପୁର ଗ୍ରାମକୁ ଆଜି ଅଣାଯାଇ ଶୋକାକୂଳ ପରିବେଶ ମଧ୍ୟରେ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଛି। ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟ,ସହକର୍ମୀମାନେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ହଜରତ ପୀର୍ ମନସୁର ବାବାଙ୍କ ଉର୍ସ ଉତ୍ସବ

ଦୋବଲ,(ସବ୍ୟୁ):ଦୋବଲ ବସଷ୍ଟାଣ୍ଡ ଠାରେ ହଜରତ ପୀର ମନସୁର ବାବାଙ୍କ ବାର୍ଷିକ ଉର୍ସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉର୍ସ ମନସୁରିଆ କମିଟି ମୁସ୍ତାଫାପୁର୍ ଆନୁକୁଲ୍ୟରେ ଗୁରୁବାର ରାତିରେ ଅନୁଷ୍ଠିତ କାୱାଲି କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ ସାମଲ,ସମାଜସେବୀ ଡା.ସଞ୍ଜୟ ଦାସ,ପୂର୍ବତନ ପଂଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ନାୟକ,ଭଦ୍ରକ ମୁନସୀପାଲଟି ଚେୟାରମେନ ଗୋଲାମ୍ମୁଖି ଦଲୱାଜି ହବିବ,ଧାମନଗର ଏନଏସି ଚେୟାରମେନ ନିବେଦିତା ଜେନା,ଉପାଧ୍ୟକ୍ଷ ଏମଡି ନୁରାନୀ,ବିଜେଡ଼ି ବ୍ଲକ ସଭାପତି ଉମେଶ ମହାନ୍ତି,ପଂଚାୟତ ସମିତି ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ,ମୁସ୍ତାଫାପୁର ସରପଂଚ ଜିସନାରା ବିବି,ଜିଲ୍ଲାପରିଷଦ ପ୍ରତିନିଧି ପ୍ରତାପ ସାମଲ ପ୍ରମୁଖ ଯୋଗଦେଇ କବାଲି ଉପଭୋଗ କରିଥିଲେ। ଏଥିରେ ହଜାର ହଜାର କ୍ୱାଲି ପ୍ରେମୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସେକ ମୁସ୍ତାକ,ଦବିରୁଦ୍ଦିନ ଖାଁ,ସେକ ୱାହିଦ କାଦରି,ସେକ ଗୋଲାମ ଗୌସ,ସେକ ମୁର୍ସିଦ,ରସମୁଦ୍ଦିନ ଖାଁ,ସେକ ଅଜମଲ୍,ଜାହିର ଅଲ୍ଲୀ ଖାଁ ପ୍ରମୁଖ ପରିଚାଳନା କରିଥିଲେ। ରାଜସ୍ଥାନରୁ ଆସିଥିବା ସଲିମ୍ ସାବିର ଓ ତାଙ୍କ ଟିମ୍ ସହିତ ମହାରାଷ୍ଟ୍ରରୁ ଆସିଥିବା ସୁଲତାନ ନାଁଜାଙ୍କ ଦ୍ୱାରା କ୍ୱାଲି କାର୍ଯ୍ୟକ୍ରମ ବେଶ୍ ଆକର୍ଷଣୀୟ ହୋଇଥିଲା। ପ୍ରାରମ୍ଭରେ ପହଲଗାମ ଅତଙ୍କି ଆକ୍ରମଣରେ ନିରୀହ ଜନସାଧାରଣଙ୍କ ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

# ମା ତାରିଣୀଙ୍କ ଆଜ୍ଞାମାଳ ବୁଲିଲା ଦେବଦେବୀ ପୀଠ

ଢେଙ୍କିକୋଟ ,(ସବ୍ୟୁ) :ଉତ୍କଳର ପବିତ୍ର ମାଟି କେନ୍ଦୁଝର ଜିଲ୍ଲା ଘଟଗାଁ ଠାରେ ପୂଜା ପାଉଛନ୍ତି ଆରାଧ୍ୟା ଦେବୀ ମାଆ ତାରିଣୀ । ତେବେ ଚଳିତବର୍ଷ ମା ତାରିଣୀଙ୍କ ୮୯ ତମ ଚଇତିପର୍ବ ଶାନ୍ତି ଶୃଂଖଳାର ସହିତ ପାଳନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଘଟଗାଁ ଠାରେ ଥିବା ମା ତାରିଣୀ ଘଣ୍ଟ ସଂଘ ତରଫରୁ ମାଁଙ୍କ ଆଜ୍ଞାମାଳକୁ ଓଡ଼ିଶାର ବିଭିନ୍ନ ଦେବା ଦେବୀ ପିଠକୁ ନେଇ ଲୋକ ମାନିଙ୍କ ମଧ୍ୟରେ ଧାର୍ମିକ ଚେତନାର ବାର୍ତ୍ତା ଦିଆଯାଉଛି । ସଭିଙ୍କର ମଙ୍ଗଳକାମନା ପାଇଁ ଓ ଜଗତର ମଙ୍ଗଳ ପାଇଁ ମା କୁ ସ୍ମରଣ କରାଯାଉଛି । ଏହି ଧାର୍ମିକ ଚେତନା କାର୍ଯ୍ୟକ୍ରମ ଜଗନ୍ନାଥ ଧାମ ପୁରୀ ଠାରୁ ଆରମ୍ଭ ହୋଇ ବର୍ତ୍ତମାନ ବିଭିନ୍ ଜିଲ୍ଲାରେ ଥିବା ଦେବା ଦେବୀ ପିଠ ପରିକ୍ରମଣ କରି ଆଗାମୀ ସପ୍ତାହରେ ପଶ୍ଚିମ ଓଡିଶାର ମା ସମଲେଶ୍ୱରୀଙ୍କ ପିଠରେ କରାଯିବାର ସ୍ଥିରିକୃତ ହୋଇଅଛି । ମା ତାରିଣୀ ପିଠର ସୁନାମ ଓ ମାଁଙ୍କ କରୁଣା ଉପରେ ଲୋକ ମାନଂକୁ ସଚେତନତା କରାଯାଉଛି । ଏହି କାର୍ଯ୍ୟକ୍ରମରେ ଘଣ୍ଟ ସଂଘର ସଂଜୟ କୁମାର ଦାସ୍ ଙ୍କ ସମେତ ସାମ୍ବାଦିକ ସଂଜୟ କୁମାର ସାହୁ ଓ ସଂଘ ର ଅନ୍ୟାନ୍ୟ କର୍ମକର୍ତ୍ତା ଯୋଗଦେଇ ନିଜକୁ ମା ଙ୍କ ନିକଟରେ ସମର୍ପିତ କରି ସଭିଙ୍କ ମଧ୍ୟରେ ଧାର୍ମିକ ଓ ଏକତାର ବାର୍ତ୍ତା ଦେଉଛନ୍ତି ।

# ଦୁର୍ଘଟଣାଗ୍ରସ୍ତ ମହିଳାଙ୍କ ମୃତ୍ୟୁ, ସ୍ୱାମୀ ଗୁରୁତର

ସୋର, (ସବ୍ୟୁ) : ବାଲେଶ୍ୱରରୁ କଟକ ସ୍ଥାନାନ୍ତର ବେଳେ ସୋର ମେଡ଼ିକାଲରେ ଜଣେ ଦୁର୍ଘଟଣାଗ୍ରସ୍ତ ମହିଳାଙ୍କର ମୃତ୍ୟୁ ହୋଇଯାଇଥିବା ବେଳେ ମହିଳାଙ୍କ ସ୍ୱାମୀ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁସାରେ ଶୁକ୍ରବାର ସନ୍ଧ୍ୟାରେ ସୋର ବ୍ଲକ ସାଜନପୁର ଗ୍ରାମର ଦୀନବନ୍ଧୁ ଦାସ ତାଙ୍କ ସ୍ତ୍ରୀ ସସ୍ମିତା ଦାସଙ୍କୁ ନେଇ ବାଇକ ଯୋଗେ ଶ୍ୱଶୁର ଘର ଓଲିଆପାଟଣା ଗ୍ରାମକୁ ଯାଉଥିଲେ। ଏହି ସମୟରେ ବେଗୁନିଆ ଛକ ନିକଟରେ ଏକ ଅଜଣା ଗାଡି ତାଙ୍କ ବାଇକକୁ ଧକା ଦେଇ ଫେରାର ହୋଇଯାଇଥିଲା। ଫଳରେ ଉଭୟ ଦମ୍ପତି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ପ୍ରଥମେ ଖନ୍ତାପଡ଼ା ଏବଂ ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ।ସେଠାରେ ଉଭୟଙ୍କ ଅବସ୍ଥା ଅତି ଗୁରୁତ୍ତର ଥିବାରୁ ଡାକ୍ତର ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ପରିବାର ଲୋକେ ଉଭୟଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରୁଥିବା ବେଳେ ଉତ୍ତରେଶ୍ୱର ନିକଟରେ ସସ୍ମିତାଙ୍କ ଅବସ୍ଥା ଅତି ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ସୋର ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ସସ୍ମିତାଙ୍କୁ ମୃତ ଘୋଷଣା କରିଥିଲେ। ଏ ବାବଦରେ ପରିବାର ଲୋକେ ଖନ୍ତାପଡ଼ା ଥାନାରେ ଅଭିଯୋଗ କରିବା ପରେ ପୁଲିସ ମଧ୍ୟାହ୍ନରେ ସୋର ମେଡ଼ିକାଲରେ ପହଞ୍ଚି ଶବ ଜବତ କରି ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ଗୁରୁତର ଦୀନବନ୍ଧୁ ଏବେ କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି।

# ବାହାନଗାର ୨୬ ଗୃହ ପରିତ୍ୟକ୍ତ : କେଉଁଠି କେମିତି ଚାଲିଛି ଅଙ୍ଗନବାଡ଼ି

ବାହାନଗା, (ସବ୍ୟୁ) : ଅନେକ ବିଦ୍ୟାଳୟ ବନ୍ଦ ହେବା ସହ ପାଖ ବିଦ୍ୟାଳୟ ସହ ମିଶିଯାଇଥିଲା। ଫଳରେ ସଂପୃକ୍ତ ବନ୍ଦ ବିଦ୍ୟାଳୟଗୁଡ଼ିକ ପରିତ୍ୟକ୍ତ ହୋଇ ପଡ଼ିଛି। ଏପରି ସମୟରେ ସେଗୁଡ଼ିକୁ କାମରେ ଲଗାଇବା ପାଇଁ ଦାବି ହେଉଛି। ୨୦୨୦ ମସିହାରେ ତତ୍‌କାଳୀନ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ କମ୍ ଛାତ୍ରଛାତ୍ରୀ ଥିବା ସବୁ ବିଦ୍ୟାଳୟଗୁଡ଼ିକୁ ପାଖ ବିଦ୍ୟାଳୟଗୁଡ଼ିକ ସହ ମିଶାଇ ଦିଆଯାଇଥିଲା। ଏହିକ୍ରମରେ ବାଲେଶ୍ୱର ଜିଲ୍ଲା ଅଧୀନ ୨୪ଟି ପଞ୍ଚାୟତ ବିଶିଷ୍ଟ ବାହାନଗା ବ୍ଲକ୍‌ର ୨୬ଟି ବିଦ୍ୟାଳୟ ମଧ ପାଖ ବିଦ୍ୟାଳୟଗୁଡ଼ିକ ସହ ମିଶିଯାଇଥିଲା। ଏପରି ସମୟରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ନିର୍ମିତ ସଂପୃକ୍ତ ୨୬ଟି ବିଦ୍ୟାଳୟ ଗୃହଗୁଡ଼ିକ ଏବେ ପରିତ୍ୟକ୍ତ ହୋଇ ପଡ଼ିରହିଛି। ଯାହାର ସୁଯୋଗ ନେଇ କିଛି ଲୋକ ସେଗୁଡ଼ିକୁ ଗୋଦାମ କରିଛନ୍ତି। କିଏ ବାଉଁଶ ରଖିଛି ତ ଆଉ କିଏ ଟେଣ୍ଟ ସରଞ୍ଜାମ, ଜାଳେଣି, ଅମଳ ଫସଲ ଆଦି ରଖିଛନ୍ତି। ଯାହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

ବୁଦ୍ଧିଜୀବୀମାନେ ତୁରନ୍ତ ସଂପୃକ୍ତ ପରିତ୍ୟକ୍ତ ବିଦ୍ୟାଳୟଗୁଡ଼ିକୁ ସରକାରୀ କାମରେ ଲଗାଇବା ପାଇଁ, ନହେଲେ ସାମାଜିକ କାମରେ ଲଗାଇବା ପାଇଁ ଦାବି କରିଛନ୍ତି। ଅନେକ ସଂଗଠନର କାର୍ଯ୍ୟାଳୟ ନଥିବା ବେଳେ ସେମାନଙ୍କୁ ମଧ ବିଦ୍ୟାଳୟଗୁଡ଼ିକ ଯୋଗାଯାଇ ପାରିବ ବୋଲି କୁହାଯାଉଛି।ଏନେଇ ବାହାନଗା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କେଶରୀ ପରିଡ଼ାଙ୍କୁ ପଚରାଯାଇଥିଲା। ସେ କହିଛନ୍ତି କେତୋଟି ବିଦ୍ୟାଳୟରେ ଅଙ୍ଗନବାଡ଼ି କେନ୍ଦ୍ର ଚାଲିଛି। ଅନ୍ୟ ବିଦ୍ୟାଳୟଗୁଡ଼ିକୁ ପଞ୍ଚାୟତକୁ ହସ୍ତାନ୍ତର କରାଯିବାର ବ୍ୟବସ୍ଥା ହେଉଛି। ଅନ୍ୟପଟେ ବିଦ୍ୟାଳୟଗୁଡ଼ିକୁ ପୁଣିଥରେ କାର୍ଯ୍ୟକ୍ଷମ କରାଯିବା ନେଇ ମଧ ସରକାର ଚିନ୍ତା କରୁଛନ୍ତି ।

# କୁନିଝିଅ ସାଇନାଙ୍କ ଅଲୌକିକ ଶକ୍ତି



ଆଗରପଡ଼ା,(ସବ୍ୟୁ):କୁନି ଝିଅଟିର ବୟସ ୮ବର୍ଷ ମାତ୍ର ତାଙ୍କ ଅଲୌକିକ ଶକ୍ତି ଆଗରେ ସମସ୍ତଙ୍କୁ ନତମସ୍ତକ ହେବାକୁ ପଡୁଛି। ସେ ଦ୍ୱିତୀୟ ଶ୍ରେଣୀରେ ପଢୁଛନ୍ତି,ମାତ୍ର ବିଖ୍ୟାତ ଯାଦୁଗର ଭଳି କାର୍ଯ୍ୟ ପ୍ରଦର୍ଶନ କରି ସମସ୍ତଙ୍କୁ ବିସ୍ମିତ କରି ପାରୁଛନ୍ତି। ଏହି ପ୍ରତିଭାଧାରୀ କୁନିଝିଅ ହେଉଛନ୍ତି ସାଇନା ପ୍ରିୟଦର୍ଶନୀ।

ଆଗରପଡ଼ାସ୍ଥିତ ନରାଜପୁର ଗ୍ରାମର କୌଳାସ ତିଆଡ଼ି ଓ ମନ୍ଦାକିନୀ ପଣ୍ଡାଙ୍କ ଝିଅ ସାଇନା ଅସାଧାରଣ ଅଲୌକିକ ଶକ୍ତିର ଅଧିକାରିଣୀ ବୋଲି ଜଣାପଡ଼ିବା ପରେ ଲୋକଙ୍କ ସୁଅ ଛୁଟିଛି ତାଙ୍କ ଘରକୁ। ସେ ଆଖିରେ ପଟି ବାନ୍ଧି ଅନର୍ଗଳ ବହି ପଢ଼ି ପାରୁଛନ୍ତି,ଚିତ୍ରରେ ଥିବା ବିଭିନ୍ନ ରଙ୍ଗ ନାଆଁ କହି ପାରୁଛନ୍ତି। ଏଥିପାଇଁ ସେ କୌଣସି କିଛି ସାଧନା କରି ନାହାଁନ୍ତି ହଠାତ୍ ଏହି ଅନ୍ତର୍ନିହିତ ଗୁଣ ତାଙ୍କ ଠାରେ ପ୍ରକାଶ ପାଇଛି। ଦେବଦେବ ମହାଦେବ ତୃତୀୟ ନୟନରେ ସମଗ୍ର ବିଶ୍ୱକୁ ଦେଖି ପାରୁଥିଲେ ବୋଲି ସମସ୍ତେ ଶୁଣିଛନ୍ତି ମାତ୍ର ସାଇନାଙ୍କ ଦୁଇ ନୟନ ବନ୍ଦ ହେବାପରେ ମହାଦେବଙ୍କ ପରି ଯେମିତି ସେ ତୃତୀୟ ନୟନରେ ଏହି ବିସ୍ମୟ କାର୍ଯ୍ୟ କରି ପାରୁଛନ୍ତି ବୋଲି ସମସ୍ତଙ୍କୁ ମନେ ହେଉଛି। ସେ ଅରୁଣାଚଳ ପ୍ରଦେଶରେ ଥିବା ଭିକେଭି ନିପକୋ ସ୍କୁଲରେ ଅଧ୍ୟୟନରତା। ଗୁରୁ ଋତୁରାଜ ମୋରାନ ପ୍ରଥମେ ସାଇନାଙ୍କ ଠାରେ ଥିବା ଏହି ଅଲୌକିକ ଶକ୍ତିକୁ ଆବିଷ୍କାର କରିଥିଲେ। ସାଇନାଙ୍କ ପାଇଁ ଆଗରପଡ଼ା ଗୌରାବାନ୍ୱିତ ଓ ଗର୍ବିତ।

## ଗ୍ରାମ୍ୟ କଳାକାରଙ୍କୁ ଉତ୍ସାହିତ କରେ ନାଟ୍ୟ ମହୋତ୍ସବ

# ଷୋଳମପୁର ଯୁବ ନାଟ୍ୟ ପରିଷଦର ନାଟ୍ୟ ମହୋତ୍ସବ ଉଦଯାପିତ

ଭଣ୍ଡାରୀପୋଖରୀ, (ସବ୍ୟୁ): ଏହି ବ୍ଲକ ଅନ୍ତର୍ଗତ ଷୋଳମପୁର ଗ୍ରାମର ଶାନ୍ତେଶ୍ୱରୀ ଯୁବ ନାଟ୍ୟ ପରିଷଦ ଆନୁକୁଲ୍ୟରେ ବାର୍ଷିକ ଦୁଇ ରାତ୍ର ଧରି ନାଟକ ପରିବେଷଣ କରାଯାଇ ଶନିବାର ଉଦଯାପିତ ହୋଇଯାଇଛି । ପ୍ରାରମ୍ଭରେ ପୂଜକ ପରୀକ୍ଷିତ ପଣ୍ଡା ଓ ଚିତ୍ତରଞ୍ଜନ ପଣ୍ଡା ମଂଚ ପୂଜନ କରିଥିଲେ । ସାମ୍ବାଦିକ ବିଶ୍ୱମ୍ଭର ରାଉତଙ୍କ ସଂଯୋଜନାରେ ଆୟୋଜିତ ଉଦ୍ଘାଟନୀ ଉତ୍ସବକୁ ସମାଜସେବୀ ସଞ୍ଜୀବ କୁମାର ପରିଡ଼ା ଉଦଘାଟନ କରିଥିଲେ । ଭାବେ ସ୍ଥାନୀୟ ସରପଂଚ ପରମାନନ୍ଦ ନାୟକ ମୁଖ୍ୟଅତିଥି, ନାଟ୍ୟ ନିର୍ଦ୍ଦେଶକ ଶୁଭେନ୍ଦୁ ଶେଖର ନାୟକ ମୁଖ୍ୟବକ୍ତା, ମାଳଦା ସେବା ସମବାୟ ସମିତି ସଭାପତି ମୁକୁନ୍ଦଚରଣ ମଲ୍ଲିକ, ଯୁବନେତା ସୁରଥ ଦାସ, ସାହିତ୍ୟକ ଦାମୋଦର ନାୟକ, ମୁଖ୍ୟ ପରିଚାଳକ ସତ୍ୟବାଦୀ ଗାହାଣ, ସମାଜସେବୀ ସନ୍ତୋଷ ନାୟକ, ପଂଚାନନ ସାହୁ, ପ୍ରବଚକ ଗୁରୁଚରଣ ନାୟକ, ଉପଦେଷ୍ଟା ଶଙ୍କର୍ଷଣ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଗ୍ରାମାଂଚଳରେ ସାମାଜିକ ପାରିବାରିକ ନାଟକ ଲୋକମାନଙ୍କ ହୃଦୟକୁ ଛୁଇଁବା ସହିତ ଶିକ୍ଷଣୀୟ କଥା ପ୍ରଦାନ କରିଥାଏ ବୋଲି ମତ ଦେଇଥିଲେ ।

ଏହି ଅବସରରେ ଅନୁଷ୍ଠାନ ତରପରୁ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ପୀତବାସ କର,ନାଟ୍ୟ ନିର୍ଦ୍ଦେଶକ ଶୁଭେନ୍ଦୁ ଶେଖର ନାୟକ ଓ ଶଙ୍କର ଚିତ୍ରାଳୟ ପ୍ରୋପାଇଟର ଶଙ୍କର ସାହୁଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଗ୍ରାମର ଦିବଂଗତ ନାଟ୍ୟ ସଂସ୍ଥା ଉଜ୍ଜୀବିତ କରି ରଖିଥିବା ମହାନଆତ୍ମାଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା । ନାଟ୍ୟ ପରିଷଦ ପକ୍ଷରୁ ନାଟ୍ୟ ନିର୍ଦ୍ଦେଶକ ଶୁଭେନ୍ଦୁ କୁମାର ନାୟକଙ୍କ ନିର୍ଦ୍ଦେଶନାରେ ପ୍ରଥମ ରଜନୀ ହା କୃଷ୍ଣ ବୋଲି ଯାଉ ଜୀବ ଓ ଦ୍ୱିତୀୟ ରଜନୀରେ ଗୁପ୍ତ ସମ୍ପର୍କ ନାଟକ ପରିବେଷଣ କରାଯାଇଥିଲା ।

ଏଥିରେ ପୁରୁଷ କଳାକାର ସୁଶାନ୍ତ ନାୟକ, ସତ୍ୟବାଦୀ ଗାହାଣ, ବଂଶୀଧର ଖଟୁଆ, ମନୋରଞ୍ଜନ ରାଉତ, ସଞ୍ଜୟ ନାୟକ, ଉଲ୍ଲାସ ଖଟୁଆ, କାର୍ତ୍ତିକ ଘଡାଇ, ଗୁରୁଚରଣ ନାୟକ, ଗଦାଧର ଖଟୁଆଙ୍କ ସମେତ ରଘୁନାଥ, ରାଜେଶ, ଦୀପକ, ଜୁଳୀ, ଧନେଶ୍ୱର, ଦେବେନ୍ଦ୍ର, ମଧୁସୂଦନ, ରାଜାରାମ ପ୍ରମୁଖ ଅଭିନୟ କରିଥିବାବେଳେ ନାରୀ କଳାକାର ଗାୟତ୍ରୀ, ଲିପିନା, ସୀମା, ପ୍ରୀତି, ମାମା ପ୍ରମୁଖ ଅଭିନୟ କରିଥିଲେ । ଏହି ଦୁଇ ରାତ୍ର ଧରି ନାଟ୍ୟ ଉତ୍ସବକୁ ଯାତ୍ରା କମିଟିର ସମସ୍ତ କର୍ମକର୍ତ୍ତା ଓ ଗ୍ରାମବାସୀ ପରିଚାଳନା କରିଥିଲେ ।

# ସାଇକେଲ ଚୋରକୁ ଧରି ନିର୍ଦ୍ଧୁମ ଛେଚିଲେ ଲୋକେ

ବେତନଟୀ ,(ସବ୍ୟୁ): ବୈଶିଙ୍ଗା ଥାନା ଅଧୀନ ମହୁରୀସ୍ଥିତ ଡାହିବାଡ଼ି ହାଟରେ ସାଇକେଲ ଚୋରକୁ ଧରି ନିର୍ଦ୍ଧୁମ ଛେଚିଲେ ଲୋକେ । ଘଟଣାସ୍ଥଳରୁ ଚୋର କୁ ଉଦ୍ଧାର କଲା ବୈଶିଙ୍ଗା ପୁଲିସ । ଘଟଣାରୁ ପ୍ରକାଶ ଡାହିବାଡ଼ି ହାଟ ମୟୂରଭଞ୍ଜ ଜିଲ୍ଲାର ଏକ ପୁରୁଣା ହାଟ ଯାହାକି ସପ୍ତାହରେ ଦୁଇଦିନ ଶନିବାର ଏବଂ ବୁଧବାର ଅନୁଷ୍ଠିତ ହୋଇଥାଏ । ଏହି ହାଟରେ ପାଖାପାଖି ୧୦୦୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ହାଟରେ ବ୍ୟବସାୟ ଚଳାଇଥାଆନ୍ତି । ଏହି ହାଟରେ ବାଇକ ଏବଂ ସାଇକେଲ ଚୋରି ଯେପରି ଏକ ନିତିଦିନିଆ ଘଟଣା ହୋଇଗଲାଣି । ଆଜି ଶନିବାର ଜନୈକ ବ୍ୟକ୍ତି ଜଣକ ସୁଯୋଗ ନେଇ ଜଣେ ଗ୍ରାହକଙ୍କ ସାଇକେଲକୁ ନେଇ ପଳାଇଯାଉଥିଲେ ।



କିଛି ଲୋକ ଏହା ଦେଖିବା ମାତ୍ରେ ଉକ୍ତ ବ୍ୟକ୍ତିକୁ ଧରି ନିର୍ଦ୍ଧୁମ ଛେଚି ବୈଶିଙ୍ଗା ପୁଲିସକୁ ଖବର ଦେଇଥିଲେ । ବ୍ୟକ୍ତି ଜଣକ ହେଉଛନ୍ତି ବାଲେଶ୍ୱର ଜିଲ୍ଲା ରେମୁଣା ଥାନା ଅଧୀନ ଆଳଦା ଗ୍ରାମର ଭୁଣ୍ଡା ବେହେରା(୩୫) । ବୈଶିଙ୍ଗା ଥାନା ଏଏସଆଇ ସୁବ୍ରତ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ଭୁଣ୍ଡାକୁ ଉଦ୍ଧାର କରି ବୈଶିଙ୍ଗା ଥାନାକୁ ନେଇ ଆସିଥିଲେ । ଖବର ଲେଖା ହେବା ବେଳକୁ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ଜଣାଯାଇଛି ।

# ଏଫ୍ଏମ୍ କଲେଜରେ ଆୟୋଜିତ ହେବ ଦ୍ୱି-ଦିବସୀୟ ସାହିତ୍ୟ ଉତ୍ସବ

ବାଲେଶ୍ୱର, (ସବ୍ୟୁ) :ଭାଷା ଓ ସାହିତ୍ୟର ବିକାଶ ଦିଗରେ ବିଶେଷ ପ୍ରୟାସ କରି ରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ହାସଲ କରିଛି ଫକୀରମୋହନ ବିଶ୍ୱବିଦ୍ୟାଳୟ ।ଏହି ପରିପେକ୍ଷୀରେ ଚଳିତ ମାସ ୧୬ ଓ ୧୭ ତାରିଖରେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଯାଉଛି ସାହିତ୍ୟ ଉତ୍ସବ । ବିଶ୍ୱବିଦ୍ୟାଳୟର ସମ୍ମାନୀୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ଆୟୋଜିତ ଏହି ସାହିତ୍ୟ ଉତ୍ସବର ମୁଖ୍ୟ ପୃଷ୍ଠପୋଷକତା ଦାୟିତ୍ୱ ଗ୍ରହଣ କରିଥିବା ବେଳେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଓ କୁଳସଚିବ କୁକୁମୀନା ଦାସ କାର୍ଯ୍ୟକ୍ରମର ପୃଷ୍ଠପୋଷକ ଭାବେ ଯୋଗଦେବାର ସୂଚନା ପ୍ରଦାନ କରାଯାଇଛି ।ସାହିତ୍ୟ ଉତ୍ସବର ଆବାହକ ଭାବେ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର ଦାୟୀତ୍ୱ ଗ୍ରହଣ କରିଛନ୍ତି ।ଏହି ଦୁଇଦିନିଆ ସାହିତ୍ୟ ଉତ୍ସବରେ ବିଭିନ୍ନ ଭାଷା ଯଥା: ଓଡ଼ିଆ, ବଙ୍ଗଳା,ଅହମିଆ, ସଂସ୍କୃତ, ଉର୍ଦ୍ଦୁ, ସାନ୍ତାଳୀ, ଇଂରାଜୀର ୩୦ରୁ ଅଧିକ ସାହିତ୍ୟିକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏଥିସହିତ ଆସାମ, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଥାଇଲାଣ୍ଡ ସହିତ ଓଡ଼ିଶାର ସାହିତ୍ୟିକ ଭାଷା ସାହିତ୍ୟର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିବାନେଇ ସ୍ଥିରୀକୃତ କରାଯାଇଛି ।




ଆଲୋଚନା ଓ ଚର୍ଚ୍ଚା ଅଧିବେଶନ ଗୁଡିକର ପ୍ରସଙ୍ଗ ଭାବେ ଗଳ୍ପର ବର୍ତ୍ତମାନ ଓ ଭବିଷ୍ୟତ, ଅନୁବାଦର ଦୃଷ୍ଟି ଓ ଦର୍ଶନ, କବିତାର ପ୍ରତ୍ୟୟ ଓ ସମ୍ଭାବନା, ଶ୍ରୀଜଗନ୍ନାଥ ଓ ବୈଶ୍ୱିକ ଭାବନା, ସାହିତ୍ୟର କୃଷିପ୍ରସଙ୍ଗ, ସାହିତ୍ୟର କାୟା ଓ ସିନେମାର ମାୟା, ଓ ମୋ ଭାଷା ଓ ସାହିତ୍ୟର ଦିଶା ଇତ୍ୟାଦି ଅନ୍ତର୍ଭୁକ୍ତ କରାଯାଇଛି ।ଓଡ଼ିଶାର ବରିଷ୍ଠ ଓ ପ୍ରତିଷ୍ଠିତ ସାହିତ୍ୟିକଗଣ ଯଥା, ଦାଶ ବେନହୁର, ଗୌରହରି ଦାସ, ଯତୀନ୍ଦ୍ର କୁମାର ନାୟକ, କୈଳାଶ ପଟ୍ଟନାୟକ, ଗିରିବାଳା ମହାନ୍ତି, ସଦାନନ୍ଦ ତ୍ରିପାଠୀ, ସୂର୍ଯ୍ୟ ଦେଓ, ମକବୁଲ ଇସଲାମ, ଜୟଜ୍ୟୋତି ଗୋସ୍ୱାମୀ, ଅନୀତା ବୋଷ ପ୍ରମୁଖ ଏହି ଦୁଇଦିନିଆ ସାହିତ୍ୟ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ଦୁଇଦିନିଆ ସାହିତ୍ୟ ଉତ୍ସବକୁ ସମସ୍ତ ପ୍ରକାର ଆବଶ୍ୟକୀୟ ସହଯୋଗ ସହ ପ୍ରସ୍ତୁତି ଆରମ୍ଭ ହୋଇସାରିଛି । ଏଥିସହ ସମସ୍ତ ସାହିତ୍ୟିକ, ଗାଳ୍ପିକ, ଲେଖକ ଓ ସାହିତ୍ୟ ଗବେଷକ ମାନଙ୍କୁ ଏହି ଉତ୍ସବରେ ଯୋଗଦେଇ ଏହି ଉତ୍ସବକୁ ସଫଳ ରୂପାୟନ କରିବା ନିମନ୍ତେ ବିଶ୍ୱବିଦ୍ୟାଳୟ ତରଫରୁ ନିବେଦନ କରାଯାଇଛି ।

# ବାଦାମପଟିରେ ପଞ୍ଚରାତ୍ର ମହାମନ୍ତ୍ର ନାମଯଜ୍ଞ

କେନ୍ଦୁଝର,(ସବ୍ୟୁ) :ସଦର ବ୍ଲକ ଅନ୍ତର୍ଗତ ସିରିଷପାଳ ପଞ୍ଚାୟତର ବାଦାମପଟି ରାଧାକୃଷ୍ଣ ମନ୍ଦିର ପରିଚାଳନା କମିଟି ଓ ବାଦାମପଟି ସଂକୀର୍ତ୍ତନ ମଣ୍ଡଳୀର ମିଳିତ ଉଦ୍ୟମରେ ୪ମଇରୁ ୯ମଇ ପର୍ଯ୍ୟନ୍ତ ପଞ୍ଚରାତ୍ର ମହାମନ୍ତ୍ର ନାମଯଜ୍ଞ ଅନୁଷ୍ଠିତ ହୋଇ ଯାଇଛି । ପୂର୍ଣ୍ଣାହୂତି ତଥା ନଗର କୀର୍ତ୍ତନ କରାଯାଇ ନାମଯଜ୍ଞ ଉଦଯାପନ କରାଯାଇଛି । କର୍ତ୍ତା ହରେକୃଷ୍ଣ ଗିରି, ଦେବବ୍ରତ ଗିରି , ଦଶରଥ ଗିରି, ଗୁଣନିଧି ଗିରି ଓ ମୁଖ୍ୟ ସହଯୋଗୀ ଦେବାଶିଷ ଗିରିଙ୍କ ସହଯୋଗରେ ଗୋଲଖ ବିହାରୀ ପଣ୍ଡା ପୂଜାଦି ନୀତିକାନ୍ତି ସମ୍ପାଦନ କରିଥିଲେ । ଏହି ନାମ ଯଜ୍ଞରେ କେନ୍ଦୁଝର ଜିଲ୍ଲା ସାଂସଦ ଅନନ୍ତ ନାୟକ, କେନ୍ଦୁଝର ଯାଦବ ମହାସଭା ଉପଦେଷ୍ଟା ତଥା ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ଆଚାର୍ଯ୍ୟ ଦାଶରଥି ପ୍ରଧାନ , ସଦର ବ୍ଲକ ସଂଗଠନ ସମ୍ପାଦକ ଜିତେନ୍ଦ୍ର ବେହେରା ଓ ସଦର ବ୍ଲକ ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ପ୍ରସନ୍ନ କୁମାର ଦାସ ଉପସ୍ଥିତ ହୋଇ କୀର୍ତ୍ତନମଣ୍ଡଳୀ ତଥା ନାମ ଅନୁରାଗୀ ଭକ୍ତମାନଙ୍କୁ ଉତ୍ସାହିତ କରିଥିଲେ ।

# ଲକ୍ଷ୍ମୀନାରାୟଣ ମନ୍ଦିର ବାର୍ଷିକ ଉତ୍ସବ

ବାସୁଦେବପୁର,(ସବ୍ୟୁ):ବାସୁଦେବପୁର ବ୍ଲକର ଅରଣ୍ଡୁଆ ପଂଚାୟତର ଛତିରିଆ ସ୍ଥିତ ବାସଙ୍ଗ ପୁରୀସାହିର ଲକ୍ଷ୍ମୀନାରାୟଣ ମନ୍ଦିର ନବମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଅଛି। ତିନିଦିନ ବ୍ୟାପି ଆୟୋଜିତ କାର୍ଯ୍ୟକ୍ରମରେ ଘଟ ସ୍ଥାପନ ପରେ ମନ୍ତ୍ର ଧ୍ୱନୀରେ ମୁଖରିତ ପରିବେଶ। ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରତିଷ୍ଠିତା ସନାତନ ପୁରୀ ଓ ମେନକା ପୁରୀ ଯଜ୍ଞ ମଣ୍ଡପରେ କର୍ତ୍ତାଭାବେ ସଂକଳ୍ପ ହୋଇ ପୂଜା ଅର୍ଚ୍ଚନା କରିଥିଲେ। ପ୍ରତିଷ୍ଠା ଉତ୍ସବ ଗୀତା ଯଜ୍ଞରୁ ଆରମ୍ଭ ହୋଇ ପଣ୍ଡିତମାନଙ୍କ ବେଦମନ୍ତ୍ର ଓ ଘୃତ ଆହୁତି ପ୍ରଦାନ କରାଯାଇଥିଲା। ମଧ୍ୟାହ୍ନରେ ମନ୍ଦିର ପରିସରରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ପଣ୍ଡିତ ଗୋପବନ୍ଧୁ ସାମନ୍ତ,ରବିନ୍ଦ୍ର ମିଶ୍ର ଓ ଅଜୟ କୁମାର ଶତପଥୀଙ୍କ ଯଜ୍ଞ ମଣ୍ଡପରେ ମନ୍ତ୍ର ଧ୍ୱନିରେ ଆଧାତ୍ମିକ ପରିବେଶ ପ୍ରକମ୍ପିତ ହୋଇଥିଲା। ପଦ୍ମଲୋଚନ ଘଡିଆଳ ଓ ଗୋବର୍ଦ୍ଧନ ରଣା ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ସନ୍ଧ୍ୟାର ପାଲା ମଣ୍ଡଳ ଆୟୋଜିତ ହୋଇଛି।

# ଦୁର୍ଗର ପରିଖା ତଳେ ଏକା ଏକା କବି



ଡ. ମନୋରମା ବିଶ୍ୱାଳ ମହାପାତ୍ର

ଦକ୍ଷିଣ ୟୁରୋପରେ ଥିବା ଗ୍ରୀସ୍‌ର ମାସିଡୋନିଆ ସାମ୍ରାଜ୍ୟ ବିଶ୍ୱବିଦିତ । ପ୍ରାଚୀନ ମାସିଡୋନିଆ ସାମ୍ରାଜ୍ୟ ଆଜି ଗ୍ରୀସ୍ ନାମରେ ପରିଚିତ । ମାସିଡେନିଆ ସାମ୍ରାଜ୍ୟର ରାଜଧାନୀ ଥେସାଲୋନିକୀ । 'ଆଲେକ୍‌ଜାଣ୍ଡାର ଦି ଗ୍ରେଟ୍'ଙ୍କର ଏହା ଜନ୍ମସ୍ଥାନ । ମୋହର, ଆରିଷ୍ଟଟଲ୍ ପ୍ରଭୃତି ମନୀଷୀମାନଙ୍କର ଦେଶ ଗ୍ରୀସ । ବିଂଶ ଶତାବ୍ଦୀର ଗ୍ରୀକ୍ କବି ସେଫେରିସ୍ (୧୯୦୦-୭୧) ନୋବେଲ୍ ପୁରସ୍କାର ବିଜୟୀ ସାହିତ୍ୟ ସଂସ୍କୃତି ଏବଂ ପ୍ରାଚୀନ ଐତିହ୍ୟ ଭିତରେ ଶୋଇ ରହି ଗ୍ରୀସ୍ ଆଜି ସ୍ୱପ୍ନ ଦେଖୁଛି । ଇତିହାସ ଏଠି କଥା କହେ ।

ଗ୍ରୀସ୍‌ରେ ଆଜି ବସନ୍ତ ଋତୁ । ବଙ୍ଗୀୟ କବିଙ୍କର ସେହି କବିତାର ଧାଡ଼ି ମନେ ପଡୁଥିଲା- 'ଫୁଲ ଫୁଟୁ କି ନ ଫୁଟୁ ଆଜି ବସନ୍ତ ।' ବସନ୍ତର ଫୁଲଫୁଟିବା ପାଇଁ କାହାକୁ ଅପେକ୍ଷା କରେ ନାହିଁ । ଅଥଚ ଶରତର ନଈକୂଳରେ ଆଜି କାଶତଣ୍ଡୀ ଫୁଲ ଖୋଜିବାକୁ ଗଲାବେଳେ ନିରାଶ ହେବାକୁ ପଡୁଛି । ଓଡ଼ିଶାର ଅନେକ ନଈ ଆଜି ଶୁଖିଗଲାଣି । ଯେପରି ମୋର ପ୍ରିୟ ନଦୀ ସାଳନ୍ଦୀ ଆଜି କ୍ଷୀଣ ହୋଇଯାଉଛି ଦିନକୁ ଦିନ । ଗ୍ରୀସ୍ ଆଜି ଉଚ୍ଛଳ, ଉଦ୍‌ବେଳିତ । ଲାଇଲାକ୍, ଡାଫୋଡ଼ିଲ୍ ଫୁଲର ଉତ୍ସବ ଚାରିଆଡ଼େ । ଗ୍ରୀସ୍ ଆଜି କବିତାର ସ୍ୱପ୍ନରେ ବିଭୋର । କାରଣ ପୃଥିବୀର ପ୍ରାୟ ଅଠରଟି ଦେଶର କବି ଆଜି ତା ପାଖକୁ ଆସିଛନ୍ତି । ଅଲିଭ ଗଛ ପତ୍ରରେ ଏବଂ ହଜାର ହଜାର ବର୍ଷର ଜରାଜୀର୍ଣ୍ଣ ଦୁର୍ଗର ଗଡ଼ଖାଇ ଭିତରେ ଇତିହାସର ଗନ୍ଧ ସ୍ପଷ୍ଟ ବାରି ହୋଇଯାଉଛି । ବିଶ୍ୱକବି ସମ୍ମିଳନୀକୁ ଆସିଥିବା କବିମାନେ ଗ୍ରୀସ୍ ସହିତ ଅନେକ ବେଳୁ ଗପ ଜମାଇ ସାରିଲେଣି । ମାସିଡୋନିଆ ବା ଗ୍ରୀସ୍‌ର ସମୁଦ୍ର, ଆକାଶ, ନଈ ଆଜି କବିତାମୁଖର । ସଙ୍ଗୀତରେ ମସଗୁଲ । ଶାନ୍ତି ନିକେତନରେ ଛାଡ଼ି ଆସିଥିବା ମୋର ସେହି ଛାତ୍ରଜୀବନର ସ୍ମୃତି ଯେମିତି ମୂର୍ତ୍ତିମନ୍ତ ହୋଇ ମୋତେ କହୁଥିଲା- 'ମେଘ୍ ବଲେଛେ ଯାବ ଯାବ, ରାତ୍ ବଲେଛେ ଯାଇ, ସାଗର ବଲେ କୂଲ୍ ମିଲେଛେ ଆମି ତୋ ଆର୍ ନାଇ' (ମେଘ କହୁଛି ମୁଁ ଯିବି, ରାତ୍ରି ମଧ୍ୟ ଯିବ ବୋଲି ଚାହୁଁଛି, କିନ୍ତୁ ସମୁଦ୍ର ଏବଂ ବେଳାଭୂମି ଆଜି ଏକାକାର ହୋଇଯାଇଛି )।

ଅଗଷ୍ଟ ମାସରେ ଖରାବର୍ଷାର ଲୁଚକାଳି ଭିତରେ ଶରତ ହଠାତ୍ ଆସି ପହଞ୍ଚିଯାଏ ଆମ ଭୁବନେଶ୍ୱରରେ । ଗ୍ରୀସ୍‌ରେ ଆଜି କିନ୍ତୁ ବସନ୍ତ । ସେଦିନ ଆରିଷ୍ଟଟଲ୍ ସ୍କୋୟାର୍‌ଠାରେ ବିଶ୍ୱକବିତା ସମାରୋହ ଅନୁଷ୍ଠିତ ହୋଇଗଲା । ଚୀନ, ଜାପାନ, ଜର୍ମାନୀ, ଅଷ୍ଟ୍ରେଲିଆ ଠାରୁ ଆରମ୍ଭ କରି ଆମେରିକା ପର୍ଯ୍ୟନ୍ତ ପ୍ରାୟ ଅଠରଟି ରାଜ୍ୟର କବିମାନେ କବିତା ପାଇଁ ଗ୍ରୀସ୍‌କୁ ନିମନ୍ତ୍ରିତ ହୋଇଥିଲେ । ଲସ୍‌ଏଞ୍ଜିଲସ୍‌ରୁ ଆସିଥିବା କବି ରୋଜ୍‌ମେରୀ ତାଙ୍କ ଅଭିଭାଷଣରେ ସେଦିନ କହିଲେ - 'କବିମାନେ କେବଳ ଅଶୁଭଦ୍ରବ୍ୟକୁ ଶୁଭରେ ବଦଳାଇ ପାରିବେ । ହସ୍‌ପିଟାଲ୍‌ଠାରୁ ଆରମ୍ଭ କରି ପାଗଳ ଗାରଦ ପର୍ଯ୍ୟନ୍ତ ଯଦି କବିମାନଙ୍କୁ ନିଯୁକ୍ତି ଦିଆଯାଏ, ତା'ହେଲେ ସେ ସ୍ଥାନର ମାହାତ୍ମ୍ୟ ନିଶ୍ଚିତ ଭାବରେ ବଢ଼ିଯିବ । 'ଇଲେକ୍ଟ୍ରାପ୍ୟାଲେସ୍' ହୋଟେଲ୍ ଗ୍ରୀସ୍‌ର ଏକ ଅଭିଜାତପୂର୍ଣ୍ଣ ହୋଟେଲ୍ । ଏହି ସ୍ଥାନରେ କବିତା ଉତ୍ସବ, ସେମିନାର ଆଦି ଅନୁଷ୍ଠିତ ହୋଇଥିଲା । କେବଳ ଉଦ୍‌ଘାଟନ ଉତ୍ସବ ସମୁଦ୍ର ଭିତରେ ଏକ ଷ୍ଟିମର୍‌ରେ ହେଲା । ଉଦ୍‌ଘାଟନ ଉତ୍ସବ ସରିଲାପରେ ସେଠାରେ ମଧ୍ୟ ରାତ୍ରିଭୋଜନର ବ୍ୟବସ୍ଥା ହୋଇଥିଲା- ତାହା ଗ୍ରୀସ୍‌ର ସଂସ୍କୃତି ବିଭାଗ ଦ୍ୱାରା ପରିଚାଳିତ ହେଉଥିଲା ।



କବିତା ଉତ୍ସବର ଦ୍ୱିତୀୟ ଦିନରେ ଗ୍ରୀକ୍ ସଙ୍ଗୀତର ଅର୍କେଷ୍ଟ୍ରା ଶୁଣିବା ପାଇଁ ହଜାର ହଜାର ବର୍ଷ ତଳର ଏକ ପୁରୁଣା ଦୁର୍ଗ ଭିତରକୁ ସବୁ କବି ସେଦିନ ଯାଇଥିଲେ । ଇତିହାସର ମୂକସାକ୍ଷୀ ଭାବରେ ଦୁର୍ଗଟି ଯେମିତି ଅବିଚଳିତ ଥିଲା ପରି ମନେହେଲା ।


ଆକାଶରେ ସେଦିନ ଏକାଦଶୀର ଜହ୍ନ ଭୀଷଣ ମ୍ଳାନ ଲାଗୁଥିଲା । ପାହାଡ଼ ଉପରେ ଥିବା ଏହି କ୍ୟାସେଲ୍ ସେଦିନ ଜନାରଣ୍ୟ ହୋଇ ଉଠିଥିଲା । ସାନ ସାନ ପିଲାମାନଙ୍କୁ ଧରି ବାପାମାଆମାନେ ସେଦିନ ଗ୍ରୀକ୍ ସଙ୍ଗୀତରେ ବିଭୋର ଥିଲେ । ପଥର ଚଟାଣ ଉପରେ କେତେଜଣ ବସିଥିଲା ବେଳେ ଅନ୍ୟ କେତେଜଣ ଛିଡ଼ା ହୋଇ ସଙ୍ଗୀତ ଉପଭୋଗ କରୁଥିଲେ । ଗ୍ରୀକ୍ ଲୋକସଙ୍ଗୀତର ଏକ ଅଭୂତ ପ୍ରକାର ଆକର୍ଷଣୀୟ ଶକ୍ତି ରହିଥିବାର ଅନୁଭବ କଲି । ରାତି କ୍ରମଶଃ ଦୀର୍ଘ ହେବାରେ ଲାଗିଥିଲା । ଦୁର୍ଗର ଭିତର ପ୍ରାଙ୍ଗର ବିରାଟ ଆୟତନ ବିଶିଷ୍ଟ । ଉପରେ କୌଣସି ଚନ୍ଦ୍ରାତପ ନଥିଲା । ଖୋଲା ଆକାଶ ତଳେ ଏପରି ସଙ୍ଗୀତ ସମାରୋହ ଭୁବନେଶ୍ୱରରେ କ୍ୱଚିତ୍ ଦେଖାଯାଏ । ରାଜାରାଣୀ ମନ୍ଦିର କିମ୍ବା ଖଣ୍ଡଗିରି ଗୁମ୍ଫା ଭିତରେ ଆମ ସଂସ୍କୃତି ବିଭାଗ ବେଳେବେଳେ ଏପରି ଆସରର ଆୟୋଜନ କରିଥାଆନ୍ତି । ତାହା ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲେ ନାହିଁ ।

'ଥେସାଲୋନିକୀ' ସହରର ଦୃଶ୍ୟ ଏହି ଦୁର୍ଗ ଉପରୁ ଅତି ଚମତ୍କାର ଲାଗୁଥିଲା । ଆଲୋକମାଳାରେ ସୁସଜ୍ଜିତ ହୋଇ ଅପୂର୍ବ ରାଗ ସୃଷ୍ଟି କରୁଥିଲା । ଗ୍ରୀକ୍ ପୁଅଝିଅମାନେ ଖୁବ୍ ଉନ୍ମୁକ୍ତ । ଠିକ୍ ଗିରିନଦୀ ପରି । କିଛି ବନ୍ଧବାଡ଼ ଯେମିତି ନାହିଁ ସେମାନଙ୍କର । ସବୁ ଦେଶର କବିମାନଙ୍କୁ ଧରି ଦୁଇଟା ବସ୍ ପାହାଡ଼ ଉପରକୁ ଉଠିଥିଲା ଏବଂ ଦୁର୍ଗ ନିକଟରେ ଅପେକ୍ଷା କରିଥିଲା । ଗ୍ରୀକ୍ ସଙ୍ଗୀତରେ ମୁଁ ଏତେ ମଗ୍ନ ଥିଲି ଯେ ଶିଳ୍ପୀ 'ଇରିନା', କବି 'ମେରିନା' ଏବଂ ଲସ୍‌ଏଲସ୍ କବି ଲୁସି କ୍ୟାବିଲସ୍ ପ୍ରଭୃତି ମୋତେ କେତେବେଳେ ଡାକିଛନ୍ତି ମୁଁ ଶୁଣିପାରି ନାହିଁ ହୁଏତ । କିଛି ସମୟ ପରେ ଦେଖିଲି କେହି କବି ସେଠାରେ ନ ଥିଲେ । ଭରପୂର ସଙ୍ଗୀତ ଆସର ଭିତରେ ମୁଁ ସଂପୂର୍ଣ୍ଣ ଏକାକୀ ହୋଇଯାଇଥିଲି । ଏପରି ଅଜଣା, ଅଚିହ୍ନା ପରିବେଶରେ ମୁଁ କିପରି ଫେରିବି ତାହା ହିଁ ମୋତେ ବିବ୍ରତ କରୁଥିଲା । ଶାଢ଼ି ପିନ୍ଧିଥିବା ଓଡ଼ିଆଣୀ ପ୍ରତି ସମସ୍ତଙ୍କ ଦୃଷ୍ଟି ଆପେ ଆପେ ଆକର୍ଷିତ ହେଉଥିଲା । ମୋର ଇତସ୍ତତଃ ଭାବ ଲକ୍ଷ୍ୟକରି ଆରିଷ୍ଟଟଲ୍ ବିଶ୍ୱବିଦ୍ୟାଳୟର ଏମ୍.ଏ. ଛାତ୍ରୀ ଭାସୋ ଭାଇକୋଗ୍ନି ମୋ ପାଖକୁ ଆସି ବିବ୍ରତର କାରଣ ପଚାରିଲେ । ଇଂରାଜୀ ଭାଷା ବୁଝିପାରୁ ନଥିବା 'ଭାସୋ'ର ବାପାମା'ଙ୍କ ସହିତ ପରିଚୟ ହେଲା । ବହୁ ପରିଚିତ ବନ୍ଧୁ ପରି ସେମାନେ ମୋତେ ଆଣି ହୋଟେଲ୍‌ରେ ଛାଡ଼ିଲେ ଏବଂ ନିମନ୍ତ୍ରଣ ଜଣାଇଲେ ତାଙ୍କ ଘରକୁ ଯିବା ପାଇଁ । ବିଦେଶରେ ଏପରି ଆନ୍ତରିକତାର ସ୍ପର୍ଶ ମୋତେ ଅଭିଭୂତ କରି ଦେଇଥିଲା । ଓଡ଼ିଶାକୁ ଫେରିବା ଦିନ ତରତର ହୋଇ ମାସିଡୋନିଆ ଏୟାରପୋର୍ଟ ଭିତରକୁ ପଶୁଛି, ଦେଖିଲି ଝିଅଟିଏ ହାତରେ ଛୋଟ ଏକ ପ୍ୟାକେଟ୍ ଧରି ମୋ ଆଡ଼କୁ ଆଗେଇ ଆସୁଛି ।

ପ୍ୟାକେଟ୍‌ଟି ମୋ ହାତକୁ ବଢ଼ାଇଦେଇ ଏତିକି କହିଲା -'ଯେଉଁ ଗ୍ରୀକ୍ ସଂଗୀତରେ 'ସିଡ଼ି' ଉପହାର ସ୍ୱରୂପ ଦେଉଛି ଆଜି। ଚିଠି ଦେବେ କେମିତି ଲାଗିଲା ଜଣାଇ ।'' ବିହ୍ୱଳ ହୋଇଗଲି ଝିଅଟିର କଥାରେ । ମୋ ଝିଅ ବୟସର ହେବ । ତା ସହିତ ପରିଚୟ ମାତ୍ର କେତୋଟି ମୁହୂର୍ତ୍ତର । ଅଥଚ ମୋ ପ୍ରତି ତା'ର ଏହି ଅହେତୁକ ଶ୍ରଦ୍ଧା ଓ ସମ୍ମାନରେ ବିସ୍ମିତ ନ ହୋଇ ରହିପାରିଲିନି । କିଏ କହେ, ପୃଥିବୀରୁ ଭଲ ପାଇବା ଶୁଖିଯାଇଛି ବୋଲି ? ଚାରିଆଡ଼େ ଭଲପାଇବା ଭରପୂର ହୋଇରହିଛି । ଶିଳ୍ପୀ ଇରିନା, ମାସିଡୋନିଆ, କେତେ ପଛରେ ରହିଯାଇଛି ଆଜି । ତଥାପି ପ୍ରାଚୀନ ଜରାଜୀର୍ଣ୍ଣ ଗ୍ରୀକ୍ ଦୁର୍ଗ ଭିତରେ ଅବିସ୍ମରଣୀୟ ଗ୍ରୀକ୍ ସଙ୍ଗୀତ ଏବଂ ଏକୁଟିଆ କବିଟିର କଥା ସବୁଦିନ ମନେ ରହିବ ।

**୧୨୫, ପ୍ରୀତମପୁରୀ, ଆଚାର୍ଯ୍ୟବିହାର**
**ଭୁବନେଶ୍ୱର-୭୫୧୦୧୩,**
**ଫୋନ୍-୦୯୪୩୭୦୧୧୦୦୩**

# ନିଜ ଭୟ ସହ ଲଢ଼ିବା



ଅମରେନ୍ଦ୍ର ଖଟୁଆ

ଏ ସପ୍ତାହର କବି ଓ ତାଙ୍କ କବିତା

ଭୟକୁ ସାମ୍ନାସାମ୍ନି କରିବାର ତାକତ
ପ୍ରେମିକ ପାଖରେ ନଥାଏ, ପରିବାରର
ପିତାଙ୍କ ପାଖରେ ନଥାଏ, ଦେଶ ପାଇଁ
ଶହୀଦ ହବାର ଭାଗ୍ୟ ନଥିବାର
ରାଜନୈତିକ
ଚରିତ୍ର ପାଖରେ ନଥାଏ ଓ ଅନ୍ୟକୁ
ଛୁରୀବନ୍ଧୁକ ଦେଖାଇ ଡରାଉଥିବା
ଆତତାୟୀ ପାଖରେ ବି ନଥାଏ ।।
ଏମିତି ଜନ୍ମରୁ ଆଜି ପର୍ଯ୍ୟନ୍ତ ଏକାଠି
କରିଥିବା
ସବୁ ମାନସିକ, ଆର୍ଥିକ, ଦାର୍ଶନିକ ଓ
କିଛି ଜୈବିକ ମାନପତ୍ରରେ କିଛି ଉଲ୍ଲେଖ
ନଥାଏ ନିଜ ଭିତରର ଆଶଙ୍କା ଓ
ଅପେକ୍ଷାର
ଇତିହାସ ଉପରେ । ଏଇ ଇତିହାସ ଭିତରର
ସବୁ
ଖଣ୍ଡଯୁଦ୍ଧ
ଭୟର,
ଛତ୍ରଭଙ୍ଗ
ଦେଇ
ଗଂଠିଲୀ ଉଠାଇ ପୁଣି ମା ପାଖକୁ
ଫେରିଯିବାର
ଭରସା ଇ ନ ମାସ ଭୟର ।।
ତରୁଜୁରେ ଓଜନ କରିହେବନି
ଆଶାର ଓ ସ୍ୱପ୍ନର ।
ବଞ୍ଚିହେବନି ଏମିତିସେମିତି
କଟକଣାର ରାଜରାସ୍ତା
ସେପାଖର ଅବହେଳାର କୁଡିଆରେ !
ଏଣୁ କେବେ କେମିତି ଦେହର
ଆଜି ପର୍ଯ୍ୟନ୍ତକୁ
ରଣବେଶ ପିନ୍ଧାଏ ନିଜର ସାମାନ୍ୟ
ଅହଂକାର,
ପେଟ ଭିତରର କିଛି ଲୋଭ ଓ ନିଜ ପାଇଁ
ଏକାଠି କରିଥିବା କିଛି ପରିଚିତି ଓ ଠିକଣା ।
ଭୟକୁ ହୁଂକାର ଦବା ପାଇଁ ଏମିତି, ଭୟର
ସଂଜ୍ଞା ଜଣା ନଥାଇ ଜମା !

**ଏନ୍-୧୯୪, ଗ୍ରେଟର କୈଳାଶ-୧**
**ନୂଆଦିଲ୍ଲୀ-୧୧୦୦୪୮**

*(କବି ଯାଜପୁର ଜିଲ୍ଲାର ବଡଚଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅରଖପୁର (ଧାନମଣ୍ଡଳ) ଠାରେ ୧୯୫୭ ଜୁନ୍ ୪ ତାରିଖରେ ଜନ୍ମଗ୍ରହଣ କରିଥିଲେ ।*

*ସେ ଓଡ଼ିଆ ସାହିତ୍ୟର ଜଣେ ବିଶିଷ୍ଟ କବି ଭାବେ ସୁପରିଚିତ । ଇଂରାଜୀ, ସ୍ପାନସ୍, ହିନ୍ଦୀ ଓ ଓଡ଼ିଆ ଭାଷାରେ ଏଯାବତ୍ ତାଙ୍କର ୩୦ ଗୋଟି ପୁସ୍ତକ ପ୍ରକାଶ ପାଇଛି । ଦୀର୍ଘ ପ୍ରାୟ ଅର୍ଦ୍ଧ ଶତାବ୍ଦୀ ଧରି ସେ ସାହିତ୍ୟ ସାଧନାରେ ମନୋନିବେଶ କରି ଆସିଥିଲେ ମଧ୍ୟ ଜ୍ଞାନପୀଠ, କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ବା ଓଡ଼ିଶା ସାହିତ୍ୟ ଏକାଡେମୀ ଏପରି ଜଣେ ପ୍ରତିଭାଶାଳୀ କବିଙ୍କ ପ୍ରତି ପୁରସ୍କାର ପାଇଁ ଦୃଷ୍ଟି ଦେଇ ନଥିବା ଦୁର୍ଭାଗ୍ୟର ବିଷୟ ।*

*ଅପରପକ୍ଷରେ ସେ ଭାରତୀୟ ପ୍ରଶାସନିକ (ବୈଦେଶିକ) ସେବାର ବରିଷ୍ଠ ଅଧିକାରୀ ଭାବେ ଆର୍ଜେଟିନା ଭାରତୀୟ ଦୂତାବାସର ହାଇ କମିଶନର ଭାବେ ଆଇଭୋରୀ କୋଷ୍ଟରେ ଅବସ୍ଥାପିତ ଥିଲେ । ଭାରତ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଶାସନ ସଚିବ ସ୍ୱତନ୍ତ୍ର ନିଯୁକ୍ତି ପାଇ କାର୍ଯ୍ୟ କରିଥିଲେ । ଭାରତୀୟ ସାଂସ୍କୃତିକ ସମ୍ବନ୍ଧୀୟ ପରିଷଦରେ ସେ ମହାସଚିବ ଭାବେ ମଧ୍ୟ କାର୍ଯ୍ୟ କରି ବେଶ୍ ଆଦୃତ ହୋଇ ପାରିଥିଲେ । ଏବେ ସେ ନୂଆଦିଲ୍ଲୀରେ ଅବସ୍ଥାନ କରୁଛନ୍ତି । )*

# ରୀତିଯୁଗର ସର୍ବଶ୍ରେଷ୍ଠ ବିନ୍ଧାଣି ଉପେନ୍ଦ୍ରଭଞ୍ଜ

ହିମାଂଶୁ ଶେଖର ଆଚାର୍ଯ୍ୟ

ଓଡ଼ିଆ ସାହିତ୍ୟ ସାମ୍ରାଜ୍ୟରେ ଆଦିକବି ସାରଳା ଦାସଙ୍କ ଯୁଗ ଓ ପଞ୍ଚସଖା ଯୁଗ ପରେ ଆରମ୍ଭ ହୁଏ ରୀତିଯୁଗ । ଏହା ସାଧାରଣତଃ ଦରବାରୀ ସାହତ୍ୟ ରୂପେ ପ୍ରତିଷ୍ଠା ଲାଭ କରିଅଛି । ସପ୍ତଦଶ ଶତାବ୍ଦୀରୁ ଅର୍ଜୁନ ଦାସଙ୍କ ଲିଖିତ 'ରାମବିଭା' ଠାରୁ ଆରମ୍ଭ ହୁଏ ଓଡ଼ିଆ ସାହିତ୍ୟର ସର୍ବଶ୍ରେଷ୍ଠ ଯୁଗ ରୀତିଯୁଗ, ଯାହାକୁ କି ପରବର୍ତ୍ତୀ ସମୟରେ ସାହିତ୍ୟ ସମାଲୋଚକମାନେ 'ଭଞ୍ଜଯୁଗ' ନାମରେ ନାମିତ କରିଥାନ୍ତି । ରୀତିଧାରାର ପରମ୍ପରା ଅନୁସାରେ ଅର୍ଜୁନ ଦାସଙ୍କ ଠାରୁ ଆରମ୍ଭ କରି ଗୋପାଳକୃଷ୍ଣ ପଟ୍ଟନାୟକ, ପୁଣି କବିସୂର୍ଯ୍ୟ, ଦୀନବନ୍ଧୁ, ଧନଞ୍ଜୟ ଭଞ୍ଜ, ଅଭିମନ୍ୟୁ ଓ ସର୍ବୋପରି କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ରୀତିଯୁଗର ସର୍ବଶ୍ରେଷ୍ଠ କବି ।

ଓଡଗାଁ ରଘୁନାଥ ଜିଉଙ୍କ ପାଖରେ ଅଧିଆ ପଡି ଓ ପ୍ରଭୁ ରାମଚନ୍ଦ୍ରଙ୍କ ଆଶୀର୍ବାଦ ଲାଭକରି ଏତେବଡ କବି ପ୍ରତିଭାର ଅଧିକାରୀ ହୋଇପାରିଥିଲେ ଉପେନ୍ଦ୍ର ଭଞ୍ଜ । ତାଙ୍କ ଭାଷାରେ -*'ରାମ ତାରକ ମନ୍ତ୍ର ପରସାଦେ*
*ମୋହର କବିପଣ ଉଦେ ।'*

ଅର୍ଥାଳଙ୍କାର ଓ ଶବ୍ଦାଳଙ୍କାରରେ ତାଙ୍କ ସାହିତ୍ୟ ହୋଇଉଠେ ଅତୀବ ରସାଳ ଓ ନବରସଯୁକ୍ତ । ସଂସ୍କୃତ ସାହିତ୍ୟରେ ମହାକବି କାଳିଦାସ ଯେପରି ଉପମା ପ୍ରୟୋଗରେ ସର୍ବଶ୍ରେଷ୍ଠ ଥିଲେ ସେହିପରି ଓଡିଆ ସାହିତ୍ୟରେ ବିଭିନ୍ନ ପ୍ରକାର ଅଳଙ୍କାର ପ୍ରୟୋଗରେ ଉପେନ୍ଦ୍ର ଭଞ୍ଜ ଅତ୍ୟନ୍ତ ଧୂରୀଣ ଓ ସିଦ୍ଧହସ୍ତ ଥିଲେ ଯାହାକି ତାଙ୍କ କାଳଜୟୀ କାବ୍ୟଗ୍ରନ୍ଥରେ ବେଶ୍ ପ୍ରତୀୟମାନ ହୋଇଥାଏ । ସେଥିପାଇଁ ପଣ୍ଡିତ ମୃତ୍ୟୁଞ୍ଜୟ ରଥ କହିଛନ୍ତି -

*'ଉପମା ଭଞ୍ଜ ବୀରସ୍ୟ*
*ତସୈବଚାର୍ଥ*
*ଗୌରବମ୍*
*କଲ୍ଲୋଳେ ପଦ ଲାଳିତ୍ୟମ୍*
*ସନ୍ତି ଚିନ୍ତାମଣୌତ୍ରୟ ।*

ଉପେନ୍ଦ୍ର ଭଞ୍ଜଙ୍କ କାଳଜୟୀ ଲେଖନୀରେ ଓଡ଼ିଆ ସାହିତ୍ୟ ହୋଇଛି ପରିପୁଷ୍ଟ ଓ ରୁଦ୍ଧିମନ୍ତ । କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ବୈଦେହିଶ ବିଳାସ, ଲାବଣ୍ୟବତୀ, କଳାକଉତୁକ, ଅବନାରସ ତରଙ୍ଗ, ରସପଞ୍ଚକ, ସୁଭଦ୍ରା ପରିଣୟ ପ୍ରଭୃତି ୭୦ ଖଣ୍ଡରୁ ଊର୍ଦ୍ଧ୍ୱ କାବ୍ୟ ରଚନା କରିଯାଇଛନ୍ତି । ଏଥି ସହିତ ଚଉପଦୀ, ଭଜନ, ଜଣାଣ ଓ ଓଡ଼ିଶୀ ପ୍ରଭୃତି ଲେଖି ସେ ସାରସ୍ୱତ ଜଗତରେ ନିଜପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଯାଇଛନ୍ତି ଯାହାକି ଏବେବି ଅନତିକ୍ରମଣୀୟ । ଲାବଣ୍ୟବତୀ ହେଉଛି ଏକ ଶ୍ରେଷ୍ଠ କାଳ୍ପନିକ କାବ୍ୟ । ଏହାର ନାୟକ ହେଉଛନ୍ତି ଚନ୍ଦ୍ରଭାନୁ ଓ ନାୟିକା ହେଉଛି ଲାବଣ୍ୟବତୀ । ଲାବଣ୍ୟବତୀରେ ବିଭିନ୍ନ ପ୍ରକାର ଅଳଙ୍କାର ସହିତ ଶବ୍ଦଚାତୁରୀ ଏବଂ ଅର୍ଥଗୌରବର ବଳିଷ୍ଠ ନମୁନା ଦେଖାଛନ୍ତି କବିସମ୍ରାଟ । ଯଥା -

*'ଦେଖି ନବକାଳିକା ବକାଳୀକା ମାଳିକା,*
*ଆଳି କାଳିକା କାନ୍ତସ୍ମରି*
*ରକ୍ଷା କେମନ୍ତେ କରି କରିବ ମଉକରୀ*
*ଗତିକି ଏମନ୍ତ ବିଚାରୀରେ ସହଚରୀ ...* 'ବା ବସନ୍ତ ବର୍ଣ୍ଣନା -

*'ମଳୟ ଶିଖରୀ ଶିରୀ ଚୋରିକରି*
*ବହିଲାଣି ମନ୍ଦସମୀର*
*ସୁମନାଙ୍କ ବାସ ଚୋରାଇ ନେବଟି*
*ବୋଲି କହିଲାଣି ଭ୍ରମର ।'*

ଭଳି କବିତାଂଶଗୁଡିକରେ ଭୀୟ ଶୈଳୀର ଛିଟା ବାରି ହୋଇପଡେ ।

ବାଲ୍ୟକାଳରୁ ରାମଭକ୍ତ ଥିଲେ ବି ଉତ୍କଳର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କର ସେ ପରମ ଉପାସକ ଥିଲେ । ତାଙ୍କ ରଚିତ
'ମାନ ଉଦ୍ଧାରଣ କର ହେ କାରଣ, ଶରଣ ମୁଁ ତବ ପାଦତଳେ',
ଓଡ଼ିଶାର ଘରେ ଘରେ ଲୋକମୁଖରେ ବ୍ୟବହାର କରାଯାଉଛି । ସେହିପରି 'ବୈଦେହିଶ ବିଳାସ' ତାଙ୍କ କାବ୍ୟ ଜୀବନର ଏକ ମାଇଲ୍‌ଖୁଣ୍ଟ ହୋଇରହିଛି କହିଲେ ଅତ୍ୟୁକ୍ତି ହେବନାହିଁ । ମୂଳ ଅକ୍ଷର 'ବ'ରେ ଆରମ୍ଭ ହୋଇ ସମଗ୍ର ରାମାୟଣର ବିଷୟବସ୍ତୁକୁ ଆଧାର କରି ଏହା ରଚିତ ହୋଇଅଛି । ତାଙ୍କ ଜେଜେଙ୍କ ରଚିତ 'ରଘୁନାଥ ବିଳାସ'ର ଅନୁକରଣରେ ଏହା ରଚିତ ହୋଇଥିଲେ ହେଁ ବର୍ଣ୍ଣନା ବିଳାସ, ସାଙ୍କେତିକତା, ଅଳଙ୍କାର ପ୍ରୟୋଗ ଓ ସର୍ବୋପରି ଶବ୍ଦାଡମ୍ବରରେ ଏହା ହେଉଛି ରୀତିଯୁଗର ସର୍ବଶ୍ରେଷ୍ଠ କାବ୍ୟ । ବିଭିନ୍ନ ଋତୁ ବର୍ଣ୍ଣନା ସହିତ ରାଗରାଗିଣୀର ନିପୁଣ ପ୍ରୟୋଗ ସାଙ୍ଗକୁ ଶବ୍ଦପାଣ୍ଡିତ୍ୟର ମିଶ୍ରଣ ଏହାକୁ କରିଛି କାଳଜୟୀ । ଖାଲି ସେତିକି ନୁହେଁ ଭଞ୍ଜ ସାହିତ୍ୟରେ ବୃଦ୍ଧ-ବୃଦ୍ଧାଙ୍କର ବର୍ଣ୍ଣନା ନାହିଁ । କେବଳ ଯୁବକ, ଯୁବତୀ, ପ୍ରେମ-ମିଳନ-ବିରହ ଏବଂ ବିଭିନ୍ନ ଋତୁ ସମ୍ଭାରର ଚିତ୍ର ଏଥିରେ ଅପୂର୍ବଭାବେ ବର୍ଣ୍ଣିତ ହୋଇଅଛି ।

***ଉପେନ୍ଦ୍ର ଭଞ୍ଜଙ୍କ କାଳଜୟୀ ଲେଖନୀରେ ଓଡ଼ିଆ ସାହିତ୍ୟ ହୋଇଛି ପରିପୁଷ୍ଟ ଓ ରୁଦ୍ଧିମନ୍ତ । କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ବୈଦେହିଶ ବିଳାସ, ଲାବଣ୍ୟବତୀ, କଳାକଉତୁକ, ଅବନାରସ ତରଙ୍ଗ, ରସପଞ୍ଚକ, ସୁଭଦ୍ରା ପରିଣୟ ପ୍ରଭୃତି ୭୦ ଖଣ୍ଡରୁ ଊର୍ଦ୍ଧ୍ୱ କାବ୍ୟ ରଚନା କରିଯାଇଛନ୍ତି । ଏଥି ସହିତ ଚଉପଦୀ, ଭଜନ, ଜଣାଣ ଓ ଓଡ଼ିଶୀ ପ୍ରଭୃତି ଲେଖି ସେ ସାରସ୍ୱତ ଜଗତରେ ନିଜପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଯାଇଛନ୍ତି ଯାହାକି ଏବେବି ଅନତିକ୍ରମଣୀୟ । ଲାବଣ୍ୟବତୀ ହେଉଛି ଏକ ଶ୍ରେଷ୍ଠ କାଳ୍ପନିକ କାବ୍ୟ । ଏହାର ନାୟକ ହେଉଛନ୍ତି ଚନ୍ଦ୍ରଭାନୁ ଓ ନାୟିକା ହେଉଛି ଲାବଣ୍ୟବତୀ । ଲାବଣ୍ୟବତୀରେ ବିଭିନ୍ନ ପ୍ରକାର ଅଳଙ୍କାର ସହିତ ଶବ୍ଦଚାତୁରୀ ଏବଂ ଅର୍ଥଗୌରବର ବଳିଷ୍ଠ ନମୁନା ଦେଖାଛନ୍ତି କବିସମ୍ରାଟ ।***

ବିଭିନ୍ନ କ୍ଲିଷ୍ଟ ଅଳଙ୍କାର ଲୋମ-ବିଲୋମ, ଦଉବ୍ୟୁତାକ୍ଷର, ସିଂହାବଲୋକନ, ବ୍ୟାଘ୍ରାବଲୋକନ ଓ ସର୍ବୋପରି ଅର୍ଥାଳଙ୍କାର ଓ ଶବ୍ଦାଳଙ୍କାରରେ ତାଙ୍କ ସାହିତ୍ୟ ହୋଇଉଠେ ଅତୀବ ରସାଳ ଓ ନବରସଯୁକ୍ତ । ଶବ୍ଦ ପାଣ୍ଡିତ୍ୟରେ ତାଙ୍କର ଅଗାଧ ପାଣ୍ଡିତ୍ୟକୁ ଲକ୍ଷ୍ୟରଖି ବିଶିଷ୍ଟ ସମାଲୋଚକ ବିଜୟଚନ୍ଦ୍ର ମଜୁମ୍ଦାର କହନ୍ତି - 'ଭଞ୍ଜ ହେଉଛନ୍ତି ଶବ୍ଦର ଯାଦୁଗର' । ଆଉ ଏକ ବିଶେଷତ୍ୱ ହେଲା ଭଞ୍ଜ ସାହିତ୍ୟ ଏପରି ଏକ ସାହିତ୍ୟ ଯାହାକୁ ପଣ୍ଡିତଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକ ପର୍ଯ୍ୟନ୍ତ ଏଥିରୁ ରସ ଆସ୍ୱାଦନ କରିପାରନ୍ତି । ସେଥିପାଇଁ ଉତ୍କଳମଣି ଗାଇ ଉଠିଥିଲେ -

*'ଗାଏ ତୁମ ଗୀତ ସଭାରେ ପଣ୍ଡିତ*
*ପଥେ ପାନ୍ଥ ହୃଷ୍ଟମନା*
*ବିଲେ ବୋଲେ ଚଷା*
*ଅନ୍ତଃପୁରେ ଯୋଷା*
*ନୃତ୍ୟ ରତେ ବାରାଙ୍ଗନା ।'*

ଏହି ଯଶସ୍ୱୀ ସାରସ୍ୱତ ସ୍ରଷ୍ଟା ଆଜି ଆମ ଗହଣରେ ନାହାଁନ୍ତି । କିନ୍ତୁ ତାଙ୍କ ସାରସ୍ୱତ କୃତି ଓ କୀର୍ତ୍ତି ପାଇଁ ସେ ସବୁଦିନେ ସ୍ମରଣୀୟ ହୋଇରହିବେ । ଏସବୁ ସତ୍ତ୍ୱେ ଏବେବି ଅବହେଳିତ ହୋଇରହିଛି ଭଞ୍ଜଙ୍କ ଜନ୍ମସ୍ଥାନ । ତାର ପୁନରୁଦ୍ଧାର କରାଯିବା ସହ ଭଞ୍ଜ ସାହିତ୍ୟର ପ୍ରସାର ଓ ପ୍ରଚାର ପାଇଁ ସବୁ ସ୍ତରରେ ଉଦ୍ୟମ କରାଗଲେ ଆଗାମୀ ଦିନରେ ଏହା ଉତ୍ତରପିଢ଼ିର ସାହିତ୍ୟିକ, ଗବେଷକ ଓ ସମାଲୋଚକଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ।

**ସଭାପତି**
**ସାରସ୍ୱତ ପରିଷଦ, ଜଗତସିଂହପୁର**
**ମୋ - ୯୯୩୭୧୫୧୦୫୨**

# ମୋ ଗାଁ ... ମୋ ମାଆ

ରାମଚନ୍ଦ୍ର ସାହୁ

ଗଳ୍ପ

ବୈଶାଖ-ଜ୍ୟେଷ୍ଠର ମୁଣ୍ଡଫଟା ଖରାବେଳ । ସକଳ ସଂସାର ନିଦାଘ ଦହନରେ ଦଗ୍ଧୀଭୂତ । ପ୍ରଚଣ୍ଡ ରୌଦ୍ରତାପ ଲାଗି-ଶୂନଶାନ, ପଥପ୍ରାନ୍ତ ଛକ ବଜାର କାନନ କେଦାର । ନବପଲ୍ଲଭରେ କଅଁଳ ସବୁଜିମା ପୁରିତ ବୃକ୍ଷ ଓ ନିଜ ମନରେ ମଧ୍ୟ ନବ ଆଶାର ସଂଚାର ସମୟ । ସୁଦୂର ସହରରୁ କାରଟି ବାହାରି ଦ୍ରୁତ ଗତିରେ ଦୌଡୁଥାଏ ଗାଁ ମୁହାଁ ହୋଇ ଅନେକ ସହର ଛକ ବଜାର ପାରହୋଇ । ଶେଷରେ ନିଜ ଗାଁ ପାଖେ ରେଳ ଲାଇନ୍ ପାହାଡ କଡରେ ସରୁ ପିଚୁ ରାସ୍ତା ଧରିଲେ । ରୌଦ୍ରତାପର କ୍ଳିଷ୍ଟତା ସର୍ବତ ବୀବର୍ଣ୍ଣ ପାଣ୍ଡୁର ବର୍ଣ୍ଣ । ହଠାତ୍ ଆକାଶରେ ଉଠି ଆସିଲା ଭୀଷଣ କଳାହାଣ୍ଡିଆ ମେଘମାଳ ସହ ପ୍ରବଳ ପବନ । ଧୂଳିରେ ପୋତି ହୋଇଗଲା ଧରଣୀ । ତା' ସାଙ୍ଗକୁ କୁଆ ପଥର ବୃଷ୍ଟି ସହ ବର୍ଷା । କାରଟି ଅଟକି ଯାଇଥିଲା । ଏକ ଖୋଲା ଜାଗା ଦେଖି । ତତଲା ତାୱାର ଜଳନ୍ତା ବୁକୁରେ ଏବେ ହୀମ ଶୀତଳ ବର୍ଷାର ପରଶ ପରଷି ଦେଉଥିଲା ପ୍ରକୃତି ।

ବିଶାଳବାବୁଙ୍କ ବିମର୍ଷ ଚେହେରାରେ ଏବେ ପ୍ରସ୍ଫୁଟିତ ପୂଲକର ଆଭା। ଜୀବନ ଜଞ୍ଜାଳର ବଳୟରୁ ବାହାରି ଯେବେ ଯେବେ ସେ ଗାଁ ମୁହାଁ ହୁଅନ୍ତି ନିଶ୍ଚିତ ଏମିତି ଏଇବର୍ଷା ତାଙ୍କୁ ସ୍ୱାଗତ କରେ । ଗାଁ ସୀମା ଛୁଉଁ ଛୁଉଁ ଭେଟିଦିଏ ଗାଁ ଓ ମାଆର ମମତା, ମାଟିମଗ୍ନା କରେ ମନକୁ ଆକୁଳ ଆବେଦନ ଓ ନିବିଡ ବଳୟରେ ବାନ୍ଧିରଖେ ଚିତ୍ତକୁ । ସତରେ ଯେବେ ବ୍ୟକ୍ତି ବିଦେଶରୁ ଘର, ଗାଁ ମୁହାଁ ହୁଏ ମନରେ ବଢ଼ିଯାଏ ବଳ ଆଗ୍ରହ ଆତ୍ମୀୟତା ଆପଣା ପଣର ବାସ୍ନା । କେତେ ଆନନ୍ଦଦାୟୀ ସତେ ଏ ଗାଁ ମାଟି।

ଗାଁ ଛାଡି ଅନେକ ବର୍ଷ ହେଲାଣି ସୁଦୂର ସହରରେ ରୁହନ୍ତି ବିଶାଳ ଭଡାଘର ନେଇ ଏକ ବ୍ୟବସାୟ ଆରମ୍ଭ କରି ନିଜର ଏକମାତ୍ର ପୁଅ ଓ ସ୍ତ୍ରୀ ସହ । ଗାଁରେ ଥାଏ ପକ୍କାଘର ସହ ଧାନ ଜମି, ବାଡି ବଗିଚା ଇତ୍ୟାଦି । ଚାରି ଭାଇଙ୍କ ସମ୍ପତ୍ତି ପିତୃ ଅର୍ଜିତ । ଗାଁରେ ଥାନ୍ତି ମାଆ, ବାପା ଆରପାରିରେ ଅନେକ ବର୍ଷ ଆଗରୁ । ଏବେ ବିଶାଳଙ୍କ ପୁଅ ତାଙ୍କ ଠାରୁ ସୁଦୂର ସହରେ ରୁହନ୍ତି ନିଜ ନୂଆ ନୂଆ ଚାକିରିରେ । ଏଠି ମାଆଠାରୁ ପୁଅ ଦୂରରେ ଥିବାବେଳେ ତାଙ୍କ ପୁଅ ତାଙ୍କରି ଠାରୁ ଦୂରରେ ।

ଏଇତ ଆଜିର ପରିବର୍ତ୍ତିତ ସମୟରେ ଆମମାନଙ୍କ ସ୍ଥିତି ପ୍ରଗତି ପଥରେ ସମୟ ଗତି କରୁଥିଲେ ମଧ୍ୟ ଏସବୁ କିନ୍ତୁ ଦୁର୍ଗତିର ବିଲକ୍ଷଣ ବାଧେ ବାଧକ ସାଜେ ସାମାଜିକ ସମ୍ପର୍କରେ ।

ଗୋଟେ ମାଆ ଖୋଜୁଛି ତା' ପୁଅକୁ ଆଉ ସେଇ ପୁଅ ଖୋଜୁଛି ତା' ପୁଅକୁ । କାହିଁ ଆଜି ସେଦିନର ଯୌଥ ସ୍ୱର୍ଗୀୟ ପରିବାର ଆଜି ତ ସବୁ ଅଣୁ ପରିବାର ସବୁଠି । ବିଶାଳ ଭାବନ୍ତି ତାଙ୍କ ମାଆକୁ କଷ୍ଟ ହେଉଥିବ ମନରେ ଯଦିଚ ବିଶାଳ ଠିକ୍ ସମୟରେ ଗାଁକୁ ଯାଇ ମାଆଙ୍କର ସବୁ କଥା ଭଲରେ ବୁଝି ଆସନ୍ତି । ସବୁ ଦେଇନେଇ ଖାଇବା ଠାରୁ ଲୁଗାପଟା ଔଷଧ ଯାବତୀୟ କଥା ।

ଗାଁରେ ଥିବା ଯାଏଁ ବିଶାଳ ଗାଁ ପାଇଁ ଅନେକ ସେବା କରିଥିଲେ ଠାକୁରାଣୀ ମନ୍ଦିର, ବିଷ୍ଣୁ ମନ୍ଦିର ନିର୍ମାଣ, ବାଟ ଘାଟ ମନ୍ଦିର ସଫେଇ, ନାରାୟଣ ସେବା, ଚକ୍ଷୁ ଅସ୍ତ୍ରୋପଚାର ଶିବିର, ବୃକ୍ଷରୋପଣ, ବାଳବିକାଶ, ଶିକ୍ଷାଦାନ, ଆଖପାଖ ଗାଁର ମନ୍ଦିର ସଫେଇ, ଭଜନ ପରିକ୍ରମା ଇତ୍ୟାଦି କେତେ କ'ଣ । ସେ ଥିଲେ ଗାଁର ଯୁବ ସଭାପତି ମଧ୍ୟ । ସେ ବେଳର ଗାଁ ଥିଲା ସ୍ନେହ, ପ୍ରେମ, ବିଶ୍ୱାସର ସ୍ୱର୍ଗପଥ । ଧର୍ମଧାରାର ସେତୁବନ୍ଧ ।

ଭାଇଚାରାର ଭବ୍ୟ ମନ୍ଦିର । ଆଜି କିନ୍ତୁ ଓଲଟା, ରାଜନୀତିର ରଙ୍ଗରେ ବୀବର୍ଣ୍ଣ ଆଜି ଗାଁର ମୌଳିକ ମହତ୍ତ୍ୱ । ନାହିଁ ଆଉ ସେଇ ଡେଙ୍ଗା ତାଳ ଗଛ ଓ ବାଇ ଚଢେଇର ବସା । ଘର ଚଟିଆର କିଚିରି ମିଚିରି ଶବ୍ଦ ମାଟି ମାଘା ଆଟୁ, ଚାଳଘର, ଶାଗୁଣା, ଶଙ୍ଖଚିଲ, ବାଦୁଡି ଅବା ମିତ ସହି ସଙ୍ଗାତ, ମକର, ବଉଳର ଆତ୍ମୀୟତା । ନାହିଁ ସେ ପର୍ବ ପର୍ବାଣୀର ମହକ ମାଣ, ମାଗୁଶୀର ଦାଣ୍ଡେ ଚାଲିଯିବା ବେଳରେ ସେଇ ଗୋବର ଲିପା ଝୋଟି ଚିତା ମୁରୁଜ ଓ ପିଠାର ବାସ୍ନା । ଏବେ ଖାଲି ସ୍ୱାର୍ଥ ଓ ଅର୍ଥ ପଛରେ ପାଗଳ ଅଧିକାଂଶ । ପକ୍କା କଂକ୍ରିଟ ଘର, ନାହିଁ ସେ ଧୂଳିକାଦୁଅ ଦାଣ୍ଡ । କାଗଜ ଡଙ୍ଗାର ବେଳ ଡାକବାଲାର ଘଣ୍ଟି ।

ବିଶାଳ ଆଜି ଚଉଷଠୀ ବର୍ଷରେ ଉପନୀତ । ତଥାପି ତାଙ୍କ ମନରେ ଗାଁ ଓ ମା'ପ୍ରତି ଅବ୍ୟକ୍ତ ଭଲପାଇବା ସାଇତା ରହିଚି ପୂର୍ବ ପରି ଅକ୍ଷତ ଭାବେ । ପ୍ରତିଦିନ ମା'କଥା ଗାଁ କଥା, ମନେ ପଡିଲେ ଆଖି ତାଙ୍କର ଆଦ୍ର ହୋଇଯାଏ ଅଲକ୍ଷ୍ୟରେ ନିରବରେ । କାତର କରୁଣ ଭାବ ନେଇ ହୃଦୟକୁ ଯଦି ମେଲେଇ ଦେଖେଇ ହୁଅନ୍ତା ତେବେ ସେ ଦେଖାଇ ଦିଅନ୍ତେ । ପ୍ରଭୁ ଶ୍ରୀରାମ ଚନ୍ଦ୍ର କହିଥିଲେ - ଜନନୀ ଜନ୍ମ ଭୂମିଶ୍ଚ ସ୍ୱର୍ଗାଦପି ଗରୀୟସି । ସତରେ ଏଇ ଆକର୍ଷଣ କେତେ ମଧୁର ବିଭୋର ।

ଶେଷରେ କାର'ଟି ଯାଇ ଲାଗିଥିଲା ବିଶାଳଙ୍କ ଘର ଦୁଆର ଆଗରେ । ଜରାଯୁକ୍ତା ମାଆର କମ୍ପିତ ହାତ ଦୁଇଟି ଉଠି ଆସିଥିଲା ବିଶାଳଙ୍କ ମୁଣ୍ଡ ଉପରକୁ । ନିଷ୍ପ୍ରାଭ ନୟନରେ ସେ ନିଜ ପୁଅକୁ ଅନାଇ ରହିଥିଲେ ଅପାର ଆକୁଳ ବ୍ୟାକୁଳତା ବାରି ହୋଇ ପଡୁଥିଲା ହୃଦୟ ଅନ୍ତରରୁ । ସତରେ କ'ଣ ସମୟଟା ପୁଣି ପଛକୁ ଫେରି ଆସିବ ? ପୃଥିବୀଟା ଏଠି ଗୋଲ ଗୋଟିଏ ବିନ୍ଦୁରୁ ଯାତ୍ରା ଆରମ୍ଭିଲେ ଶେଷରେ ସେଇ ବିନ୍ଦୁକୁ ପୁଣି ଛୁଇଁବାକୁ ହୁଏ । ପକ୍ଷୀ ଯେତେ ଉଚ୍ଚରେ ଉଡିଲେ ମଧ୍ୟ ଦିନେ ତ ଗଛ ଡାଳକୁ ଆଶ୍ରୟ କରେ । ଗୁମ୍ଫାରେ ଶବ୍ଦ ଉଚ୍ଚାରଣ କଲେ ତାହା ପୁଣି ତୁମ ପାଖକୁ ଫେରେ । ବିଶାଳ ଭାବୁଥିଲେ ଦେଖାଯାଉ କେବେ ସେ ପୂର୍ବ ସମୟ ଫେରୁଚି ।

ଆଜିକାଲିର ଯୁବପିଢ଼ି ଆଉ ଗାଁକୁ ଯିବାକୁ ପସନ୍ଦ କରୁନଥିବା ବେଳେ ଗ୍ରାମାଞ୍ଚଳରୁ ଉତ୍ପାଦିତ ଖାଦ୍ୟାନ୍ନ ସହରକୁ ବଞ୍ଚାଏ । ସହରୀ ପଇସା ଟାଣି ଆଣେ ଗାଁ ପୋଖରୀର ମାଛ, କଦଳୀ, ପନିପରିବା, ଡାଲି, ଚାଉଳ ଇତ୍ୟାଦି । ଆଜିକା ଗ୍ରାମାଞ୍ଚଳ କିନ୍ତୁ ଆଉ ଗାଁ ପରି ଲାଗୁନି ସେଠାରେ ମଧ୍ୟ ସନ୍ଧ୍ୟା ହେଲେ, ଛକରେ ପଥ ପ୍ରାନ୍ତରେ ପିଜା, ବର୍ଗର, ଚାଉମିନ, ପକଡା, ରୋଲ ଆଦି ଗାଁରେ ବି ମିଳୁଛି । ଅନେକ ଗାଁରେ ମଧ୍ୟ ସହର ଭ୍ରମ ଆଜି ଦେଖା ଗଲାଣି । ପ୍ରାୟ ଗାଁ ଆଉ ଗାଁ ଲାଗୁନି । ଏଣୁ ଗାଁର ମୌଳିକତା-ନିଚ୍ଛକତା ମନରୁ କ୍ରମେ କମିଆସି ସ୍ମୃତି ହେବାକୁ ବସିଲାଣି ଅତୀତରୁ ପାଥେୟ କରି । ତଥାପି ଗାଁ-ଗାଁ ହୋଇ ରହିଥିବ ଯାହାବି ଯେତେ ପରିବର୍ତ୍ତନ ହେଲେ ମଧ୍ୟ କାରଣ ଆମ ଭାରତ ଏକ ଗ୍ରାମ ବହୁଳ ଦେଶ । ଏଠି ଗାଁ ଓ ମାଆ, ମାତୃଭାଷା ସର୍ବେ ପୂଜନୀୟା ବନ୍ଦନୀୟା ।

**ଦ୍ୱାରଶୁଣୀ - ଗଞ୍ଜାମ**
**ମୋ- ୭୮୯୪୪୯୯୩୪୪**

*ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )*

samayaeditorial2021@gmail.com

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପରିଣାମ...

ଶ୍ରୀନଗର ସାରା ବିସ୍ଫୋରଣର ଶବ୍ଦ ଶୁଭୁଛି । କୌଣସି ଅସ୍ତ୍ର ବିରତି ହୋଇନାହିଁ । ବାୟୁସେନା ସୁରକ୍ଷା ୟୁନିଟ୍ ଶ୍ରୀନଗରରେ ଏବେ ଖୋଲା ରହିଛି । ପାକିସ୍ତାନ ପକ୍ଷରୁ ଜମ୍ମୁର ଅନ୍ତର୍ଜାତୀୟ ସୀମା ନିକଟରେ ଗୁଳି ବିନିମୟ ଯୋଗୁ ୮ ବିଏସ୍ଏଫ୍ ଯବାନ ଆହତ ହୋଇଥିବା ସୂଚନା ମିଳିଛି । ଆର୍ଏସ୍ ପୁରା କ୍ଷେତ୍ରରେ ଏହି ଘଟଣା ଘଟିଥିବା ଜମ୍ମୁ-କାଶ୍ମୀର ପକ୍ଷରୁ ସୂଚନା ଦିଆଯାଇଛି । ଆହତମାନଙ୍କୁ ତୁରନ୍ତ ସେନା ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ବିଏସ୍ଏଫ୍‌କୁ ୨୦୦୦ କିମି ସୀମାରେ ପଇଁତରା ମାରିବାକୁ କୁହାଯାଇଛି । ପାକ୍‌ର ଅସ୍ତ୍ର ବିରତି ଉଲ୍ଲଘଂନ ପରେ ବୈଦେଶିକ ସଚିବ ବିକ୍ରମ ମିଶ୍ରି ଗଣମାଧ୍ୟମକୁ ସମ୍ବୋଧିତ କରିଛନ୍ତି । ସେ କହିଛନ୍ତି ଯେ ସେନାବାହିନୀକୁ ପରିସ୍ଥିତି ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବାକୁ ନିର୍ଦ୍ଦେଶ ଦିଆଯିବା ସହ ଏହି ଉଲ୍ଲଘଂନର କଡା ଜବାବ ଦେବାକୁ କୁହାଯାଇଛି । ଏଲ୍ଓସି ଓ ଆନ୍ତର୍ଜାତୀୟ ସୀମା ଉପରେ ନଜର ରଖିବାକୁ କୁହାଯାଇଛି । ଉଭୟ ଦେଶର ଡିଜିଏମ୍ଓ ସ୍ତରରେ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ ପାଇଁ ସହମତି ହୋଇଥିଲା । ମାତ୍ର ଏହାର କିଛି ଘଣ୍ଟା ପରେ ପାକ୍ ଏହାକୁ ଉଲ୍ଲଘଂନ କରିଛି । ଭାରତୀୟ ସେନା ସୀମାରେ କଡା ଦୃଷ୍ଟି ରଖିଛି । ପାକିସ୍ତାନର ଏହି କାର୍ଯ୍ୟ ଅତ୍ୟନ୍ତ ନିନ୍ଦନୀୟ ଓ ପାକିସ୍ତାନ ଏଥିପାଇଁ ଦାୟୀ । ଆମେ ବିଶ୍ୱାସ ରଖିଛୁ ଯେ ପାକିସ୍ତାନ ସ୍ଥିତିକୁ ସଠିକ୍ ଭାବେ ଅନୁଧ୍ୟାନ କରିବ ଓ ତୁରନ୍ତ ସଠିକ୍ ପଦକ୍ଷେପ ନେବ ।

## ଅସ୍ତ୍ର ବିରତି...

ଓ ଖୁସିର ସହ ଘୋଷଣା କରୁଛି ଯେ ଭାରତ ଓ ପାକିସ୍ତାନ ତୁରନ୍ତ ଅସ୍ତ୍ର ବିରତୀ ପାଇଁ ରାଜି ହୋଇଛନ୍ତି । ଦୁଇ ଦେଶ ନିଜର ସାଧାରଣ ଜ୍ଞାନ ବ୍ୟବହାର କରିଥିବାରୁ ଉଭୟଙ୍କୁ ଶୁଭେଚ୍ଛା ଜଣାଉଛି । ଏହି ପ୍ରସଙ୍ଗରେ ଆପଣମାନେ ଧ୍ୟାନ ଦେଇଥିବାରୁ ଧନ୍ୟବାଦ ଏବଂ ତୁରନ୍ତ ଭାରତ ଓ ପାକିସ୍ତାନ ସମ୍ପୂର୍ଣ୍ଣ ଅସ୍ତ୍ର ବିରତୀ ଲାଗି ଘୋଷଣା କରିଛନ୍ତି । ପାକିସ୍ତାନ ବୈଦେଶିକ ମନ୍ତ୍ରୀ ଇସାକ୍ ଦାର୍ କହିଛନ୍ତି ଯେ ପାକିସ୍ତାନ ଓ ଭାରତ ତୁରନ୍ତ ଅସ୍ତ୍ର ବିରତି ନିଷ୍ପତ୍ତିରେ ରାଜି ହୋଇଛନ୍ତି । ପାକିସ୍ତାନ ସବୁବେଳେ ଶାନ୍ତି ଓ ସୁରକ୍ଷା ତା' ଅଞ୍ଚଳରେ ଚାହୁଁଛି । ତେବେ ପାକିସ୍ତାନର ଭୌଗୋଳିକ ସୀମା ଓ ସର୍ବଭୌମତ୍ୱ ଏବଂ ଅଖଣ୍ଡତା ସହ କୌଣସି ବୁଝାମଣା କରିନାହିଁ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ମଧ୍ୟ ଆଜି ସନ୍ଧ୍ୟା ୬ଟାରେ ସ୍ପଷ୍ଟ କରାଯାଇଛି । ବୈଦେଶିକ ସଚିବ ବିକ୍ରମ ମିଶ୍ରି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଅସ୍ତ୍ର ବିରତୀ ଆଜି ସନ୍ଧ୍ୟା ୫ଟାରୁ ଲାଗୁ ହୋଇଛି । ଭାରତ-ପାକିସ୍ତାନ ଏ ନେଇ ସହମତି ହୋଇଛନ୍ତି । ଜଳ, ସ୍ଥଳ ଓ ଆକାଶ ପଥରେ ଆକ୍ରମଣ ନ କରିବାକୁ ଉଭୟ ଦେଶ ରାଜି ହୋଇଛନ୍ତି । ଦୁଇ ଦେଶର ଡିଜିଏମ୍ଓ ସ୍ତରୀୟ କଥାବର୍ତ୍ତା ହୋଇଥିଲା । ଆଜି ଅପରାହ୍ନ ୩.୩୦ରେ ଏହି ଆଲୋଚନା କରାଯାଇଥିଲା । ଏହାପରେ ଅସ୍ତ୍ର ବିରତି ପାଇଁ ସହମତି ପ୍ରକାଶ ପାଇଛି । ଅସ୍ତ୍ର ବିରତି ସମ୍ପର୍କରେ ୩ ବାହିନୀକୁ ଉଭୟ ଦେଶ ପକ୍ଷରୁ ଜଣାଇ ଦିଆଯାଇଛି । ଆସନ୍ତା ୧୨ ତାରିଖ ଦିନ ୧୨ଟାରେ ଦୁଇ ଦେଶ ମଧ୍ୟରେ ଡିଜିଏମ୍ ସ୍ତରୀୟ ଆଲୋଚନା ହେବ ।

ଅସ୍ତ୍ର ବିରତୀ ପୂର୍ବରୁ କାଶ୍ମୀର ଉପତ୍ୟକାର ଡାଲ ହ୍ରଦରେ କେତେକ ଅପରିଚିତ ବସ୍ତୁ ଭାସିବାର ଦେଖାଦେଇଥିଲା । ପାକିସ୍ତାନ ପକ୍ଷରୁ ବ୍ୟାପକ ଗୁଳି ବିନିମୟ ଓ ଡ୍ରୋନ୍ ଆକ୍ରମଣ ସମୟରେ ଏହା ଦେଖିବାକୁ ମିଳିଥିଲା । ଶୁକ୍ରବାର ରାତି ଓ ଶନିବାର ସକାଳୁ ମଧ୍ୟ ଉଭୟ ଦେଶ ମଧ୍ୟରେ ଉତ୍ତେଜନା ଲାଗୁ ରହିଥିଲା । ଜମ୍ମୁ-କାଶ୍ମୀରରେ ଅଧିକ ମୃତାହତ ହୋଇଥିବା ଖବର ଆସିଛି । ରାଜୋରୀରେ ଅତିରିକ୍ତ ଜିଲ୍ଲା କମିଶନର ରାଜ କୁମାର ଥାପ୍ପାଙ୍କ ସମେତ ୫ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି । ଭାରତ ମଧ୍ୟ ପାକିସ୍ତାନ ବିରୋଧରେ ଜବାବୀ ହମ୍‌ଲା ବାୟୁସେନା ମାଧ୍ୟମରେ କରିଛି । ପାକିସ୍ତାନ ବାୟୁସେନାର ଜେଟ୍ ବିମାନକୁ ଶନିବାର ସକାଳେ ଶ୍ରୀନଗରରେ ଖସାଇ ଦିଆଯାଇଛି । ଭାରତୀୟ ସେନା ସଠିକ୍ ଭାବେ ଏହି ଚଢ଼ାଉ କରିଥିଲେ । ଭାରତ ସୀମାରେ ପାକିସ୍ତାନ ପକ୍ଷରୁ ଅନେକ ଡ୍ରୋନ୍‌ରେ ଆକ୍ରମଣ କରାଯାଇଛି । ତେବେ ଭାରତର ଏୟାର ଡିଫେନ୍ସ ସିଷ୍ଟମ୍ ଏଥିରେ ହସ୍ତକ୍ଷେପ କରିଥିଲା । ଜମ୍ମୁ-କାଶ୍ମୀର, ପଠାନକୋଟ, ଫିରୋଜପୁର, ପଞ୍ଜାବ, ବ୍ରାମର ଆଦି ସୀମା ଅଞ୍ଚଳରେ ଶୁକ୍ରବାର ବ୍ଲାକ୍ ଆଉଟ୍ କରାଯାଇଥିଲା । ତେବେ ଉଭୟ ଦେଶ ମଧ୍ୟରେ ଯୁଦ୍ଧ ବିରତି ଘୋଷଣା ପରେ ଆମେରିକା ଉପରାଷ୍ଟ୍ରପତି ଭାରତ ଓ ପାକ୍‌କୁ କୃତଜ୍ଞତା ଜଣାଇଛନ୍ତି । ଜେଡି ଭାନ୍ସ କହିଛନ୍ତି ଯେ କଠିନ ପରିଶ୍ରମ ଓ ଇଚ୍ଛା ପ୍ରକାଶ ଯୋଗୁ ଏହା ସମ୍ଭବ ହୋଇଛି । ରାଷ୍ଟ୍ରପତି ଟ୍ରମ୍ପଙ୍କ ଟିମ୍‌ର ଏହା ଏକ ବଡ କାର୍ଯ୍ୟ ବୋଲି ସେ ଉଲ୍ଲେଖ କରିଛନ୍ତି । ବିଶେଷକରି ସଚିବ ରୁବିୟୋଙ୍କର ଏଥିରେ ବଡ ଭୂମିକା ରହିଛି । ଜାତିସଂଘର ମହାସଚିବ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି । ବିବାଦ ଦୂରେଇବା ପାଇଁ ସବୁ ପ୍ରଚେଷ୍ଟା କରାଯିବାର ଆବଶ୍ୟକତା ଥିଲା । ଶେଷରେ ଭାରତ ଓ ପାକିସ୍ତାନ ଏଥିରେ ରାଜି ହୋଇଛନ୍ତି ।

## ଆତଙ୍କୀ...

୩ ସେନାର ମୁଖ୍ୟ ଉପସ୍ଥିତ ଥିଲେ । ଏହି ବୈଠକରେ ଆତଙ୍କବାଦୀ କାର୍ଯ୍ୟକଳାପକୁ ଯୁଦ୍ଧ କାର୍ଯ୍ୟ ବୋଲି ବିବେଚନା କରିବାକୁ ନିଷ୍ପତ୍ତି ହୋଇଥିବା କୁହାଯାଉଛି । ଗୋଟିଏ ଦେଶ ଉପରେ ଯଦି ଅନ୍ୟ କୌଣସି ଦେଶ ପକ୍ଷରୁ ଏଭଳି କାର୍ଯ୍ୟ କରାଯାଏ ତାହାକୁ ଯୁଦ୍ଧ କାର୍ଯ୍ୟ ବୋଲି ବିବେଚନା କରାଯିବ ।

## ୪ ଏୟାର...

ଏୟାରଫାମ୍, ସୁକ୍କୁର ଓ ଛୁନିଆ ଏୟାର ବେସ୍‌କୁ ଟାର୍ଗେଟ କରାଯାଇଥିଲା । ଏକ ମାପଚୁପ ଭାବେ ଏଠାରେ ଆକ୍ରମଣ କରାଯାଇଥିଲା । କେବଳ ସେନାର ଭିତ୍ତିଭୂମିକୁ ଟାର୍ଗେଟ କରାଯାଇଥିଲା ଓ ସେଠାରେ ଯଥା ସମ୍ଭବ କ୍ଷତିକୁ କମ୍ କରିବାକୁ ଚେଷ୍ଟା କରାଯାଇଥିଲା । କର୍ଣ୍ଣେଲ ସୋଫିଆ କ୍ୟୁରେସି କହିଥିଲେ ଯେ ପାକିସ୍ତାନ ୨୬ ସ୍ଥାନକୁ ଟାର୍ଗେଟ କରିଥିଲା । ସେ ବିଭିନ୍ନ ସାଧାରଣ ଲୋକଙ୍କ ଭିତ୍ତିଭୂମି ବା ଆବାସ ସ୍ଥଳକୁ ଟାର୍ଗେଟ କରିବା ସହ ମେଡିକାଲ, ସ୍କୁଲ ଆଦି ଶ୍ରୀନଗରରେ ଟାର୍ଗେଟ କରିଥିଲା । ଅବନ୍ତିପଡା ଓ ଉଦାମପୁର ଏୟାରବେସ୍‌କୁ ମଧ୍ୟ ଟାର୍ଗେଟ କରାଯାଇଥିଲା । ଭାରତୀୟ ସେନା ଅତ୍ୟନ୍ତ ଧୈର୍ଯ୍ୟର ସହ ଏହାର ଜବାବ ଦେଇଥିଲା । ଏମାନେ କେବଳ ସେନାର ଭିତ୍ତିଭୂମିକୁ ଟାର୍ଗେଟ କରିଥିଲେ । ବ୍ୟୋମିକା ସିଂହ କହିଥିଲେ ଯେ ଭାରତୀୟ ସେନା ଅପରେସନ୍ ପାଇଁ ଉଚ୍ଚସ୍ତରରେ ପ୍ରସ୍ତୁତି କରିଛି । ଯେଉଁ ଆକ୍ରମଣ କରାଯିବ ତା'ର ଯଥାସାଧ୍ୟ ଜବାବ ଦିଆଯିବ । ବୈଦେଶିକ ସଚିବ ବିକ୍ରମ ମିଶ୍ରି ଉଲ୍ଲେଖ କରିଥିଲେ ଯେ ପାକିସ୍ତାନର କାର୍ଯ୍ୟାନୁଷ୍ଠାନ ଉସ୍‌କାଇବା ସହ ପରିସ୍ଥିତିକୁ ଅଧିକ ଉତ୍ତେଜନାପ୍ରବଣ କରୁଛି । ରାଜୋରୀରେ ଯେଉଁ ଆକ୍ରମଣ କରାଯାଇଥିଲା ତାହାକୁ ସେ ନିନ୍ଦା କରିଥିଲେ । ଏଠାରେ ଅତିରିକ୍ତ ଜିଲ୍ଲା ଉନ୍ନୟନ କମିଶନର ରାଜ କୁମାର ଥାପ୍ପାଙ୍କ ସହ ଅନ୍ୟ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଥିଲା । ତେବେ ପାକିସ୍ତାନୀ ସେନା ତା'ର ସୈନ୍ୟ ବଳକୁ ଆଗକୁ ଅଗ୍ରସର କରିବାକୁ ସ୍ଥଳ ପଥରେ ଯୋଜନା କରୁଛି । ଏହାର ସ୍ପଷ୍ଟ ସୂଚନା ଦେଉଛି ଯେ ସେମାନେ ଏଲ୍ଓସିରେ ଥିବା ଅଞ୍ଚଳକୁ ଉଲ୍ଲଘଂନ କରୁଛନ୍ତି । କୁପୁଓ୍ୱାରା, ବାରମୁଲା, ପୁଞ୍ଛ, ରାଜୋରୀ, ଅକ୍ନୁର ଆଦି ସ୍ଥାନରେ ସେନା ବଳ ବଢ଼ାଇଛି । ଏଲ୍ଓସିରେ ବାରମ୍ବାର ସ୍ଥିତିକୁ ସେମାନେ ଉଲ୍ଲଘଂନ କରୁଛନ୍ତି । ଭାରତୀୟ ସେନା ପକ୍ଷରୁ ରାଷ୍ଟ୍ରପତି ପ୍ରତିବଦ୍ଧତାକୁ ଦୃଷ୍ଟିରେ ରଖି ଉତ୍ତେଜନାକୁ ହ୍ରାସ କରିବା ଲାଗି ଉଦ୍ୟମ କରାଯାଉଛି ।

## ପାକିସ୍ତାନର...

ଏହି ନିଷ୍ପତ୍ତି ନିଆଯାଇଛି । ସରକାରୀ ସୂତ୍ରରୁ ସୂଚନା ଅନୁଯାୟୀ ଜାତୀୟ ସୁରକ୍ଷା ଉପଦେଷ୍ଟା ଅଜିତ୍ ଡୋଭାଲ ଓ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ମଧ୍ୟ କିଛିଦିନ ଧରି ଆମେରିକା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରୁଥିଲେ । ଆଲୋଚନା ସମୟରେ ଅସ୍ତ୍ର ବିରତି ପ୍ରସଙ୍ଗ ଉଠିଥିଲା । ଏ ସମ୍ପର୍କରେ ସେମାନେ ନିୟମିତ ଭାବେ ପ୍ରଧାନମନ୍ତ୍ରୀଙ୍କୁ ପ୍ରତ୍ୟେକଟି ଅଗ୍ରଗତିର ସୂଚନା ଦେଉଥିଲେ । ଭାରତ ନିଜ ସର୍ତ୍ତ ଅନୁଯାୟୀ ଅସ୍ତ୍ର ବିରତିକୁ ଲାଗୁ କରିବା ପାଇଁ ରାଜି ହୋଇଥିଲା ।

## ଆଜି...

ତାରିଖ ଯାଏ ସମ୍ବଲପୁର, ଝାରସୁଗୁଡ଼ା, ବଲାଙ୍ଗୀର, ବୌଦ୍ଧ ଓ ସୁନ୍ଦରଗଡ଼ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ହେବ । ଏହିସବୁ ସ୍ଥାନରେ ତାପମାତ୍ରା ୪୫° ଛୁଇଁପାରେ । ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଆଦି ଜିଲ୍ଲାଗୁଡ଼ିକରେ ସ୍ଥାନେସ୍ଥାନେ ଉଷ୍ମ ଓ ଆର୍ଦ୍ରତା ରହିବାର ସମ୍ଭାବନା ଅଛି । ତେବେ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ଗଞ୍ଜାମ, ଗଜପତି, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, ରାୟଗଡ଼ା, କଳାହାଣ୍ଡି, ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲ୍ଲାର ସ୍ଥାନେ ସ୍ଥାନେ କାଳବୈଶାଖୀ ବର୍ଷା ଲାଗି ଚେତାବନୀ ଦିଆଯାଇଛି । ଏହିସବୁ ଜିଲ୍ଲାଗୁଡ଼ିକରେ ଝଡ଼ତୋଫାନ ବର୍ଷା ସହ ପବନର ବେଗ ଘଣ୍ଟା ପ୍ରତି ୩୦ରୁ ୫୦ କିମି ରହିପାରେ ।

ଶନିବାର ସମ୍ବଲପୁରରେ ସର୍ବାଧିକ ତାପମାତ୍ରା ୪୨.୭ ଡିଗ୍ରୀ ଥିବାବେଳେ ହୀରାକୁଦରେ ୪୧.୭°, ଝାରସୁଗୁଡ଼ାରେ ୪୧.୬°, ଭୁବନେଶ୍ୱରରେ ୪୦.୨°, ବାଲେଶ୍ୱରରେ ୩୯.୭°, ରାଉରକେଲାରେ ୩୯.୬°, ଚାନ୍ଦବାଲିରେ ୩୯.୪° ତାପମାତ୍ରା ରେକର୍ଡ଼ କରାଯାଇଛି । ରାଜଧାନୀ ଭୁବନେଶ୍ୱରରେ ସର୍ବୋଚ୍ଚ ତାପମାତ୍ରା ଗତବର୍ଷ ଏପ୍ରିଲ ୫ରେ ୪୦° ଅତିକ୍ରମ କରିଥିବାବେଳେ ଚଳିତବର୍ଷ ଏପ୍ରିଲ ୧୦ରେ ୪୦° ଡେଇଁଛି । ଏଥର କାଳବୈଶାଖୀ ପ୍ରଭାବ ହେତୁ ତାପମାତ୍ରା କମ ରହିଥିଲା ।

## ମିଛ...

ଭୁଲ୍ ସୂଚନା ପ୍ରଚାର କରୁଛି । ଶୀର୍ଷା, ଜମ୍ମୁ, ପଠାନକୋଟ୍, ଭାଟିଣ୍ଡା, ନାଲିଆ ଓ ଭୂଜ୍‌ର ଏୟାରଫିଲ୍ଡକୁ ଧ୍ୱଂସ କରିଛି ବୋଲି ଯାହା କହୁଛି ତାହା ସମ୍ପୂର୍ଣ୍ଣ ଭୁଲ୍ । ତୃତୀୟରେ ଚଣ୍ଡିଗଡ ଓ ବ୍ୟାସ୍‌ରେ ଯେଉଁ କ୍ଷତି କରିଛି ବୋଲି କହୁଛି ତାହା ସମ୍ପୂର୍ଣ୍ଣ ଭୁଲ୍ । ପାକିସ୍ତାନ ମଧ୍ୟ ଭାରତୀୟ ସେନା ବିରୋଧରେ ମସ୍‌ଜିଦକୁ ଧ୍ୱଂସ କରୁଥିବା ନେଇ ଯେଉଁ ଅଭିଯୋ କରିଛି ତାହା ଭୁଲ୍ । ଭାରତ ଏକ ଧର୍ମ ନୀରପେକ୍ଷ ରାଷ୍ଟ୍ର । ଆମ ସେନା ସବୁବେଳେ ସାମ୍ବିଧାନିକ ମୂଲ୍ୟବୋଧକୁ ପ୍ରତିଫଳିତ କରିଥାଏ ।

# ୧୩ ଓ ୧୪ରେ ମାଗଣା କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ଶିବିର

ସମ୍ବଲପୁର,(ସବ୍ୟୁ): କୃତ୍ରିମ ଗୋଡ କିମ୍ବା ହାତ ଦ୍ୱାରା ବ୍ୟକ୍ତି କୌଣସି ସମର୍ଥନ ବିନା ଚାଲିପାରିବ । ଗାଡି ଚଳାଇବା ସହ ଖେଳାବୁଲା ମଧ୍ୟ କରିପାରିବ । ସେ କାହା ପାଇଁ ବୋଝ ପାଲଟିବ ନାହିଁ । ଦିବ୍ୟାଙ୍ଗ ମାନଙ୍କୁ ଗତିଶୀଳ ଓ ସମାଜରେ ଫେରି ପାଇବାରେ ମାଗଣା କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ଶିବିର ବେଶ ସାହାର୍ଯ୍ୟ କରିବ । ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୧୩ ଓ ୧୪ରେ ମାରଓ୍ୱାଡି ଯୁବ ମଞ୍ଚ କ୍ଷେତରାଜପୁର, ନବଚେତନା, ଉଦୟ ଷ୍ଟାର ସମ୍ବଲପୁର ଓ ବିଜୁ ମହାବୀର ଜୟପୁର ଫୁଟ ସେଣ୍ଟରର ତତ୍ତ୍ୱାବଧାନରେ ମାଗଣା କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ଶିବିର ଆୟୋଜିତ ହେବ । ଶନିବାର ସାମ୍ବାଦିକ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶିବ ଅଗ୍ରଓ୍ୱାଲ କହିଥିଲେ । ସେ ଆହୁରି କହିଥିଲେ ଯେ, ଏହି ଶିବିର ମାରଓ୍ୱାଡି ସେବା ସଦନ ମୁଙ୍ଗାପଡା ଠାରେ ୨ଦିନ ଧରି ଚାଲିବ । ପ୍ରଥମ ଦିନ ପଞ୍ଜିକରଣ ସହ ବିଶେଷଜ୍ଞ ଡାକ୍ତର ମାନେ ଆକାର ମାପ ନେଇ ସେହି ଅନୁଯାୟୀ ଅଙ୍ଗ ପ୍ରସ୍ତୁତ କରିବେ । ଯାହା ପରୀକ୍ଷାମୂଳକ ଭାବେ ମେ ୧୪ରେ ଫିଟ୍ କରାଯିବ । ଏହି ସାମ୍ବାଦିକ ସମ୍ମିଳନୀରେ ରିନା ଭାଲୋଟିଆ, ସଚିନ ଅଗ୍ରଓ୍ୱାଲ , ଋଷି ପୋଦାର ଓ ପରାଗ ଅଗ୍ରଓ୍ୱାଲ ସୂଚନା ଦେଇଥିଲେ ।

# ନବ ବିବାହିତ ଫାର୍ମାସିଷ୍ଟଙ୍କୁ ହତ୍ୟା

ନୂଆପଡ଼ା (ସବ୍ୟୁ) : ନୂଆପଡ଼ା ଜିଲ୍ଲା ସଦର ମହକୁମା ୱାର୍ଡ଼ ନମ୍ବର - ୧୧, ଶିବଶକ୍ତି ନଗରର ଜଣେ ନବ ବିବାହିତ ଫାର୍ମାସିଷ୍ଟଙ୍କ ଶବ ଓଡ଼ିଶା - ଛତିଶଗଡ଼ ସୀମାନ୍ତ ମହାସମୁନ୍ଦ ଜିଲ୍ଲା ଅନ୍ତର୍ଗତ କୋମାଖାନ ପୋଲିସ ଷ୍ଟେସନ, କସେକେରା - ଟୋଙ୍ଗୋପାନୀ ରାସ୍ତା ପାର୍ଶ୍ୱରେ ମୁହଁ ଓ ହାତରେ ଟେପ ବନ୍ଧା ହୋଇ ମିଳିବା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି।

ଖବର ନେବାରୁ ଜଣା ପଡ଼ିଛି ଯେ ନୂଆପଡ଼ା ସଦର ଶିବ ଶକ୍ତିନଗର ନିବାସୀ ଶିକ୍ଷକ ମନବୋଧ ତ୍ରିପାଠୀଙ୍କ ଏକ ମାତ୍ର ପୁଅ ମାନସ ରଞ୍ଜନ ତ୍ରିପାଠୀ(୩୨) ଗତ ୮ ତାରିଖ ସଂଧ୍ୟାରୁ ନିଖୋଜ ଥିଲେ। ସେ ଫାର୍ମାସିଷ୍ଟ କୋର୍ସ କରିଥିବାରୁ ଆଖ ପାଖ ଅଞ୍ଚଳରେ ବୁଲି ବୁଲି ରୋଗୀ ସେବା କରୁଥିଲେ। ବିଳମ୍ବିତ ରାତ୍ରୀରେ ସେ ଘରକୁ ନ ଆସିବାରୁ ସକାଳେ ଏ ସଂପର୍କରେ ନୂଆପଡ଼ା ସଦର ପୋଲିସ ଷ୍ଟେସନରେ ନିଖୋଜ ନେଇ ଏତଲା ଦିଆଯାଇଥିଲା। ଗତ ମାସ ୨୩ ଏପ୍ରିଲ ୨୦୨୪ ଦିନ ସେ ଛତିଶଗଡ଼ ରାଜ୍ୟ ମହାସମୁନ୍ଦ୍ ଜିଲ୍ଲା ପିଥୋରା ଗ୍ରାମରୁ ବିବାହ କରିଥିଲେ। ତାଙ୍କ ହତ୍ୟା ଖବର ୯ ତାରିଖ ସଂଧ୍ୟାରେ ଛତିଶଗଡ ରାଜ୍ୟ ମହାସମୁନ୍ଦ ଜିଲ୍ଲାରୁ ପ୍ରକାଶିତ ଏକ ନ୍ୟୁଜ୍ ପୋର୍ଟାଲରୁ ଜଣାପଡ଼ିଥିଲା । କୋମାଖାନ ପୋଲିସ ଷ୍ଟେସନ କର୍ତ୍ତୃପକ୍ଷ ଫୋରେନ୍‌ସିକ ଦଳ ସହ ତଦନ୍ତ ଚଳାଇ ଅଚିହ୍ନା ମୃତ ଯୁବକର ପରିଚୟ ଖୋଜୁଛନ୍ତି ବୋଲି ଖବର ପ୍ରକାଶିତ ହୋଇଥିବା ଦେଖିବାକୁ ପାଇ କେତେକ ପରିଚିତ ଖବର ଦେଇଥିଲେ । ମୃତ ଯୁବକ ପିନ୍ଧିଥିବା ଟି ସାର୍ଟ ଓ ହାତ ମୁଦିରୁ ମାନସର ଶବ ବୋଲି ପରିବାର ଲୋକେ ଚିହ୍ନଟ କରିଥିଲେ। ପ୍ରଥମ ଦୃଷ୍ଟିରୁ ପୋଲିସ ମାନସର ହତ୍ୟା ସନ୍ଦେହ କରୁଛି । ଅନ୍ୟ କେଉଁ ସ୍ଥାନରେ ହତ୍ୟା କରି ଏଠାରେ ଫିଙ୍ଗି ଦେଇଥିବା କୁହାଯାଉଛି । ହତ୍ୟା ପଛରେ କିଏ ଅଛି ତଦନ୍ତ ସାପେକ୍ଷ। ଶବ ବ୍ୟବଚ୍ଛେଦ ପରେ ଛତିଶଗଡ଼ ପୋଲିସ ସବ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୈତୃକ ସ୍ଥାନ ଶିବଶକ୍ତି ନଗର ନୂଆପଡ଼ାରେ ଅନ୍ତିମ ସଂସ୍କାର କରାଯାଇଛି। କୋମାଖାନ ଥାନା ରେ ମାନସ ରଞ୍ଜନ ତ୍ରିପାଠୀର ହତ୍ୟା ସମ୍ପର୍କରେ ଏକ ଲିଖିତ ଏଫଆଇଆର ଦିଆ ଯାଇଛି। କୋମାଖାନ ପୋଲିସ ହତ୍ୟାର ତଦନ୍ତ ଅବ୍ୟାହତ ରଖିଛି। ଶାନ୍ତ ସରଳ ନିଷ୍କପଟ ଯୁବକର ଏଭଳି ରହସ୍ୟଜନକ ହତ୍ୟା ପଛରେ କିଏ ଅଛି ଖୋଜି ବାହାର କରିବାକୁ ସାଧାରଣରେ ଦୃଢ଼ ଦାବୀ ହେଉଛି।

## କରନାଲିକୁ ଟ୍ରାକ୍ଟର ଯୋଗେ ଭାଙ୍ଗିବାରୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ

ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲା ସଦର ମହକୁମା ୭ ନମ୍ବର ପାଣି ପଞ୍ଚାୟତ ଅନ୍ତର୍ଗତ ସାଲେଭଟା କେନାଲରୁ ପାଣି ଯିବା ପାଇଁ ସରକାରଙ୍କ ଦ୍ୱାରା ନିର୍ମିତ କରନାଲିକୁ ପ୍ରାୟ ୪୦୦ ରୁ ୫୦୦ ମିଟର ଭାଙ୍ଗି ଦେଇଥିବାରୁ ଚାଷୀକୁଳ ଅସନ୍ତୋଷ ପ୍ରକଟ କରିଛନ୍ତି। ଖବର ନେବାରୁଜଣାପଡ଼ିଛି ଯେ, ମହେନ୍ଦ୍ର ସାହୁଙ୍କ ଚାଷ ଜମିକୁ ଲାଗି ପ୍ରାୟ ୪୦୦ ସହ ରୁ ୫୦୦ ମିଟର କରନାଲିକୁ ଟ୍ରାକ୍ଟର ଯୋଗେ ଚାଷ କାର୍ଯ୍ୟ କଲା ବେଳେ କିମ୍ବା ଆଉ କୌଣସି ଉଦ୍ଦେଶ୍ୟରେ ସରକାରଙ୍କ ଦ୍ୱାରା ନିର୍ମିତ ଉପରୋକ୍ତ ନାଳିକୁ ଭାଙ୍ଗିବା ଦ୍ୱାରା ଅନେକ ଚାଷୀଙ୍କ ଚାଷ କାର୍ଯ୍ୟ ବାଧାହେବ। ଏ ସଂପର୍କରେ ଏକ ଲିଖିତ ରିପୋର୍ଟ ନୂଆପଡ଼ା ପୋଲିସ୍ ଷ୍ଟେସନକୁ ପ୍ରଦାନ କରାଯାଇଛି। ଉପରୋକ୍ତ ବ୍ୟକ୍ତିଙ୍କ ଏଭଳି କାର୍ଯ୍ୟ ସେ କାହିଁକି କଲେ ତଦନ୍ତ କରି କଠୋର ଦଣ୍ଡ ଦେବାକୁ ରିପୋର୍ଟରେ ଉଲ୍ଲେଖ ରହିଛି। ଏ ସଂପର୍କରେ ରୋହିତ ସାହୁ, ହିତେଶ ସାହୁ, ସଭା ରାମ ସାହୁ, ଦିଗମ ସାହୁ, କୈଳାଶ ମେହେର, ପପୁ ସାହୁ, କୌଶିକ ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି।

# ଚିନ୍ତା ବଢାଉଛି ହୀରାକୁଦର ଜଳସ୍ତର

ସମ୍ବଲପୁର,(ସବ୍ୟୁ): ହୀରାକୁଦ ଡ୍ୟାମର ଜଳସ୍ତର ସାଙ୍ଘାତିକ ଭାବେ କମିବାରେ ଲାଗିଛି । ବିଗତ ବର୍ଷର ରେକର୍ଡ ଭାଙ୍ଗି ଜଳସ୍ତର ୩.୧୭ଫୁଟ ଖସିଛି । କ୍ରମାଗତ ଭାବେ ଜଳସ୍ତର ହ୍ରାସ ପାଉଥିବା ପରିଲକ୍ଷିତ ହେଉଛି । ହୀରାକୁଦ ଡ୍ୟାମର ଜଳସ୍ତର ୬୦୮.୦୪ଫୁଟ ରହିଛି । ଗତବର୍ଷ ଆଜିର ଦିନରେ ଜଳସ୍ତର ୬୧୧.୨୧ଫୁଟ ରହିଥିଲା । ଏହାକୁ ନେଇ ମହାନଦୀ ଉପରେ ନିର୍ଭର କରୁଥିବା ଲୋକେ ଚିନ୍ତାରେ ପଡି ଯାଇଛନ୍ତି । ଛତିଶଗଡ ଉପରମୁଣ୍ଡରେ ଡ୍ୟାମ ଓ ଆନିକଟ ନିର୍ମାଣ କରି ପାଣିକୁ ଅଟକାଇ ରଖିଛି । ଏହାଦ୍ୱାରା ଜଳସ୍ତର ଚିନ୍ତାଜନକ ଭାବେ ହ୍ରାସ ପାଉଛି । ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧ହଜାର୨୪୭ଘନଫୁଟ ଜଳ ପ୍ରବେଶ କରୁଛି । ଲକ୍ଷାଧିକ ବଦଳରେ ମାତ୍ର ଅଳ୍ପ ପରିମାଣର ଜଳ ପ୍ରବେଶ କରୁଥିବାରୁ ୭ହଜାର୬୨୮ଘନଫୁଟ ଜଳ ନିଷ୍କାସିତ କରାଯାଉଛି । ସେଥିମଧ୍ୟରୁ ୪ହଜାର୨୯୪ଘନଫୁଟ ପାଓ୍ୱାର ଚେନାଲ, ୧ହଜାର୯୯୭ଘନଫୁଟ ଜଳସେଚନ, ୨୬୩ଘନଫୁଟ ଶିଳ୍ପ, ୯୩୫ଘନଫୁଟ ଜଳ ବାଷ୍ପୀଭୂତ ହେଉଛି । ଅଣମୌସୁମୀ ସମୟରେ ହୀରାକୁଦକୁ ଅଳ୍ପ ପରିମାଣ ଜଳ ପ୍ରବେଶ କରୁଥିବା ବେଳେ ମହାନଦୀର ତଳମୁଣ୍ଡରେ ଜଳପ୍ରବାହ ହାର ମଧ୍ୟ କମୁଛି । ଏହାଦ୍ୱାରା ମହାନଦୀର ତଳମୁଣ୍ଡରେ ରହୁଥିବା ଲୋକେ ପାଣି ଟୋପେ ପାଇଁ ବେଶ ହନ୍ତସନ୍ତ ହେଉଛନ୍ତି ।

ମହାନଦୀ ଓଡିଶାର ଜୀବନ ରେଖା । ମହାନଦୀ ପାଣିକୁ ଅଟକାଇ ହୀରାକୁଦ ନଦୀବନ୍ଧ ସ୍ଥାପନ କରାଯାଇଛି । ଡ୍ୟାମରେ ଜଳସ୍ତର କମୁଥିବା ବେଳେ ମହାନଦୀ ଉପରେ ତାହାର ବେଶ ପ୍ରଭାବ ପଡୁଛି । ଅନେକ ସ୍ଥାନରେ ମହାନଦୀର ଶର୍ଯ୍ୟା ଶୁଖିଲା ପଡି ରହିଛି । ଯେଉଁଠି ଦିନେ ପାଣି ଜମି ରହୁଥିଲା ତାହା ପୁଣି ପାଣି ବିନା ଟାଙ୍ଗରା ଭୂଇଁ ଦେଖାଗଲାଣି । ଏହାର ପ୍ରଭାବ ଜଳସେଚନ, ପାନୀୟ ଜଳ, ବିଦ୍ୟୁତ୍ ଉତ୍ପାଦନ ଉପରେ ପଡୁଛି । ସେହିପରି ମତ୍ସ୍ୟଜୀବୀଙ୍କ ଜୀବିକା ଓ ଜୈବ ବିବିଧତା ମଧ୍ୟ ପ୍ରଭାବିତ ହେଉଛି । ପାଣି ଅଭାବରୁ ୱାଟର ସ୍ପୋର୍ଟ୍ସ ଉପରେ ପ୍ରଭାବ ପଡୁଥିବା ବେଳେ ପର୍ଯ୍ୟଟନ ଶିଳ୍ପରେ ବାଧା ଉପୁଜୁଛି । ଓଡିଶା ଓ ଛତିଶଗଡ ମଧ୍ୟରେ ମହାନଦୀ ଜଳକୁ ନେଇ ବିବାଦ ରହିଛି । ବର୍ତ୍ତମାନ ଟ୍ରିବ୍ୟୁନାଲରେ ମାମଲା ଥିବାବେଳେ ଉଭୟ ରାଜ୍ୟ ସରକାର ମଧ୍ୟରେ ଆଲୋଚନା ମାଧ୍ୟମରେ ସମାଧାନ କରାଯିବା ଜରୁରୀ ଅଟେ । ସମନ୍ୱୟ ଅଭାବରୁ ଏଭଳି ସମସ୍ୟା ଉପୁଜୁଛି । ଛତିଶଗଡ ସରକାରଙ୍କ ମନମାନୀ ଯୋଗୁଁ ମହାନଦୀ ଜଳ ସୁପରିଚାଳନା ହୋଇପାରୁନାହିଁ । ଯାହାର ପ୍ରଭାବ ବିଶେଷ ଭାବେ ଅଣମୌସୁମୀ ସମୟରେ ଦେଖିବାକୁ ମିଳୁଛି । ତେବେ ଖରାଦିନେ ମହାନଦୀରେ ପାଣି କମିବା ସ୍ୱାଭାବିକ ଅଟେ । ମାତ୍ର ମହାନଦୀର ଉପର ମୁଣ୍ଡରେ ଛତିଶଗଡ ସରକାର ବ୍ୟାରେଜ ନିର୍ମାଣ କରିବା ପରେ ଏଭଳି ସ୍ଥିତି ଉପୁଜିଥିବା ସାଧାରଣରେ ଆଲୋଚନା ହେଉଛି ।


**AFFIDAVIT**

I, Himansu Sekhar Behera, S/o- Manoranjan Behera, resident of At- Jianipada, Khaira, Dist- Balasore, PIN-756048, Odisha declared by this affidavit No.98, dtd-05/05/2025 that now onwards I shall be known as Himanshu Shekhar Behera for all future purposes.

**AFFIDAVIT**

By virtue of an Affidavit sworn in before the Executive Magistrate, Dhenkanal I Madhumati Sahoo aged about 50 years, W/o- Gyanendra Kumar Sahoo, At/Po : Kunjakanta, PS : Dhenkanal Town, Dist-Dhenkanal, Odisha do hereby solemnly affirm that After my marriage with Gyanendra Sahoo I am known as Madhumati Behera, D/o : Madhabananda Behera and my Date of Birth is 02.03.1974 which is mentioned in my HSC pass certificate bearing Roll No. G14242 serial No. E014475. That after my marriage I am known as Madhumati Sahoo which is mentioned in my Adhar Card vide No. 902410548270 and my DOB is wrongly written as 02.03.1975. That my date of birth treated as 02.03.1974 instead of 02.03.1975. That by virtue of this affidavit before the Executive magistrate I hereby declare that Madhumati Sahoo and Madhumati Behere is the same and one person and this affidavit is to be produced before the competant Authority for all official purposes. That the contents made above are true to the best of my knowledge and belief.

Madhumati Sahoo
Deponent

**AFFIDAVIT**

I, Mulana Fayazalam Khan, S/o-Late Tajuddin Khan, resident of Vill-Kanipadasabalanga, Po-Sabalangakanipada, Ps-Derabish, Dist-Kendrapara, Pin- 754208, Odisha declare by this affidavit No. 1100 dtd. 09.05.2025 that now onwards I shall be known as Mahammad Fayaz Alam Khan for all future purposes.

**AFFIDAVIT**

I, Mohammed Kutubuddin Khan, S/o-Mahammad Fayaz Alam Khan, resident of Vill-Kanipadasabalanga, Po-Sabalangakanipada, Ps-Derabish, Dist-Kendrapara, Pin- 754208, Odisha declare by this affidavit No. 1103 dtd. 09.05.2025 that now onwards I shall be known as Mahammad Kutubuddin Khan for all future purposes.

**AFFIDAVIT**

I, Mahammed Ayub, S/o-Late Abas Khan, resident of Vill-Balia, Po-Balia Bibhutipada, Ps- Derabish, Dist-Kendrapara, Pin-754289 Odisha declare by this affidavit No. 1102 dtd. 09.05.2025 that now onwards I shall be known as Mohammed Ayub for all future purposes.

**AFFIDAVIT**

I, Mahammed Afzal, S/o- Mohammed Ayub, resident of Vill-Balia, Po-Balia, Bibhutipada, Ps- Derabish, Dist- Kendrapara, Pin-754289 Odisha declare by this affidavit No. 1101 dtd. 09.05.2025 that now onwards I shall be known as Mohammed Afzal for all future purposes.

**AFFIDAVIT**

By virtue of an affidavit sworn before The Executive Magistrate Banpur, dated. 09.05.2025 I, Prashant Behera, S/o-Fakir Behera, Vill-Narandeipur, Po-Kumarangasasan, Ps- Banpur, Pin-752031, Dist-Khordha, Odisha declare that I have changed my name from Behera Prashant to Prashant Behera. Henceforth, I shall be known as Prashant Behera for all purpose.

Prashant Behera

**AFFIDAVIT**

I, Nrushingha Charan Behera and Nrusingha Charana Behera, S/o- Late Maheswar Behera, resident of House No. C-27, Lingaraj Vihar, Aerodrome area, Dist-Khorda, Pin-751020, Odisha declare by this Affidavit No. 12819 dated 25.04.2025 that now onwards I shall be known as NRUSINGHA CHARAN BEHERA for all future purposes.

**AFFIDAVIT**

I, Sushil Kumar Pattanaik, Aged (49), S/o- Sudhakar Pattanaik, Resident of Village- Mundideuli, Po/Ps- Kamakhyanagar, Dist-Dhenkanal. Declare that this affidavit no. 1456, dated. 30.04.2025. I have changed my son's name from Shreyansh Pattanaik to Shivay Shreyansh Pattanaik. Henceforth, heshall be known as Shivay Shreyansh Pattanaik for all purposes.

Sd/- Sushil Kumar Pattanaik

**AFFIDAVIT**

I Sipali Karmakar, W/o: Sudeep Karmakar, resident of Bateswar, PO: Sunhat, PS: Balasore Sadar, Dist.: Balasore, Odisha - 756002, declare by this affidavit No. 15AA753512, dtd. 08.05.2025 that now onwards I shall be known as SIPALI DUTTA for all future purposes.

**AFFIDAVIT**

I Bhagawan Singh, S/o- Gulab Chandra Bhakt, Plot No-48,Netaji Suvash Chhak, Paradeep, Jagatsinghpur-754142, Odisha declare by this Affidavit No-3121, Dt 23.04.2025 that now onwards I Shall be known as BHAGWAN SINGH for all future purposes.

**ଦସ୍ତାବିଜ ହଜିଛି**

ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ମୁଁ କବିତା ବେହେରା ସ୍ୱା: ସନ୍ତୋଷ ପ୍ରଧାନ, ଗ୍ରାମ: ବରପୁଟ, ପୋ: ବାଙ୍କିପୁଟ, ଥାନା: ବାଙ୍କୀ, ଜିଲ୍ଲା: କଟକ । ଏହିକି ବଜାରରୁ ନୂଆପାଟଣା ଆସୁଥିବା ସମୟରେ ଏକ ଜମି କବଲା- (କବଲା ନଂ.: ୨୮୨ for ୨୦୦୬) କ୍ରେତା: କଲ୍ୟାଣୀ ନାୟକ, ବିକ୍ରେତା: ପତିତ ପାବନ ପ୍ରଧାନ । ଏହି କବଲାଟି ହଜି ଯାଇଅଛି । ଯଦି କୌଣସି ସହୃଦୟ ବ୍ୟକ୍ତି ଏହି କବଲାଟିକୁ ପାଆନ୍ତି ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରିବା ପାଇଁ ଅନୁରୋଧ ।

ନାମ: ଶ୍ରୀମତୀ କବିତା ବେହେରା
ସ୍ଥାନ: ବରପୁଟ, ବାଙ୍କୀ, କଟକ
ମୋ. ଫୋ: ୮୯୦୮୨୩୨୧୪୭, ୯୬୯୨୨୧୪୦୨୦

**CHANGE OF NAME**

I, KUMARI PAHAAL, D/O- Pramod Kumar Tiwary & Sweta Tiwary Resident of Life Style Green Apartment, KIIT Road, Patia Bhubaneswar 751024 Odisha declare by Affidavit No-12AA 909897 dated 09/05/2025 that now onwards I shall be known as PAHAAL TIWARY for all purposes.

**CHANGE OF NAME**

I, SWETA W/O- Pramod Kumar Tiwary Resident of Life Style Green Apartment, KIIT Road, Patia Bhubaneswar 751024 Odisha declare by Affidavit No- 12AA 909898 dated 09/05/2025 that now onwards I shall be known as SWETA TIWARY for all purposes.

**AFFIDAVIT**

I, Prangaya Paramita Behera, W/o Himanshu Shekhar Behera of at Jianipada, Khaira, Dist Baleswar, Pin-756048 Odisha declared by this Affidavit No-76, dated. - 07.05.2025 that now onwards I shall be known as Prangaya Paramita Behera for all future purposes.

**OFFICE OF THE CHIEF DIST. MEDICAL & PUBLIC HEALTH OFFICE : JAJPUR**

E-81

No. 179 Dated. 07.05.2025

**SHORT TENDER CALL NOTICE**

Sealed tenders are invited from registered Manufacturer or Authorized distributor or wholesaler agencies for supply with installation of one No. of RO Plant for dialysis unit, DHH, Jajpur under National Health Mission, Jajpur. The Tender should reach the office of the undersigned by 19.05.2025 before 05.00 P.M. through speed post/Regd. Post Courier along with all relevant documents and will be opened on the next day at 11.00 A.M. The detail terms & condition can be available in the district official website : **www.jajpur.odisha.gov.in.** The undersigned reserves the right to accept or reject without assigning any reason thereof.

Sd/- Chief Dist. Medical & Public Health Officer, Jajpur

OIPR : 10042/11/0015/2526

**LOST**

I, Salen Kishore Minz, aged about 39 years, S/o.: Paulus Minz, resident of At: Qtr. No.: 324, Type: III, New AG Colony, Nayapalli, Bhubaneswar , Dist.: Khurda, Odisha-751012, I am working as Deputy Manager of SBI, HLC (Home Loan Center, Bhubaneswar) below mentioned original document had mortgaged in our Bank, the original document are (1) the Original Sale Deed bearing No.: 1758, Dtd-30.03.1999, executed by M/s. Balaji Builders represented by their partner Sri Subh Karan Bhura in favour of Sri Iswar Chandr Sahoo, Original ROR of Mouza: Rajarani Unit No.: 36 in respect of Khata No.: 604/520, Plot No.: 835/2350, Area: Ac.0.038 Decs in the name of Sri Iswar Chandr Sahoo and Original BDA approval letter and layout plan and other necessity land related necessity documents has been lost from our custody on dtd.07.05.2025 at about 11.00 a.m. & (2) the Original Sale Deed bearing I D No.: 1131900346 & Document No.: 11131900309, Dtd-11.01.2019 executed by Sri Jyotirmay Mohanty in favour of Sro Braja Kishore Padhi and other necessity land related necessity documents also has been lost from our custody on dtd.20.02.2025 at about 11.00 a.m. Unit No-1, Bhubaneswar Area and after thorough search in the road/spot/ office premises, we could not trace it out.

Contact: 8847836115

e-mail ID- eephctcii@gmail.com
sephdctc521@gmail.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, P.H. DIVISION, CUTTACK**

C-273

**e-procurement Notice for Bid Identification No. SEPH-DIVISION, CTC-03 of 2025-26**

| | | | |
|---|---|---|---|
| 1. | Name of the work | : | 1 No of P.H. work |
| 2. | Estimated cost | : | Rs. 30.99 Lakhs |
| 3. | Period of Completion | : | 6 Months |
| 4. | Date & time of availability of bid document in the portal | : | 13.05.2025 from 11.00 AM to 22.05.2025 upto 5.00 PM |
| 5. | Last date & time of seeking clarification | : | 17.05.2025 upto 5.00 P.M. |
| 6. | Last date / time of receipt of bids in the portal | : | 22.05.2025 upto 5.00 P.M. |
| 7. | Date & time of opening of bids | : | 23.05.2025 at 11.00 A.M. |
| 8. | Name and address of the officer inviting bid | : | The Superintending Engineer, P.H. Division, Cuttack-753004, Odisha Ph. (0671) 2441063, email : **eephctcii@gmail.com, sephdctc521@gmail.com** |

Further details can be seen from e-procurement portal **https;// www.tendersodisha.gov.in**

Sd/- Superintending Engineer
P.H. Division, Cuttack

OIPR : 13225/11/0023/2526

**DIRECTORATE OF GROUND WATER DEVELOPMENT : ODISHA**
**Office of The Deputy Director, Geology, GWD Division, Baripada, At/Po- Takatpur, Baripada, Dist.- Mayurbhanj-757003 [e-mail : srgeologistbaripada@gmail.com]**

A-149

**INVITATION FOR BIDS (IFB)**

**e-Procurement Notice : 473 Date : 09/05/2025**
**Bid Identification No. 01 to 05/GWDBPD/ARUA/2025-26, and 08/GWDBPD/CHHATA/2025-26 (Single-Envelope Bidding Process)**

Deputy Director, Geology, GWD Division, Baripada, At/Po- Takatpur, Baripada, Dist- Mayurbhanj-757003 on behalf of Governor of Odisha invites bids from bidders Class "D" & "C" registered with the State Governments and bidders of equivalent Grade / Class registered with Central Government/MES/Railways for the construction of works following work. Bids must be submitted online on or before **21.05.2025 at 13.00 Hrs. 1 ST (system server time).** Proposals will be opened online on **22/05/2025, at 09:00 Hrs**. In the event of the date specified for proposal opening being declared as a closed holiday for the purchaser's office, the due dae for openign of bid will be the following working day at the appointed time. Details of the Tender will be available in the procurement portal **"www.tendersodisha.gov.in".**

| Sl. No. | Description | Details | |
|---|---|---|---|
| | | BIN | Name of the work |
| 1 | Name of Work | 01/GWDBPD/ARUA/2025-26 | Construction of 15 (Fifteen) Nos of Recharge Shaft in Bhandaripokhari & Dhamnagar Block of Bhadrak District Under ARUA Scheme for the Fy 2025-26 |
| | | 02/GWDBPD/ARUA/2025-26 | Construction of 16 (Sixteen) Nos of Recharge Shaft in Badasahi and Rasgovindpur Block of Mayurbhanj District Under ARUA Scheme for The FY 2025-26 |
| | | 03/GWDBPD/ARUA/2025-26 | Construction of 12 (Twelve) Nos of Recharge Shaft in Baliapal Block of Balasore District Under ARUA Scheme for the FY 2025-26 |
| | | 04/GWDBPD/ARUA/2025-26 | Construction of 14 (Fourteen) Nos of Recharge Shaft in Baliapal Block of Balasore District Under ARUA Scheme for the FY 2025-26 |
| | | 05/GWDBPD/ARUA/2025-26 | Construction of 08 (Eight) Nos of Recharge Shaft in Joda Block of Keonjhar District Under ARUA Scheme for the FY 2025-26 |
| | | 08/GWDBPD/CHHATA/2025-26 | Construction of 05 (Five) Nos. of RRHS In Nilgiri Block of Balasore District Under CHHATA Scheme for the FY 2025-26 |
| 2 | Total Number of Packages | 06 Nos. of Individual Packages | |
| 3 | Start date of Availability of Bid Document online (Bid Download) | 12/05/2025 From 11:00 Hrs. | |
| 4 | Last date of Availability of Bid Document online (Bid Download) | 21/05/2025 up to 13:00 Hrs. | |
| 5 | Last date and time for receipt of Bid Document (Bid Submission End Date and Time) | 21/05/2025 up to 13:00 Hrs. | |
| 6 | Date and Time of Opening of Bid Document (Bid Openign Date) | 22/05/2025 at 09:00 Hrs. | |

Sd/- Deputy Director Geology
GWD Division Baripada

OIPR : 32467/11/0007/2526


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ୩୧ ନମ୍ବର ୱାର୍ଡ ନୀଳାଚଳ ମହିଳା ମହା ସଂଘ ନୂତନ ସଭା ଗୃହ ଉଦଘାଟିତ



ପୁରୀ (ସବ୍ୟୁ): ଶନିବାର ଅପରାହ୍ନରେ ପୁରୀ ପୌର ପାଳିକା ୩୧ ନମ୍ବର ୱାର୍ଡ ବିନୋବା ନଗରରେ ଆଞ୍ଚଳିକ ମହିଳା ମହସଂଘ ନବ ନିର୍ମିତ ସଭା ଗୃହକୁ ପୂର୍ବତନ ଉପ ନଗରପାଳ ତଥା ବିଜେଡି ନଗର ସଭାପତି ସବ୍ୟସାଚୀ ମହାପାତ୍ର ଶୁଭ ଉଦ୍‌ଘାଟନ କରିଛନ୍ତି । ପୂର୍ବତନ ବାଚସ୍ପତି ତଥା ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ କରକମଳରେ ଏହାର ଶୁଭ ଭିତ୍ତି ପ୍ରସ୍ତର ସ୍ଥାପନ ହୋଇ ଥିଲା । ଏହାର ନିର୍ମାଣ ପାଇଁ ୭ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇ ଥିଲା । ଆଜିର ଏହି ଉଦଘାଟନୀ କାର୍ଯ୍ୟ କ୍ରମରେ ୩୧ ନମ୍ବର ୱାର୍ଡ ପୂର୍ବତନ ପୋର ସଦସ୍ୟା ଶ୍ରୀମତି ସତ୍ୟଭାମା ସାହୁ, ରେଣୁ ବାଳା ମହାନ୍ତି, ପୂର୍ବତନ ପୌର ସଦସ୍ୟ ବିଭୂତି ଭୂଷଣ ସେଠୀ, ସମାଜ ସେବୀ ସୁମନ୍ତ କୁମାର ସାହୁ, ବିଜୟ କୁମାର ପ୍ରଧାନ, ସମରେନ୍ଦ୍ର ଦେଓ, ଶ୍ୟାମ ସୁନ୍ଦର ପଟ୍ଟନାୟକ, ଧୀରେନ୍ଦ୍ର ପାଣି, ନରେନ୍ଦ୍ର ପାତ୍ର, ଶଙ୍କର ପ୍ରଧାନ, ଲକ୍ଷ୍ମଣ ସାହୁ, ମହିଳା ସଂଘର ପୂର୍ବତନ ସମ୍ପାଦିକା ସତ୍ୟଭାମା ବାରିକ, ବର୍ତ୍ତମାନ ସଭାନେତ୍ରୀ ତପସ୍ୱିନୀ ଦାସ, ସମ୍ପାଦିକା କଳ୍ପନା ସାହୁଙ୍କ ସମେତ ମହିଳା ସମିତି ଓ ସଦସ୍ୟା ମାନେ ଉପସ୍ଥିତ ଥିଲେ ।

## ତହସିଲ ଛକରେ ବସଷ୍ଟାଣ୍ଡ ଓ ପାନୀୟ ଜଳ ଯୋଗାଇବା ପାଇଁ ଦାବି

ନିଶ୍ଚିନ୍ତକୋଇଲି,(ସବ୍ୟୁ) :ରାଜ୍ୟ ରାଜପଥ କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ତହସିଲ (ରିଷୋ)ଛକ ଠାରେ ଏକ ଯାତ୍ରୀ ବିଶ୍ରାମଗାର ଓ ପାନୀୟ ଜଳ ବ୍ୟବସ୍ଥା କରିବା ପାଇଁ ସାଧାରଣରେ ଦାବି ହୋଇଛି । ଏଠାରେ ସୂଚନାଥାଉକି ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟ ୨୦୦୮ ମସିହାରୁ ସ୍ଥାପିତ ହୋଇଥିବା ତହସିଲ କାର୍ଯ୍ୟାଳୟ ଏଠାରେ ଚାଲୁଛି । ଦୀର୍ଘ ବର୍ଷ ହେଲା ତହସିଲ କାର୍ଯ୍ୟାଳୟ ଏଠି ଚାଲୁଥିଲେ ମଧ ଏହି ଛକ ଠାରେ ବସଷ୍ଟାଣ୍ଡ ଓ ପାନୀୟଜଳ ନଥିବାରୁ ଦୂରଦୂରାନ୍ତର ଆସୁଥିବା ଜନସାଧାରଣ ମାନେ ନାହିଁ ନଥିବା ଅସୁବିଧା ଭୋଗ କରୁଛନ୍ତି । ସାଧାରଣ ଲୋକଙ୍କ ସୁବିଧା ଦୃଷ୍ଟିରୁ ଏଠାରେ ଏକ ଯାତ୍ରୀ ବିଶ୍ରାମଗାର ଓ ପାନୀୟଜଳ ବ୍ୟବସ୍ଥା କରିବାକୁ ବହୁ ବୁଦ୍ଧିଜୀବୀ ଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ମାନ୍ୟବର ମୁଖମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି ।

## ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କଟକ କ୍ଷେତ୍ର ପକ୍ଷରୁ

# କେନ୍ଦ୍ରାପଡା କେନ୍ଦ୍ରଠାରେ କୃଷି ଅଭିବୃଦ୍ଧି ଆଉଟ୍‌ରିଚ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର (ସବ୍ୟୁ) : ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସାରା ଦେଶରେ ମେଗା କୃଷି ଅଭିବୃଦ୍ଧି ଆଉଟ୍‌ରିଚ୍ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ମଧ ଏକ ମେଗା କୃଷି ଅଭିବୃଦ୍ଧି ଆଉଟ୍‌ରିଚ୍ କାର୍ଯ୍ୟକ୍ରମ କେନ୍ଦ୍ରାପଡାଠାରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା ଜିଲ୍ଲା ଆପିକଲ୍‌ର ଜିଲ୍ଲା ପ୍ରବନ୍ଧକ ଏବଂ କେନ୍ଦ୍ରାପଡା ଜିଲ୍ଲା ମିଶନ ଶକ୍ତିର ବିପିସି ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ବିବେକାନନ୍ଦ ଷଡଙ୍ଗୀ, କଟକ କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ରେଡିଟ୍ ମୁଖ୍ୟ



ହରେକୃଷ୍ଣ ସାହୁ , କେନ୍ଦ୍ରାପଡା ଜିଲ୍ଲା ଅନ୍ତର୍ଗତ ଶାଖାଗୁଡିକର ଶାଖା ମୁଖ୍ୟଙ୍କ ସମେତ ଗ୍ରାହକମାନେ ଉପସ୍ଥିତ ଥିଲେ । ଶ୍ରୀ ଷଡଙ୍ଗୀ ଏବଂ ଶ୍ରୀ ସାହୁ ବ୍ୟାଙ୍କର କୃଷି ଅଭିବୃଦ୍ଧି ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିବା ସହ ବର୍ତ୍ତମାନ ଓ ଆଗ୍ରହୀ ଗ୍ରାହକମାନଙ୍କ ନିକଟରେ ପହଞ୍ଚି ବିଭିନ୍ନ ସରକାରୀ ପ୍ରାୟୋଜିତ ଯୋଜନା ଅଧିନରେ ଆର୍ଥିକ ସହାୟତା ପ୍ରଦାନ ସମ୍ପର୍କରେ ସେମାନଙ୍କୁ ଅବଗତ କରାଇଥିଲେ। ବ୍ୟାଙ୍କ ଅଧିକାରୀମାନେ ବିଭିନ୍ନ କୃଷି ଅଭିବୃଦ୍ଧି ଯୋଜନା ଏବଂ ଏହାର ସୁବିଧା ଉପରେ ଉପସ୍ଥାପନା ପ୍ରସ୍ତୁତ କରିଥିଲେ । ଆପିକଲ୍‌ର ଜିଲ୍ଲା ପ୍ରବନ୍ଧକ କୃଷି ସମ୍ବନ୍ଧୀୟ ଆର୍ଥିକ ସହାୟତାର ଗୁରୁତ୍ୱ ଉପରେ ବିଶେଷ ଆଲୋକପାତ କରିବା ସହିତ କେନ୍ଦ୍ର ସରକାରଙ୍କ ପୃଷ୍ଠପୋଷକତାରେ ବିଭିନ୍ନ ସରକାରୀ ଯୋଜନାର ପଦକ୍ଷେପ ଉପରେ ସୂଚନା ପ୍ରଦାନ କରିଥିଲେ ଏବଂ କୃଷି ୟୁନିଟ୍‌ଗୁଡିକର ଅଭିବୃଦ୍ଧିରେ ବ୍ୟାଙ୍କର ଆର୍ଥିକ ସହାୟତାର ସଠିକ୍ ବିନିଯୋଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ୧୦୦ରୁ ଉର୍ଦ୍ଧ୍ୱ ଗ୍ରାହକ ଯୋଗ ଦେଇଥିବା ସହ ୩୨ଟି ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମଟି ଅତ୍ୟନ୍ତ ସଫଳ ହୋଇଥିଲା ।

# ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ୧୬୪ତମ ଜୟନ୍ତୀ

କଟକ, (ସବ୍ୟୁ):ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ୧୬୪ତମ ଜୟନ୍ତୀ ବନ୍ଦେ ଉତ୍କଳ ପକ୍ଷରୁ କଟକ ବଙ୍ଗାଳି ସାହିସ୍ଥିତ ମା ଶାରଳା ସଦନରେ ପାଳିତ ହୋଇଯାଇଛି ଛ ପ୍ରତିଷ୍ଠାତା ସଭାପତି ଶ୍ରୀ ଦେବାସ୍ନାନ ଦାସ ଓଡ଼ିଶା ସହିତ ଠାକୁରଙ୍କ ସାହିତ୍ୟ ଓ ସଂସ୍କୃତିକ କ୍ଷେତ୍ରର ଗଭୀର ଓ ଦୀର୍ଘ ସମ୍ପର୍କ ଉପରେ ଆଲୋକପାତ କରି କହିଥିଲେ ନୋବେଲ ପୁରସ୍କାର ପାଇବା ପରେ ପୁରୀ ଠାରେ ଠାକୁରଙ୍କୁ ନାଗରିକ ସମ୍ବର୍ଦ୍ଧନା ଦିଆଯାଇଥିଲା ଛଗରିମାମୟ ସଦସ୍ୟମାନଙ୍କ ମଧ୍ୟରୁ କଟକ ବାର ଆସୋସିଏସନ ର ପୂର୍ବତନ ସମ୍ପାଦକ ଜ୍ୟୋତିନ୍ଦ୍ରୀୟ ମହାନ୍ତି, ପ୍ରଶାସକ ନିରଞ୍ଜନ ବେହେରା , ଭୁବନାନନ୍ଦ ମହାନ୍ତି ଓ ଆଇନଜୀବୀ ଆଦ୍ୟାଶକ୍ତି ପ୍ରିୟା ଠାକୁରଙ୍କ ସ୍ମୃତିକୁ ଶ୍ରଦ୍ଧାଞ୍ଜଳୀ ଜଣାଇ ଯେଉଁଥିରେ ତାଙ୍କର ବିଶ୍ୱସ୍ତରୀୟ କୃତିତ୍ୱ, ବିଭିନ୍ନ କ୍ଷେତ୍ରରେ ତାଙ୍କ ପାରଙ୍ଗତା ଓ ତାଙ୍କ ଲେଖା ଗୀତାଞ୍ଜଳି ପାଇଁ ମିଳିଥିବା ନୋବେଲ ପୁରସ୍କାର ବିଷୟରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମର ଆରମ୍ଭରେ ଠାକୁରଙ୍କ ଛବିରେ ପୁଷ୍ପାଞ୍ଜଳି ଦିଆଯାଇଥିଲା ଓ ଶେଷରେ ଠାକୁର ରଚିତ ଯଦି ତୋର ଡାକ ଶୁଣେ କେଉନା ଆସେ, ତୁଇ ଏକଲା ଚଲୋ ରେ ଗୀତ ତାଙ୍କ ସ୍ମୃତିରେ ଶୁଣା ଯାଇଥିଲା ।

## ବ୍ରେକ ଫେଲ ଯୋଗୁ ଟ୍ରକ ଦୁର୍ଘଟଣା, ଚାଳକ ଆହତ

ପାଣିକୋଇଲି,(ସବ୍ୟୁ) : ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥରେ ଏକ ଟ୍ରକ ଲୁହାପଥର ବୋଝେଇ କରି ଆସୁଥିଲା । କୋଇଡାରୁ ଲୁହାପଥର ବୋଝେଇ କରି ପାରାଦ୍ୱୀପ ଅଭିମୁଖେ ଯାଉଥିବା ବେଳେ ପାଣିକୋଇଲି ବଜାର ନିକଟରେ ଉକ୍ତ ଟ୍ରକର ବ୍ରେକ ଫେଲ ହୋଇଥିଲା । ଫଳରେ ଚାଳକ ଓଭରବ୍ରିଜ ଦେଇ ପାରଦ୍ୱୀପ ଯିବା ବଦଳରେ ଟ୍ରକଟିକୁ ସର୍ଭିସ ରୋଡରେ ପାଣିକୋଇଲି ଥାନା ଆଡକୁ ନେଇଥିଲା । ମାତ୍ର ଲୋକଙ୍କୁ ରକ୍ଷା କରିବାକୁ ଯାଇ ଚଳକ କେଉଁଝର ଜିଲ୍ଲା ଘସିପୁରା ଅଂଚଳର କାଳନ୍ଦୀ ସେଠୀ ଟ୍ରକଟିକୁ ଅଟକାଇବାକୁ ଚେଷ୍ଟା କରିଥିଲା । ମାତ୍ର ଟ୍ରକଟି ଆଗକୁ ମାଡି ଚାଲିବାରୁ ପାଣିକୋଇଲି ବଜାର ଓଚିନ୍ଦା ରୋଡ ନିକଟରେ ରାଜପଥ ପାର୍ଶ୍ୱ ଡ୍ରେନ ଉପରେ ଗାଡିଟିକୁ ଚଢାଇଥିଲା । ପ୍ରାୟ ୧୦ରୁ ଉର୍ଦ୍ଧ ଡ୍ରେନର ସ୍ଲାବ ଭାଂଗିବା ପରେ ଟ୍ରକଟି ଲାଖି ଅଟକି ଯାଇଥିଲା । ଫଳରେ ଚାଳକ ଆହତ ହୋଇଥିଲେ ବି କୌଣସି ଲୋକଙ୍କର କିଛି କ୍ଷତି ହୋଇନଥିଲା । ଘଟଣାସ୍ଥଳେ ପୁଲିସ ପହଂଚି ଚାଳକକୁ ଉଦ୍ଧାର କରି ଚିକତ୍ସା ନିମନ୍ତେ ପଠାଇବା ସହ ଘଟଣାର ତଦନ୍ତ ଜାରି ରଖିଛି ।

# ପ୍ରଥମ ଆଫ୍ରିକୀୟ ରେଷ୍ଟୁରାଣ୍ଟ ଯୋଜନା

ଭୁବନେଶ୍ୱର (ସବ୍ୟୁ): ଚଳିତ ମାସରେ ଭୁବନେଶ୍ୱର କିଟ୍ ସ୍କୋୟାରରେ ଆରମ୍ଭ ହେବାକୁ ଯାଉଛି ରେଷ୍ଟୁରାଣ୍ଟ 'ଟ୍ରାଇବସ ଟୁ ୱାର୍ଲ୍ଡ' । ଏହି ରେଷ୍ଟୁରାଣ୍ଟ କିପରି ଓଡ଼ିଶାର ଲୋକମାନଙ୍କୁ ଆଫ୍ରିକୀୟ ଖାଦ୍ୟର ସ୍ୱାଦ ଏବଂ ପରମ୍ପରାକୁ ପରିଚିତ କରାଇବ ଏବଂ ଏକକାଳୀନ ଓଡ଼ିଆ ଆଦିବାସୀ ଖାଦ୍ୟକୁ ପ୍ରୋତ୍ସାହିତ ମଧ୍ୟ କରିବ, ଯାହା ଦ୍ୱାରା କ୍ରସ୍ ସାଂସ୍କୃତିକ ପର୍ଯ୍ୟଟନ ପାଇଁ ସୁଯୋଗ ସୃଷ୍ଟି ହେବ ସେ ସଂପର୍କରେ 'ଟ୍ରାଇବସ ଟୁ ୱାର୍ଲ୍ଡ'ର ମାଲିକ



ମାଡାଲିସୋ ଟମି ଚିକୋଣ୍ଡେ, ଅଭିଲାଷ ଏକ୍କା ଏବଂ ରେଷ୍ଟୁରାଣ୍ଟର ପ୍ରମୋଟର ପ୍ରାଇମ୍ ଅଭିଲାସ ପ୍ରମୁଖ ଉପମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀ ସିଂହଦେଓଙ୍କୁ ଏ ସଂପର୍କରେ ଅବଗତ କରାଇଥିଲେ ।

## ଆତଙ୍କବାଦ ବିରୋଧରେ ସ୍ୱର ସଦାବେଳେ ସଶକ୍ତ ହେବ: ବିଜେଡି

# ଭୁବନେଶ୍ୱରରେ ବିଜେଡିର ବିଶାଳ ତ୍ରିରଙ୍ଗା ଯାତ୍ରା

ଭୁବନେଶ୍ୱର, (ସବ୍ୟୁ): ପହଲଗାମରେ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ନିରୀହ ଲୋକଙ୍କ ହତ୍ୟାକୁ ନେଇ ଭାରତ ଓ ପାକିସ୍ତାନ ମଧରେ ସୃଷ୍ଟି ହୋଇଛି ଯୁଦ୍ଧ ପରିସ୍ଥିତି । ପାକିସ୍ତାନ ପଟୁବାରମ୍ବାର ଅସ୍ତ୍ରବିରତି ବଢ଼ାଇବା ପାଇଁ ବିଜେଡ଼ି ପକ୍ଷରୁ ଶନିବାର ରାଜମହଲ ଛକ ଠାରୁ ମାଷ୍ଟରକ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ଏକ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ତ୍ରିରଙ୍ଗାଯାତ୍ରାରେ ଦଳର ବରିଷ୍ଠ ନେତୃବୃନ୍ଦଙ୍କ ସହିତ ବହୁସଂଖ୍ୟାରେ ଯୁବ, ନାରାୟଣ ଜେନା, ସୁଶାନ୍ତ ରାଉତ, ରମେଶ ବେହେରା, ବ୍ୟୋମକେଶ ରାୟ, ଦେବୀ ରଞ୍ଜନ ତ୍ରିପାଠୀ, କ୍ୟାପଟେନ ଦିବ୍ୟଶଙ୍କରମିଶ୍ର, ନବ କିଶୋର ସେଠୀ, ସୁନିଲ ମହାନ୍ତି, ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ, ସ୍ନେହାଙ୍ଗିନୀ ଛୁରିଆ,




ଉଲ୍ଲଙ୍ଘନ ଓ ଭାରତ ଉପରେ ମିଜାଇଲ ଓ ଡ୍ରୋନ ଆକ୍ରମଣ କରୁଥିବା ପାକିସ୍ତାନକୁ ଭାରତୀୟ ଯବାନ ମୁହଁତୋଡ଼ ଜବାବ ଦେଇଛନ୍ତି । ଉତ୍ସର୍ଗୀକୃତ ମନୋଭାବ ସହ ଯବାନମାନଙ୍କ ନିଷ୍ଠା ଓ ପରାକାଷ୍ଠା ପାଇଁ ପାକିସ୍ତାନର ସମସ୍ତ ଆକ୍ରମଣ ଉଦ୍ୟମ ପଣ୍ଡ ହେବାସହ ପଛଘୁଞ୍ଚା । ଦେଇଛି ପାକିସ୍ତାନ । ଏହି ପରିପ୍ରେକ୍ଷୀରେ ଭାରତୀୟ ଯବାନ ମାନଙ୍କ ମନୋବଳ ଛାତ୍ର ଓ ମହିଳା ସାମିଲ ହୋଇଥିଲେ । ତ୍ରିରଙ୍ଗା ଯାତ୍ରା ପରେ ମାଷ୍ଟରକ୍ୟାଣ୍ଟିନ ଛକରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା।

ଏହି ସଭାରେ ଦଳର ଉପସଭାପତି ପ୍ରତାପ ଜେନା, ଉପସଭାପତି ସଞ୍ଜୟ ଦାସବର୍ମା, ଭୁବନେଶ୍ୱର ଜିଲ୍ଲା ସଭାପତି ଅଶୋକ ଚନ୍ଦ୍ର ପଣ୍ଡା, ରାଜ୍ୟସଭା ସାଂସଦ ଶ୍ରୀମତୀ ସୁଲତା ଦେଓ, ସୁଭାଶିଷ ଖୁଣ୍ଟିଆ, ବିଧାୟକ ଅନନ୍ତ ଉମାକାନ୍ତ ସାମନ୍ତରାୟ, ଗଣେଶ୍ୱର ପାତ୍ର, ପୂର୍ବତନ ସାଂସଦ ଶ୍ରୀମତୀ ରାଜଶ୍ରୀ ମଲ୍ଲିକ, ଶ୍ରୀମତୀ ଶର୍ମିଷ୍ଠା ସେଠୀ, ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁବକ୍ସିପାତ୍ର, ଲେଖାଶ୍ରୀ ସାମନ୍ତସିଂହାର, ମନ୍ମଥ ରାଉତରାୟ, ଦଳର ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ୍ ମହାନ୍ତି ଓ ଡ଼ ପ୍ରିୟବ୍ରତ ମାଝୀ, ଶୁଭେନ୍ଦୁ ମଙ୍ଗରାଜ, ଧୃତୀ ରଞ୍ଜନ ମାର୍ଥା ପ୍ରମୁଖ ଉପସ୍ଥିତ ଥିଲେ ।

# ବିଶ୍ୱ ଆଇନଜୀବୀ ସଂଘ ଦ୍ୱାରା ଭୁବନ ରିଭୁ ସମ୍ମାନିତ

ଭୁବନେଶ୍ୱର (ସବ୍ୟୁ): ବିଶିଷ୍ଟ ଶିଶୁ ଅଧିକାର ଆଇନଜୀବୀ ଭୁବନ ରିଭୁ ପ୍ରଥମ ଭାରତୀୟ ଆଇନଜୀବୀ ଭାବେ ବିଶ୍ୱ ଆଇନ କଂଗ୍ରେସରେ ବିଶ୍ୱ ଜୁରିଷ୍ଟ ଆସୋସିଏସନ ଦ୍ୱାରା 'ମେଡାଲ୍ ଅଫ୍ ଅନର୍' ସମ୍ମାନରେ ସମ୍ମାନିତ ହୋଇଛନ୍ତି । ଡୋମିନିକାନ ରିପବ୍ଲିକରେ ମେ ୪ରୁ ମେ ୬ପର୍ଯ୍ୟନ୍ତ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୭୦ରୁ ଅଧିକ ଦେଶର ୧୫୦୦ରୁ ଅଧିକ ଆଇନଜୀବୀ ଓ ୩୦୦ବକ୍ତା ଏକାଠି ହୋଇଥିଲେ। ଶିଶୁ ସୁରକ୍ଷା ଓ ଶିଶୁ ଅଧିକାରକୁ ଆଗକୁ ନେବା ପାଇଁ ଆଇନଗତ ହସ୍ତକ୍ଷେପ ଓ ତୃଣମୂଳ ସ୍ତରରୁ ସଙ୍ଗଠିତ ବ୍ୟବହାର କରି ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଅଗ୍ରଣୀ କାର୍ଯ୍ୟ କରିଥିବା ଭୁବନ ରିଭୁଙ୍କୁ ବିଶ୍ୱର ସର୍ବପୁରାତନ ଆଇନଜ୍ଞ ସଙ୍ଘ ପକ୍ଷରୁ ସମ୍ମାନିତ କରାଯାଇଥିଲା ।

ଭୁବନ ରିଭୁ ଗତ ୨୦ବର୍ଷ ମଧ୍ୟରେ ଶିଶୁ ସୁରକ୍ଷା ଓ ଶିଶୁ ଅଧିକାର ପାଇଁ ୬୦ ପିଆଇଏଲ ନାମାଙ୍କନ ପତ୍ର ଦାଖଲ କରି ନେତୃତ୍ୱ ନେଇଛନ୍ତି ଯାହା ଫଳରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଏବଂ ବିଭିନ୍ନ ହାଇକୋର୍ଟରେ ଯୁଗାନ୍ତକାରୀ ରାୟ ପ୍ରକାଶ ପାଇଥିଲା । ସେ ଶିଶୁ ସୁରକ୍ଷା ପାଇଁ ବିଶ୍ୱର ସର୍ବବୃହତ ଆଇନଗତ ହସ୍ତକ୍ଷେପ ନେଟବାର୍କ- ଜଷ୍ଟ ରାଇଟ୍ସ ଫର ଚିଲଡ୍ରେନ (ଜେଆରସି)ର ପ୍ରତିଷ୍ଠାତା ମଧ ଅଟନ୍ତି - ଯାହାର ବିଶ୍ୱବ୍ୟାପୀ ଉପସ୍ଥିତି ରହିଛି । ଓଡ଼ିଶାର ୨୫ଟି ଜିଲ୍ଲାରେ ଶିଶୁ ସୁରକ୍ଷା ଓ ୨୦୩୦ସୁଦ୍ଧା ବାଲ୍ୟବିବାହକୁ ସମାପ୍ତ କରିବା ପାଇଁ ଜେଆରସିର ୧୪ଟି ଏନଜିଓ ପାର୍ଟନର୍ କାର୍ଯ୍ୟ କରୁଛନ୍ତି । ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ଭି(୨୦୧୯-୨୧) ଅନୁସାରେ ରାଜ୍ୟରେ ବାଲ୍ୟ ବିବାହର ସ୍ଥିତି ୨୦.୫ପ୍ରତିଶତ ରହିଛି ।

# ହିତାଧିକାରୀଙ୍କୁ ଦୁର୍ବ୍ୟବହାର

## ପିଡିଏସ୍ ବଣ୍ଟନକାରୀଙ୍କୁ ହଟାଇବାକୁ ଦାବି

ଗଣିଆ ,(ସବ୍ୟୁ) :ଗଣିଆ ବ୍ଲକର ଆଦିବାସୀ ପ୍ରବଣ ବଡଶିଲିଙ୍ଗା ପଞ୍ଚାୟତରେ ସ୍ଥାନୀୟ ଲୋକଙ୍କୁ ଖାଉଟି ସାମଗ୍ରୀ ବଣ୍ଟନ ବେଳେ ଦୁର୍ବ୍ୟବହାର କରାଯାଉଥିବା ନେଇ ଅଭିଯୋଗ ହେଉଛି । ଏ ନେଇ ଗତ ଗୁରବାର ବଡଶିଲିଙ୍ଗା ପଞ୍ଚାୟତବାସୀଙ୍କ ତରଫରୁ ନୟାଗଡ ଉପଜିଲ୍ଲାପାଳଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯାଇଛି । ବଡଶିଲିଙ୍ଗା ପଞ୍ଚାୟତ କାର୍ଯ୍ୟାଳୟରେ ଖାଉଟି ସାମଗ୍ରୀ ବଣ୍ଟନ କରୁଥିବା ବ୍ୟକ୍ତି ଜଣଙ୍କ ଅନେକ ସମୟରେ ସାଧାରଣ ଲୋକଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଚମକ ଦେଉଥିବା ବେଳେ ଅଖା ପ୍ରତି ୩୦ଟଙ୍କା ଲେଖାଏ ଜବରଦସ୍ତ ନେଉଥିବା ହିତାଧିକାରୀମାନେ ଦାବୀପତ୍ରରେ ଉଲ୍ଲେଖ କରିଛନ୍ତି । ଗଣିଆ ବ୍ଲକରେ ବଡଶିଲିଙ୍ଗା ପଞ୍ଚାୟତ ଆୟତନରେ ବହୁତ ବଡ ହୋଇଥିବା ବେଳେ ପଞ୍ଚାୟତ କାର୍ଯ୍ୟାଳୟଠାରୁ ମୁସୁଗୁଡା, ସଳପଗଣ୍ଡା, ଡମାଘାଟି, ଜାନକାଝୋଲା, ରେକାଡି, କୁମୁରୀ ପରି ବିଭିନ୍ନ ଗ୍ରାମ ୨୦କିଲୋମିଟର ଦୂର ଅଟେ । ଯାନବାହାନ ସୁବିଧା ନଥିବାରୁ ଏହି ଗ୍ରାମର ଲୋକେ ପିଡିଏସ ସାମଗ୍ରୀ ନେବା ପାଇଁ ଆସିଲେ ଗାଁରେ ପହଞ୍ଚିବା ପାଇଁ ୨ଦିନ ବିତିଯାଇଥାଏ ।

## ଦୁର୍ଗନ୍ଧ ନିଃଶ୍ୱାସର ମୁକାବିଲା ପାଇଁ ଆୟୁର୍ବେଦିକ ଉପଚାର

ଭୁବନେଶ୍ୱର, (ସବ୍ୟୁ): ଦୁର୍ଗନ୍ଧ ନିଃଶ୍ୱାସ ବା ହାଲିଟୋସିସ ସାମାଜିକ ସ୍ତରରେ ଦୁଃଖଦାୟକ, ଯାହା ଆତ୍ମବିଶ୍ୱାସ ଏବଂ ଆନ୍ତଃବ୍ୟକ୍ତିସ୍ତରୀୟ ଭାବ ବିନିମୟକୁ ପ୍ରଭାବିତ କରିଥାଏ ବୋଲି ପବ୍ଲିକ ହେଲଥ ଡେଣ୍ଟିଷ୍ଟ୍ରିରେ ପ୍ରଫେସର ଥିବା ଡା.ସୋନିଆ ଦତ୍ତା, ଏମଡିଏସ, ପିଏଚଡି କହିଛନ୍ତି। ଏହା ଅନେକ ସମୟରେ ନିମ୍ନମାନର ମୁଖଗହ୍ୱର ଯତ୍ନ, ଖାଦ୍ୟଗତ ପସନ୍ଦ, ତମାଖୁ ବ୍ୟବହାର, କିଛି ନିର୍ଦ୍ଦିଷ୍ଟ ପ୍ରକାର ଔଷଧ ସେବନ ଅଥବା ଅନ୍ତର୍ନିହିତ ସ୍ୱାସ୍ଥ୍ୟାବସ୍ଥା କାରଣରୁ ହୋଇଥାଏ। ସାମୟିକ ଭାବରେ ଦୁର୍ଗନ୍ଧ ନିଃଶ୍ୱାସ ଏକ ସାଧାରଣ ଘଟଣା, ଯାହା ଅନେକ ସମୟରେ ଖାଦ୍ୟ ଖାଇବା ଅଥବା ପ୍ରାତଃକାଳୀନ ନିଃଶ୍ୱାସ ପ୍ରଶ୍ୱାସ ସମୟରେ ହୋଇଥାଏ । ତେବେ ଦୀର୍ଘକାଳ ହାଲିଟୋସିସ ଲାଗିରହିବା ଏକ ଅନ୍ତର୍ନିହିତ ସମସ୍ୟାର ସଙ୍କେତ ଦେଇଥାଏ, ଯେପରିକି ମାଢି ରୋଗ ଅଥବା ଶୁଷ୍କ ମୁଖ ଗହ୍ୱର । ଏହିଭଳି ଦୁର୍ଗନ୍ଧ ନିଃଶ୍ୱାସର ମୁକାବିଲା ଡାବର ରେଡ ପେଷ୍ଟ ସହିତ କରନ୍ତୁ । ଲବଙ୍ଗ, ନିମ, ପୁଦିନା ଭଳି ଏହାର ଆୟୁର୍ବେଦିକ ଉପାଦାନଗୁଡିକ ସ୍ଥାୟୀ ତାଜାପଣ ନିମନ୍ତେ ଦୁର୍ଗନ୍ଧ ସୃଷ୍ଟିକାରୀ ବ୍ୟାକ୍ଟେରିଆ ଗୁଡିକୁ ନିଜର ଲକ୍ଷ୍ୟ ବନାଇଥାଏ । ଏହାକୁ ଦୈନନ୍ଦିନ ଅଭ୍ୟାସ କରନ୍ତୁ ଏବଂ ଦିନସାରା ତାଜା ନିଃଶ୍ୱାସ ସହିତ ଆତ୍ମବିଶ୍ୱାସୀ ଅନୁଭବ କରନ୍ତୁ ।

# ନାରାୟଣ ଇ-ଟେକ୍ନୋ ବିଦ୍ୟାଳୟର (୨୦୨୫-୨୬) ବାର୍ଷିକ କର୍ମଶାଳା



ଭୁବନେଶ୍ୱର (ସବ୍ୟୁ): ୫ତାରିଖ ସୋମବାର ଠାରୁ ୧୦ତାରିଖ ଶନିବାର ପର୍ଯ୍ୟନ୍ତ ନାରାୟଣ ଇ-ଟେକ୍ନୋ ବିଦ୍ୟାଳୟର ବାର୍ଷିକ କର୍ମଶାଳା କାର୍ଯ୍ୟକ୍ରମ ଭୁବନେଶ୍ୱର,ପଟିଆ ସ୍ଥିତ ନାରାୟଣ ଇ-ଟେକ୍ନୋ ବିଦ୍ୟାଳୟରେ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଡିଜିଏମ୍ ପି.ଶ୍ରୀନିବାସ ରାଓ,ଏଜିଏମ୍ କିଶୋର କୁମାର ପାଣିଗ୍ରାହୀ ,ସମସ୍ତ ବିଭାଗର କୋ-ଅର୍ଡିନେଟର - ଆପା ରାଓ ସାର, ତୃଷ୍ଣା ଧର ମ୍ୟାଡମ୍ ,ଅନ୍ୱେଷା ମ୍ୟାଡମ୍‌ଙ୍କ ସମେତ ସମସ୍ତ ବ୍ରାଞ୍ଚର ଅଧକ୍ଷା ମଣ୍ଡଳୀ ପ୍ରଦୀପ ପ୍ରଜ୍ଜଳନ କରି ଏହାର ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡିଶା ଜୋନ୍‌ର ୪ଟି ଶାଖାର ପ୍ରାୟ ୪୦୦ ରୁ ଉର୍ଦ୍ଧ ଶିକ୍ଷକ -ଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରିଥିଲେ । ନ୍ୟାସ୍‌ନାଲ କରିକୁଲମ ଫ୍ରେମୱାର୍କକୁ ସଠିକ୍ ଭାବରେ କାର୍ଯ୍ୟକାରୀ କରିବା ପାଇଁ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ଆସନ୍ତା ୨୦୨୫-୨୬ ର ବାର୍ଷିକ ଶିକ୍ଷା ପଦ୍ଧତିର ମାନଦଣ୍ଡକୁ ଆହୁରି ମଜ୍‌ଭୁତ୍ କରିବାକୁ ଶିକ୍ଷକ ମାନଙ୍କୁ ଦିଆଯାଇଥିବା ତାଲିମ୍ ଓ ସେମାନଙ୍କର ଶିକ୍ଷାଦାନ ପଦ୍ଧତି ବେଶ୍ ପ୍ରଂଶସନୀୟ ହୋଇଥିଲା । ଆଧୁନିକ ଟେକ୍ନୋଲୋଜିର ସହାୟତାରେ ଶିକ୍ଷକମାନେ ବେଶ୍ ଉଚ୍ଚକୋଟୀର ଶ୍ରେଣୀଗୃହ ଉପସ୍ଥାପନ କରିଥିଲେ । ପରିଶେଷରେ ନୃତ୍ୟ,ଗୀତ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ କାର୍ଯ୍ୟକ୍ରମର ଉଦ୍‌ଯାପନ କରାଯାଇଥିଲା । ସମସ୍ତ ଅଧକ୍ଷା ,ଉପ ଅଧକ୍ଷା,ଏକାଡେମିକ୍ ଡିନ୍ ତଥା କୋ-ଅର୍ଡନେଟର ମାନଙ୍କର ପ୍ରତକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ବେଶ୍ ସୁରୁଖୁରରେ ସମ୍ପାଦିତ ହୋଇଥିଲା ।


## ଉଷା ଇଣ୍ଟରନେସନାଲର ନୂଆ ନେକ୍ସଟ ଜେନ ଫ୍ୟାନର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ): ଅଗ୍ରଣୀ ଉପଭୋକ୍ତା ସାମଗ୍ରୀ ପ୍ରସ୍ତୁତି କମ୍ପାନୀ ଉଷା ଇଂଟରନେସନାଲ ଦ ଷ୍ଟାଇଲିସ୍ ଏରୋଏଜ୍ ଏବଂ ଏରୋଏଜ୍ ପ୍ଲସ୍ ନାମରେ ନିଜର ସଦ୍ୟତମ ଉଚ୍ଚ ପ୍ରଦର୍ଶନକ୍ଷମ ସିଲିଂ ଫ୍ୟାନର ଶୁଭାରମ୍ଭ କରିଛି। ଅତିଶୟ ଗରମ ଅନୁଭବ କରୁଥିବା ଭାରତୀୟ ଉପଭୋକ୍ତାଙ୍କର ପରିବର୍ତ୍ତିତ ଆବଶ୍ୟକତାକୁ ପୂରଣ କରିବା ଲାଗି ପ୍ରସ୍ତୁତ କରାଯାଇଥିବା ଏସବୁ ଫ୍ୟାନ୍ ଚମତ୍କାର ଆରାମ, ସର୍ବୋତମ ଶକ୍ତି ଦକ୍ଷତା ଏବଂ ଆଧୁନିକ ସମୟର ସୁନ୍ଦରତାରେ ସମ୍ପନ୍ନ ତଥା ବର୍ତମାନର ଘରଗୁଡ଼ିକ ପାଇଁ ଶ୍ରେଷ୍ଠ ଶୀତଳତା ପ୍ରଦାନ କରିଥାନ୍ତି । ଏରୋଏଜ୍ ପ୍ଲସ୍ ଏବଂ ଏରୋଏଜ୍ ବିଏଲଡିସି ସିଲିଂ ଫ୍ୟାନ ସୌନ୍ଦର୍ଯ୍ୟ ଏବଂ ପ୍ରଯୁକ୍ତିର ଉପଯୁକ୍ତ ମିଶ୍ରଣର ପ୍ରତୀକ ଏବଂ ବିଇଇ ଷ୍ଟାର ରେଟିଂରେ ସୁସଜ୍ଜିତ ଯାହାକି ଏଗୁଡ଼ିକର ଶକ୍ତି ଦକ୍ଷତା ଏବଂ ଦୀର୍ଘକାଳୀନ ମୂଲ୍ୟ ପ୍ରଭାବଶୀଳତାକୁ ଦର୍ଶାଉଛି।

# ସମ୍ ହସ୍ପିଟାଲ୍ ପକ୍ଷରୁ ବିଶ୍ୱ ଲୁପସ୍ ଦିବସରେ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,(ସବ୍ୟୁ): ଲୁପସ୍ ଏକ ସଂକ୍ରାମକ ରୋଗ ନୁହେଁ। ଏହା ଏକ ଅଟୋ ଇମ୍ୟୁନ୍ (ସ୍ୱ-ପ୍ରତିରକ୍ଷୀ) ରୋଗ। ତେବେ ଏହାର ଚିକିତ୍ସା ସମ୍ଭବ । ତେଣୁ ରୋଗକୁ ଡରିବା ପରିବର୍ତେ ଉପଯୁକ୍ତ ଚିକିତ୍ସା କରାଗଲେ ମଣିଷ ସୁସ୍ଥ ହୋଇପାରିବ। ଏଭଳି ସଚେତନତାର ବାର୍ତ୍ତା ନେଇ ବିଶ୍ୱ ଲୁପସ୍ ଦିବସ ଅବସରରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ପକ୍ଷରୁ ଶନିବାର ଏକ ସଚେତନତା ରାଲି ଆୟୋଜିତ ହୋଇଯାଇଛି। ଶନିବାର ସକାଳେ ରାଜଧାନୀର ମାଷ୍ଟର କ୍ୟାଂଟିନ୍ ଛକ ଠାରୁ ରାମ ମନ୍ଦିର ପର୍ଯ୍ୟନ୍ତ ଏହି ସଚେତନତା ରାଲିର ଆୟୋଜନ କରାଯାଇଥିବା ବେଳେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ଯୋଗ ଦେଇ ରାଲିର ଶୁଭାରମ୍ଭ କରିଥିଲେ। ସମ୍ ହସ୍ପିଟାଲର ଏଭଳି ସଚେତନତା ପଦକ୍ଷେପକୁ ପ୍ରଶଂସା କରି ଲୁପସ୍ ଭଳି ରୋଗକୁ ପରାସ୍ତ କରିବା ନିମନ୍ତେ ଉପଯୁକ୍ତ ଚିକିତ୍ସା ଓ ସଚେତନତାର ଆବଶ୍ୟକତା ରହିଛି ବୋଲି ଶ୍ରୀ ସିଂ କହିଥିଲେ।

ଏହି ଅବସରରେ ସମ୍ ହସ୍ପିଟାଲ କ୍ଲିନିକାଲ ଇମୁନୋଲୋଜି ଆଣ୍ଡ ର୍ୟୁମାଟୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ପ୍ରଦୀପ୍ତ ଶେଖର ପାତ୍ରୋ ଲୁପସ୍ ରୋଗ ସମ୍ବନ୍ଧରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିବା ବେଳେ ୧୫ ରୁ ୫୦ ବର୍ଷ ମଧରେ ଥିବା ବାଳିକା ଓ ମହିଳାମାନଙ୍କ କ୍ଷେତ୍ରରେ ଏହି ରୋଗ ଦେଖାଯାଉଛି ବୋଲି କହିଥିଲେ । ରୋଗ ପ୍ରତିରୋଧକ ଶକ୍ତିରେ ସମସ୍ୟା ସୃଷ୍ଟି ହେଲେ ଲୁପସ୍ ଭଳି ମାରାତ୍ମକ ବ୍ୟାଧି ଶରୀରରେ ଦେଖା ଦେଇଥାଏ । ଏହି ର୍ୟାଲିରେ




ସମ୍ ହସ୍ପିଟାଲର ନର୍ସିଂ ସୁପରିଟେଣ୍ଡେଂଟ ଶ୍ରୀମତୀ ମିନତୀ ମିଶ୍ର, ସୋଆର ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଓ ହସ୍ପିଟାଲର ଡାକ୍ତର, ନର୍ସ ଏବଂ ଛାତ୍ରଛାତ୍ରୀମାନେ ସାମିଲ ହୋଇ ଏହି ମାରାତ୍ମକ ରୋଗ ବିଷୟରେ ସଚେତନତାର ବାର୍ତା ପ୍ରଦାନ କରିଥିଲେ ।

ବିଶ୍ୱ ଲୁପସ୍ ଦିବସ ପରିପ୍ରେକ୍ଷୀରେ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର କ୍ଲିନିକାଲ ଇମୁନୋଲୋଜି ଆଣ୍ଡ ର୍ୟୁମାଟୋଲୋଜି ବିଭାଗ ପକ୍ଷରୁ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଏକ ସିଏମ୍‌ଇର ମଧ ଆୟୋଜନ କରାଯାଇଥିଲା । ଏହି ସିଏମ୍‌ଇରେ ଆଡିସ୍‌ନାଲ୍ ଡିଜି-ଆଇସିଏମ୍‌ଆର ଏବଂ ଆଇସିଏମ୍‌ଆର୍-ଆରଏମ୍‌ଆର୍‌ସି, ଭୁବନେଶ୍ୱରର ନିର୍ଦ୍ଦେଶିକା ଡକ୍ଟର ସଂଘମିତ୍ରା ପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ଯଦିଓ ଲୁପସ୍ ଭଳି ବ୍ୟାଧିରୁ ରୋଗିଟି ସଂପୂର୍ଣ୍ଣ ଭାବେ ସୁସ୍ଥ ହୋଇପାରିବ ନାହିଁ ତେବେ ପ୍ରାଥମିକ ସ୍ତରରୁ ଚିହ୍ନଟ କରାଯାଇ ଚିକିତ୍ସା କରାଗଲେ ରୋଗିଟି କିଛି ମାତ୍ରାରେ ସୁସ୍ଥ ହୋଇପାରିବ ।

ଏହି ଅବସରରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ପ୍ରଫେସର ପାତ୍ରୋ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସୋଆର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ପଦ୍ମଶ୍ରୀ ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ର ଏବଂ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ବକ୍ତବ୍ୟ ରଖିଥିଲେ। ହସ୍ପିଟାଲ୍‌ର କ୍ଲିନିକାଲ ଇମୁନୋଲୋଜି ଆଣ୍ଡ ର୍ୟୁମାଟୋଲୋଜି ବିଭାଗର ଆସିଷ୍ଟାଂଟ ପ୍ରଫେସର (ଡାକ୍ତର) ସୁମନ୍ତ ମଦନ ଧନ୍ୟବାଦ ଅର୍ପଣ କରିଥିଲେ ।

# ନିଶୁଳ୍କ ଫିଜିଓଥେରାପି କେନ୍ଦ୍ର ଉଦଘାଟିତ

ଭୁବନେଶ୍ୱର, (ସବ୍ୟୁ): ଶନିବାର ଭୁବନେଶ୍ୱର ପୋଖରୀପୁଟ ସ୍ଥିତ ରାମକୃଷ୍ଣ ବିବେକାନନ୍ଦ ପ୍ରତିଷ୍ଠାନ ପରିସରରେ ଏକ ନିଶୁଳ୍କ ବା ମାଗଣା ଫିଜିଓଥେରାପି କେନ୍ଦ୍ର ଉଦଘାଟିତ ହୋଇଯାଇଛି । ଉକ୍ତ ଫିଜିଓଥେରାପି କେନ୍ଦ୍ର ଶ୍ରୀମଦ୍ ସ୍ୱାମୀ ଦୁର୍ଗେଶ ନନ୍ଦିନୀ ମହାରାଜଙ୍କ କରକମଳରେ ଉଦଘାଟିତ ହୋଇଯାଇଛି । ଉକ୍ତ କେନ୍ଦ୍ରରେ ସପ୍ତାହର ପ୍ରତ୍ୟେକ ଶୁକ୍ରବାର, ଶନିବାର ଓ ରବିବାର ସକାଳ ୮ ଘଟିକା ଠାରୁ ୧୧ ଘଟିକା ପର୍ଯ୍ୟନ୍ତ ବିନା ଦେୟରେ ଫିଜିଓଥେରାପି



ସେବା ଯୋଗାଇ ଦେବେ ବୋଲି ଅଭିଜ୍ଞ ଫିଜିଓଥେରାପିଷ୍ଟ ଡ଼ ଏଲିନା ପଟ୍ଟନାୟକ ସହମତି ପ୍ରକାଶ କରିଛନ୍ତି । ସେ କହିଛନ୍ତି ଛୋଟପିଲାଠୁ ଆରମ୍ଭ କରି ଆବାଳ ବୃଦ୍ଧ ବନିତା ଏହାର ସୁଯୋଗ ନେଇପାରିବେ । ଅନୁଷ୍ଠାନର ସମ୍ପାଦକ ରମେଶ ଚନ୍ଦ୍ର ଭଦ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଫିଜିଓଥେରାପି ଉଦଘାଟନୀ କାର୍ଯ୍ୟକ୍ରମରେ ବରିଷ୍ଠ ଟ୍ରଷ୍ଟି ବିଶ୍ୱ ରଞ୍ଜନ ଶତପଥୀ,ପ୍ରତିଷ୍ଠାନର କୋଷାଧକ୍ଷ ରଞ୍ଜନ କୁମାର ରାଉତରାୟ ଉପସ୍ଥିତ ଥିଲେ । ପୋଖରୀପୁଟ ଏବଂ ଏହାର ଆଖ ପାଖ ଅଞ୍ଚଳର ଯେ କେହି ବ୍ୟକ୍ତି ଏହି ଫିଜିଓଥେରାପି ନିଶୁଳ୍କ ସେବା ପ୍ରତ୍ୟେକ ଶୁକ୍ରବାର, ଶନିବାର ଓ ରବିବାର ସକାଳ ୮ ଘଟିକା ଠାରୁ ୧୧ ଘଟିକା ପର୍ଯ୍ୟନ୍ତ ସୁଯୋଗ ନେଇପାରିବେ ବୋଲି ଅନୁଷ୍ଠାନର ସମ୍ପାଦକ ଜଣାଇଛନ୍ତି ।

# ଅପରେସନ ସିନ୍ଦୂର

# ମୃତ ୫ ପାକିସ୍ତାନୀ ଆତଙ୍କବାଦୀ କିଏ



**ନୂଆଦିଲ୍ଲୀ:** ମେ' ୭ ଭୋର ୧.୩୦ରେ ଭାରତୀୟ ସେନା ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କଶ୍ମୀରରେ ଅପରେସନ ସିନ୍ଦୂରକୁ କାର୍ଯ୍ୟକାରୀ କରିଥିଲା । ଏପ୍ରିଲ ୨୨ ପହଲଗାମ ନରସଂହାରର ବଦଳା ନେବାକୁ ଭାରତୀୟ ସେନା ୯ ଆତଙ୍କୀ ଆଡ୍ଡା ଉପରେ କରିଥିଲା ମିସାଇଲ ମାଡ଼ । ଏଥିରେ ୫ ପ୍ରମୁଖ ପାକିସ୍ତାନୀ ଆତଙ୍କବାଦୀଙ୍କ ସମେତ ପ୍ରାୟ ୧୦୦ ଜଣଙ୍କ ମୃତ୍ୟୁ ହୋଇଥିଲା । ଏବେ ଭାରତର ଅପରେସନ ସିନ୍ଦୂରରେ ପ୍ରାଣ ହରାଇଥିବା ୫ ପ୍ରମୁଖ ଆତଙ୍କବାଦୀଙ୍କ ପରିଚୟ ମିଳିଛି ।

ସେମାନେ ହେଲେ ମୁଦାସର ଖାଦିଆନ ଖାସ, ହାଫିଜ ମହମ୍ମଦ ଜାମୀଲ, ମହମ୍ମଦ ୟୁସୁଫ ଆଝାର, ଖାଲିଦ(ଅବୁ ଆକାଶ) ଓ ମହମ୍ମଦ ହାସନ ଖାନ । ଲସ୍କର-ଇ-ତାଏବା ଓ ଜୈଶ ମହମ୍ମଦ ଭଳି ପାକିସ୍ତାନରେ ସକ୍ରିୟ ଆତଙ୍କବାଦୀ ସଂଗଠନର ବଡ଼ବଡ଼ ପଦବୀରେ ଏହି ୫ ଆତଙ୍କବାଦୀ ରହିଥିଲେ ।

ଭାରତ ବିରୋଧୀ ଷଡ଼ଯନ୍ତ୍ରର ବିନ୍ଧାଣୀ ବୋଲି ଏମାନଙ୍କୁ କୁହାଯାଏ । ସବୁଠାରୁ ଆଚମ୍ବିତ କଥା ହେଲା, ଏହି ସବୁ ଆତଙ୍କବାଦୀଙ୍କୁ ପାକିସ୍ତାନରେ ହିରୋ ଭଳି ବିଦାୟ ଜଣାଯାଇଛି । ପାକିସ୍ତାନ ସେନା ଓ ପୁଲିସରେ ବରିଷ୍ଠ ଅଧିକାରୀମାନେ ସେମାନଙ୍କ ଅନ୍ତିମ ସଂସ୍କାର ବେଳେ ଯୋଗ ଦେବାର ଫଟୋ ମଧ୍ୟ ସାମ୍ନାକୁ ଆସିଛି ।

### କିଏ ସେହି ୫ ଆତଙ୍କବାଦୀ?

୧- ମୁଦାସିର ଖାଦିଆନ ଖାସ: ଆତଙ୍କବାଦୀ ଦୁନିଆରେ ଖାସକୁ ସମସ୍ତେ ମୁଦାସିର ଓ ଅବୁ ଜୁନ୍ଦାଲ ନାଁରେ ଜାଣନ୍ତି । ହାଫିଜ ସୟିଦର ଲସ୍କର-ଇ-ତାଏବା ପାଇଁ ଖାସ କାମ କରୁଥିଲା । ପାକିସ୍ତାନର ମୁରିଦକେରେ ଥିବା ମର୍କଜ ତାଏବା ନାମକ ଲସ୍କରର ସବୁଠାରୁ ବଡ଼ ଆତଙ୍କୀ କ୍ୟାମ୍ପର ଦାୟିତ୍ୱ, ତା' ହାତରେ ଥିଲା । ଭାରତୀୟ ସୀମା ଠାରୁ ମାତ୍ର ୨୫ କିମି ଦୂରରେ ଏହା ରହିଛି । ଲସ୍କରର ମୁଖ୍ୟାଳୟ ଭାବେ ଏହା ପରିଚିତ । ଅନେକ ଭାରତ ବିରୋଧୀ ଆତଙ୍କୀ ହମଲାରେ ଖାସ ମୁଦାସିର ସକ୍ରିୟ ଭୂମିକା ନେଇଥିଲା ।

ମୁମ୍ବାଇ ୨୬/୧୧ ହମଲା ବେଳେ ଜୀବନ୍ତ ଧରାପଡ଼ିଥିବା ଲସ୍କର ଆତଙ୍କବାଦୀ ଅଜମଲ କସାବ ଏକଦା ଜେରା ବେଳେ ମର୍କଜ ତାଏବାରେ ତାଲିମ ନେଇଥିବା ସ୍ୱୀକାର କରିଥିଲା । ୨୬/୧୧ ଆତଙ୍କବାଦୀ ହମଲାର ଅନ୍ୟତମ ଷଡ଼ଯନ୍ତ୍ରକାରୀ ଡାଭିଡ ହେଡଲୀ ମଧ୍ୟ ଏଠାରେ ତାଲିମ ନେଇଥିଲା । ଭାରତ ଅପରେସନ ସିନ୍ଦୂର ଦ୍ୱାରା ମର୍କଜ ତାଏବାକୁ ଉଡ଼ାଇ ଦେଇଛି । ଖାସ ପ୍ରାଣ ହରାଇଥିବା ବେଳେ ତା'ର ଅନ୍ତିମ ସଂସ୍କାରରେ ବିଶ୍ୱ ସ୍ତରୀୟ ଆତଙ୍କବାଦୀ ହାଫିଜ ଅବଦୁଲ ରୌଫ ସାମିଲ ହୋଇଥିଲା ।

ଗୋଟିଏ ସରକାରୀ ସ୍କୁଲରେ ତା'ର ସଂସ୍କାର କରାଯାଇଥିଲା । ପାକିସ୍ତାନ ପକ୍ଷରୁ ଖାସକୁ ଗାର୍ଡ ଅଫ ଅନର ଦିଆଯାଇଥିଲା । ପାକିସ୍ତାନ ସେନାର ବରିଷ୍ଠ ଅଧିକାରୀ ଓ ପଞ୍ଜାବ ପ୍ରଦେଶର ମୁଖ୍ୟମନ୍ତ୍ରୀ ମାରୟମ ନୱାଜଙ୍କ ତରଫରୁ ଖାସ ପାଇଁ ସ୍ୱତନ୍ତ୍ର ବାର୍ତ୍ତା ପଠାଯାଇଥିଲା । ଅନ୍ୟ ସେନା ଅଧିକାରୀ ତା'ର ସଂସ୍କାରରେ ସାମିଲ ହୋଇଥିଲେ ।

୨- ହାଫିଜ ମହମ୍ମଦ ଜାମୀଲ: ଜୈଶ-ଇ-ମହମ୍ମଦ ସହ ଏହାର ଲିଙ୍କ ରହିଥିଲା । ସେ ଜୈଶର ପ୍ରତିଷ୍ଠାତା ମୌଲାନା ମସୁଦ ଆଝାରର ଭିଣୋଇ । ଅନ୍ତର୍ଜାତୀୟ ସୀମା ଠାରୁ ୧୦୦ କିମି ଦୂର ବାହାବଲପରା ସ୍ଥିତ ମର୍କଜ ସୁଭାନ ଆଲ୍ଲାର ଦାୟିତ୍ୱ ଜାମୀଲ ହାତରେ ଥିଲା । ଯୁବଗୋଷ୍ଠୀଙ୍କୁ ପ୍ରଲୋଭିତ କରି ସେ ଜୈଶର ନିଯୁକ୍ତି ଦେଉଥିଲା ଓ ସଂଗଠନ ପାଇଁ ପାଣ୍ଠି ସଂଗ୍ରହରେ ସହାୟତା କରୁଥିଲା ।

ବାହାବଲପୁରରେ ଥିବା ଜୈଶ ମୁଖ୍ୟାଳୟରେ ନିଯୁକ୍ତି, ତାଲିମ ଓ ଯୁବକମାନଙ୍କୁ ମୌଳବାଦୀ ଚିନ୍ତାଧାରାରେ ପ୍ରଭାବିତ କରିବା ଭଳି କାମ ଚାଲୁଥିଲା । ମସୁଦ ଆଝାର ମଧ୍ୟ ଏଠାରେ ପ୍ରାୟ ରହିଥାଏ । ମେ' ୭ରେ ଭାରତ ଏଠାରେ ମିସାଇଲ ମାଡ଼ କରିଥିଲା। ପରବର୍ତ୍ତୀ ସମୟରେ ଜଣାପଡ଼ିଥିଲା ଯେ ଆଝାର ପରିବାରର ୧୦ ଜଣ ସଦସ୍ୟ ଓ ୪ ଜଣ ସହଯୋଗୀ ପ୍ରାଣ ହରାଇଛନ୍ତି । ଏବେ ଏହି ୧୪ ଜଣଙ୍କ ମଧ୍ୟରେ ଜାମୀଲ ଥିବା ସ୍ପଷ୍ଟ ହୋଇଛି ।

୩- ମହମ୍ମଦ ୟୁସୁଫ ଆଝାର: ଜୈଶର ଆଉ ଜଣେ କୁଖ୍ୟାତ ଆତଙ୍କବାଦୀ ହେଲା ୟୁସୁଫ ଆଝାର ଓରଫ ଉସ୍ତାଦ ଜୀ ଓରଫ ମହମ୍ମଦ ସଲିମ । ସେ ମଧ୍ୟ ମସୁଦ ଆଝାରର ଭିଣୋଇ । ଜୈଶରେ ଆତଙ୍କବାଦୀଙ୍କୁ ଯୁଦ୍ଧାସ୍ତ୍ର ଚଳାଇବାର ତାଲିମ ସେ ଦେଉଥିଲା । ଜମ୍ମୁ-କଶ୍ମୀରରେ ହୋଇଥିବା ଏକାଧିକ ଆତଙ୍କବାଦୀ ହମଲାରେ ସେ ସାମିଲ ଥିଲା । ୧୯୯୯ ମସିହା ଆଇସି-୮୧୪ ବିମାନ ଅପହରଣ ବା କାନ୍ଦାହର ଅପହରଣ ହମଲାରେ ବି ସେ ସାମିଲ ଥିଲା । ଏହି ବିମାନ ଅପହରଣ ଯୋଗୁ ଭାରତ ସରକାର କଶ୍ମୀରରୁ ଏକଦା ଧରାପଡ଼ିଥିବା ଆଝାରକୁ ଜେଲରୁ ଖଲାସ କରିବାକୁ ବାଧ ହୋଇଥିଲେ ।

୪- ଅବୁ ଆକାଶ: ଲସ୍କର-ଇ-ତାଏବାର ଅନ୍ୟତମ କୁଖ୍ୟାତ ଆତଙ୍କବାଦୀ ହେଉଛି ଅବୁ ଆକାଶ ଓରଫ ଖାଲିଦ । ଜମ୍ମୁ-କଶ୍ମୀରରେ ହୋଇଥିବା ଅନେକ ଆତଙ୍କବାଦୀ ହମଲାରେ ସେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । ଲସ୍କର ପାଇଁ ଆଫଗାନିସ୍ତାନରୁ ଅସ୍ତ୍ରଶସ୍ତ୍ର ଚୋରାଚାଲାଣ କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଅପରେସନ ସିନ୍ଦୂରରେ ସେ ପ୍ରାଣ ହରାଇବା ପରେ ତା'ର ଅନ୍ତିମ ସଂସ୍କାରର ପାକିସ୍ତାନର ଫୈସଲାବାଦରେ ହୋଇଥିଲା । ପାକିସ୍ତାନ ଆର୍ମିର ବରିଷ୍ଠ ଅଧିକାରୀ ଓ ଫୈସଲାବାଦର ଡେପୁଟି କମିଶନର ଏଥିରେ ଯୋଗ ଦେଇଥିଲେ ।

୫- ମହମ୍ମଦ ହାସନ ଖାନ: ବ୍ୟାନ ହୋଇଥିବା ଜୈଶର ଆଉ ଜଣେ ଆତଙ୍କୀ ହେଉଛି ମହମ୍ମଦ ହାସନ ଖାନ । ମେ' ୭ରେ ପ୍ରାଣ ହରାଇଥିବା ଶତାଧିକ ଆତଙ୍କବାଦୀ ମଧ୍ୟରେ ହାସନ ଖାନ ରହିଥିଲା । ସେ ମୁଫତି ଅସଘର ଖାନ କଶ୍ମୀରର ପୁଅ । ଅସଘର ହେଉଛି ପାକିସ୍ତାନ ଅଧିକୃତ କଶ୍ମୀରରେ ଲସ୍କରର ଅପରେସନାଲ କମାଣ୍ଡର ଭାବେ କାମ କରୁଛି । ଜମ୍ମୁ-କଶ୍ମୀରରେ ହେଉଥିବା ଆତଙ୍କବାଦୀ ଆକ୍ରମଣର ରୂପରେଖ ମୁଫତି ଅସଘର ପ୍ରସ୍ତୁତ କରିଥାଏ । ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରାଇବାରେ ସେ ସହଯୋଗ କରେ ।

## ବଲୁଚିସ୍ତାନ, ଗିଲଗିଟରେ ଅସନ୍ତୋଷ

ଅସିମ ମୁନିରଙ୍କ ବୟାନ ବଲୁଚିସ୍ତାନ ବିଦ୍ରୋହକୁ ଆହୁରି ଭଡକାଇଥିବା କୁହାଯାଉଛି । ଆଉ ସେଥିପାଇଁ ତାଙ୍କୁ ବଲୁଚ ନେତା ସର୍ଦ୍ଦାର ଅଖତର ମେଙ୍ଗଲ ୧୯୭୧ ଯୁଦ୍ଧର ଉଦାହରଣ ଦେଇ ଚେତାବନୀ ଦେଇଥିଲେ । ଗିଲଗିଟ ଓ ବଲୁଚିସ୍ତାନରେ ସାଧାରଣ ଲୋକ ସେନା ବିରୋଧରେ ରାସ୍ତାକୁ ଓହ୍ଲାଇଥିଲେ । ସେନା ବିରୋଧରେ ବଲୁଚ ବିଦ୍ରୋହୀ ହୁଙ୍କାର ଭରିଛନ୍ତି । ଭାରତ ସହ ଅଶାନ୍ତି ମଧ୍ୟରେ ସେନାକୁ ଟାର୍ଗେଟ୍ କରିଛନ୍ତି । ବିଦ୍ରୋହ ବଢିଲେ ବିଭାଜନର କାରଣ ହୋଇପାରେ ବୋଲି କୁହାଯାଉଛି । ଫଳରେ ପାକିସ୍ତାନର କ୍ଷତ୍ରିୟ ଅଖଣ୍ଡତା ବିପଦରେ ପଡିପାରେ ।

ମୁନିରଙ୍କ ନେତୃତ୍ୱରେ ସେନା ଭିତରେ ବି ପ୍ରବଳ ଅସନ୍ତୋଷ ଦେଖାଦେଇଛି । ଗତ ମାର୍ଚ୍ଚ ମାସରେ ଜୁନିଅର ଅଧିକାରୀ ତାଙ୍କ ବିରୋଧରେ ଖୋଲାଖୋଲି ଚିଠି ଲେଖି ମୁନିରଙ୍କ ଇସ୍ତଫା ଦାବି କରିଥିଲେ । ଏପରିକି ୭୨ଘଣ୍ଟା ମଧ୍ୟରେ ୧୪ଶହରୁ ଅଧିକ ପାକିସ୍ତାନୀ ଯବାନ ଇସ୍ତଫା ଦେଇଥିବା ନେଇ ବି ଚର୍ଚ୍ଚା



ହୋଇଥିଲା । ମୁନିରଙ୍କ ଉପରେ ଅସନ୍ତୁଷ୍ଟ ସେନା ଅଧିକାରୀ ବିଦ୍ରୋହୀ କିମ୍ବା ଆତଙ୍କବାଦୀ ସଂଗଠନରେ ସାମିଲ ହେବାର ଆଶଙ୍କା ବି ରହିବ । ମୁନିରଙ୍କ ନାଁରେ ଦୁର୍ନୀତି ନେଇ ବି ଅଭିଯୋଗ ରହିଛି । କଳାଧନ ରିୟଲ ଇଷ୍ଟେଟ୍, ବ୍ୟାଙ୍କିଂ ପରି କ୍ଷେତ୍ରରେ ନିବେଶ କରିଥିବା କୁହାଯାଉଛି । ମୁନିରଙ୍କ ବ୍ୟକ୍ତିଗତ ସଂପତି ପ୍ରାୟ ୮୦ଲକ୍ଷ ଡଲାର ବୋଲି ଚର୍ଚ୍ଚା ହେଉଛି । କେବଳ ପାକିସ୍ତାନ ନୁହେଁ ଆମେରିକା ଓ ଇଂଲଣ୍ଡରେ ବି ମେଲିଛି ମୁନିରଙ୍କ ସାମ୍ରାଜ୍ୟ ।

## ଆତଙ୍କବାଦୀ ଲଞ୍ଚ ପ୍ୟାଡକୁ ଧ୍ୱଂସ କଲା ବିଏସଏଫ୍

**ଇସଲାମବାଦ:** ପାକିସ୍ତାନ ସହିତ ଜାରି ଉତ୍ତେଜନା ମଧ୍ୟରେ, ଭାରତୀୟ ସେନା ଆଉ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ପାକିସ୍ତାନର ସିଆଲକୋଟରେ ଥିବା ଆତଙ୍କବାଦୀ ଲଞ୍ଚ ପ୍ୟାଡକୁ ବିଏସଏଫ୍ ସମ୍ପୂର୍ଣ୍ଣ ଧ୍ୱଂସ କରିଦେଇଛି । ବିଏସଏଫ ଏହି ଅପରେସନର ଏକ ଭିଡିଓ ମଧ୍ୟ ଜାରି କରିଛି ।

ଏହି ଭିଡିଓରେ ସ୍ପଷ୍ଟ ଭାବରେ ଦେଖାଯାଉଛି ଯେ ବିଏସଏଫର କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନରେ ଅବସ୍ଥିତ ଏହି ଲଞ୍ଚ ପ୍ୟାଡଗୁଡ଼ିକ କିପରି ଧ୍ୱଂସ ପାଇଛି । ପାକିସ୍ତାନ ପକ୍ଷରୁ ଗୁଳିଚାଳନା ପରେ ବିଏସଏଫ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ।

ବିଏସଏଫ୍ ଏହାର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଏକ ସୋସିଆଲ ମିଡିଆ ପୋଷ୍ଟ ମଧ୍ୟ ସେୟାର କରିଛି । ବିଏସଏଫ୍ ପକ୍ଷରୁ ଏହି ପୋଷ୍ଟରେ ଲେଖାଯାଇଛି ଯେ ମେ ୮ ତାରିଖ ରାତି ପ୍ରାୟ ୧୧ ସମୟରେ, ଆମେ ଜମ୍ମୁ ଏବଂ କଶ୍ମୀରର ସାମ୍ବା ଜିଲ୍ଲାରେ ଅନ୍ତର୍ଜାତୀୟ ସୀମା ନିକଟରେ ଏକ ବଡ଼ ଅନୁପ୍ରବେଶ ଉଦ୍ୟମକୁ ପଣ୍ଡ କରିଦେଇଥିଲୁ ।

ସୂଚନାଯୋଗ୍ୟ, ବିଏସଏଫ ଦ୍ୱାରା ଧ୍ୱଂସ କରାଯାଇଥିବା ଆତଙ୍କବାଦୀ ଲଞ୍ଚ ପ୍ୟାଡଗୁଡ଼ିକୁ ବଡ଼ ପରିମାଣରେ ଆତଙ୍କବାଦୀଙ୍କୁ ତାଲିମ ଦେବା ପାଇଁ ବ୍ୟବହାର କରାଯାଉଥିଲା । ଶୁକ୍ରବାର ଦିନ, ବିଏସଏଫ ପାକିସ୍ତାନ ସୀମାରୁ ଅନୁପ୍ରବେଶ କରିବାକୁ ଚେଷ୍ଟା କରୁଥିବା ଆତଙ୍କବାଦୀଙ୍କୁ ମଧ୍ୟ ନିହତ କରିଥିଲା । ଏହି ଅନୁପ୍ରବେଶ ପ୍ରୟାସ ସେହି ଦିନ ହୋଇଛି ଯେତେବେଳେ ଭାରତ ଜମ୍ମୁ, ପଠାନକୋଟ, ଉଧମପୁର ଏବଂ ଅନ୍ୟ କିଛି ସ୍ଥାନରେ ପାକିସ୍ତାନ ଦ୍ୱାରା କରାଯାଇଥିବା କ୍ଷେପଣାସ୍ତ୍ର ଏବଂ ଡ୍ରୋନ ଆକ୍ରମଣକୁ ପଣ୍ଡ କରିଥିଲା ବିଏସଏଫ୍ ।

## ଶ୍ରୀନଗର ଆକାଶରେ ପାକିସ୍ତାନ ଡ୍ରୋନ୍

**ଶ୍ରୀନଗର:** ପୁଣି ଅସ୍ତ୍ରବିରତି ଉଲ୍ଲଙ୍ଘନ କଲା ପାକିସ୍ତାନ । ଦୁଇ ଦେଶର ସହମତି ପରେ ବି ପାକିସ୍ତାନ ସୀମାରେ ଗୁଳି ମାରିବା ଆରମ୍ଭ କରିଛି । କାଶ୍ମୀର ଉପତ୍ୟାକାର ବିଭିନ୍ନ ସ୍ଥାନରେ ଗୁଳିମାଡ ହେଉଥିବା ଖବର ଆସୁଛି । ଜାମ୍ମୁକାଶ୍ମୀର, ଅଖନୁର, ଆରଏସପୁରା, ଚାମ୍ବା, ଭିମବରରେ ଗୁଳିମାଡ଼ ହେଉଥିବା ବେଳେ ଶ୍ରୀନଗରକୁ ଟାର୍ଗେଟ୍ କରିଛି ପାକିସ୍ତାନ ।

ଶ୍ରୀନଗରରେ ପ୍ରଚଣ୍ଡ ବିସ୍ଫୋରଣର ଶବ୍ଦ ଶୁଭିଛି ଏବଂ ପାକିସ୍ତାନ ଡ୍ରୋନ ଆକ୍ରମଣ ଶ୍ରୀନଗର ଉପରେ କରୁଛି । ଶ୍ରୀନଗର ଲାଲଚୌକ ସହ ବିଭିନ୍ନ ସ୍ଥାନରେ ଡ୍ରୋନ ଆକ୍ରମଣ ହୋଇଥିବା ଖବର ଆସୁଛି । ଇତିମଧ୍ୟରେ ସ୍ଥାନୀୟ ଲୋକେ ଏବଂ ଶ୍ରୀନଗର ପୋଲିସ ୫୦ଟି ବିସ୍ଫୋରଣ ଶବ୍ଦ ଶୁଣିଥିବା କୁହାଯାଉଛି । ପାକିସ୍ତାନ ଡ୍ରୋନ ଆକ୍ରମଣକୁ ଗୁଳି ମାରି ଖସାଉଛନ୍ତି ଭାରତୀୟ ଯବାନ ।

## ଭାରତ ଆମ ଉପରେ ଆକ୍ରମଣ କରିନି: ତାଲିବାନ



**କାବୁଲ :** ନିଜର ମିଛ କହିବା ଅଭ୍ୟାସ ଛାଡ଼ିପାରିନାହିଁ ପାକିସ୍ତାନ । ଆଫଗାନିସ୍ତାନକୁ ନେଇ ପାକିସ୍ତାନ କହିଥିବା ମିଛର ପର୍ଦ୍ଦାଫାସ କରିଛି ଖୋଦ ତାଲିବାନ । ପାକିସ୍ତାନ ସେନା ନିଜର ସମ୍ବାଦିକ ସମ୍ମିଳନୀରେ କହିଥିଲା ଯେ ଭାରତ ଆଫଗାନିସ୍ତାନ ଉପରେ ଡ୍ରୋନ ଓ କ୍ଷେପଣାସ୍ତ୍ର ଆକ୍ରମଣ କରିଛି । କିନ୍ତୁ ଏହା ମିଛ ବୋଲି ତାଲିବାନ କହିଛି ।

ପାକିସ୍ତାନର ଏପରି ଦାବିକୁ ଆଫଗାନିସ୍ତାନ ମିଥ୍ୟା ବୋଲି କହିଛି । ତାଲିବାନ ପ୍ରତିରକ୍ଷା ମନ୍ତ୍ରାଳୟର ମୁଖପାତ୍ର ଏନାତୁଲ୍ଲା ଖାୱାରଜାମି କହିଛନ୍ତି ଯେ ଆଫଗାନ ମାଟିରେ ଭାରତର କ୍ଷେପଣାସ୍ତ୍ର ପଡ଼ିବା ନେଇ ପାକିସ୍ତାନ ଯେଉଁ ଅଭିଯୋଗ କରୁଛି ତାହା ସମ୍ପୂର୍ଣ୍ଣ ମିଥ୍ୟା । ସେହିପରି ଏକ ଆଫଗାନିସ୍ତାନ ଗଣମାଧମ ସଂଗଠନ ହୁରିୟତ ରେଡିଓ ଇଂରାଜୀ କହିଛି ଯେ ଆଫଗାନିସ୍ତାନ ପ୍ରତିରକ୍ଷା ମନ୍ତ୍ରଣାଳୟ ପାକିସ୍ତାନର ମିଛର ପର୍ଦ୍ଦାଫାସ କରିଛି। ଏପରି ମିଛ କହି ପାକିସ୍ତାନ ଭାରତ ଓ ଆଫଗାନିସ୍ଥାନ ମଧ୍ୟରେ ଥିବା ସଂପର୍କକୁ ଖରାପ କରିବାକୁ ଚେଷ୍ଟା କରୁଥିବାବେଳେ ତାଲିବାନ ହିଁ ଏହି ମିଛର ପର୍ଦ୍ଦାଫାଶ କରିଛି ।

ସୂଚନାଯୋଗ୍ୟ ଯେ, ଭାରତ ପରି ଆଫଗାନିସ୍ତାନ ସହ ମଧ୍ୟ ପାକିସ୍ତାନର ସୀମା ବିବାଦ ରହିଛି । ଏହାକୁ ନେଇ ତାଲିବାନ ଓ ପାକିସ୍ତାନ ମଧ୍ୟରେ ମତଭେଦ ବଢିବାରେ ଲାଗିଛି ।

## ପାକ୍ ଗୁଳିରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର ଅନୁକମ୍ପା

**ଶ୍ରୀନଗର:** ପାକିସ୍ତାନର ଗୁଳିମାଡରେ ପ୍ରାଣ ହରାଇଥିବା ସାଧାରଣ ନାଗରିକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର ସହାୟତା । ସୀମାବର୍ତ୍ତୀ ଅଞ୍ଚଳରେ ପାକିସ୍ତାନ ସେନାର ଗୁଳିରେ ଜୀବନ ହରାଇଥିବା ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର ଅନୁକମ୍ପା ମୂଳକ ରାଶି ପ୍ରଦାନ କରିବାକୁ ଘୋଷଣା କରିଛନ୍ତି ଜାମ୍ମୁ କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲା ।

ପହଲଗାମ୍ ପ୍ରତିଶୋଧ ଏବଂ ଅପରେସନ ସିନ୍ଦୂର ପରେ ପାଗଳ ହୋଇଥିବା ପାକିସ୍ତାନ ଜାମ୍ମୁ କାଶ୍ମୀର ସୀମାରେ ଘନଘନ ଗୁଳିମାଡ କରୁଛି । ଭାରତ ପିଓକେର ଆତଙ୍କୀ ଆଡ୍ଡା ଉଡାଇ ଦେଇଥିବା ବେଳେ ପାକିସ୍ତାନ କିନ୍ତୁ ସାଧାରଣ ନାଗରିକଙ୍କୁ ଟାର୍ଗେଟ୍ କରି ମାରୁଛି । ଯାହା ଅତି ଅମାନୁଷିକ କାଣ୍ଡ । ଲଗାତାର ପାକିସ୍ତାନ ସେନା ଗୁଳିମାଡ କରି ସୀମାବର୍ତ୍ତୀ ଅଞ୍ଚଳରେ ୧୯ ଜଣଙ୍କ ଜୀବନ ନେଇଛନ୍ତି । ମୃତକଙ୍କ ମଧ୍ୟରେ ବି ବୟସ୍କ ଏବଂ ଶିଶୁ ଅଛନ୍ତି ।

ତେବେ ପୁଞ୍ଛ, ଉରୀ, ରଜୌରୀ, ବାରମୂଲା, ଜମ୍ମୁ ଆଦି ସେକ୍ଟରରେ ଗୁଳିମାଡ କରି ସାଧାରଣ ଲୋକଙ୍କୁ ମାରିଛି ପାକିସ୍ତାନ ।

## ଅସିମ ମୁନିର ନାୟକ ନୁହେଁ ଖଳନାୟକ



**ନୂଆଦିଲ୍ଲୀ:** ପାକିସ୍ତାନ ଇତିହାସର ସବୁଠୁ ବଡ଼ ଖଳନାୟକ ସେନା ମୁଖ୍ୟ ଅସିମ ମୁନିର । ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ଭଳି ସ୍ଥିତି ପାଇଁ ମୁନିର ହିଁ ଦାୟୀ । ଏକଥା ପାକିସ୍ତାନର ଜନତା ବି ମାନୁଛନ୍ତି । ୧୯୭୧ ପରେ ପାକିସ୍ତାନ ପ୍ରଥମ ଥର ପାଇଁ ଅସହାୟ ହୋଇପଡିଛି । ଆଉ ଏହା ପଛରେ ଅସିମ ମୁନିରଙ୍କୁ କାରଣ କୁହାଯାଉଛି । ତାଙ୍କ ପାଇଁ ହିଁ ପାକିସ୍ତାନକୁ ଆଭ୍ୟନ୍ତରୀଣ ତଥା ବାହ୍ୟ ଚ୍ୟାଲେଞ୍ଜର ସାମନା କରିବାକୁ ପଡୁଛି । ବିବାଦୀୟ ବୟାନବାଜି, ଆତଙ୍କବାଦକୁ ପ୍ରୋତ୍ସାହନ ତଥା ଭୁଲ ରଣନୀତି ପାଇଁ ପାକିସ୍ତାନକୁ ବଡ଼ ସଂକଟରେ ପକାଇଛନ୍ତି ମୁନିର । ଆଉ ସେଥିପାଇଁ ତାଙ୍କୁ ଓସାମା ବିନ୍ ଲାଦେନ ସହ ତୁଳନା କରିଥିଲେ ପୂର୍ବତନ ପେଣ୍ଟାଗନ ଅଧିକାରୀ ମାଇକଲ ରୁବିନ । କୁହାଯାଉଛି, ମୁନିରଙ୍କ ନେତୃତ୍ୱ ଜାରି ରହିଲେ ପାକିସ୍ତାନରେ ଗୃହଯୁଦ୍ଧ ସ୍ଥିତି ଉପୁଜିପାରେ?

### ମୁନିରଙ୍କ ବୟାନ, ଆତଙ୍କୀଙ୍କୁ ଗ୍ରୀନ୍ ସିଗନାଲ

ପହଲଗାମ ଆତଙ୍କବାଦୀ ଆକ୍ରମଣ ପଛରେ ଅସିମ ମୁନିରଙ୍କ ହାତ ଥିବା ଅଭିଯୋଗ ହେଉଛି । କାରଣ ଭାରତ ବିରୋଧରେ ମୁନିର ବିଷ ଓଗାରିବା ପରେ ହିଁ ଏହି ନରସଂହାର ହୋଇଥିଲା । ନିଜ ବୟାନ ଦ୍ୱାରା ଆତଙ୍କବାଦୀଙ୍କୁ ଏକପ୍ରକାର ଗ୍ରୀନ୍ ସିଗନାଲ ଦେଇଥିଲେ ମୁନିର । ଆଉ ପହଲଗାମର ଜବାବରେ ପାକିସ୍ତାନ ଓ ପିଓକେରେ ଏୟାରଷ୍ଟ୍ରାଇକ୍ କରିଥିଲା ଭାରତ । ଏହାପରଠୁ ଦୁଇ ଦେଶ ମଧ୍ୟରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଛି । ସମ୍ମୁଖ ଯୁଦ୍ଧ ହୁଏ, ତେବେ ପାକିସ୍ତାନ ଉଭୟ ସାମରିକ ଓ ଆର୍ଥିକ କ୍ଷତି ସହିବ । ପହଲଗାମ ଆକ୍ରମଣ ପାଇଁ ମୁନିରଙ୍କୁ ସମାଲୋଚନା କରିଛନ୍ତି ସାଉଦି ଆରବ ଓ ୟୁଏଇ ଭଳି ସହଯୋଗୀ ଦେଶ । ତାଙ୍କ ପାଇଁ ପାକିସ୍ତାନର କୁଟନୈତିକ ସ୍ଥିତି ଦୁର୍ବଳ ହୋଇଥିବା କୁହାଯାଉଛି । ପାକିସ୍ତାନ ସେନା ମୁଖ୍ୟ ଅସିମ ମୁନିରଙ୍କ ଉପରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ଓ ପିଟିଆଇ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଅଭିଯୋଗ ବି ରହିଛି ଛ ଇମ୍ରାନ୍ ଖାନ୍ ୨୦୨୩ରୁ ଜେଲରେ ରହିଛନ୍ତି, ତାଙ୍କ ନାଁରେ ୨ଶହରୁ ଅଧିକ ମାମଲା ରହିଛି । ୨୦୨୪ ସାଧାରଣ ନିର୍ବାଚନରେ ଜାଲିଆତି କରି ପିଟିଆଇକୁ କ୍ଷମତାଠାରୁ ଦୂରରେ ରଖିଥିଲେ । ପିଟିଆଇ ନେତାଙ୍କ ଗିରଫଦାରୀ ତଥା ସେନା ଅଦାଲତରେ ମାମଲା ଚଲାଇବା ପଛରେ ବି ଅସିମ ମୁନିର ରହିଛନ୍ତି । ଏହାକୁ ନେଇ ପାକିସ୍ତାନରେ ଅଶାନ୍ତି ବଢିଥିବା ବେଳେ ସୋସିଆଲ୍ ମିଡିଆରେ ମୁନିର ଆଉଟ୍ ଟ୍ରେଣ୍ଡ କରିଥିଲା ।

## ସ୍ୱଦେଶୀ 'ଆକାଶ' କ୍ଷେପଣାସ୍ତ୍ର ବାୟୁ ପ୍ରତିରକ୍ଷା ପ୍ରଣାଳୀ କ'ଣ




**ନୂଆଦିଲ୍ଲୀ:** ଭାରତୀୟ ସେନା ୮ ଏବଂ ୯ ମେ ରାତିରେ ଜମ୍ମୁ -କାଶ୍ମୀରର ଏଲଓସି ଏବଂ ପଶ୍ଚିମ ସୀମାରେ ପାକିସ୍ତାନ ଦ୍ୱାରା ହୋଇଥିବା ଡ୍ରୋନ ଆକ୍ରମଣର ମୁକାବିଲା ଆକାଶ କ୍ଷେପଣାସ୍ତ୍ର ବାୟୁ ପ୍ରତିରକ୍ଷା ପ୍ରଣାଳୀ ସହିତ କରିଥିଲା । ଏହି ସ୍ୱଦେଶୀ ପ୍ରଣାଳୀ ସମସ୍ତ ଡ୍ରୋନ ଆକ୍ରମଣକୁ ବିଫଳ କରିଥିଲା । ଭାରତର ଆକାଶ ବାୟୁ ପ୍ରତିରକ୍ଷା ପ୍ରଣାଳୀ ହେଉଛି ଏକ ପୃଷ୍ଠରୁ ଆକାଶ କ୍ଷେପଣାସ୍ତ୍ର, ଯାହାକୁ ଏକକାଳୀନ ଅନେକ ଲକ୍ଷ୍ୟଭେଦ କରିବା ପାଇଁ ଡିଜାଇନ୍ କରାଯାଇଛି । ଏହି କ୍ଷେପଣାସ୍ତ୍ରକୁ ପୂର୍ବତନ ବୈଜ୍ଞାନିକ ଡକ୍ଟର ପ୍ରହଲ୍ଲାଦ ରାମା ରାଓ ପନ୍ଦର ବର୍ଷର କଠିନ ପରିଶ୍ରମ ପରେ ବିକଶିତ କରିଥିଲେ । ଏହା ୨୦୧୪ ମସିହାରୁ ଭାରତୀୟ ସେନା ଏବଂ ବାୟୁସେନାରେ ନିୟୋଜିତ ହୋଇଛି । ଏହାର ଉନ୍ନତ ସଂସ୍କରଣ ଆକାଶ-ଏନଜି ୨୦୨୧ ମସିହାରେ ସାମିଲ ହୋଇଥିଲା ।

ଆକାଶ କ୍ଷେପଣାସ୍ତ୍ର ଦେଶର ଆଶା ପୂରଣ କରିପାରିଲା । ଏହା ଦେଖି ଡକ୍ଟର ରାମାରାଓ ବହୁତ ଖୁସି ହୋଇଛନ୍ତି । ସେ କହିଥିଲେ, ମୋ ପିଲା(ଆକାଶ)କୁ ଏତେ ସଠିକତା ଏବଂ ସୁନ୍ଦର ଭାବରେ ଶତ୍ରୁର ଆକାଶ ଟାର୍ଗେଟକୁ ନିପାତ କରିବାର ଦେଖିବା ଜୀବନର ସବୁଠାରୁ ଖୁସିର ଦିନ । ଆକାଶ ଆଶାଠାରୁ ଅଧିକ କଲା ।

ଡକ୍ଟର ରାମା ରାଓଙ୍କୁ ଏବେ ୭୮ ବର୍ଷ ବୟସ । ଯେତେବେଳେ 'ମିସାଇଲ୍ ମ୍ୟାନ୍'ତଥା ଦେଶର ପୂର୍ବତନ ରାଷ୍ଟ୍ରପତି ଡକ୍ଟର ଏପିଜେ ଅବଦୁଲ କଲାମ ଆକାଶ କାର୍ଯ୍ୟକ୍ରମରେ ଥିଲେ, ସେ ଏହାର ସର୍ବକନିଷ୍ଠ ପ୍ରକଳ୍ପ ନିର୍ଦ୍ଦେଶକ ଥିଲେ ।

'ଆକାଶ'କୁ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ ଦ୍ୱାରା ବିକଶିତ କରାଯାଇଥିଲା । ବିକଶିତ 'ଆକାଶ' ଏକ ମଧ୍ୟମ ଦୂରଗାମୀ ପୃଷ୍ଠରୁ ଆକାଶ କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀ । ଏହାକୁ ବିକଶିତ କରାଯାଇଛି ଏବଂ ଭାରତ ଡାଇନାମିକ୍ସ ଲିମିଟେଡ୍ ଦ୍ୱାରା ନିର୍ମିତ କ୍ଷେପଣାସ୍ତ୍ର ।

ଶକ୍ତିଶାଳୀ'ଆକାଶ' ବ୍ୟାଟେରୀ କ୍ଷେପଣାସ୍ତ୍ର ପ୍ରଣାଳୀ ୧୮,୦୦୦ ମିଟର ଉଚ୍ଚତାରେ ୪୫ କିଲୋମିଟର ଦୂର ପର୍ଯ୍ୟନ୍ତ ବିମାନକୁ ଟାର୍ଗେଟ କରିପାରିବ । ଏହା ଯୁଦ୍ଧ ବିମାନ, କ୍ରୁଜ୍ କ୍ଷେପଣାସ୍ତ୍ର ଏବଂ ଆକାଶରୁ ଭୂମିକୁ ନିକ୍ଷେପ କରାଯାଉଥିବା କ୍ଷେପଣାସ୍ତ୍ର ଏବଂ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଭଳି ଆକାଶମାର୍ଗର ଲକ୍ଷ୍ୟକୁ ନିଷ୍କ୍ରିୟ କରିବାର କ୍ଷମତା ରଖେ । ଏହାର ବେଗ ୨.୫ ମ୍ୟାକ୍ ଅର୍ଥାତ୍ ୩୦୮୭ କିମି/ଘଣ୍ଟା । ଆକାଶ-ଏନଜି ଅର୍ଥାତ୍ ଆକାଶ ନ୍ୟୁ ଜେନରେସନ କ୍ଷେପଣାସ୍ତ୍ର ହେଉଛି, ଏକ ଭୂମିରୁ ଆକାଶରେ ମାରୁଥିବା କ୍ଷେପଣାସ୍ତ୍ର । ଏହାର ଲକ୍ଷ୍ୟଭେଦ ୪୦ ରୁ ୮୦ କିଲୋମିଟର । ଏହା ଏକ ସକ୍ରିୟ ଇଲେକ୍ଟ୍ରୋନିକାଲି ସ୍କାନଡ୍ ଆରେ (ଅଉଗ) ମଲ୍ଟି-ଫଙ୍କସନ୍ ରାଡାର ସହିତ ସଜ୍ଜିତ ଯାହା ଏକାଧିକ ଶତ୍ରୁ କ୍ଷେପଣାସ୍ତ୍ର କିମ୍ବା ବିମାନକୁ ଏକକାଳୀନ ସ୍କାନ କରିପାରିବ ।

'ଆକାଶ'ର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏହାକୁ ଯେକୌଣସି ସ୍ଥାନକୁ ନେଇହେବ । ଏହାକୁ ଟ୍ରକ୍ କିମ୍ବା ଟ୍ୟାଙ୍କ ଭଳି ଯାନବାହନ ମାଧ୍ୟମରେ ନିୟନ୍ତ୍ରଣ ରେଖା କିମ୍ବା ଅନ୍ୟାନ୍ୟ ସୀମା ପାର କରି ପରିବହନ କରାଯାଇପାରିବ ।

'ଆକାଶ'ରେ ଗୋଟିଏ ରାଜେନ୍ଦ୍ର ୩ଉ ପ୍ୟାସିଭ୍ ଇଲେକ୍ଟ୍ରୋନିକ୍ ସ୍କାନ୍ ହୋଇଥିବା ଆରେ ରାଡାର ଏବଂ ଚାରୋଟି ଲଞ୍ଚର୍ ରହିଛି । ଏଗୁଡ଼ିକ ମଧ୍ୟରୁ ପ୍ରତ୍ୟେକରେ ତିନୋଟି କ୍ଷେପଣାସ୍ତ୍ର ଅଛି । ଏଗୁଡ଼ିକ ସମସ୍ତ ପରସ୍ପର ସହିତ ଜଡିତ । ପ୍ରତ୍ୟେକ ବ୍ୟାଟେରୀ ୬୪ଟି ଟାର୍ଗେଟକୁ ଟ୍ରାକ୍ କରିପାରିବ ଏବଂ ସେଥିମଧ୍ୟରୁ ୧୨ଟି ଉପରେ ଆକ୍ରମଣ କରିପାରିବ ।

ପ୍ରତ୍ୟେକ ଆକାଶ ଲଞ୍ଚରରେ ତିନୋଟି କ୍ଷେପଣାସ୍ତ୍ର ଅଛି । ଏଗୁଡ଼ିକ 'ଫାୟାର ଆଣ୍ଡ ଫର୍ଗେଟ୍' ମୋଡ୍ରେ କାମ କରନ୍ତି । ପ୍ରତ୍ୟେକ କ୍ଷେପଣାସ୍ତ୍ର ପ୍ରାୟ ୨୦ ଫୁଟ ଲମ୍ବ ଏବଂ ୭୧୦ କିଲୋଗ୍ରାମ ଓଜନର । ଏହାର କେବଳ ୱାର ହେଡର ଓଜନ ୬୦ କିଲୋଗ୍ରାମ । ଏହି ସିଷ୍ଟମଟି ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ।

ଏହି ସିଷ୍ଟମ ଏକକାଳୀନ ଅନେକ ବିପଦର ମୁକାବିଲା କରିପାରିବ । ଏହା ଏକ ଗୋଷ୍ଠୀରେ କିମ୍ବା ଏକାକୀ ମଧ୍ୟ କାମ କରିପାରିବ । ଏହା ବିଭିନ୍ନ ସେନ୍ସରରୁ ସୂଚନା ନେଇଥାଏ ଏବଂ ବିପଦ ଚିହ୍ନଟ କରିଥାଏ । ଏହାଦ୍ୱାରା ଗୋଟିଏ ସମୟରେ ଅନେକ ବିପଦକୁ ଟାର୍ଗେଟ କରିବାକୁ ଅନୁମତି ଦିଏ ।

ଶତ୍ରୁ କ୍ଷେପଣାସ୍ତ୍ରର ସିଗନାଲକୁ ଜାମ କରିବାକୁ ଚେଷ୍ଟା କରିଥାଏ । ଆକାଶ ହେଉଛି ଭାରତର ଏକୀକୃତ ମାନବହୀନ ବାୟୁ ପ୍ରଣାଳୀ ଗ୍ରୀଡ୍, ଯାହା ରୁଷ ନିର୍ମିତ ଗ-୪୦୦ ଏବଂ ଅନ୍ୟାନ୍ୟ ବିମାନ ବିରୋଧୀ ଅସ୍ତ୍ର ସହିତ ମିଶି ଏକ ଢାଲ ଗଠନ କରେ ଯାହା ଶତ୍ରୁକୁ ପରାସ୍ତ କରିବାରେ ସକ୍ଷମ ।

# ଟେଷ୍ଟ କ୍ରିକେଟ୍‌ରୁ ଅବସର ନେବେ ବିରାଟ



ନୂଆଦିଲ୍ଲୀ,୧୦।୫ (ଏଜେନ୍ସି): ଦିନ କେଇଟା ଆଗରୁ ରୋହିତ ଶର୍ମା ଟେଷ୍ଟ କ୍ରିକେଟ୍‌ରୁ ଅବସର ଘୋଷଣା କରିଥିଲେ । ଏହି ଧାରାରେ ସାମିଲ ହେବାକୁଯାଉଛନ୍ତି ବିରାଟ କୋହଲି । ଆସନ୍ତା ଜୁନ୍ ୨୦ରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ଆରମ୍ଭ ହେବାକୁଯାଉଛି । ଏହି ଶୃଙ୍ଖଳା ପୂର୍ବରୁ କୋହଲି ଟେଷ୍ଟରୁ ଅବସର ନେବା ସମ୍ପର୍କରେ ବିସିସିଆଇ ଅଭିମୁଖ୍ୟ ଜଣାଇଛନ୍ତି । ତେବେ ବିସିସିଆଇ ପକ୍ଷରୁ ବିରାଟଙ୍କ ଅବସର ସମ୍ପର୍କରେ ପୁନଃ ସମୀକ୍ଷା କରାଯିବ ବୋଲି ସୂଚନା ଦିଆଯାଇଛି । କାରଣ ଯଦି ବିରାଟ ଅବସର ନିଅନ୍ତି ତେବେ ଆଗାମୀ ଇଂଲଣ୍ଡ ଗସ୍ତରେ ଭାରତୀୟ ଦଳ ରୋହିତ ଓ କୋହଲିଙ୍କ ବିନା ଏହି ଶୃଙ୍ଖଳା ଖେଳିବ । ଏଦୃଷ୍ଟିରୁ ବିସିସିଆଇର ବରିଷ୍ଠ ଅଧିକାରୀମାନେ କୋହଲିଙ୍କ ସହ ଆଲୋଚନା କରିବେ । ଯଦି କୋହଲି ନିଜ ମତ ପରିବର୍ତ୍ତନ ନକରନ୍ତି ତେବେ ତାଙ୍କ ୧୪ ବର୍ଷର ଟେଷ୍ଟ କ୍ୟାରିୟରରେ ପୁନର୍ଚ୍ଛେଦ ପଡିବ । କୋହଲି ଏହି ୧୪ ବର୍ଷ ମଧ୍ୟରେ ୧୨୩ଟି ଟେଷ୍ଟ ମ୍ୟାଚ ଖେଳିଛନ୍ତି । ୬୮ଟି ମ୍ୟାଚରେ ଅଧିନାୟକ ଦାୟିତ୍ୱ ତୁଲାଇଛନ୍ତି । ୪୬.୮୫ ହାରରେ ସେ ୯,୨୨୩ ରନ୍ କରିଛନ୍ତି । ଗତ ୨୦୨୪ ନଭେମ୍ବରରେ କୋହଲିଙ୍କ ପର୍ଥ ଟେଷ୍ଟରେ ଅପରାଜିତ ଶତକୀୟ ଇନିଂସ ଖେଳିଥିଲେ । ୨୦୨୩ରେ ଇଣ୍ଡିଜ୍ ବିପକ୍ଷ ମ୍ୟାଚ ପରେ ଏହା ତାଙ୍କର ପ୍ରଥମ ଶତକ ଥିଲା । ସେ ୨୦୧୯ରେ ଦ.ଆଫ୍ରିକା ବିପକ୍ଷ ପୁନେ ଟେଷ୍ଟରେ ୨୫୪ ରନ୍‌ର ଅପରାଜିତ ଇନିଂସ ଖେଳିଥିଲେ । ଏହା ତାଙ୍କ ଟେଷ୍ଟ କ୍ୟାରିୟରର ବ୍ୟକ୍ତିଗତ ସର୍ବାଧିକ ରନ୍ ।

ରୋହିତ ଶର୍ମା ଟେଷ୍ଟରୁ ଅବସର ନେବା ପରେ ଭାରତୀୟ ଦଳର ଅଧିନାୟକ ପଦ ଶୂନ୍ୟ ରହିଛି । ତେଣୁ ଇଂଲଣ୍ଡ ଗସ୍ତରେ ଶୁଭମନ ଗିଲ୍ ଦଳର ନେତୃତ୍ୱ ନେବେ । ଏଦୃଷ୍ଟିରୁ ଚୟନକର୍ତ୍ତା, ଟିମ୍ ମ୍ୟାନେଜରମେଣ୍ଟ ଅଭିଜ୍ଞ କୋହଲିଙ୍କୁ ଦଳ ସହ ରହିବା ପାଇଁ ପରାମର୍ଶ ଦେଇଛନ୍ତି । ନିକଟରେ ବିସିସିଆଇର ବାର୍ଷିକ ଚୁକ୍ତି ତାଲିକା ଘୋଷଣା ହୋଇଥିଲା । ସର୍ବାଧିକ ଅର୍ଥରାଶି ମିଳୁଥିବା ଏ ପ୍ଲସ୍ ତାଲିକାରେ କୋହଲି ଓ ରୋହିତ ସ୍ଥାନ ପାଇଥିଲେ । ସାଧାରଣତଃ ଏହି ଗ୍ରେଡରେ ୩ଟି ଜାତୀୟ ଅନ୍ତର୍ଜାତୀୟ ଫର୍ମାଟରେ ଖେଳୁଥିବା ଖେଳାଳି ସ୍ଥାନ ପାଇଥାନ୍ତି । ପୂର୍ବରୁ ଉଭୟ ରୋହିତ ଓ କୋହଲି ଅନ୍ତର୍ଜାତୀୟ ଟି-୨୦ରୁ ଅବସର ନେଇସାରିଛନ୍ତି । ଏବେ ଟେଷ୍ଟ କ୍ରିକେଟ୍‌ରୁ ମଧ୍ୟ ଅବସର ନେବେ । ତେଣୁ କେବଳ ଦିନିକିଆ ଫର୍ମାଟରେ ରୋହିତ ଏବଂ କୋହଲି ନଜର ଆସିବେ । ଗତ ଅଷ୍ଟ୍ରେଲିଆଗସ୍ତରେ ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଅବସର ନେଇଥିଲେ । ଚେତେଶ୍ୱର ପୂଜାରା ଓ ଆଜିଙ୍କ୍ୟ ରାହାଣେ ମଧ୍ୟ ଜାତୀୟ ଦଳରେ ସ୍ଥାନ ପାଉନାହାନ୍ତି । ମହମ୍ମଦ ସାମି ଇଞ୍ଜୁରି ସମସ୍ୟାରେ ମୁକୁଳୁଛନ୍ତି । ତେଣୁ ଇଂଲଣ୍ଡ ଗସ୍ତରେ ଲୋକେଶ ରାହୁଲ, ରବିନ୍ଦ୍ର ଜାଡେଜା ଓ ଯଶପ୍ରୀତ ବୁମରାଙ୍କ ଉପରେ ଦଳ ନିର୍ଭର କରିବ ।

## ୧୦ ବ୍ୟାଟର ବଲ ନଖେଳି ଆଉଟ୍




ନୂଆଦିଲ୍ଲୀ,୧୦।୫ (ଏଜେନ୍ସି): ଆଇସିସି ମହିଳା ଟି-୨୦ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମୁକାବିଲାରେ ଏକ ଅଦଭୁତ ଘଟଣା ଦେଖିବାକୁ ମିଳିଛି । ୟୁଏଇ ଓ କାତାର ମଧ୍ୟରେ ଖେଳାଯାଇଥିବା ମ୍ୟାଚରେ ୧୦ ଜଣ ବ୍ୟାଟର ବଲ ନଖେଳି ଆଉଟ୍ ହୋଇଛନ୍ତି । ପ୍ରଥମେ ବ୍ୟାଟିଂ କରି ୟୁଏଇ ୧୬ ଓଭରରେ ବିନା କୌଣସି ୱିକେଟ୍ ହରାଇ ୧୯୨ ରନ୍ କରିଥିଲା । ଇଶାନ ଓଜା ୧୧୩ ଓ ତ୍ରିସା ଶତୀସ ୭୪ ରନ୍ କରିଥିଲେ । ଏହାପରେ ୟୁଏଇର ସମସ୍ତ ଖେଳାଳି ଜଣକ ପରେ ଜଣେ ରିଟାୟାର୍ଡ ଆଉଟ୍ ହୋଇଥିଲେ । ତେଣୁ ୧୬ ଓଭରରେ ୧୯୨ ରନ୍‌ରେ ୟୁଏଇ ଇନିଂସ ଶେଷ ହୋଇଥିଲା । ଜବାବରେ କାତାର ୨୯ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା । ବର୍ଷା ଆଶଙ୍କା ଦେଖାଦେବାରୁ ୟୁଏଇ ଏହି ପଦକ୍ଷେପ ନେଇଥିଲା । ଟି-୨୦ କ୍ରିକେଟ୍‌ରେ ଇନିଂସ ଘୋଷଣା କରାଯାଇ ପାରିବ ନାହିଁ । ବର୍ଷା ଆସିବା ପୂର୍ବରୁ କିପରି କାତାର ବ୍ୟାଟିଂ କରିବାକୁ ଆସିବ ସେଥିପାଇଁ ଜଣକ ପରେ ଜଣେ ଖେଳାଳି ରିଟାୟାର୍ଡ ଆଉଟ୍ ହୋଇଥିଲେ ।

## କିଟ୍-କିସ୍ ରେ ଖୋଲିବ ଲିଆଣ୍ଡର ପେସ୍-ସାମନ୍ତ କ୍ରୀଡ଼ା ଏକାଡେମୀ



ଭୁବନେଶ୍ୱର,୧୦।୫ (ସବ୍ୟୁ): କିଟ୍ ଓ କିସ୍ ରେ ଖୋଲିବ ଲିଆଣ୍ଡର ପେସ୍-ସାମନ୍ତ କ୍ରୀଡ଼ା ଆକାଡେମୀ । ଏନେଇ ଶୁକ୍ରବାର କିଟ୍-କିସ୍ ଓ ଲିଆଣ୍ଡର ପେସ୍‌ଙ୍କ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏଥିରେ କିଟ୍ ଓ କିସ୍ ପକ୍ଷରୁ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାକ୍ଷର କରିଥିବା ବେଳେ ଅନ୍ୟ ପକ୍ଷରେ ଲିଆଣ୍ଡର୍ ପେସ୍ ଏହି ବୁଝାମଣାରେ ସ୍ୱାକ୍ଷର କରିଛନ୍ତି । ବୁଝାମଣାପତ୍ର ଅନୁଯାୟୀ ଲିଆଣ୍ଡର ପେସ୍-ସାମନ୍ତ ଆକାଡେମୀ ଟେନିସ୍ ସମେତ ୧୬ଟି କ୍ରୀଡ଼ାର ବିକାଶ ଦିଗରେ କାର୍ଯ୍ୟ କରିବେ । କ୍ରୀଡ଼ା କ୍ଷେତ୍ରରେ ଏକ ସୁନାମଧନ୍ୟ ଶିକ୍ଷାନୁଷ୍ଠାନ ଭାବେ କିଟ୍ ଓ କିସ୍ ଭାରତରେ ମାଇଲ୍‌ଷ୍ଟ ସ୍ଥାପନ କରିଥିବାରୁ ଲିଆଣ୍ଡର କିଟ୍ ଓ କିସ୍ ସହ ସହବନ୍ଧିତ ହୋଇ ଏହାକୁ ଆହୁରି ଆଗକୁ ନେବା ପାଇଁ ଆଗେଇ ଆସିଛନ୍ତି । ଏଥି ନିମନ୍ତେ କିଟ୍-କିସ୍ ସମସ୍ତ ପ୍ରକାର ଭିତ୍ତିଭୂମି ଯୋଗାଇ ଦେବ ଏବଂ ଲିଆଣ୍ଡର ବୈଷୟିକ ଜ୍ଞାନ ସହ କ୍ରୀଡ଼ା କ୍ଷେତ୍ରରେ ଥିବା ତାଙ୍କର ବିଶେଷ ଜ୍ଞାନ ଯୋଗାଇ ଦେବେ । ଅଲମ୍ପିଆନ୍, ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ବିଜେତା ପଦ୍ମ ଭୂଷଣ ଲିଆଣ୍ଡର ପେସ୍ ହେଉଛନ୍ତି ଭାରତୀୟ ପୂର୍ବତନ ଟେନିସ୍ ଖେଳାଳି, ପ୍ରଥମ ଏସୀୟ ପୁରୁଷ ଯିଏକି ଅନ୍ତର୍ଜାତୀୟ ଟେନିସ୍ ହଲ୍ ଅଫ୍ ଫେମରେ ସ୍ଥାନ ପାଇଛନ୍ତି । ସେ ଆଠଟି ପୁରୁଷ ଡବଲ୍ସ ଏବଂ ଦଶଟି ମିଶ୍ରିତ ଡବଲ୍ସ ଗ୍ରାଣ୍ଡସ୍ଲାମ୍ ଟାଇଟଲ୍ ଜିତି ରେକର୍ଡ କରିଛନ୍ତି । ଏହି ବୁଝାମଣାପତ୍ର ସ୍ୱାକ୍ଷର କରିବା ପରେ ଲିଆଣ୍ଡର ଖୁସି ବ୍ୟକ୍ତ କରିବା ସହ କ୍ରୀଡ଼ା କ୍ଷେତ୍ରରେ କିଟ୍ ଓ କିସ୍କୁ ବିଶ୍ୱରେ ପ୍ରତିଷ୍ଠିତ କରାଇବା ପାଇଁ ପ୍ରୟାସ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । କିଟ୍ ଓ କିସରେ ସର୍ବୋତ୍କୃଷ୍ଟ କ୍ରୀଡ଼ା ଭିତ୍ତିଭୂମି ରହିଛି ବୋଲି ସେ କହିଛନ୍ତି । ଆଗାମୀ ୧୫ବର୍ଷ ମଧ୍ୟରେ ୨ଲକ୍ଷ ୫୦ ହଜାର କ୍ରୀଡ଼ା ପ୍ରତିଭା ସୃଷ୍ଟି କରିବା ନେଇ ଲିଆଣ୍ଡର ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି । କ୍ରୀଡ଼ା କ୍ଷେତ୍ରରେ ବିପୁଳ ଅଭିଜ୍ଞତା ଥିବା ବିଶ୍ୱର ପ୍ରତିଭାମାନଙ୍କୁ ଆଣି ଏହି ଆକାଡେମୀ ମାଧ୍ୟମରେ ନୂତନ କ୍ରୀଡ଼ା ପ୍ରତିଭାଙ୍କ ଭାବାତ୍ମକ, ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟର ବିକାଶ ସହ ସେମାନଙ୍କୁ ବିଭିନ୍ନ କ୍ରୀଡ଼ାରେ ବିଶେଷ ତାଲିମ ଓ ସୁଯୋଗ ଦିଆଯିବ । କିଟ୍ ଓ କିସରେ ମୁଁ ପ୍ରଥମ ଆକାଡେମୀ କରିବାକୁ ଯାଉଥିବାରୁ ବହୁତ ଆନନ୍ଦିତ ବୋଲି ଲିଆଣ୍ଡର କହିଛନ୍ତି । ଅନ୍ୟ ପକ୍ଷରେ ଶ୍ରୀ ସାମନ୍ତ କହିଛନ୍ତି, କିଟ୍ ଓ କିସ୍ ଶିକ୍ଷାନୁଷ୍ଠାନ ହୋଇଥିଲେ ମଧ୍ୟ ଗତ ୨୦ ବର୍ଷ ଧରି କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ବିକାଶ ନିମନ୍ତେ ନିରନ୍ତର କାର୍ଯ୍ୟ କରିଆସୁଛି । ପଦ୍ମଭୂଷଣ ଲିଆଣ୍ଡର ପେସ୍‌ଙ୍କ ଭଳି ଜଣେ ବ୍ୟକ୍ତିତ୍ୱ କ୍ରୀଡ଼ାର ପ୍ରସାର ନେଇ ଆମ ସହ ଯୋଡ଼ି ହୋଇଥିବାରୁ କିଟ୍ ଓ କିସ୍ ତାଙ୍କୁ କୃତଜ୍ଞତା ଜଣାଉଛି । ଏହା ନିଶ୍ଚିତ ଭାବେ ଆମ ପାଇଁ ଗୌରବର ବିଷୟ ବୋଲି ସେ କହିଛନ୍ତି । ଏହି କ୍ରୀଡ଼ା ଆକାଡେମୀ ପ୍ରତିଷ୍ଠା ହେବା ଦ୍ୱାରା କ୍ରୀଡ଼ାବିତ ବିଶେଷକରି ଓଡ଼ିଶାର କ୍ରୀଡ଼ାବିତମାନେ ଉପକୃତ ହେବେ ବୋଲି ଶ୍ରୀ ସାମନ୍ତ କହିଛନ୍ତି ।

## ମନ ବଦଳାଇ ପାରନ୍ତି କୋହଲି

ନୂଆଦିଲ୍ଲୀ,୧୦।୫ (ଏଜେନ୍ସି): ବିରାଟ କୋହଲି ଟେଷ୍ଟ କ୍ରିକେଟ୍‌ରୁ ଅବସର ନେବା ପାଇଁ ବିସିସିଆଇକୁ ଅନୁରୋଧ କରିଥିବା ଖବର ପ୍ରକାଶ ପାଇଛି । କୋହଲିଙ୍କ ମନ ପରିବର୍ତ୍ତନ କରିପାରନ୍ତି ବୋଲି କୁହାଯାଉଛି । ତେବେ ଖୁବ୍ ଶୀଘ୍ର କୋହଲିଙ୍କ ନିଷ୍ପତ୍ତି ଜଣାପଡିବ । ଏହା ପୂର୍ବରୁ ସଚିନ ତେନ୍ଦୁଲକର ୨୦୦୭ରେ ଅବସର ନେବା ପାଇଁ ଚିନ୍ତା କରିଥିଲେ । ୱେଷ୍ଟଇଣ୍ଡିଜ୍‌ରେ ଖେଳାଯାଇଥିବା ଦିନିକିଆ ବିଶ୍ୱକପ୍‌ରେ ଭାରତ ଖରାପ ପ୍ରଦର୍ଶନ କରିଥିଲା । ଏହାପରେ ସଚିନ କ୍ରିକେଟ୍‌ଠାରୁ ଦୂରରେ ରହିବା ପାଇଁ ଚିନ୍ତା କରିଥିଲେ । ସେ ସମୟରେ ତାଙ୍କ ଭାଇ କହିଥିଲେ ୨୦୧୧ରେ ମୁମ୍ବାଇରେ ବିଶ୍ୱକପ୍ ଫାଇନାଲ ଖେଳାଯିବ । ତୁମେ ଟ୍ରଫି ହାତରେ ଧରିବାକୁ ଇଚ୍ଛା ରଖିବା ଉଚିତ । ଏହାପରେ ଭିଭିଆନ୍ ରିଚାର୍ଡସ ମଧ୍ୟ ସଚିନଙ୍କୁ କ୍ରିକେଟ୍ ଖେଳ ଜାରି ରଖିବା ପାଇଁ କହିଥିଲେ । ଶେଷରେ ତାଙ୍କ ମନ ପରିବର୍ତ୍ତନ ହୋଇଥିଲା । ସେ ୨୦୧୩ ପର୍ଯ୍ୟନ୍ତ ଖେଳ ଜାରି ରଖିଥିଲେ । ଭାରତ ୨୦୧୧ ବିଶ୍ୱକପ୍ ଜିତିଥିଲା । ସଚିନ ମଧ୍ୟ ୱାଙ୍ଖଡେରେ ଟ୍ରଫି ଟେକି ଧରିଥିଲେ । ଏବେ କୋହଲିଙ୍କ ନିକଟକୁ ଫୋନ୍ କଲ ଆସିବା ଆରମ୍ଭ ହୋଇଛି । ଦେଖାଯାଉ କୋହଲିଙ୍କ ମନ ବଦଳୁଛି କି ନାହିଁ । ଇଂଲଣ୍ଡ ବିପକ୍ଷ ଟେଷ୍ଟ ଶୃଙ୍ଖଳା ଏବଂ ଦିନିକିଆ ବିଶ୍ୱକପ୍ ଖେଳିବା ପାଇଁ କୋହଲିଙ୍କୁ ତାଙ୍କ ସମର୍ଥକମାନେ କହିଛନ୍ତି ।

### ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ

## ସେମିଫାଇନାଲରେ ଓଡ଼ିଶା

ଭୁବନେଶ୍ୱର,୧୦।୫ (ସବ୍ୟୁ): ସପ୍ତମ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ଓଡ଼ିଶାର ପ୍ରଦର୍ଶନ ଜମାଣିଆ ରହିଛି । ଶନିବାର ତୃତୀୟ ମ୍ୟାଚରେ ଓଡ଼ିଶା ଦଳ ତୀବ୍ର ସଂଘର୍ଷ କରି ଚଣ୍ଡିଗଡ଼କୁ ୧-୦ ଗୋଲ୍‌ରେ ଧରାଶାୟୀ କରି ସେମିଫାଇନାଲରେ ପ୍ରବେଶ କରିଛି । ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ ବିଜୟୀ ଓଡ଼ିଶା ଦଳ ପକ୍ଷରୁ ଭେଙ୍କଟେଶ୍ୱର ଓରାମ ୩୪ତମ ମିନିଟ୍‌ରେ ବିଜୟସୂଚକ ଗୋଲ୍ କରିଥିଲେ । ଏହି ବିଜୟ ସହ ଓଡ଼ିଶା ଦଳ ଗ୍ରୁପ୍ ପର୍ଯ୍ୟାୟର ଶୀର୍ଷରେ ରହିଛି ।

## ଜ୍ୟୋସ୍ନା ଶବରଙ୍କୁ ସ୍ୱର୍ଣ୍ଣ




ଭୁବନେଶ୍ୱର,୧୦।୫ (ସବ୍ୟୁ): ବିହାରରେ ଜାରି ରହିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ କିସ୍ ଛାତ୍ର ଜ୍ୟୋସ୍ନା ଶବର ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ସେ ମହିଳା ଭାରୋତ୍ତୋଳନ ୪୦ କିଗ୍ରା ଓଜନ ବର୍ଗରେ ଏହି ସଫଳତା ହାସଲ କରିଛନ୍ତି । ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ରାଜଗିରି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଏହି ପ୍ରତିଯୋଗିତା ଆୟୋଜିତ ହେବ । ପଦକ ସଫଳତା ପାଇଁ ଜ୍ୟୋସ୍ନା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି ।

## ଇଂଲଣ୍ଡ ବିପକ୍ଷରେ ନୂଆ ଟିମ୍, ନୂଆ ଅଧିନାୟକ

ନୂଆଦିଲ୍ଲୀ,୧୦।୫ (ଏଜେନ୍ସି): ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ୨୦୨୫-୨୭ ସିଜନ୍‌ର ଆରମ୍ଭ ଭାରତ-ଇଂଲଣ୍ଡ ଶୃଙ୍ଖଳାରୁ ଆରମ୍ଭ ହେବାକୁଯାଉଛି । ରୋହିତ ଶର୍ମା ଅବସର ନେଇ ସାରିଥିବାରୁ ଏହି ସମ୍ପର୍କରେ ଟିମ୍ ଇଣ୍ଡିଆର ନେତୃତ୍ୱ କିଏ ନେବ ସେ ନେଇ ଆଲୋଚନା ଚାଲିଛି । ବିସିସିଆଇ ଭବିଶ୍ୟତକୁ ଆଖିରେ ରଖି ଏକ ଯୁବ ଟିମ୍ ପ୍ରସ୍ତୁତ କରିବା ପାଇଁ ମନ ବଳାଇଛି । ରିପୋର୍ଟ ଅନୁସାରେ ଯଶପ୍ରୀତ ବୁମରା ଓ ଶୁଭମନ ଗିଲଙ୍କ ମଧ୍ୟରୁ ଜଣଙ୍କୁ ଏହି ଶୃଙ୍ଖଳା ପାଇଁ ଅଧିନାୟକ କରାଯାଇପାରିବ । ତେବେ ଗିଲ୍ ଏହି ଦୌଡ଼ରେ ଆଗରେ ରହିଛନ୍ତି । ଯଶସ୍ୱୀ ଜୟସ୍ୱାଲ, ଶୁଭମନ ଗିଲ୍ ଦଳରେ ସ୍ଥାନ ପାଇବ ନିଶ୍ଚିତ । ୱିକେଟ୍‌କିପର ଭାବେ ରାହୁଲ ରହିବେ । ବି ସାଇସୁଦର୍ଶନ ଓ କରୁଣ ନାଏରଙ୍କୁ ମଧ୍ୟ ସୁଯୋଗ ଦିଆଯାଇପାରେ । ଅଷ୍ଟ୍ରେଲିଆ ବିପକ୍ଷରେ ଭଲ ପ୍ରଦର୍ଶନ କରିଥିବା ଅଲ୍‌ରାଉଣ୍ଡର ନୀତିଶ କୁମାର ରେଡ୍ଡୀ ଓ ରବିନ୍ଦ୍ର ଜାଡେଜାଙ୍କୁ ସାମିଲ କରାଯିବାର ସମ୍ଭାବନା ଅଧିକ ରହିଛି । ରିଷଭ ପନ୍ତ, ଧ୍ରୁବ ଜୁରେଲଙ୍କୁ ଅତିରିକ୍ତ ୱିକେଟ୍‌କିପର ଭାବେ ନିଆଯାଇପାରେ । ଯଶପ୍ରୀତ ବୁମରା, ମହମ୍ମଦ ସିରାଜ, ମହମ୍ମଦ ସାମି, ଆକାଶଦୀପ ଓ ପ୍ରସିଦ୍ଧ କ୍ରିଷ୍ଣା ଦ୍ରୁତ ବୋଲିଂ ବର୍ଗରେ ସ୍ଥାନ ପାଇବେ ।

## ଆଶ୍ଚର୍ଯ୍ୟଜନକ ସଂଯୋଗ: ୪ ବର୍ଷ ପୂର୍ବେ ଦିଲ୍ଲୀ-ପଞ୍ଜାବ ମ୍ୟାଚରେ ସ୍ଥଗିତ ଥିଲା ଆଇପିଏଲ୍




ନୂଆଦିଲ୍ଲୀ,୧୦।୫ (ଏଜେନ୍ସି): ଆଇପିଏଲ୍-୨୦୨୫କୁ ଗୋଟିଏ ସପ୍ତାହ ପାଇଁ ସ୍ଥଗିତ ରଖାଯାଇଛି । ଗତ ଗୁରୁବାର ଧର୍ମଶାଳାରେ ପଞ୍ଜାବ କିଙ୍ଗ୍ସ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଖେଳାଯାଇଥିବା ମ୍ୟାଚ ବାତିଲ ଘୋଷଣା କରାଯାଇଥିଲା । ଏହାପରେ ଯୁଦ୍ଧ ଆଶଙ୍କାରେ ତୁରନ୍ତ ପଡିଆ ଖାଲି କରାଯାଇଥିଲା । ପ୍ରକୃତରେ ଚଳିତ ଆଇପିଏଲ୍‌ରେ ଏକ ଆଶ୍ଚର୍ଯ୍ୟଜନକ ସଂଯୋଗ ଦେଖିବାକୁ ମିଳିଛି । ୪ ବର୍ଷ ପୂର୍ବେ ମଧ୍ୟ ଦିଲ୍ଲୀ-ପଞ୍ଜାବ ମ୍ୟାଚ ପରେ ଆଇପିଏଲ୍‌କୁ ସ୍ଥଗିତ ରଖାଯାଇଥିଲା । ସେତେବେଳେ ସାରା ବିଶ୍ୱରେ କରୋନା ମହାମାରୀ ଶୀର୍ଷରେ ଥିଲା । ମେ ୨, ୨୦୨୧ରେ ପଞ୍ଜାବକିଙ୍ଗ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ମ୍ୟାଚ ଥିଲା । କିନ୍ତୁ କରୋନା ଯୋଗୁଁ ଆଇପିଏଲ୍‌କୁ ମଝିରେ ରଦ୍ଦ କରିଦିଆଯାଇଥିଲା । ପ୍ରାୟ ସାଢ଼େ ୪ ମାସ ପରେ ବାକି ଟୁର୍ଣ୍ଣାମେଣ୍ଟ ୟୁଏଇରେ ଆୟୋଜନ ହୋଇଥିଲା । ୨୦୨୫ରେ ମଧ୍ୟ ଦିଲ୍ଲୀ କ୍ୟାପିଟାଲ୍ସ ଓ ପଞ୍ଜାବ କିଙ୍ଗ୍ସ ମ୍ୟାଚ ପରେ ଟୁର୍ଣ୍ଣାମେଣ୍ଟକୁ ସ୍ଥଗିତ କରିଦିଆଯାଇଛି । ଏହାକୁ କେବଳ ଏକ ସଂଯୋଗ କୁହାଯାଉପାରେ ।

## ପୁରୀ ଅଫିସିଆଲ ପ୍ରିମିୟର ଲିଗ୍: ନିମାପଡା ଚାମ୍ପିଅନ



ନିମାପଡା,୧୦।୫ (ସବ୍ୟୁ): ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ନିମାପଡା ତହସିଲ ପକ୍ଷରୁ ପୁରୀ ଅଫିସିଆଲ ତୃତୀୟ ପ୍ରିମିୟର ଲିଗ କ୍ରକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଆଜି ନିମାପଡା ଓ ଗୋପ ଅଫିସିଆଲ ଗ୍ରୁପ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା । ଗୋପ ଦଳକୁ ହରାଇ ନିମାପଡା ଦଳ ଚମ୍ପିଆନ ହୋଇଛି । ଗୋପ ଦଳ ପ୍ରଥମେ ଟସ୍ ଜିଣି ବ୍ୟାଟିଂ କରିବାକୁ ନିଷ୍ପତି ନେଇଥିଲା । ଗୋପ ଦଳ ୬ ୱିକେଟ ବିନିମୟରେ ୧୦୮ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ କାମାକ୍ଷା ପ୍ରସାଦ ମଲ୍ଲିକ ଦଳ ପାଇଁ ସର୍ବାଧିକ ୪୦ ରନ ସଂଗ୍ରହ କରିଥିଲେ । ପ୍ରତିପକ୍ଷ ଦଳର ବୋଲର ସତ୍ୟବାନ ପଲେଇ ମୂଲ୍ୟବାନ ୩ଟି ୱିକେଟ ନେଇଥିଲେ । ଏହାର ଜବାବରେ ନିମାପଡା ଦଳ ବ୍ୟାଟିଂ କରି ୧୫.୫ ଓଭରରେ ୬ଟି ୱିକେଟ ବିନିମୟରେ ୧୧୨ରନ ସଂଗ୍ରହ କରି ବିଜୟୀ ହୋଇଥିଲା । ଦଳ ପକ୍ଷରୁ ମନୋଜ କୁମାର ବେହେରା ସର୍ବାଧିକ ୭୦ ରନ ସଂଗ୍ରହ କରିଥିଲେ । ଗୋପ ଦଳର ବୋଲର ଜିତେନ୍ଦ୍ର ଛାଟୋଇ ଓ ପଙ୍କଜ ଖଟୋଇ ପ୍ରତ୍ୟକ ୨ ଟି ଲେଖାଏଁ ୱିକେଟ ନେଇଥିଲେ । ବିଜୟୀ ଦଳର ମନୋଜ ବେହେରାଙ୍କୁ ମ୍ୟାନ ଅଫ ଦି ସିରିଜ ଓ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ବିବେଚିତ କରାଯାଇଥିଲା । ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ସୂଚନା ଓ ଲୋକ ସଂପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ,ନିମାପଡା ତହସିଲଦାର ମନୋଜ କୁମାର ପ୍ରଧାନ ଯୋଗଦେଇ ଚମ୍ପିଆନ ନିମାପଡା ଅଫିସିଆଲ ଦଳକୁ ୨୦ ହଜାର ଟଙ୍କାର ଚେକ ସହ ଚମ୍ପିଆନ ଟ୍ରଫି ଏବଂ ରନର୍ସଅପ ଦଳକୁ ୧୫ ହଜାର ଟଙ୍କାର ଚେକ ସହ ଟ୍ରଫି ପ୍ରଦାନ କରିଥିଲେ । ସମ୍ମାନିତ ଅତିଥିଭାବେ ନିମାପଡା ଅତିରିକ୍ତ ତହସିଲଦାର ନିରଂଜନ ନାୟକ,ସତ୍ୟବାଦୀ ଅତିରିକ୍ତ ତହସିଲଦାର ଓମ୍ ପ୍ରକାଶ ପରିଡା,ରାଜସ୍ୱ ପର୍ଯ୍ୟବେକ୍ଷକ ରାମଚନ୍ଦ୍ର ମହାପାତ୍ର,ସେକ୍ସନ ଅଫିସର ସସ୍ମିତା ଦାସ ଉପସ୍ଥିତ ଥିବା ବେଳେ ସମସ୍ତ ରାଜସ୍ୱ ନିରୀକ୍ଷକ,ନିମାପଡା ଓ ଗୋପ ତହସିଲର କର୍ମଚାରୀ ମାନେ ସହଯୋଗ କରିଥିଲେ ।

## ୨୦୨୭ ଡବ୍ଲ୍ୟୁଟିସି ଫାଇନାଲ ଆୟୋଜନ ଲକ୍ଷ୍ୟରେ ବିସିସିଆଇ

ନୂଆଦିଲ୍ଲୀ,୧୦।୫ (ଏଜେନ୍ସି): ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ୨୦୨୫-୨୭ ଫାଇନାଲ ଆୟୋଜନ ପାଇଁ ଉଦ୍ୟମ ଆରମ୍ଭ କରିଛି । ଏହା ପୂର୍ବରୁ ୨୦୨୧ରେ ସାଉଥମ୍ପଟନ୍‌ରେ ପ୍ରଥମ ସଂସ୍କରଣର ଫାଇନାଲ ଅନୁଷ୍ଠିତ ହୋଇଥିଲା । ସେହିଭଳି ୨୦୨୩ରେ ଓଭାଲରେ ଏବଂ ୨୦୨୫ରେ ଲଡ୍ସରେ ଫାଇନାଲ ଖେଳାଯିବ । ଗତ ମାସରେ ଜିମ୍ବାୱେରେ ଆୟୋଜିତ ଆଇସିସି ବୈଠକରେ ଏସମ୍ପର୍କରେ ଆଲୋଚନା ହୋଇଥିଲା । ବିସିସିଆଇ ପକ୍ଷରୁ ଅରୁନ ଧୁମାଲ ବୈଠକରେ ଯୋଗଦେଇଥିଲେ । ଭାରତ ୨୦୨୭ ଡବ୍ଲ୍ୟୁଟିସି ଫାଇନାଲ ଆୟୋଜନ ପ୍ରସ୍ତାବ ଦେଇଛି । ଭାରତ ଫାଇନାଲ ନଖେଳିଲେ ମଧ୍ୟ ଦୁଇ ଟେଷ୍ଟ ଟିମ୍ ମଧ୍ୟରେ ମୁକାବିଲାର ରୋମାଞ୍ଚ ଦର୍ଶକ ଉଠାଇ ପାରିବେ । ଭାରତ ୨୦୨୧ ଓ ୨୦୨୩ ଫାଇନାଲରେ ପ୍ରବେଶ କରିଥିଲା । ଉଭୟ ମୁକାବିଲାରେ ଭାରତ ଯଥାକ୍ରମେ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ନିକଟରୁ ପରାଜିତ ହୋଇଥିଲା । ଏଥର ଟିମ୍ ଇଣ୍ଡିଆ ଫାଇନାଲରେ ପ୍ରବେଶ କରିନାହିଁ । ୨୦୨୫-୨୭ରେ ଭାରତ-ଇଂଲଣ୍ଡ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାରୁ ଡବ୍ଲ୍ୟୁଟିସି ଚକ୍ର ଆରମ୍ଭ ହେବାକୁଯାଉଛି । ଗତଥର ଇଂଲଣ୍ଡଗସ୍ତରେ ଯାଇଥିବା ଭାରତୀୟ ଦଳ ୨-୨ରେ ଟେଷ୍ଟ ଶୃଙ୍ଖଳା ଡ୍ର ରଖିଥିଲା ।

## ରାଜ୍ୟ କ୍ୟାଡେଟ, ଜୁନିୟର, ସବଜୁନିୟର କରାଟେ: ଦ୍ୱିତୀୟ ଦିନ ୩ଟି ବର୍ଗରେ ପ୍ରତିଯୋଗିତା

ଭୁବନେଶ୍ୱର,୧୦।୫ (ସବ୍ୟୁ): ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ଠାରେ ଆୟୋଜିତ ୩୬ତମ ରାଜ୍ୟ କ୍ୟାଡେଟ ଜୁନିୟର ଓ ୩୭ତମ ରାଜ୍ୟ ସବ୍‌ଜୁନିୟର କରାଟେ ପ୍ରତିଯୋଗିତାର ଦ୍ୱିତୀୟ ଦିନ ୧୦ ବର୍ଷ, ୧୧ ବର୍ଷ, ୧୨ ବର୍ଷ ବାଳକ ଓ ବାଳିକାଙ୍କର କାଟା ଓ ଫାଇଟିଂ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ଯୁଗ୍ମ ସଚିବ ସୋନାଲି ଚାନ୍ଦ ଏବଂ ଅମିତ କୁମାର ନାୟକ ଯୋଗଦେଇ କୃତିପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ବିତରଣ କରିଥିଲେ । ଓଡ଼ିଶା ରାଜ୍ୟ କରାଟେ ସଂଘ ଦ୍ୱାରା ଏହି ପ୍ରତିଯୋଗିତା ଆୟୋଜନ କରାଯାଇଛି ।

ସୂଚନା

ସମୟ BHIM SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି